# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦/୨୦୨୪ (୧୮ ପୃଷ୍ଠା) Bhubaneswar, Tuesday, February 20/2024 Page 18 ₹ 7.00

୫୦ଶ ଭାଗ ୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 88 ମୂଲ୍ୟ ₹୭/-



DSPL - 674

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



## ପଟ୍ଟା ପ୍ରଦାନ ସମାରୋହ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

**ଶୁଭାରମ୍ଭ**

୨୦ ଫେବୃଆରୀ ୨୦୨୪

**"ରାଜ୍ୟରେ ସିକିମ୍ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ୱର ପଟ୍ଟା ପ୍ରଦାନ ଏକ ଲୋକାଭିମୁଖୀ ପଦକ୍ଷେପ ।"**

- ସିକିମ୍ ସ୍ୱତ୍ୱଧାରୀ ଚାଷୀମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ପାଇଁ ଓଡ଼ିଶା ଭୂସଂସ୍କାର ଆଇନ୍, ୧୯୬୦ର ଆବଶ୍ୟକୀୟ ସଂଶୋଧନ କରାଯାଇଛି ।
- ଏହା ଦ୍ୱାରା ରାଜ୍ୟରେ ୨.୫୪ ଲକ୍ଷ ସିକିମ୍ ସ୍ୱତ୍ୱାଧିକାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯିବ ।
- ସିକିମ୍ ଚାଷୀମାନେ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇବେ ।

**ଆଇନ୍‌ର ହେଲା ସଂଶୋଧନ**
**ସିକିମ୍ ସ୍ୱତ୍ୱଧାରୀଙ୍କୁ ପଟ୍ଟା ବଣ୍ଟନ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

OIPR-24001/13/0115/2324

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦/୨୦୨୪ | Bhubaneswar, Tuesday, February 20/2024



ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

DSPL - 677



## ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ଦ୍ୱାରା
## ବରଗଡ଼ ଜିଲ୍ଲାରେ

**୧୬୭୭ କୋଟି ୪୨ ଲକ୍ଷ ଟଙ୍କା** ବ୍ୟୟରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ

**୧୦୬ କୋଟି ୬ ଲକ୍ଷ ଟଙ୍କା** ବ୍ୟୟରେ ୧୦୦ ଶଯ୍ୟାବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର

**୨୨ କୋଟି ୭୮ ଲକ୍ଷ ଟଙ୍କା** ବ୍ୟୟରେ ନୃସିଂହନାଥ ପୀଠର ବିକାଶ ଓ ରୂପାନ୍ତରଣ

**୩୪୨ କୋଟି ୬୯ ଲକ୍ଷ ୬୩ ହଜାର ଟଙ୍କା** ବ୍ୟୟରେ ୫୯ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ

**୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା** ବ୍ୟୟରେ ୨୧ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

୨୦ ଫେବୃଆରୀ ୨୦୨୪ ॥ କନାପାଲି, ବିଜେପୁର



ଜିଲ୍ଲା ପ୍ରଶାସନ, ବରଗଡ଼ ॥ ସୂଚନା ଓ ଲୋକ ସମ୍ପର୍କ ବିଭାଗ

OIPR-24042/13/0001/2324

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦/୨୦୨୪ Bhubaneswar, Tuesday, February 20/2024




**ଶୀତକାଳୀନ କ୍ରୀଡ଼ାରେ ଭାଗନେବେ ରଞ୍ଜିତା**
ଜମ୍ମୁ-କଶ୍ମୀରର ଗୁଲମାର୍ଗରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାରେ ଭାଗନେବେ ଓଡ଼ିଶାର 'ସ୍ନୋ ଗର୍ଲ' ରଞ୍ଜିତା ବେହେରା।

୧୧

୦୮

**ରିତେଶ୍‌ଙ୍କ ଆଗାମୀ ପ୍ରୋଜେକ୍ଟ 'ରାଜା ଶିବାଜୀ'**
ଛତ୍ରପତି ଶିବାଜୀ ମହାରାଜାଙ୍କ ଜୀବନୀ ଉପରେ ଆଧାରିତ ରହିଛି 'ରାଜା ଶିବାଜୀ' ଚଳଚ୍ଚିତ୍ର। ରିତେଶ୍ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି।



# କେନ୍ଦ୍ରର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ

## ସି୨+୫୦% ସୂତ୍ରରେ ଏମ୍‌ଏସ୍‌ପି ଲାଗୁ କରିବାକୁ ଏସ୍‌କେଏମ୍‌ର ଦାବି

ନୂଆଦିଲ୍ଲୀ,୧୯।୨(ପି.ଟି.)



ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ ଚାଷୀଙ୍କଠାରୁ ସରକାର ଡାଲି, ମକା ଏବଂ ତୁଳା କିଣିବେ ବୋଲି କେନ୍ଦ୍ର ଦେଇଥିବା ପ୍ରସ୍ତାବକୁ କୃଷକ ୟୁନିୟନଗୁଡ଼ିକର ସର୍ବୋଚ୍ଚ ସଂଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପ୍ରତ୍ୟାଖ୍ୟାନ କରିଦେଇଛି। ସରକାରଙ୍କ ପ୍ରସ୍ତାବରେ ସ୍ୱଷ୍ଟତା ନାହିଁ। ଏହା ଚାଷୀମାନଙ୍କ ସ୍ୱାର୍ଥ ବିରୋଧୀ। ମୁଖ୍ୟ ଦାବିଗୁଡ଼ିକରୁ ଦୃଷ୍ଟି ହଟାଇବା ପାଇଁ ସରକାର ଏଭଳି ପ୍ରସ୍ତାବ ଦେଇଥିବା କହି ଏସ୍‌କେଏମ୍ ଏହାର ସମାଲୋଚନା କରିଛି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଉପରୋକ୍ତ ଫସଲ ସମେତ ମୋଟ ୨୩ଟି ଫସଲ କ୍ରୟ ଉପରେ ଏମ୍‌ଏସ୍‌ପିରେ ଆଇନଗତ ଗ୍ୟାରେଣ୍ଟି ଦିଆଯିବାକୁ କୃଷକ ସଂଗଠନ କହିଛି। ବର୍ତ୍ତମାନର ପ୍ରଚଳିତ ଏ୨+ଏଫ୍‌ଏଲ୍+୫୦% ସୂତ୍ର ପରିବର୍ତ୍ତେ ସ୍ୱାମୀନାଥନ କମିଶନଙ୍କ ସୂତ୍ର ସି୨+୫୦% ଏମ୍‌ଏସ୍‌ପି ଲାଗୁ କରାଯିବା ଉପରେ କୃଷକ ସଂଗଠନ ଜୋର୍ ଦେଇଛି। ଏ୨+ଏଫ୍‌ଏଲ୍+୫୦% ସୂତ୍ର ହେଲା କୃଷକ ଚାଷକାର୍ଯ୍ୟରେ ଖର୍ଚ୍ଚ କରିଥିବା ମୋଟ ଅର୍ଥ, ନିଜ ପରିବାରର ଶ୍ରମ ସହିତ ଅଧିକ ୫୦ ପ୍ରତିଶତ ମିଶାଇ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିବା। ସେହିପରି ସି୨+୫୦% ସୂତ୍ର ହେଉଛି କୃଷିରେ ବ୍ୟୟ ଅର୍ଥ, ପରିବାର ସଦସ୍ୟଙ୍କ ଶ୍ରମ, ଜମିର ଭଡ଼ା, ନିଜ ପୁଞ୍ଜିର ସୁଧ ସହ ଅଧିକ ୫୦ ପ୍ରତିଶତ ମିଶାଇ ଏମ୍‌ଏସ୍‌ପି ଧାର୍ଯ୍ୟ କରିବା। ଏହା ବ୍ୟତୀତ କୃଷକମାନଙ୍କ ଅନ୍ୟାନ୍ୟ ଦାବିଗୁଡ଼ିକ ପୂରଣ କରାଯିବା ପାଇଁ ଏସ୍‌କେଏମ୍ କହିଛି।

ରବିବାର ରାତିରେ କେନ୍ଦ୍ରମନ୍ତ୍ରୀ ଏବଂ କୃଷକ ନେତାମାନଙ୍କ ଚତୁର୍ଥ ପର୍ଯ୍ୟାୟ ଆଲୋଚନାରେ ସରକାରଙ୍କ ପକ୍ଷରୁ ୫ ବର୍ଷ ପାଇଁ ସରକାରୀ ଏଜେନ୍ସି ଦ୍ୱାରା ଏମ୍‌ଏସ୍‌ପିରେ ଡାଲି, ମକା ଏବଂ କପା କିଣିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବ ଉପରେ ଅନ୍ୟ ଚାଷୀମାନଙ୍କ ସହିତ ଆଲୋଚନା କରାଯିବା ସହ କୃଷି ଏବଂ ଆଇନ ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯିବ। ଏହା ପରେ କେନ୍ଦ୍ରକୁ ନିଷ୍ପତ୍ତି ଜଣାଇ ଦିଆଯିବ ବୋଲି ରବିବାର ରାତିରେ କୃଷକ ସଂଗଠନ କହିବା ସହ ଦିଲ୍ଲୀ ଚଲୋ ଅଭିଯାନ ୨୧ ପର୍ଯ୍ୟନ୍ତ ସ୍ଥଗିତ ରହିବ ବୋଲି କହିଥିଲା। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସହ ସ୍ୱାମୀନାଥନ୍ ☞ପୃଷ୍ଠା-୯

# ବିଦେଶରେ ଚାକିରି ଦେବା ନାଁରେ ଠକେଇ, ୩ ଗିରଫ

## ୯୨ ପାସ୍‌ପୋର୍ଟ, ୨୦ ପର୍ଯ୍ୟଟକ ଭିଜା ଜବତ

ବ୍ରହ୍ମପୁର,୧୯।୨
(ସୁବାସ ଚନ୍ଦ୍ର ପାଢ଼ୀ)

କେନିଆରେ ଭଲ ଦରମାରେ ଚାକିରି ପାଇଁ ଏକ କମ୍ପାନୀର ନିଯୁକ୍ତିପତ୍ର ଯୋଗାଇ ଦିଆଯାଉଥିଲା। ପାସପୋର୍ଟ କରିବାକୁ ଜଣଙ୍କ ପିଛା ୨୫ରୁ ୪୦ହଜାର ଟଙ୍କା ଓ ଭିଜା ପାଇଁ ୪୮,୫୦୦ଟଙ୍କା ଆଦାୟ କରାଯାଉଥିଲା। ମାତ୍ର ଯେଉଁ ଭିଜା ମିଳିଲା ତାହା ନିଯୁକ୍ତି ପାଇଁ ନୁହେଁ, ପର୍ଯ୍ୟଟକ ପାଇଁ ଉଦ୍ଦିଷ୍ଟ ଥିଲା। ଏଭଳି ଠକାମି ଅଭିଯୋଗ ଆସିବା ପରେ ଗୋସାଣିନୂଆଗାଁ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଳନ୍ଥରା ଥାନା କୁଠାରସିଂ ଗାଁର ମୂଳବାସିନ୍ଦା ସିଏଚ. ମୋହନ ରେଡ୍ଡୀ, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାଶିଗୁଡା ଥାନା ଅଞ୍ଚଳର ପି. ସୀମାଞ୍ଚଳମ ଏବଂ ଟି.ଦିଲେଶ୍ୱର ରାଓ। ଅଭିଯୁକ୍ତମାନଙ୍କଠାରୁ ୯୨ ପାସପୋର୍ଟ, କେନିଆ ସରକାରଙ୍କ ଦ୍ୱାରା ପ୍ରଣିତ ୨୦ ଟୁରିଷ୍ଟ ଭିଜା, କେତେଜଣ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ** ଗୃହିଣୀଙ୍କ ଅବଦାନ


GOOD



LUCK

All
HSC Examinees
2024

ଧରିତ୍ରୀ
DHARITRI



DSPL - 677

ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା

ରାଜ୍ୟର ୯୬ ଲକ୍ଷ
ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ପରିବାର ପିଛା,
୧୦୦୦ ଟଙ୍କା
ଜୀବିକା ସହାୟତା ରାଶି ପ୍ରଦାନର
ଶୁଭାରମ୍ଭ



୨୦ ଫେବୃଆରୀ ୨୦୨୪ ॥ ସକାଳ ୧୦ଟା
ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି, ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ କରିବାରେ ସହାୟକ ହେବା ନିମନ୍ତେ ନବୀନ ଓଡ଼ିଶା ସର୍ବଦା ସଂକଳ୍ପବଦ୍ଧ । ଜନମଙ୍ଗଳ ପାଇଁ ଆସନ୍ତୁ ସର୍ବଦା ତତ୍ପର ହେବା ଆଉ ଗର୍ବରେ କହିବା
"ଆମ ଓଡ଼ିଶା ନବୀନ ଓଡ଼ିଶା"







ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ
OIPR-07001/13/0014/2324

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୩୭ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କେନ୍ଦ୍ର, ସମୟ: ସକାଳ ୯ଟା।
- ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ହେଲ୍‌ଥ ସ୍କ୍ରିନିଂ କ୍ୟାମ୍ପ, ସ୍ଥାନ: ବାର୍ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ମୂଳନିବାସୀ ୟୁନାଇଟେଡ ଫୋରମ ଓଡ଼ିଶା ଓ ସମସ୍ତ ସହଯୋଗୀ ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଆମ ଅଧିକାର ସମାବେଶ ଓ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ୪ନଂ. ୱାର୍ଡ ଅଧୀନ ହରିଦାସପୁରସ୍ଥିତ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅତିରୁଦ୍ର ମହାଯଜ୍ଞର ଜଳଯାତ୍ରା ଓ ଅଗ୍ନି ସ୍ଥାପନା, ସ୍ଥାନ: ବାଲିଅନ୍ତା ବେଣୁପୁରସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୁତି, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୧୯ତମ ଓଡ଼ିଶା ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ-୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ସଂଭାବନାର ଗୀତିନାଟ୍ୟ ସଙ୍ଗୀତ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ -୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀ ଗଣେଶ ମହାପ୍ରଭୁଙ୍କ ନୂତନ ମନ୍ଦିର ଏବଂ ପ୍ରାଣ ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ନିମାପଡ଼ା ଗୋଲେଇ ଛକ, ସମୟ: ପ୍ରାତଃ ୫ଟା।
- ଆମ ଓଡ଼ିଆ ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୂଆ ସୋମେଶ୍ୱରପୁର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପିପିଲିର ବଡତରା, ସମୟ: ପୂର୍ବାହ୍ନ ୧୧ଟା। ସ୍ଥାନ: ବେଦପୁର, ସମୟ: ଅପରାହ୍ନ ୧ଟା। ସ୍ଥାନ: ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ, ସମୟ: ଅପରାହ୍ନ ୨ଟା।
- ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା ୩୦।
- ସାକ୍ଷୀଗୋପାଳ ଠାକୁରଙ୍କ ଗଜଉଦ୍ଧାରଣ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୮ଟା।

## କଟକ

- ଶ୍ରୀଶ୍ରୀ ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ନେମାଳ ମହାପୁରୁଷଙ୍କ ପୀଠ, ସମୟ: ପ୍ରାତଃ ୪ଟା।
- ହଜରତ ମୁସଲେହ ମଉଦ ଦିବସ, ସ୍ଥାନ:ଜାମା ମସଜିଦ ପଙ୍କାଳ, ତିଗିରିଆ, ସମୟ: ପ୍ରାତଃ ୪ଟା ୩୦।
- କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩ର ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: ଏନ୍‌ଡିଆର୍‌ଏଫ, ମୁଣ୍ଡଳି, ସମୟ: ପୂର୍ବାହ୍ନ ୧୧ଟା।
- କଟକ ଜିଲାର ସିକିମ୍ ବାସିନ୍ଦାଙ୍କୁ ଜମିପଟ୍ଟା ବିତରଣ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା ୩୦ ମିନିଟ୍।
- କଟକ ଦେଉଳସାହି ବାସିନ୍ଦାଙ୍କ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ମା' ସ୍ୱର୍ଣ୍ଣଦେବୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା ୫୦ ।
- ଅହମ୍ମଦିଆ ମୁସ୍‌ଲିମ୍ ଜମାତ୍ ପକ୍ଷରୁ ମୁସ୍‌ଲେଃ ମୌଦ ଦିବସ ପାଳନ, ସ୍ଥାନ: ମଙ୍ଗଳାବାଗସ୍ଥିତ କମଲପାଟନା, ସମୟ: ସନ୍ଧ୍ୟା ୬ଟା
- ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: କଟକ ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ହାବେଳିପଡ଼ିଆ, ଖୋର୍ଦ୍ଧା, ସମୟ: ଅପରାହ୍ନ ୨ଟା ୩୦।
- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡା ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବାଲୁକେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣ, ଗହିରଗାଡିଆ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧଳାପଥର ଗ୍ରାମ, ସମୟ: ସକାଳ ୮ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ଅଷ୍ଟାଦଶ ସ୍ୱଜନ୍ମ ନକ୍ଷତ୍ରାଦି ପୂଜା ଓ ସାର୍ବଜନୀନ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଜଟଣୀ ଗାଁ ହାଟବଜାର, ସମୟ: ଅପରାହ୍ନ ୫ଟା ୩୦।
- ଅଷ୍ଟପ୍ରହର ହରିନାମ ଯଜ୍ଞ, ସ୍ଥାନ: ରାଧାବଲ୍ଲଭ ଦେବଙ୍କ ପୀଠ ବଡ଼ପଦର, ବେଗୁନିଆ ଉପକଣ୍ଠ, ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାଲିଆପାଳ ବ୍ଲକ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ପ୍ରତିଷ୍ଠା ଉତ୍ସବ ପାଳନ, ସ୍ଥାନ: ଗୁରୁକୁଳ ଭବନ, କଟୁଆପଡ଼ା, ବାଲିଆପାଳ, ସମୟ: ସକାଳ ୯ଟା।
- ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ନିଧିପଣ୍ଡାଠାରେ ଗାଡ଼ି ଚାଳକମାନଙ୍କ ଚକ୍ଷୁ ପରୀକ୍ଷା ନିମନ୍ତେ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଭିଜନ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ନିଧିପଣ୍ଡା ଭାରତ ପେଟ୍ରୋଲ ପମ୍ପ ପରିସର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ମା' ଗଡ଼ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଅବସରରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ବାସୁଦେବପୁର ମା' ଗଡ଼ଚଣ୍ଡୀ ମନ୍ଦିର ପରିସର, ବାଲିଆପାଳ, ସମୟ:ମଧ୍ୟାହ୍ନ ୧୨ଟା।
- ସିକିମ୍ ପଟ୍ଟା ବଣ୍ଟନ ମେଳା, ସ୍ଥାନ: ପଦ୍ମାବତୀ ପାର୍କ ଆଣ୍ଡ ରିସୋର୍ଟ, ପାଛୁଡ଼ିଆ, ଯୁଧେଷ୍ଟିପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା
- ସ୍ରଷ୍ଟାର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୪ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ସାହିତ୍ୟ ଓ ସାଂସ୍କୃତିକ ପରିଷଦର ୬ଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ବାରିପଦା ସମୟ:ଅପରାହ୍ନ ୩ଟା।
- ରାଜ୍ୟପାଳ ରଘୁବର ଦାସଙ୍କ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିର ପରିଦର୍ଶନ, ସ୍ଥାନ: ବାରିପଦା,ସମୟ: ଅପରାହ୍ନ ୩ଟା।
- ଜଗଦ୍ଧାତ୍ରୀ ଓ କୁମାର ଉତ୍ସବ କମିଟି ପକ୍ଷରୁ କ୍ୟାରମ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ:ବାରିପଦା ରଥ ପଡ଼ିଆ ଦେଉଳ ସାହି, ସମୟ:ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ:ସାରସକଣା, ସମୟ: ସକାଳ ୯ଟା।
- ରାଜ୍ୟପାଳଙ୍କ ମଡ଼େଲ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ଓ ଅଭିଭାବକ କର୍ମଚାରୀଙ୍କ ସହ ଆଲୋଚନା, ସ୍ଥାନ: ଶୁଳିଆପଦା ବ୍ଲକ କୁଟିଡିହୀ ଅଙ୍ଗନୱାଡ଼ି କେନ୍ଦ୍ର,ସମୟ:ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଶୁଳିଆପଦା ବ୍ଲକ, କୁଟିଡିହୀ,ସମୟ: ପୂର୍ବାହ୍ନ ୧୦ଟା୨୦।
- ବଡ଼ଢେଙ୍କିଆ ଗ୍ରାମବାସୀ ଓ ଚାଷୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ବଡ଼ଢେଙ୍କିଆ,ସମୟ: ଅପରାହ୍ନ ୧ଟା ୩୦।
- ବାବା ବଟେଶ୍ୱର ମନ୍ଦିର ପ୍ରତିଷ୍ଠା, ସ୍ଥାନ: କୁଳିଅଣା ବ୍ଲକ କଳାବାଡ଼ିଆ,ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମୋରଡ଼ା ବ୍ଲକର ଗଡ଼ିଆ ପଞ୍ଚାୟତ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା(ସହରୀ) କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମଠ ପାର୍କ, ଅଁଳାଡୁବା ବସ୍ତି, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀନାରାୟଣଙ୍କ ପୂଜା, ସ୍ଥାନ: ବଡ଼ସାହି ବ୍ଲକ ପାଉଁଶିଆ ଭୀମମେଳା ପଡ଼ିଆ,ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜୈବିକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସେଣ୍ଟ୍ରାଲ ସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଯୋଜନା ସଚେତନତା ଶିବିର, ସ୍ଥାନ: ଆରୁହା, ବରଣ୍ଡୁଆ ଓ ନରସିଂହପୁର ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ସାହାପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବାମନବିନ୍ଧା ଓ ହରସିଂପୁର ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ପାଲା ପରିବେଷଣ, ସ୍ଥାନ: ଭବାନୀଶଙ୍କର ମହାଦେବ ମନ୍ଦିର ପରିସର, ଭୈରବପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଆଦିବାସୀଙ୍କ ମାଗେ ପର୍ବ ସମାପନ ଉତ୍ସବ, ସ୍ଥାନ: ବଲାଣି ବସ୍ତି, କେନ୍ଦୁଝର, ସମୟ: ସକାଳ ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ୍ ଚେମେଣା ଓ ଖିରିରେଇଟାଙ୍ଗିରି ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ସାମୂହିକ ବିବାହ, ସ୍ଥାନ: ଗୀତା ଭବନ , ସମୟ:ସକାଳ ୯ଟା।
- ସ୍ମାର୍ଟ ଶ୍ରେଣୀ ଗୃହ ଉଦ୍‌ଘାଟନ, ସ୍ଥାନ:ଆଇଟିଆଇ,ସମୟ: ପୂର୍ବାହ୍ନ ୧୦ଟା୩୦।
- ଯୁବ ମହୋତ୍ସବ ଉମଙ୍ଗ ଉଦ୍‌ଯାପନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦।
- ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ,ସ୍ଥାନ: ମାନସ ଭବନ, ସମୟ: ଅପରାହ୍ନ ୪ଟା।
- ଆଇଜର କ୍ୟାମ୍ପସକୁ ପ୍ରଧାନମନ୍ତ୍ରୀଙ୍କ ଆଭାସୀ ମାଧ୍ୟମରେ ଲୋକାର୍ପିତ କାର୍ଯ୍ୟକ୍ରମ, ସ୍ଥାନ:ରଙ୍ଗେଇଲୁଣ୍ଡା ବ୍ଲକର ଲୌଢ଼ିଗାଁ, ସମୟ:ପୂର୍ବାହ୍ନ ୧୦ଟା୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- କାୟାକଳ୍ପ ଦଳର ଡାକ୍ତରଖାନା ପରିଦର୍ଶନ, ସ୍ଥାନ: ସୋରଡ଼ା, ବଡ଼ଗଡ଼, ସମୟ: ମଧ୍ୟାହ୍ନ ୧୨ ଟା।
- ଖଲ୍ଲିକୋଟ ରାଣୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟ ଖେଳ ପଡ଼ିଆ, ଖଲ୍ଲିକୋଟ, ସମୟ: ମଧ୍ୟାହ୍ନ ୧୨ଟା୧୫।
- ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପନ ଉତ୍ସବ, ସ୍ଥାନ: ବୁଗୁଡା ତଳ ଓଡ଼ିଆ ସାହି, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କ.ନୂଆଗାଁ ବ୍ଲକ ସର୍ତ୍ତଗୁଡ଼ା, ସମୟ: ସକାଳ ୯ଟା।

## ଗଜପତି

- ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ। ସ୍ଥାନ: ନିୟନ୍ତ୍ରିତ ବଜାର କମିଟି,ଗଜପତି, ସମୟ:ପୂର୍ବାହ୍ନ ୧୦ଟା।
- ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ଜୀବିକା ମିଶନ କାର୍ଯ୍ୟକ୍ରମ। ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବ୍ଲକ୍ ପେଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବ୍ଲକ୍‌ର ବଡ଼ ଆଲୁବାଡ଼ି, ବଡ଼ ଇରୁକୁବାଡ଼ି, ବୈରାଗି ହାଲୁଆ, ଚାନ୍ଦିଲି ଓ ଦୁର୍ଗାପାଡୁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉତ୍ସବ ଅନନ୍ତ – ୧.୦, ସ୍ଥାନ: ବିକ୍ରମପୁର, ଗୁଣପୁର, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ୧୪ତମ ଜିଲା ପରିଷଦ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଆଡମିନଷ୍ଟ୍ରେଟିଭ୍ ବିଲଡିଂର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସୁନାବେଡ଼ାସ୍ଥିତ କ୍ୟାମ୍ପସ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଟାସ୍କ ଫୋର୍ସ ବୈଠକ, ସ୍ଥାନ: ସିଡିଏମ୍‌ଓ ସଭାଗୃହ, ସମୟ: ଅପରାହ୍ନ ୪ଟା।
- ନୂଆ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ, ସ୍ଥାନ: କୁନ୍ଦୁରା ବ୍ଲକର କେରିମିଟି ଓ ଅସନା ପଞ୍ଚାୟତ, ସମୟ: ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର

- ଦିଶା ବୈଠକ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା୩୦।

## ସମ୍ବଲପୁର

- ଆସ୍ଥା ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ, ସ୍ଥାନ: ସମ୍ବଲପୁର ରେଳଷ୍ଟେଶନ, ସମୟ: ସକାଳ ୭ଟା ୪୫।
- ରୋବୋଟିକ ସେଣ୍ଟରର ଶୁଭାରମ୍ଭ, ସ୍ଥାନ: ପାବପାଲି, ସମୟ: ସକାଳ ୮ଟା ୪୫।
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ହାଇସ୍କୁଲସ୍ତରୀୟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଦକ୍ଷତା ବିକାଶ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମାଝିପାଲି ପୋଲିସ ଫାଣ୍ଡି ନିକଟ, ସମୟ: ସକାଳ ୯ଟା ୪୫।
- ଫୁଟ୍‌ବଲ ଫର ସ୍କୁଲ କାର୍ଯ୍ୟକ୍ରମ, ସ୍ଥାନ: ଗୋଶାଳାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦
- ବିଶିଷ୍ଟ କବି ଓ ପଶ୍ଚିମ ଓଡ଼ିଶାର ଐତିହ୍ୟକୁ ନେଇ ପୋଷ୍ଟାଲ ଷ୍ଟାମ୍ପ ଉନ୍ମୋଚନ, ସ୍ଥାନ: ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନା ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୩ଟା ୪୫।

## ବଲାଙ୍ଗୀର

- କୋଶଳ ରାଜ୍ୟ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ:ପୂର୍ବାହ୍ନ ୧୦ଟା।
- ୟୁଥ କନେକ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଆଇନ ମହାବିଦ୍ୟାଳୟ ପାଖ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।
- ଆଗଲପୁର ବ୍ଲକ ମୂରଶୁଣ୍ଡି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା୩୦।
- ଆମ ଓଡ଼ିଶା ନବୀନ ଓଡିଶା ସଚେତନତା ସଭା, ସ୍ଥାନ: ଖପ୍ରାଖୋଲ ବ୍ଲକ ରେଙ୍ଗାଲି ଓ ଦମାଇପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଆସ୍ଥା ସ୍ୱତନ୍ତ୍ର ଟ୍ରେନ ଯାତ୍ରା, ସ୍ଥାନ: ରାଉରକେଲା ରେଳଷ୍ଟେଶନ, ସମୟ: ସକାଳ ୭ଟା ୩୦।
- ଇସ୍ପାତ ସିନର୍ଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସେକ୍ଟର-୬, ସମୟ: ସକାଳ ୯ଟା।
- ସ୍ୱତନ୍ତ୍ର ରେଳ ମଣ୍ଡଳ ପାଇଁ ଦାବିପତ୍ର ପ୍ରଦାନ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୁକୁଡ଼ା ଗେଟ୍ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ, ସ୍ଥାନ: ରାଉରକେଲା, ସମୟ: ଅପରାହ୍ନ ୨ଟା।
- ଜନନୀ ଯାତ୍ରା, ସ୍ଥାନ: ଦକ୍ଷିଣ ରାଉରକେଲା, ସମୟ: ଅପରାହ୍ନ ୨ଟା।
- ଭୋଟର ସଚେତନତା ଶିବିର ଉଦ୍‌ଯାପିତ, ସ୍ଥାନ: ବେଦବ୍ୟାସ, ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ନୂତନ ଶାଖା ପୋଷ୍ଟ ଅଫିସ୍ ଉଦ୍‌ଘାଟନ, ସ୍ଥାନ: ବଡ଼ଗାଁ ପୋଷ୍ଟ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ମେଡିସିନ୍ ଦୋକାନ ଉଦ୍‌ଘାଟନ, ସ୍ଥାନ: ବଡ଼ଗାଁ ନର୍ସିଂ କଲେଜ ପରିସର, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ନଳିଆଖଣ୍ଡି (ବାନ୍ଧୁଟିକ୍ରା), ବରଗଡ଼, ସମୟ: ସକାଳ ୮ଟା।
- ଚିନିକଲ କର୍ମଚାରୀ ସଂଘର ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାରାୟଣ ପ୍ରବଚନ, ସ୍ଥାନ: କନ୍ଦାଗାଡ଼ ଜଗନ୍ନାଥ ମନ୍ଦିର, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବିଜେପୁର ମିନି ଷ୍ଟାଡ଼ିୟମ, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି

- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଗ୍ରାମପଞ୍ଚାୟତ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା

- ପ୍ରଥମ ଗଣ୍ଡୱାନା କପ୍ କ୍ରିକେଟ-୨୦୨୪ ଉଦ୍‌ଯାପିତ, ସ୍ଥାନ: କୋମନା ବ୍ଲକ ବାଲିଖମା କ୍ରିକେଟ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ଭର୍ଚୁଆଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିଭୂମି ସ୍ଥାପନ, ସ୍ଥାନ: ଖଡ଼ିଆଳ ରାଜା ଏଟି ହାଇସ୍କୁଲ ଖେଳ ପଡ଼ିଆ, ନୂଆପଡ଼ା ନ୍ୟାଶନାଲ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ ଶିବିର, ସ୍ଥାନ: ସଦର ବ୍ଲକ ଗୋଡଫୁଲା ଓ ଭାଲେଶର ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ ଶିବିର, ସ୍ଥାନ: କୋମନା ବ୍ଲକ ପାଲସିପାଣି, ଗଣ୍ଡାମେର ଓ ଟିକ୍ରାପଡ଼ା ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତର କୁରୁକୁପା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ , ସ୍ଥାନ: କୁରୁକୁପା ଉପରପଡ଼ା ମଣ୍ଡପ, ସମୟ: ସକାଳ ୯ଟା।
- ହରଭଙ୍ଗା ବ୍ଲକର ପୁରୁଣାକଟକ ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣାକଟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ଲୁଇସିଂ ମା' ମହାଲକ୍ଷ୍ମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଲୁଇସିଂ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡାସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତୀ, ସ୍ଥାନ: ମା' ସମଲେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କ୍ୟାମ୍ପସ୍ ଉଦ୍‌ଘାଟନ, ସ୍ଥାନ: ପାଣିସିଆଲି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଇଙ୍କଫେଷ୍ଟ ଆଲୋଚନାଚକ୍ର 'ସାମ୍ପ୍ରତିକ ଜୀବନଶୈଳୀ ଓ ମାନସିକ ସ୍ୱାସ୍ଥ୍ୟ', ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ବିନିକା ପାପକ୍ଷୟ ଘାଟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଷଷ୍ଠ ଦିନରେ ଶ୍ରୀବିଗ୍ରହଙ୍କ ମଣ୍ଡପେ ପୂଜାବିଧି ଓ ହନୁମାନ ଚାଳିଶା ପାଠ, ସ୍ଥାନ: ପାପକ୍ଷୟ ଘାଟ, ସମୟ: ସକାଳ ୭ଟା।
- ତରଭା ବ୍ଲକ ଚାରଭଟାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଚାରଭଟା ପଞ୍ଚାୟତ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ନବନିଯୁକ୍ତ ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଗାନ୍ଧୀମନ୍ଦିର ଢେଙ୍କାନାଳ, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୭ଟା୧୦।
- ନିର୍ବାଚନ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦.୩୦।
- ମା' ଫଟାକାଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ବିଛନ୍ଦ ଚରଣ ପ୍ରଧାନଙ୍କ ଜନ୍ମ ଜୟନ୍ତୀ, ସ୍ଥାନ: କଣିହାଁ ପ୍ରଜାମଣ୍ଡଳ ଭବନ, ସମୟ: ଅପରାହ୍ନ ୩ଟା।
- ସିକିମ ରୟତ ପଟ୍ଟା ବଣ୍ଟନ, ସ୍ଥାନ: ଅନୁଗୋଳ ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସାତକୋଶିଆ ନାଟ୍ୟ ମହୋତ୍ସବ, ସ୍ଥାନ: ଆର୍ଯ୍ୟାବର୍ତ୍ତ ପ୍ରେକ୍ଷାଳୟ ନାଲକୋ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସିକିମ ରୟାତ ପଟ୍ଟା ବଣ୍ଟନ ଉତ୍ସବ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏରଡ଼ଙ୍ଗା ଓ ବରାଗୋଳ ପଞ୍ଚାୟତ କାର୍ଯ୍ୟାଳୟ, ରଘୁନାଥପୁର, ସମୟ: ସକାଳ ୯ଟା।
- ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଏରସମା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବାଲିକୁଦା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ପଠାଣି ସାମନ୍ତ କପ ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିବସ ଲିଗ ମ୍ୟାଚରେ ଇଟାମାଟି ବନାମ ବାଇଗୁଣିଆ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।
- ଭାନୁମତି ଦେବୀଙ୍କର ପ୍ରଥମ ବାର୍ଷିକୀ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଘଣାଶାଳିଆର ହଟିଆପଲ୍ଲୀ, ସମୟ: ସକାଳ ୭ଟା୩୦।
- ମୁଁ ବି ସମର୍ଥ କିଶୋରୀ ସମ୍ପର୍କିତ ସଚେତନତା କର୍ମଶାଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଭୈମୀ ଏକାଦଶୀ ଅବସରରେ ନୀଳମାଧବ ମନ୍ଦିରରେ ମହାଦୀପ ଦର୍ଶନ, ସ୍ଥାନ: ଖଣ୍ଡପଡା ବ୍ଲକ କଣ୍ଟିଲୋ, ସମୟ: ରାତ୍ର ୯ଟା୩୦।
- ବିଶ୍ୱଶାନ୍ତି ମହାଯଜ୍ଞରେ ତୀର୍ଥ ଜଳ ଆବାହନ ଓ ଘୃତାହୁତି ଆରମ୍ଭ, ସ୍ଥାନ: ନୂଆଗାଁ ବ୍ଲକର କୋରଡ଼ାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପାଟୁଳିସାହି ପ୍ରିମିୟର ଲିଗ୍ କ୍ରିକେଟର ୨ୟ ଦିବସ, ସ୍ଥାନ: ନୂଆଗାଁ ବ୍ଲକ ମହିପୁରର ପାଟୁଳିସାହି କ୍ଲବ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ ଟା।
- ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଶିଖରପୁର ପଞ୍ଚାୟତ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସାନଅଢ଼ଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଖମୋଲ ଓ ଇନ୍ଦାଳୋ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବଟିଘର ଓ ତେରଗାଁ ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପରକୁଳା ଓ ମେହେନନଗର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ପାଇକା ନଦୀ ତିଖିରିଠାରୁ ବରିପଲ୍ଲା ପର୍ଯ୍ୟନ୍ତ ରାସ୍ତାର ଉଦ୍‌ଘାଟନ, ସ୍ଥାନ: ତିଖିରି, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବ୍ୟାସ ମାରାଥନ, ସ୍ଥାନ: ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା, ସ୍ଥାନ:ବଡ଼ଚଣାବାରୀ, ସମୟ: ସକାଳ ୮ଟା ।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଧର୍ମଶାଳା ବ୍ଲକ୍ କଦମପାଳ ପଞ୍ଚାୟତ ବୁଢ଼ିଜାଗୁଳାଇପୀଠ, ମଙ୍ଗଳପୁର ପଞ୍ଚାୟତ କାର୍ଯ୍ୟାଳୟ, ଦେଓଦା ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆ, ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଖେଳ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଧାରଣା, ସ୍ଥାନ: ଦଶରଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପିଡିଏସ୍ ହିତାଧିକାରୀମାନଙ୍କୁ ଲାଇଭହୁଡ୍ ସହାୟତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖଇରାବାଦ ରିଟେଲ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ରସୁଲପୁର ବ୍ଲକ ବନ୍ଧଡ଼ିହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ବଡ଼ଚଣା,ମାଣ୍ଡୁକା ପଞ୍ଚାୟତ ପଦ୍ମନାଭପୁର ମେଳଣ ପଡ଼ିଆ ଏବଂ ଦଶରଥପୁର ବ୍ଲକର ରାହାଶୋଇ, କମାରଡ଼ିହି, ଜାଫରପୁର ପଞ୍ଚାୟତ ଅଫିସ ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ ଅର୍ଥଙ୍ଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ଅପରାହ୍ନ ୨ଟା।
- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ ଚନ୍ଦନେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଶୁକଳେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଜିଲା ପ୍ରଶାସନ ପକ୍ଷରୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା।
- ବ୍ୟାସ ସରୋବର ମହୋତ୍ସବ-୨୦୧୪ ଉଦ୍‌ଘାଟନ ସମାରୋହ, ସ୍ଥାନ: ବ୍ୟାସନଗର ବ୍ୟାସ ସରୋବର ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୂର୍ବରୁ ଯଦି କିଛି ସମସ୍ୟା ରହିଥାଏ ତାହା ମଧ୍ୟ ଅପରାହ୍ନରେ ସୁଧୁରିଯିବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ, ମରାମତି, ଯାନ୍ତ୍ରିକ ଜିନିଷ କିଣାବିକା, ସବୁ କିଛି ପାଇଁ ଭଲ। କିନ୍ତୁ ପଡ଼ୋଶୀ, ସହକର୍ମୀଙ୍କ କାମରେ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** ସକାଳୁ ବନ୍ଧୁଙ୍କ ସମ୍ପର୍କରେ କିଛି ଅର୍ଥ କିମ୍ବା ଖୁସି ଖବର ପାଇବେ। କର୍ମକ୍ଷେତ୍ରକୁ ଯିବା ବାଟରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆଲୋଚନା ପରିସରରେ କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ଆଜିର ଭ୍ରମଣ ରାଜନୀତି, ପ୍ରଶାସନ, ସାହିତ୍ୟ ଓ ସଙ୍ଗଠନ ପାଇଁ ଭଲ।

**ମିଥୁନ** ଦୀର୍ଘଦିନରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଲଢ଼େଇ ଜାରି ରଖିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରୁ ଅଶାନ୍ତି ଲାଗିରହିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବାରୁ ଚିନ୍ତିତ ରହିପାରନ୍ତି।

**କର୍କଟ** ଯେତେ ଭଲ କାମ କଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବନ୍ଧୁବାନ୍ଧବ ସୁବିଧାବାଦୀ ଗୁଣରେ ଶୋଷଣ କରିବେ, ଏଣୁ ବୁଝିବିଚାରି କାମ କରନ୍ତୁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** କର୍ମକ୍ଷେତ୍ରରେ ନୂଆ କାମ ହାତକୁ ନେଇ ଏହାକୁ ଆଗେଇନେବେ। ଦେହ ଭଲ ରହିବ, ମାତ୍ର ସାମୟିକ ଦୁର୍ବଳତାଜନିତ କ୍ଳାନ୍ତିବୋଧ କରିବେ। ଅଧିକାଂଶ ସମୟ ସହକର୍ମୀ କିମ୍ବା ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ହାତ ମିଳାଇ କାମ କରିପାରନ୍ତି। ପରିବାର ମଧ୍ୟରେ ପରସ୍ପରକୁ ଦୋଷ ଦେଇ ଅଶାନ୍ତି ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି।

**କନ୍ୟା** ବିଳମ୍ବରେ କାମ ସମ୍ପନ୍ନ ହେଉଥିବାରୁ ଆଜିର ପରିସ୍ଥିତିରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ। ଭୁଲ୍ ବୁଝାମଣା କାରଣରୁ ଘରୋଇ କଳହକୁ ନେଇ ଅଶାନ୍ତି ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ତୁଳା** ଯେତେ ଚୁପ୍ ରହିଲେ ମଧ୍ୟ ପରିବାର ଭିତରେ ପ୍ରଶଂସା ସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟହେବେ।

**ବିଛା** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ସାମାଜିକ ସ୍ତରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ବ୍ୟବସାୟ, ପରିବହନ, ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ।

**ଧନୁ** ଆଜିର ଆନୁଷ୍ଠାନିକ କାମରେ ସମ୍ପର୍କୀୟଙ୍କ ସାହାଯ୍ୟ ଅବଶ୍ୟ ମିଳିବ। ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ଆଗାମୀ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବ୍ୟକ୍ତିଙ୍କ ସରଳକଥାକୁ ଆଧାରକରି ଖୁବ୍ ଆଶାବାଦୀ ହେବେ।

**ମକର** କର୍ମକ୍ଷେତ୍ରରେ ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ। ଆତ୍ମୀୟମାନଙ୍କ ସହ ମତପାର୍ଥକ୍ୟ ହେବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ନିଜ ଆଶା ଅନୁଯାୟୀ କାମରେ ପ୍ରବୃତ୍ତ ରହିଲେ ସଫଳତା ପାଇବେ।

**କୁମ୍ଭ** ସାମାଜିକ ସ୍ତରରେ ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତାକରି ବ୍ୟସ୍ତ ହୋଇପାରନ୍ତି। ଫେରିବା ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କାରଣରୁ ବ୍ୟସ୍ତତା ବୃଦ୍ଧିପାଇବ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସାମୟିକ ଶାରୀରିକ ଅସୁସ୍ଥତା ମାନସିକ ଅଶାନ୍ତି ସୃଷ୍ଟି କରିପାରେ।

**ମୀନ** ପରିବାର ମଧ୍ୟରେ ଯେତେ ପ୍ରକାର ମନ ନେଇ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରି ପାରିବେ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ବନ୍ଧୁଙ୍କ ପରାମର୍ଶକ୍ରମେ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

ଆଜି ମାଘ ଶୁକ୍ଳ ପକ୍ଷର ସ୍ମାର୍ତ୍ତସମ୍ମତ ଭୈମୀ (ବଡ଼) ଏକାଦଶୀ ମଙ୍ଗଳବାର, ଫେବୃଆରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, କପୋତେଶ୍ୱର ଓ ବ୍ୟାସ ସରୋବର ଯାତ୍ରା, ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ଭକ୍ତ ଦାସିଆଙ୍କ ତିରୋଧାନ ତିଥି। ରାଶି ନକ୍ଷତ୍ର-ଦିବା ଘ.୧୨।୧୩ ପର୍ଯ୍ୟନ୍ତ ଆରଦ୍ରା/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୮ ଗତେ, ଘ.୧୦।୫୧ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୨ ମି. ଗତେ, ଘ.୦୪।୧୮ ମି. ମଧ୍ୟେ ରାହୁକାଳ ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦/୨୦୨୪ | Bhubaneswar, Tuesday, February 20/2024 | ପୃଷ୍ଠା-୧







# ବିନାନୁମତିରେ ବଦଳିପାରିବନି ଆପାର୍ଟମେଣ୍ଟ ମାଲିକ ସଂଘ ବାଇ-ଲ

ଭୁବନେଶ୍ୱର,୧୯।୨(ଅନିଲ ଦାସ)

ବହୁ ପ୍ରତୀକ୍ଷା ପରେ ଆପାର୍ଟମେଣ୍ଟ ମାଲିକମାନଙ୍କୁ ସୁରକ୍ଷା ଦେବା ସକାଶେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନ-୨୦୨୩ କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ରାଜ୍ୟରେ ଥିବା ୮ଟି ଉନ୍ନୟନ କର୍ତ୍ତୃପକ୍ଷ (ଡେଭେଲପ୍‌ମେଣ୍ଟ ଅଥରିଟି) ଅଞ୍ଚଳ ପାଇଁ ସମ୍ପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସଚିବ ଏବଂ ଏହା ବାହାରେ ଥିବା ଅଞ୍ଚଳ ପାଇଁ ଉପଜିଲାପାଳଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀ(କମ୍ପିଟେଣ୍ଟ ଅଥରିଟି) ଭାବେ ନିଯୁକ୍ତି ଦେଇଛନ୍ତି। ଆଇନକୁ କାର୍ଯ୍ୟକାରୀ କରିବା କିମ୍ବା କୌଣସି ସମସ୍ୟା ଦେଖାଦେଲେ ଉକ୍ତ ଅଧିକାରୀଙ୍କ ନିକଟରେ ଆବେଦନ କରାଯାଇପାରିବ। ଏ ନେଇ ନିକଟରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।



ଉନ୍ନୟନ କର୍ତ୍ତୃପକ୍ଷ, ଉପଜିଲାପାଳ କ୍ଷମତାପ୍ରାପ୍ତ ଅଧିକାରୀ ନିଯୁକ୍ତ

ଆପାର୍ଟମେଣ୍ଟ ମାଲିକ ସଂଘର ବାଇ-ଲ ଅନୁଯାୟୀ ଆପାର୍ଟମେଣ୍ଟ ପରିଚାଳିତ ହେବ। ତେବେ ବାଇ-ଲ'କୁ ସଂଘ ମନଇଚ୍ଛା ବଦଳାଇପାରିବେ ନାହିଁ। ସେଥିପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବ। ନୂଆ ବ୍ୟବସ୍ଥା ଅନୁଯାୟୀ ବିଲ୍ଡର କିମ୍ବା ପ୍ରମୋଟର କ୍ରେତାମାନଙ୍କୁ ଅକୁପାନ୍ସି ସାର୍ଟିଫିକେଟ ଦେବାର ୩୦ ଦିନ ମଧ୍ୟରେ ସଂଘକୁ କମନ ଏରିଆର ସମସ୍ତ ମୂଳ ପ୍ରମାଣପତ୍ର ଦେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ କ୍ରେତାଙ୍କଠାରୁ ସିକ୍ୟୁରିଟି, ଆଡ୍‌ଭାନ୍ସ ଆକାରରେ ନେଇଥିବା ସମସ୍ତ ଅର୍ଥ ୩୦ ଦିନ ମଧ୍ୟରେ ଫେରାଇବେ। ରିୟଲଇଷ୍ଟେଟ ଅଧିନିୟମ(ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ☞ପୃଷ୍ଠା-୯

# 'ଲୋକଙ୍କ ଇଚ୍ଛାରୁ ଲକ୍ଷ୍ମୀ ଯୋଜନା'

## ଆଉ ୫ ଜିଲାରେ ଲକ୍ଷ୍ମୀ ବସ୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ଜରିଆରେ ସୋମବାର ସୁବର୍ଣ୍ଣପୁର, କଟକ, ଝାରସୁଗୁଡ଼ା, କନ୍ଧମାଳ ଏବଂ ସମ୍ବଲପୁର ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଉକ୍ତ ୫ ଜିଲାର ୭୦୦ ପଞ୍ଚାୟତରେ ୨୦୫ ବସ୍ ଚଳାଚଳ ଆରମ୍ଭ କରିଛି। ଏହାଦ୍ୱାରା ୪୪ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମ ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ। ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ, ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ। ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ଜିଲା ଗସ୍ତ କରିଥିଲେ। ସେହି ସମୟରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲା। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




- ୫ ଜିଲାର ୭୦୦ ପଞ୍ଚାୟତରେ ୨୦୫ ବସ୍ ଚାଲିଲା
- ୨୧ ସୁଦ୍ଧା ରାଜ୍ୟର ସବୁ ଜିଲାରେ ଚାଲିବ
- ୨୫ରୁ ସମ୍ବଲପୁରରୁ ପୁରୀକୁ ଦୈନିକ ଚାଲିବ ଶ୍ରୀଜଗନ୍ନାଥ ଏକ୍ସପ୍ରେସ: ୫-ଟି ଅଧ୍ୟକ୍ଷ

ଲକ୍ଷ୍ମୀ ଯୋଜନା ଶୁଭାରମ୍ଭ ପରେ ସୁବର୍ଣ୍ଣପୁର ଜିଲାର ୧୦୨ ପଞ୍ଚାୟତରେ ୫୮ ବସ୍ ଚାଲିଲା। ଏଥିରେ ୫ ଲକ୍ଷ ୭୩ ହଜାର ଲୋକ ଉପକୃତ ହୋଇଥିବାବେଳେ କଟକର ୨୬୧ ପଞ୍ଚାୟତରେ ୪୮ ବସ୍ ଚଳାଚଳ ଯୋଗୁ ୧୮ ଲକ୍ଷ ୩୭ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ଝାରସୁଗୁଡ଼ାର ୭୬ ପଞ୍ଚାୟତରେ ୧୬ ବସ୍ ଚାଲିବା ଦ୍ୱାରା ୫ ଲକ୍ଷ ୬୨ ହଜାର ଲୋକ ଉପକୃତ ହୋଇଥିବାବେଳେ କନ୍ଧମାଳର ୧୬୪ ପଞ୍ଚାୟତରେ ୫୨ ବସ୍ ଚାଲିବା ଦ୍ୱାରା ୭ ଲକ୍ଷ ୩ ହଜାର ଏବଂ ସମ୍ବଲପୁର ଜିଲାରେ ୯୭ ପଞ୍ଚାୟତରେ ୩୧ ବସ୍ ଚାଲିବା ଦ୍ୱାରା ୭ ଲକ୍ଷ ୨୮ ହଜାର ଲୋକ ଉପକୃତ ହୋଇଛନ୍ତି। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧ ହଜାରରୁ ଅଧିକ ବସ୍ ଚାଲିବ। ଏହି ଯୋଜନାରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ଲାଗି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସମ୍ବଲପୁରଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଲକ୍ଷ୍ମୀ ବସ୍ କେବଳ ଏକ ବସ୍ ସେବା ନୁହେଁ, ଗ୍ରାମାଞ୍ଚଳ ମହିଳାଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କର ଏକ ସଫଳତମ ପ୍ରଚେଷ୍ଟା। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପଦ୍ମନାଭ ବେହେରା, କଟକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଚନ୍ଦ୍ରସାରଥି ବେହେରା, ଝାରସୁଗୁଡାରେ ବିଧାୟିକା ଦୀପାଳି ଦାସ, ବିଧାୟିକା ଅଳକା ମହାନ୍ତି, ☞ପୃଷ୍ଠା-୯

# ଆଜିଠୁ ମାଟ୍ରିକ୍ ପରୀକ୍ଷା: ସହଯୋଗ କରିବେ ଶିକ୍ଷକ

ଭୁବନେଶ୍ୱର,୧୯।୨
(ଅସମାପିକା ସାହୁ)

ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ପରୀକ୍ଷାରେ ମାଧ୍ୟମିକ ଶିକ୍ଷକମାନେ ସହଯୋଗ କରିବେ। ଦୀର୍ଘଦିନର ଆନ୍ଦୋଳନକୁ ସ୍ଥଗିତ ରଖି ପରୀକ୍ଷା ପରିଚାଳନାରେ ସହଯୋଗ କରିବା ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓସ୍ଷ୍ଟା) ସୋମବାର ସରକାରଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନେଇଛି। ଏ ନେଇ ସଂଘ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ବିଭାଗ ପକ୍ଷରୁ ଆମକୁ ଆଲୋଚନା ପାଇଁ ଡକାଯାଇଥିଲା। ଖୁବ୍‌ଶୀଘ୍ର ଦାବି ପୂରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଫେବୃଆରୀ ଶେଷ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପାଇଯିବ ବୋଲି ଆଶା କରୁଛୁ। ତେଣୁ ଆମେ ରାଜ୍ୟସ୍ତରୀୟ ଆନ୍ଦୋଳନକୁ ସ୍ଥଗିତ ରଖୁଛୁ। ପରୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ କରିବୁ। କିନ୍ତୁ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ କେବଳ ପ୍ରତୀକାତ୍ମକ ଆନ୍ଦୋଳନ ଜାରି ରହିବ। ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଜିଲାୱାରି ଧାରଣା ଚାଲିବ। ଯେଉଁ ଶିକ୍ଷକଙ୍କର ପରୀକ୍ଷା ଡ୍ୟୁଟି ଅଛି ସେମାନେ କାର୍ଯ୍ୟରେ ଯୋଗଦେବେ। ଯେଉଁମାନଙ୍କର ଡ୍ୟୁଟି ନାହିଁ, ସେମାନେ ଏହି ଧାରଣାରେ ବସିବେ ବୋଲି ଦାଶ ସୂଚନା ଦେଇଛନ୍ତି। ☞ପୃଷ୍ଠା-୯







ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। –ଶ୍ରୀମା

-ଭୈମୀ ଏକାଦଶୀ(ବଡ଼) ଉପବାସ, ବ୍ୟାସ ସରୋବର ମେଳା, ବରାହ ଦ୍ୱାଦଶୀ ଓ ହଳ ନିଷେଧ



# ଗୃହିଣୀଙ୍କ ଅବଦାନ

ପରିବାରରେ ଗୃହିଣୀଙ୍କ ଅବଦାନକୁ ନେଇ ଗତ ସପ୍ତାହରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ପୁରୁଷକୈନ୍ଦ୍ରିକ ସମାଜ ପାଇଁ ଏହା ମଧ୍ୟ ଏକ ସଚେତନାତ୍ମକ ବାର୍ତ୍ତା। ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଥିଲେ ଯେ, ପରିବାରର ଜଣେ ଆଖିଦୃଶିଆ ଆୟକାରୀ ବ୍ୟକ୍ତିଙ୍କଠାରୁ ଜଣେ ଗୃହିଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଗୃହିଣୀଙ୍କ କାର୍ଯ୍ୟ ଓ ଅବଦାନକୁ ଗଣନା କରାଯାଏ ତାହା ଆର୍ଥିକ ମୂଲ୍ୟରେ ପରିଣତ କରିବା ଅତ୍ୟନ୍ତ କଷ୍ଟକର। ଏଥିସହିତ ଶୀର୍ଷ ଅଦାଲତ କହିଥିଲେ ଯେ, କୌଣସି ଦୁର୍ଘଟଣାଜନିତ କ୍ଷତିପୂରଣ ଦାବିରେ ଗୃହିଣୀଙ୍କ କାର୍ଯ୍ୟ, ଶ୍ରମ ଏବଂ ତ୍ୟାଗକୁ ଆଧାର କରି ସେମାନଙ୍କ ଆନୁମାନିକ ଆୟକୁ ଟ୍ରିବ୍ୟୁନାଲ ଓ କୋର୍ଟଗୁଡ଼ିକ ହିସାବ କରିବା ଦରକାର। ଉଲ୍ଲେଖନୀୟ ଯେ, ଉତ୍ତରାଖଣ୍ଡରେ ୨୦୦୬ ମସିହାରେ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱାମୀ ଓ ନାବାଳକଙ୍କୁ କ୍ଷତିପୂରଣ ବାବଦରେ ୨.୫ ଲକ୍ଷ ଟଙ୍କା ଦେବା ଲାଗି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅସନ୍ତୁଷ୍ଟ ପରିବାର ଅଧିକ କ୍ଷତିପୂରଣ ପାଇଁ ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ କୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ପ୍ରାରମ୍ଭରୁ ମହିଳାଙ୍କ ଆନୁମାନିକ ଆୟକୁ ଜଣେ ଦିନମଜୁରିଆ ଆୟଠାରୁ କମ୍ କରି ବିଚାର କରିଥିଲା ଟ୍ରିବ୍ୟୁନାଲ । କିନ୍ତୁ ଟ୍ରିବ୍ୟୁନାଲ ଆଦେଶରେ କୌଣସି ତ୍ରୁଟି ନ ଥିଲା ବୋଲି ହାଇକୋର୍ଟ ଦର୍ଶାଇଥିଲେ। ହାଇକୋର୍ଟଙ୍କ ଏଭଳି ରାୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ସୁପ୍ରିମକୋର୍ଟ କହିଥିଲେ ଯେ, ଜଣେ ଦିନମଜୁରିଆ ଆୟଠାରୁ ଜଣେ ଗୃହିଣୀଙ୍କ ଆୟକୁ କିଭଳି କମ୍ ବୋଲି ଦେଖାଯିବ। ସୁପ୍ରିମ୍‌କୋର୍ଟ ଗୃହିଣୀଙ୍କ ସମୟ ଓ ପରିବାର ପ୍ରତି ସମର୍ପିତ କାର୍ଯ୍ୟଗୁଡ଼ିକୁ ସ୍ପଷ୍ଟ କରିବା ସହ ସୂଚିତ କରିଥିଲେ ଯେ,ସେସବୁକୁ ଅଣଦେଖା କରାଯିବା ଉଚିତ ନୁହେଁ । ଏହାବ୍ୟତୀତ କ୍ଷତିପୂରଣ ରାଶିକୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ୬ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଯୁକ୍ତିକୁ ଦେଖିଲେ ମନେହୁଏ ଯେ, ନିମ୍ନ ଅଦାଲତଗୁଡ଼ିକ ପରିବାରରେ ଗୃହିଣୀଙ୍କ ଅବଦାନକୁ ଆକଳନ କରିବାରେ ସକ୍ଷମ ହୋଇପାରୁନାହାନ୍ତି। ଦେଖିବାକୁ ଗଲେ କେବଳ ଅଦାଲତ ନୁହେଁ, ଏହି ରୋଗାକ୍ରାନ୍ତ ଚିନ୍ତାଧାରା ସମଗ୍ର ଭାରତୀୟ ସମାଜକୁ ଗ୍ରାସ କରିଥିବାରୁ ଆମ ଦେଶର ପରିସ୍ଥିତି ଆଜି ଏହିଭଳି ହୋଇଛି। ପରିବାରରେ ମହିଳାଙ୍କ ସ୍ଥିତିର ବାସ୍ତବତାକୁ ଦେଖିଲେ ଜଣାଯାଏ ଯେ, ଲିଙ୍ଗଗତ ଅସମାନତା କାରଣରୁ ସେମାନଙ୍କ କାର୍ଯ୍ୟର ମୂଲ୍ୟାୟନ ପ୍ରତି ଗୁରୁତ୍ୱ ଦିଆଯାଇପାରୁନାହିଁ।

**ଗୃହିଣୀଙ୍କ ସହନଶୀଳ ତଥା ଦୀର୍ଘ ସମୟର କଠିନ ଶ୍ରମର ମୂଲ୍ୟକୁ ବୁଝିଲେ ସମସ୍ତଙ୍କ ପାଇଁ ଏକ ସମ୍ମିଳିତ, ସମ୍ମାନଜନକ ଓ ପାତରଅନ୍ତରବିହୀନ ସମାଜ ଗଠନ ସମ୍ଭବ ହୋଇପାରିବ। ସେମାନଙ୍କ ସାମାଜିକ ଓ ଆର୍ଥିକ ଅବଦାନ ସମ୍ପର୍କରେ ଶୀର୍ଷ ଅଦାଲତଙ୍କ ଏବକାର ରାୟ ହୁଏତ ଏ ଦିଗରେ ସମାଜକୁ ପ୍ରେରିତ କରିବ ବୋଲି ଆଶା କରାଯାଏ।**

ଜଣେ ଗୃହିଣୀ ପିଲାଙ୍କ ଯତ୍ନ ଓ ପାଠପଢ଼ା, ଘରକାମ, ରୋଷେଇ, ମାର୍କେଟିଂ କିମ୍ବା ବ୍ୟବସାୟିକ କାର୍ଯ୍ୟରେ ସହଯୋଗ କରିଥାନ୍ତି। ଏଥିସହିତ ସମଗ୍ର ପରିବାରରେ ଭାବଗତ ସମନ୍ୱୟ ରକ୍ଷା କରିବାରେ ଅଧିକାଂଶ ଗୃହିଣୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥାଏ। ଅନେକ ଗରିବ ପରିବାରରେ ଏସବୁ କାମ ସହ ସେମାନଙ୍କ ଉପରେ ଦୈନିକ ରୋଜଗାରର ବୋଝ ନ୍ୟସ୍ତ ଥାଏ। ଗ୍ରାମାଞ୍ଚଳରେ ମହିଳାମାନେ ଚାଷକାମରେ ଲିପ୍ତ ରୁହନ୍ତି। ଗୃହପାଳିତ ପଶୁଙ୍କ ରକ୍ଷଣାବେକ୍ଷଣ ମଧ୍ୟ ସେମାନଙ୍କର ଦାୟିତ୍ୱ। ଏହିଭଳି ହିସାବ କଲେ ଗୃହିଣୀଙ୍କ ଅସରନ୍ତି କାର୍ଯ୍ୟ ଯାହା ପାଇଁ ୨୪ ଘଣ୍ଟିଆ ଦିନ ଯଥେଷ୍ଟ ହୁଏ ନାହିଁ। କହିବାକୁ ଗଲେ ଏକ ଭଲ ପରିବାର ଓ ସମାଜ ଗଠନରେ ଗୃହିଣୀଙ୍କ ଅତୁଳନୀୟ ଅବଦାନ ରହିଛି। ଦେଶର ଅର୍ଥ ବ୍ୟବସ୍ଥାରେ ସେମାନଙ୍କ ଶ୍ରମର ଅବଦାନ ମଧ୍ୟ ରହୁଛି। ନ୍ୟାଶନାଲ ସାମ୍ପଲ ସର୍ଭେ ଅର୍ଗାନାଇଜେଶନ ତଥ୍ୟ ଅନୁଯାୟୀ ଭାରତରେ ୧୬ କୋଟି ମହିଳା ଗୃହିଣୀ ଭାବେ କାର୍ଯ୍ୟରତ। ଜଣେ ମହିଳା ଦୈନିକ ହାରାହାରି ୨୯୭ ମିନିଟ୍ ପରିବାର ପାଇଁ କାମ କରୁଥିବାବେଳେ ଜଣେ ପୁରୁଷ ଏଥିପାଇଁ ମାତ୍ର ୩୧ ମିନିଟ୍ ସମୟ ଦିଅନ୍ତି। କିନ୍ତୁ ସବୁବେଳେ ପରିବାରରେ ପୁରୁଷମାନେ କେତେ କାମ କରୁଛନ୍ତି ତାହାର ଆକଳନ କରାଯାଉଥିବାବେଳେ ମହିଳାଙ୍କ କାର୍ଯ୍ୟକୁ ଗୌଣ ଦୃଷ୍ଟିରେ ଦେଖାଯାଇଥାଏ। କାର୍ଯ୍ୟର ଆର୍ଥିକ ଓ ସାମାଜିକ ମୂଲ୍ୟାୟନ ନ ହେବା ଯୋଗୁ ଜଣେ ଗୃହିଣୀ କିମ୍ବା ସାମଗ୍ରିକ ଭାବେ ମହିଳା ସମାଜ ପ୍ରତି ଅସମାନତା ମାନସିକତା ସୃଷ୍ଟି ହେଉଛି। ଏହା ମଧ୍ୟ ଘରୋଇ ହିଂସାର କାରଣ ପାଲଟୁଛି। ଅସମାନତା ଏତେ ମାତ୍ରାରେ ସମାଜର ଅସ୍ଥିମଜ୍ଜାଗତ ହୋଇଯାଇଛି ଯେ,ଏହାକୁ ଦୂର କରିବା କଷ୍ଟକର। କିନ୍ତୁ ସମାଧାନ ରହିଛି ଆମ ହାତରେ। ଗୃହିଣୀଙ୍କ ଅବୈତନିକ କାର୍ଯ୍ୟର ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିପାଇଁ ପରିବାରରେ ସେମାନଙ୍କ ଅବଦାନ, ସମାଜରେ ସେମାନଙ୍କ ଅଧିକାରକୁ ସମ୍ମାନ ଜଣାଇବାକୁ ହେବ। ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଓ ପୁରୁଷପ୍ରାଧାନ୍ୟ ବିଚାରଧାରାରେ ପରିବର୍ତ୍ତନ ସହ ସମାନତାକୁ ଉତ୍ସାହିତ କରୁଥିବା ଶିକ୍ଷା ବ୍ୟବସ୍ଥା ଜରୁରୀ। ଗୃହିଣୀଙ୍କ ସହନଶୀଳ ତଥା ଦୀର୍ଘ ସମୟର କଠିନ ଶ୍ରମର ମୂଲ୍ୟକୁ ବୁଝିଲେ ସମସ୍ତଙ୍କ ପାଇଁ ଏକ ସମ୍ମିଳିତ, ସମ୍ମାନଜନକ ଓ ପାତରଅନ୍ତରବିହୀନ ସମାଜ ଗଠନ ସମ୍ଭବ ହୋଇପାରିବ। ସେମାନଙ୍କ ସାମାଜିକ ଓ ଆର୍ଥିକ ଅବଦାନ ସମ୍ପର୍କରେ ଶୀର୍ଷ ଅଦାଲତଙ୍କ ଏବକାର ରାୟ ହୁଏତ ଏ ଦିଗରେ ସମାଜକୁ ପ୍ରେରିତ କରିବ ବୋଲି ଆଶା କରାଯାଏ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 3 | 8 | | 6 | | |
| | | | 1 | | 5 | | | |
| | | | | | | | | 4 |
| | | | 5 | | 2 | | | 6 |
| | | | 4 | | | | 7 | 1 |
| | | | | 3 | 7 | | | |
| | 6 | 3 | 2 | | 8 | 4 | | |
| 9 | | | | | | 8 | | |
| | | 4 | | | 3 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 7 | 9 | 8 | 3 | 2 | 4 |
| 8 | 4 | 7 | 5 | 3 | 2 | 6 | 9 | 1 |
| 2 | 3 | 9 | 6 | 1 | 4 | 8 | 7 | 5 |
| 3 | 7 | 2 | 1 | 8 | 5 | 9 | 4 | 6 |
| 6 | 8 | 4 | 3 | 7 | 9 | 5 | 1 | 2 |
| 5 | 9 | 1 | 4 | 2 | 6 | 7 | 3 | 8 |
| 4 | 1 | 3 | 8 | 5 | 7 | 2 | 6 | 9 |
| 7 | 2 | 8 | 9 | 6 | 1 | 4 | 5 | 3 |
| 9 | 6 | 5 | 2 | 4 | 3 | 1 | 8 | 7 |

ଗତକାଲିର ଉତ୍ତର

# ଓଡ଼ିଆଙ୍କ ଅସ୍ମିତା ବି ସରକାରୀ



ସହଦେବ ସାହୁ

ଫେବୃଆରୀ ୩ରୁ ୫ (୨୦୨୪) ଜନତା ମଇଦାନରେ ରାଜ୍ୟ ସରକାର 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ କରିଥିଲେ। ବିଶ୍ୱ ଶବ୍ଦର ବ୍ୟବହାର ଆମକୁ ଚକିତ କରିଦେଇଛି। ପୃଥିବୀ ସୌରମଣ୍ଡଳର ଏକ ଗ୍ରହ, ସୌରମଣ୍ଡଳ ତ ଆକାଶଗଙ୍ଗା ତାରକାମଣ୍ଡଳର ସୂର୍ଯ୍ୟ ନାମକ ଏକ ତାରକାର ବଳୟ, ପୁଣି ଆକାଶଗଙ୍ଗା ତ ବିଶ୍ୱର ଅସଂଖ୍ୟ ତାରକାମଣ୍ଡଳ ଭିତରୁ ଗୋଟିଏ। ଏପରି ଦେଖିଲେ ପୃଥିବୀ ବିଶ୍ୱର ଏକ ଅଣୁମାତ୍ର, କିନ୍ତୁ ଆମ ପାଇଁ ପ୍ରକାଣ୍ଡ ସ୍ଥାନ। ତହିଁରେ ୧୯୫ ପାଖାପାଖି ଦେଶ, ତହିଁରୁ ଚାରି ପାଞ୍ଚଟି ଦେଶରେ ସୀମିତ କୌଣସି ସମ୍ମିଳନୀକୁ ବିଶ୍ୱ ସମ୍ମିଳନୀ କହିବା କି? ତାହା ଅନ୍ତର୍ରାଷ୍ଟ୍ରୀୟ ବା ଆନ୍ତର୍ଜାତିକ ସମ୍ମିଳନୀ: ବିଶ୍ୱ ଶବ୍ଦ ଲାଗିବ ନାହିଁ। ପ୍ରବାସୀ ଓଡ଼ିଆମାନେ ଯୋଗଦେଲେ ଭାଷାର ବିକାଶ ଘଟେ ନାହିଁ। ସେମାନେ ତ ନିଜ ମାତୃଭୂମି (ତେଣୁ ମାତୃଭାଷା) ଖୋରାକ ଯୋଗାଇ ପାରିବ ନାହିଁ ଭାବି ବିଦେଶ ପଳାଇଛନ୍ତି, ସେମାନଙ୍କ ପରବର୍ତ୍ତୀ ପିଢ଼ି ଓଡ଼ିଆକୁ ଜୀବିକାର୍ଜନର ବିଫଳ ଭାଷା ବୋଲି ତାକୁ ଭୁଲିଯିବେ। ସେମାନେ ଯେଉଁ ଦେଶରୁ ଆସିଲେ ବି ଓଡ଼ିଆ ଭାଷାର ଅସ୍ମିତା ପ୍ରସାରଣରେ ଗଣାଯିବା କଥା ନୁହେଁ। ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚାଇନା ଭଳି ବଡ଼ ବଡ଼ ଦେଶର କୌଣସି ପ୍ରାଚ୍ୟ ଭାଷା ବିଶାରଦ ଆସିଥିଲେ ସମ୍ମିଳନୀକୁ ଅଧିକ ଅନ୍ତର୍ଜାତୀୟ କରିଥା'ନ୍ତା, ଯଥା ଜାପାନରେ ମହାଭାରତ ଉପରେ ଗବେଷଣା କରୁଥିବା ଓଡ଼ିଆ।

ସାଇନ୍‌ବୋର୍ଡ ଲେଖୁଥିବା ସ୍ୱଳ୍ପ ଶିକ୍ଷିତ ଚିତ୍ରକର ଭଳି ସରକାରଙ୍କ ଇଲେକ୍‌ଟ୍ରୋନିକ୍ ବିଭାଗ ଯେଉଁ ୱେବ୍‌ସାଇଟ୍ ତିଆରି କଲେ, (ଯେପରି ଆଗକାଳରେ ବାଟା ଜୋତା ଦୋକାନ ନ ଥିଲେ କୌଣସି ସ୍ଥାନ ସହର ନାମବାଚ୍ୟ ହେଉ ନ ଥିଲା, ଆଜିକାଲି ୱେବ୍‌ସାଇଟ୍ ନ ଥିବା କୌଣସି କାର୍ଯ୍ୟକ୍ରମ ଅନୁଷ୍ଠାନ ପଦବାଚ୍ୟ ହୁଏ ନାହିଁ), ତା'ର ନାଁ 'ଓଡ଼ିଆ ଭାଷା' ସମ୍ମିଳନୀ ନ ହୋଇ ହୋଇଛି 'ଓଡ଼ିଆ' ସମ୍ମିଳନୀ (worldodiaconference.org)।ଅବଶ୍ୟ ଗୁଗଲରେ ଓଡ଼ିଆ ଭାଷା ସମ୍ମିଳନୀ ସମ୍ପର୍କରେ ଖୋଜିଲେ ଏ ସାଇଟ୍‌ଟି ବି ମିଳିଯିବ, କିନ୍ତୁ ତାହା ଭାଷା ସମ୍ମିଳନୀ ନ ଦର୍ଶାଇ ଓଡ଼ିଆଙ୍କ ସମ୍ମିଳନୀ ନାମ ଦେଖାଇବ। 'ଅଣଓଡ଼ିଆ' କାହିଁକି ସେ ୱେବ୍‌ସାଇଟ୍ ଭିତରକୁ ପଶିବ? ପୁଣି ସେହି ୱେବ୍‌ସାଇଟ ଅଧୀନରେ ଥିବା ବିଭିନ୍ନ ପରିଚ୍ଛେଦ ତ ସହଜରେ ଖୋଲୁନାହିଁ, 'ଓଡ଼ିଆମାନେ' ସମ୍ମିଳନୀ ସମ୍ପର୍କରେ ବିବରଣୀ ପାଇବେ ନାହିଁ, ବାହାର ଲୋକେ ବିଶ୍ୱ ଓଡ଼ିଆ (ଭାଷା) ସମ୍ମିଳନୀ ବିଷୟରେ ବିଶେଷ କିଛି ସୂଚନା ପାଇବେ ନାହିଁ। କ'ଣ କ'ଣ ହେଉଛି ବା ହୋଇଗଲାଣି ତାହା ବି ସେ ସାଇଟ୍‌ରେ ମିଳୁନାହିଁ। କେବଳ ଆମ ରାଜ୍ୟରେ ଓଡ଼ିଆ କାଗଜଗୁଡ଼ିକରେ ଓ ଆମ ଦେଶରେ ପ୍ରସାରିତ ଓଡ଼ିଶାକୁ ଆସୁଥିବା କେତେକ ଇଂଲିଶ୍ ଖବରକାଗଜରେ ସରକାରଙ୍କ ବିଜ୍ଞାପନ ଜରିଆରେ (ବିଜ୍ଞାପନ ପାଇଥିବା ଖବରକାଗଜର ସାମ୍ବାଦିକମାନଙ୍କ ପରିବେଷିତ ଖବରରୁ) କିଛି କିଛି ଜାଣିହେଉଛି। ସେହିଭଳି ଟେଲିଭିଜନ ଚାନେଲ୍‌ଗୁଡ଼ିକରେ ବାହାରିଥିବା ସରକାରୀ ପରବେଷିତ ଖବରରୁ କିଛି କିଛି ତଥ୍ୟ ମିଳିଛି। ଯେଉଁ ପାଞ୍ଚ ଛଅଟି ଦେଶରୁ ଓଡ଼ିଆ ଭାଷା ଜ୍ଞାନଥିବା ବକ୍ତାମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା, ସେ ଦେଶଗୁଡ଼ିକରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ଦେଖାଉଥିବା ଲୋକେ ଅଛନ୍ତି ତ! ପ୍ରବାସୀ ଓଡ଼ିଆମାନେ ସମ୍ପର୍କୀୟ ଓଡ଼ିଆଙ୍କଠାରୁ ଉଡ଼ା ଖବର ପାଇଥିବେ। ତେଣୁ ୱେବ୍‌ସାଇଟ୍ କରିବା ବୃଥା। ଭାରତ ସରକାରଙ୍କ ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ (ଏନ୍‌ଆଇସି) ମାଗଣାରେ ହଷ୍ଟିଂ କରୁଛି ବୋଲି ଆମ ରାଜ୍ୟ ସରକାର ଯେଉଁ ସାଇଟ୍‌ଟିଏ କରିଦେଲେ, ତହିଁରେ ଆରମ୍ଭର ପୃଷ୍ଠାଟି ଖୋଲିଦେଲେ। ଓଡ଼ିଶାର ଜନସଂଖ୍ୟା ୨୦୨୩ ଅପ୍ରେଲ ପହିଲାରେ ୪,୬ ୩,୭୩,୦୦୦ ବା ୪ କୋଟି ୬୪ ଲକ୍ଷ ହୋଇଥିଲେ ବି ୱେବ୍‌ସାଇଟ୍‌ର ଉପକ୍ରମଣିକାରେ କୁହାଯାଇଛି 'ଓଡ଼ିଆ ଭାଷା ଆମ ଓଡ଼ିଶା ପରିବାରର ସାଢ଼େ ଚାରି କୋଟି ଲୋକଙ୍କ ସାମୂହିକ ପରିଚୟ।' ଓଡ଼ିଶାରେ ପ୍ରାୟ କୋଟିଏ ୯୦ ଲକ୍ଷ ଲୋକ ଓଡ଼ିଆ ନ କହି (ସେମାନଙ୍କ ମାତୃଭାଷା ନୁହେଁ ବୋଲି) ବେଶ୍ ସୁରୁଖୁରୁରେ ଚଳିପାରୁଛନ୍ତି– ଓଡ଼ିଆ ସେମାନଙ୍କ ପରିଚୟ ନୁହେଁ। ସରକାରୀ କାମରେ ଓଡ଼ିଆ ବ୍ୟବହାର ଉପରେ ଗୁରୁତ୍ୱ ନ ଥିବାରୁ ଓଡ଼ିଶାବାସୀ ହୋଇ ମଧ୍ୟ ଅନେକେ ଓଡ଼ିଆ ବ୍ୟବହାର କରୁନାହାନ୍ତି, ସେମାନଙ୍କର ଭାଷା ପ୍ରତି ନେଣଦେଣ ନାହିଁ। ଓଡ଼ିଆ ଭାଷା ସେମାନଙ୍କ 'ପରିଚୟ' ବୋଲି କେମିତି କହିବା?




ପ୍ରଚାର କରାଗଲା ଯେ ଏ ପ୍ରକାର ସମ୍ମିଳନୀ ଓଡ଼ିଆ ଅସ୍ମିତା ବଢ଼ାଇବ ; ଏ ସମ୍ମିଳନୀକୁ ଆସୁଥିବା ଯୁବ ପିଢ଼ି ଭାଷା ପ୍ରତି ଆଗ୍ରହୀ ହେବେ ଓ ପ୍ରାଚୀନ କଥା ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ଏପରି କହୁଥିବା ସରକାର ଯଦି ୨୦୦୦ରୁ ନ ହେଲେ ବି ୨୦୧୪ରୁ ଏପରି କରିଆସୁଥାଆନ୍ତେ, ଓଡ଼ିଆ ଅସ୍ମିତା ଖୁବ୍ ଉଚ୍ଚକୁ ଉଠିଯାଆନ୍ତାଣି। ସରକାରୀ କାର୍ଯ୍ୟାଳୟରେ ଓ ସରକାରଙ୍କ ସହ ଯୋଗାଯୋଗରେ ତ ଓଡ଼ିଆ ବ୍ୟବହାର ହେଉନାହିଁ, ୨୩ ବର୍ଷ ବିତିଗଲାଣି, ବୁଦ୍ଧିଜୀବୀମାନେ କ'ଣ ଜାଣିନାହାନ୍ତି ଯେ ସାହିତ୍ୟରେ ପୁରସ୍କାର ପାଇଥିବା ବ୍ୟକ୍ତିମାନେ ସେମାନଙ୍କ ଗୋଷ୍ଠୀ ଭିତରେ ପ୍ରଶଂସା ପାଇଥା'ନ୍ତି, ସେମାନେ ଭାଷାର ପ୍ରସାର ଦିଗରେ କିଛି କରନ୍ତି ନାହିଁ, ଅଧିକାର ଓ ପ୍ରଶଂସା ସାବ୍ୟସ୍ତ କରିବା ଦିଗରେ ସେମାନେ ଲାଗିଥାଆନ୍ତି। ସାଧାରଣ ଓଡ଼ିଆ ପ୍ରଶାସନର ଦ୍ୱାରସ୍ଥ ହେବା ପାଇଁ ଜଣେ ଅଧେ ଟାଉଟର ବା ମଧ୍ୟସ୍ଥି ବ୍ୟବହାର କରିବାକୁ ବାଧ୍ୟ, କାରଣ ଇଂରାଜୀରେ ଆପିଲ କଲେ ଶୀଘ୍ରତର ସମାଧାନ ହେଉଛି ; ଏଠି ତ ମାତୃଭାଷା ସରକାରୀ ଭାଷା ନୁହେଁ। ସରକାରଙ୍କ ସହିତ ଯୋଗାଯୋଗ କରିବାର ମାଧ୍ୟମ କରିବା ପାଇଁ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ର କରିବାର ଚେଷ୍ଟାରୁ ତ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା: ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ ୧୧ ବର୍ଷ ଭିତରେ ଆମ ଦେଶ ସ୍ୱାଧୀନ ହୋଇଗଲା ତ ଆମେ ଓଡ଼ିଆକୁ ପ୍ରଶାସନର ଭାଷା କରିପାରିଲୁ ନାହିଁ, ତା'ର ମୁଖ୍ୟ କାରଣ ଆମ ରାଜନେତାମାନଙ୍କ ରାଜନୀତି। ଏବେ ବି ସରକାରୀ ସାହାଯ୍ୟ ଆବଶ୍ୟକ କରୁଥିବା ଓଡ଼ିଆଟିଏ ତା'ର କଥିତ ଓଡ଼ିଆରେ ଆବେଦନ କଲେ କେହି ଶୁଣୁନାହିଁ ବୋଲି କୋର୍ଟ କଚେରିରେ ରାଇଟର (ଲେଖକ) ପଦ ରହିଛି। ଇଂରେଜମାନେ ୧୮୩୫ରେ ଇଂରେଜକୁ ସରକାରୀ ଭାଷା କରିଦେଲେ, ୧୧୨ ବର୍ଷର ଇଂରେଜ ଶାସନ ଆମ ରକ୍ତମଜ୍ଜାଗତ କରିଦେଲା ; ଓଡ଼ିଆରେ ଲେଖିବା ପାଇଁ ଆମେ ଏବେ ବି ଇଂରାଜୀରେ ଭାବୁଛୁ ବୋଲି କେତେକ ଓଡ଼ିଆ ଆଇଏଏସ୍ ଅଫିସର କହନ୍ତି। ୧୯୩୬ରୁ ୨୦୨୪ ଅଠାଅଶୀ ବର୍ଷ ବିତିଥିଲେ ବି ଓଡ଼ିଆ ଆମ ରକ୍ତମାଂସର ଭାଷା ହୋଇପାରିନାହିଁ ; ଏହି ବର୍ଷରୁ ମାତୃଭାଷାରେ ନିମ୍ନ, ପ୍ରାଥମିକ ଓ ସେକେଣ୍ଡାରୀ ସ୍ତରର ପାଠପଢ଼ା ହେବ ବୋଲି ଯାହା କୁହାଯାଉଛି, ତାହା ସଫଳ ହେଲେ ଓଡ଼ିଆ ଭାଷା ଅନ୍ତର୍ଜାତୀୟ ଭାଷା ହୋଇପାରେ।

ଭାଷାର ବ୍ୟବହାର ରାଜଧାନୀରୁ ପ୍ରସାରିତ ହେଲେ ସହଜରେ ସରକାରୀ ଭାଷା ହୋଇପାରେ। ତା' ମାନେ ନୁହେଁ ଯେ ଭୁବନେଶ୍ୱରିଆ ହିଁ ଓଡ଼ିଆ ଭାଷାର ଅସ୍ମିତା ପାଇଁ କାମ କରିବେ। ଡାକଘରେ, ରେଳ ଷ୍ଟେସନରେ, ବ୍ୟାଙ୍କରେ ଓ ଶିକ୍ଷାୟତନରେ ଫର୍ମ ପୂରଣ ପାଇଁ ଓଡ଼ିଆ ପୃଷ୍ଠା ଥିଲେ ବି ଶିକ୍ଷିତ ଓଡ଼ିଆ ଇଂରାଜୀ ପୃଷ୍ଠାକୁ ପୂରଣ କରୁଥିବା ଯାଏ, ସରକାରୀ ଅଧିକାରୀମାନେ ଆବେଦନ ପତ୍ର ଓଡ଼ିଆରେ ଚାହୁଁ ନଥିବା ଯାଏ ଅର୍ଥାତ୍ ଓଡ଼ିଆକୁ ହୀନ ମନେକରୁଥିବା ଯାଏ ଓ ସେପରି ଅଧିକାରୀମାନଙ୍କୁ ସରକାରରେ ଥିବା ରାଜନେତାମାନେ ତାଗିଦା ନ କରିବା ଯାଏ, ଓଡ଼ିଆ ସାହିତ୍ୟରେ ଭାରତର ଶ୍ରେଷ୍ଠ ପୁରସ୍କାର ପାଇ ମଧ୍ୟ ପାଠକସଂଖ୍ୟା ବଢ଼ାଇବାରେ ନ ଲାଗିଲେ ଓଡ଼ିଆ ଭାଷା ସମୃଦ୍ଧ ହେବ ନାହିଁ। ପୁରସ୍କୃତ ବହିକୁ ଏବେ ତ ଶୂନ ଦଶମିକ ୦୦୧ ଠୁ ବି କମ୍ ପାଠକ ପଢୁଛନ୍ତି, ତାହା ଦିନେ ଡୋରିବନ୍ଧା ହୋଇ ପୂଜାପୋଥି ହୋଇ ରହିବ। ପୁରାତନ ବା ପ୍ରାଚୀନ ଗ୍ରନ୍ଥ ଯେପରି ରାଜାନୁଗ୍ରହରୁ ସୃଷ୍ଟି ହୋଇଥିଲା, ଏବେ ସେହିପରି ସରକାରୀ–ଅନୁଗ୍ରହ ମିଳିଲେ ପଠନଯୋଗ୍ୟ (ପୂଜାଯୋଗ୍ୟ ନୁହେଁ) ରଚନା ବିକଶିତ ହୋଇପାରିବ ଓ ଓଡ଼ିଆ ଭାଷା ଅନ୍ତର୍ଜାତୀୟ ସ୍ତରର ହୋଇପାରିବ।

sahadevas@yahoo.com

# ପରୀକ୍ଷା ପାଇଁ ପ୍ରସ୍ତୁତି



ଡା. ସମ୍ରାଟ କର

ପରୀକ୍ଷା ପୂର୍ବରୁ ଓ ପରୀକ୍ଷା ସମୟରେ କିପରି ପ୍ରସ୍ତୁତ ହେବ ଜାଣିବା ଦରକାର। ପ୍ରଥମେ ଖାଇବା ଓ ଶୋଇବା ବିଷୟରେ ଆଲୋଚନା କରିବା। ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଅଭ୍ୟାସ କର। ଠିକ୍ ଭାବେ ନ ଶୋଇଲେ, ଭାବନା ଠିକ୍ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ। ମଧ୍ୟାହ୍ନ ଓ ରାତ୍ରିଭୋଜନର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ ନାହିଁ। ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ। ନିଦୁଆ ଲାଗେ। ପାଠ ମନେ ରହେ ନାହିଁ। ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର। କେଉଁ ପାଠ ଅଛି? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ? କ'ଣ ମନେ ରହୁନାହିଁ? ପାଠଟି ବୁଝିକରି ମନେରଖିବା ପାଇଁ କେତେ ସମୟ ଲାଗିବ? ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ। ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ। ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ। ଗୃହିଣୀ ଓ ଚାକିରି କରି ପାଠ ପଢୁଥିବା ପିଲାମାନେ ଘରକାମ, ଅଫିସକାମ ଓ ପିଲାକାମ ସାରି ପଢ଼ି ବସନ୍ତୁ। ତା'ହେଲେ ମନ ଅସ୍ଥିର ହେବନାହିଁ। ପାଠରେ ମନ ଲାଗିବ। ପାଠପଢ଼ା ପରିବେଶକୁ ଠିକ୍ ରଖ। ପାଖରେ ଖାତା, ପେନ୍, ପେନ୍‌ସିଲ ଓ ଘଣ୍ଟାକୁ ରଖିବ। ବହିଗୁଡ଼ିକ ଠିକ୍ ଜାଗାରେ ଶୃଙ୍ଖଳିତ କରି ରଖିଲେ କାଢ଼ିବା ସମୟରେ ସହଜ ହେବ। ଏକାଥରକେ ଚାରି ପାଞ୍ଚଘଣ୍ଟା ବସି ପାଠ ପଢ଼ ନାହିଁ। ପ୍ରାୟ ୪୫ ମିନିଟ୍‌ରୁ ୧ ଘଣ୍ଟା ପଢ଼ିବା ପରେ ପାଞ୍ଚ ଦଶ ମିନିଟ୍‌ର ବ୍ରେକ୍ ନିଅ। ଏହି ସମୟରେ ଅଲଗା କିଛି କର। ପରୀକ୍ଷା ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତି : (କ) ଶେଷ ଦଶ ବର୍ଷର ପରୀକ୍ଷା ପ୍ରଶ୍ନ ଆଣି ପାଖରେ ରଖ। କେଉଁ ପ୍ରକାର ପ୍ରଶ୍ନ ପଡୁଛି ଲକ୍ଷ୍ୟ କର। ବର୍ତ୍ତମାନ ନିଜକୁ ପ୍ରଶ୍ନ କର ଯେ କେଉଁ ପ୍ରକାର ପଢ଼ିବ ଓ କିପରି? ନିଜ ପାଖରେ କ'ଣ ଅଛି? ବହି, ଟେଷ୍ଟପେପର ଓ ନୋଟସ୍ ଆଦିକୁ ଶୃଙ୍ଖଳିତ ଭାବେ ରଖ। (ଖ) ଯେ କୌଣସି ବିଷୟ ପଢ଼ିବା ସମୟରେ ଏହାର ଶିରୋନାମା ବା ଶୀର୍ଷରେ ଉଲ୍ଲେଖିତ ବିଷୟରେ ଥିବା ମୁଖ୍ୟ ଭାବନା ଭଲଭାବେ ବୁଝ ଓ ମନେରଖ। ଧୀରେ ଧୀରେ ବାକି ପାଠ ମଧ୍ୟ ମନେରହିବ। (ଗ) ଯେଉଁ ବିଷୟଟିକୁ ପଢ଼ିଲ, ସେ ବିଷୟଟିକୁ ପରେ ମନେ ପକାଅ, ଲେଖ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କର। (ଘ) କେତେ ବୁଝିଲ ଓ ମନେ ରଖିଲ ଏହା ନିଜେ ନିଜକୁ ପ୍ରଶ୍ନ କର। ଆଉଥରେ ବିଷୟଟିକୁ ପଢ଼।

ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ ପାଠ ମନେ ରହୁନାହିଁ। ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇପଡ଼େ। ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି। ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ। ମନ ଅସ୍ଥିରତାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଶାନ୍ତ ପରିବେଶରେ ପଢ଼। ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତ କରି ସେଇ ଅନୁସାରେ ପାଠ ପଢ଼। ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି। କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି। ଭଲକରି ପାଠ ମନେଥିଲେ ମଧ୍ୟ ପରୀକ୍ଷାରେ ଲେଖିପାରନ୍ତି ନାହିଁ। ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ। ପାଠ ପଢ଼ାରେ ମନ ଲାଗିବ ଓ ମନେରଖିବା ସହଜ ହେବ। ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ। ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ। ଯଥା – ପାଠ କିପରି ପଢ଼ିବି? କିପରି ମନେରଖିବି? ପ୍ରଶ୍ନ କଅଣ ପଡ଼ିବ? ପରୀକ୍ଷା ଫଳ କଅଣ ହେବ? ପରୀକ୍ଷା ଫଳ ଦେଖି ଅନ୍ୟମାନେ କଅଣ ଭାବିବେ ଓ କହିବେ? ଅଧିକାଂଶ ପିଲା ଅଭିଯୋଗ କରନ୍ତି ଯେ, ସ୍ମରଣ ଶକ୍ତି ବ୍ୟାଘାତ ହେଉଛି। ପରୀକ୍ଷା ପୂର୍ବରୁ ଭଲ କରି ପାଠପଢ଼ି ମନେରଖିଥିଲେ ମଧ୍ୟ କିଛି ପାଠ ମନେନାହିଁ ଓ ପରୀକ୍ଷାରେ ଫେଲ୍ ହେବେ।



ଛାନିଆ ହେବା କିପରି କମ୍ କରିବ? ପ୍ରଥମେ ମନେରଖିବା ଉଚିତ ଯେ, ପରୀକ୍ଷା ପୂର୍ବଦିନ ଠିକ୍ ଭାବେ ଖାଇବ ଓ ଶୋଇବ। ଅନ୍ୟଦିନଠାରୁ ଅଧିକ ବା କମ୍ ନୁହେଁ। ମନରୁ ଦୁଶ୍ଚିନ୍ତା ଦୂରକରି ଖୁସି ରହିବାକୁ ଚେଷ୍ଟା କରିବ। ପରୀକ୍ଷା ଦିନ ସକାଳେ ଅତି ତରତର ହୋଇ ଗାଧୋଇବା, ଖାଇବା ଉଚିତ ନୁହେଁ। ପ୍ରତିଦିନ ଯେପରି କର, ପରୀକ୍ଷାଦିନ ମଧ୍ୟ ସେହିପରି କରିବ। ଯେଉଁ ପିଲାମାନେ ଅତ୍ୟଧିକ ଛାନିଆ ହୁଅନ୍ତି ବା କରାନ୍ତି, ସେମାନଙ୍କଠାରୁ ଦୂରେଇ ରହିବ। ନିଜକୁ ନିଜେ ବୁଝାଅ ଓ ସାହସ ଦିଅ ମୁଁ ହୁଏତ ସବୁ ଉତ୍ତର ଜାଣି ନ ଥାଇପାରେ। ମୋର ହୁଏତ ପରୀକ୍ଷାରେ ସବୁ ମନେ ନ ପଡ଼ିପାରେ। ମୁଁ ପଢ଼ିଥିବା ପାଠ ଛଡ଼ା, ବାହାରୁ କିଛି ପ୍ରଶ୍ନ ପରୀକ୍ଷାରେ ପଡ଼ିପାରେ। ଏହା ସାଧାରଣ କଥା ଓ ସମ୍ଭବପର। ସବୁ ଠିକ୍ ହେବ। ପରୀକ୍ଷା ହଲକୁ ଆଗରୁ ଯାଇ ନିଜର ଚେୟାର ଖୋଜି ମନକୁ ସ୍ଥିର କରି ବସ। ମନକୁ ଶାନ୍ତ ରଖି ପରୀକ୍ଷା ପ୍ରଶ୍ନ ପଢ଼ିବା ଆରମ୍ଭ କର। ଯେଉଁ ପ୍ରଶ୍ନର ଉତ୍ତର ଭଲ ଭାବେ ଆସୁଛି, ତାହାକୁ ପ୍ରଥମେ ଲେଖିବା ପୂର୍ବରୁ ଉତ୍ତରର ସଂକ୍ଷିପ୍ତ ବିବରଣୀ ମନରେ ଭାବିନିଅ। ପରୀକ୍ଷା ସମୟରେ ନିଜକୁ ସାହସ ଦିଅ। ନିଜକୁ ନିଜେ କୁହ 'ମୁଁ ଭଲକରି ଲେଖୁଛି। ଯାହା ପଢ଼ିଛି ସବୁ ମନେଅଛି। ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି।' ପରୀକ୍ଷା ହଲ୍‌ରେ ପୂରା ସମୟ ବସ। ସମୟ ବଳିଲେ ଆଉ ଥରେ ପଢ଼। ଆମେ ଅଜାଣତରେ ଭୁଲ୍ ଲେଖିଥାଇପାରୁ। ସେଗୁଡ଼ିକ ସଜାଡ଼ି ଠିକ୍ କରିପାରିବ। ଗୋଟିଏ ବିଷୟରେ ପରୀକ୍ଷା ସାରିବା ପରେ, ସେହି ପରୀକ୍ଷା ଉପରେ ଅଧିକ ଆଲୋଚନା କର ନାହିଁ। ମନ ଛାନିଆ ଲାଗିପାରେ। ପରବର୍ତ୍ତୀ ବିଷୟର ପରୀକ୍ଷା ପାଇଁ ଚିନ୍ତା କର।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ**
**ମୋ : ୯୧୩୨୪୩୩୩୩୩**

## ଏଇ ଭାରତରେ

ଗଣପତି ଭଟ୍ଟ ପେସାରେ ଜଣେ କୃଷକ। କିନ୍ତୁ ସେ ନିଜସ୍ୱ ଜ୍ଞାନକୌଶଳରେ ଏକ ଟ୍ରିସ୍କୁଟର ନିର୍ମାଣ କରିଛନ୍ତି। ଟେକ୍‌ନିକାଲ କିମ୍ବା ଇଞ୍ଜିନିୟରିଂ ନ ପଢ଼ି ଏଭଳି ମେସିନ ନିର୍ମାଣ କରି ସେ ଏକ ସ୍ୱତନ୍ତ୍ର ପରିଚିତି ପାଇପାରିଛନ୍ତି। ଗଣପତି ରହୁଛନ୍ତି ମାଙ୍ଗାଲୁରରେ। ତାଙ୍କ ଦ୍ୱାରା ନିର୍ମିତ ଟ୍ରିସ୍କୁଟରଟି ଗଛ ଚଢୁଛି ଓ ଏହା ଉପରେ ବସି ଲୋକେ ଆରାମରେ ଗୁଆ ତୋଳିପାରୁଛନ୍ତି। ଖୁବ୍ କମ୍ ସମୟରେ ଏହା ଗୁଆଗଛର ଶୀର୍ଷରେ ପହଞ୍ଚିପାରୁଛି। ସ୍କୁଟରଟି ନିର୍ମାଣ କରିବା ପରେ ଗୁଆଚାଷୀମାନଙ୍କୁ ଅଧିକ ଶ୍ରମିକଙ୍କ ଉପରେ ନିର୍ଭର କରିବାକୁ ପଡୁନାହିଁ। ଏହି ମେସିନରେ ଦିନକୁ ୩୦୦ ଗୁଆଗଛରୁ ଗୁଆ ତୋଳାଯାଇପାରୁଛି। ଜଣେ ଶ୍ରମିକ ୪ଜଣଙ୍କ କାର୍ଯ୍ୟ କରିପାରୁଛି। ଫଳରେ କମ୍ ଶ୍ରମଶକ୍ତିରେ ଅଧିକ ଲାଭ ମିଳୁଛି। ଏହି ମେସିନରେ ବସିବା ଲାଗି ଏକ ସିଟ୍, ସିଟ୍‌ବେଲ୍ଟ, ମୋଟର ଏବଂ ଗଛ ଉପରକୁ ଚଢ଼ିବା ଲାଗି ଚକ ଲଗାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଫେବୃଆରୀ ୧୯୭୫

- ଦାବି ପୂରଣ ହେବା ପରେ ରାଜ୍ୟ ବିଦ୍ୟୁତ୍ ବୋର୍ଡର ରାଉରକେଲା ଶାଖା କର୍ମଚାରୀଙ୍କ ଧର୍ମଘଟ ପ୍ରତ୍ୟାହୃତ।
- ୨୪୦୦ ଜଣ ସଭ୍ୟବିଶିଷ୍ଟ ରାଜ୍ୟ ମେଡିକାଲ ସର୍ଭିସ ଆସୋସିଏସନର ଆହ୍ୱାନ କ୍ରମେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଡାକ୍ତରମାନଙ୍କ ସମୂହ ଛୁଟି ଆନ୍ଦୋଳନ।
- ବିଶ୍ୱର ବୟସ୍କା ମହିଳା ହାଫାଫ୍ ଲାଜୁରିୟାଙ୍କ ୧୪୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କିଣିଥିଲା ଛତାଟିଏ
ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା
ତାଗଦା କରିଛି ସୁଧ !
–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ତମାଖୁ ସେବନରୁ ନିବୃତ୍ତ ରୁହନ୍ତୁ

ମହାଶୟ,

ତମାଖୁ ସେବନ କ୍ୟାନ୍‌ସରର ପ୍ରମୁଖ କାରଣ। ଏହାର ଅତ୍ୟାଧିକ ସେବନ ମୁଖ କର୍କଟ ଠାରୁ ଆରମ୍ଭକରି ରକ୍ତ କର୍କଟ ହେବାର ନଜିର ରହିଛି। ବିଷକୁ ପାନକଲେ ଏହା ଶରୀର ଭିତରେ ଯେପରି ଅମୃତ ସୃଷ୍ଟି କରିବ ନାହିଁ, ତମାଖୁ ଠିକ୍ ସେହିପରି। ଏହା ମୃତ୍ୟୁମୁଖକୁ ନିଶ୍ଚୟ ଟାଣିନେବ । ବହୁ ବିଶିଷ୍ଟ କଳାକାର ଆଜି ତମାଖୁର ଅଭ୍ୟାସରେ ପଡ଼ି ଭୟଙ୍କର କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ସରକାରଙ୍କ ଅନେକ ସତର୍କତା ପଦକ୍ଷେପ ସତ୍ତ୍ୱେ ଲୋକମାନେ ତମାଖୁ ସେବନରୁ ବିରତ ହେଉନାହାନ୍ତି। ତମାଖୁ କେତେ ପରିବାରକୁ ନଷ୍ଟ କରିଛି ତାହାର ହିସାବ ନାହିଁ। ନିଜ ଜୀବନ ନିଜ ହାତରେ।

**–ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

सत्यमेव जयते

ଶିକ୍ଷା ମନ୍ତ୍ରଣାଳୟ
ଭାରତ ସରକାର



# ବିକଶିତ ଭାରତ ଅଭିମୁଖେ ଏକ ବିରାଟ ଉଡ଼ାଣ

## ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଦେଶକୁ ୧୩,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉପହାର

ମାନ୍ୟବର ପ୍ରଧାନମନ୍ତ୍ରୀ

**ଶ୍ରୀ ନରେନ୍ଦ୍ର ମୋଦୀ**

ସାରା ଦେଶରେ

**୧୩,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପଗୁଡ଼ିକର**

ଉଦ୍‌ଘାଟନ କରିବେ

(୨୫ କେନ୍ଦ୍ରୀୟ ବିଦ୍ୟାଳୟ, ୧୯ ଜବାହର ନବୋଦୟ ବିଦ୍ୟାଳୟ,
୧୨ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୧୦ ଆଇଆଇଟି, ୫ ଆଇଆଇଆଇଟି, ୩ ଆଇଆଇଏମ୍,
୨ ଆଇଆଇଏସ୍‌ଇଆର୍, ୪ ଏନ୍‌ଆଇଟି, ୧ ଏଆଇସିଟିଇ ଓ ୨ ଦକ୍ଷତା ବିକାଶ ଅନୁଷ୍ଠାନ)

ଏବଂ

**ପିଏମ୍ ଉଷା** ଅଧୀନରେ

**୭୮ ଗୋଟି ବିଶ୍ୱବିଦ୍ୟାଳୟ** ପାଇଁ **୩,୬୦୦ କୋଟି ଟଙ୍କା** ମୂଲ୍ୟର ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିବେ

| ୬,୯୦୦ କୋଟି ଟଙ୍କା | ୩,୦୦୦ କୋଟି ଟଙ୍କାର | ୩,୪୦୦ କୋଟି ଟଙ୍କାର |
|---|---|---|
| ରାଷ୍ଟ୍ର ପାଇଁ ଉତ୍ସର୍ଗୀକରଣ | ଉଦ୍‌ଘାଟନ | ଶିଳାନ୍ୟାସ |

ସାରା ଦେଶର ବିଦ୍ୟାର୍ଥୀମାନଙ୍କ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରିବା ଅଭିମୁଖେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଶିକ୍ଷାନୁଷ୍ଠାନଗୁଡ଼ିକର ରାଷ୍ଟ୍ରବ୍ୟାପୀ ସମ୍ପ୍ରସାରଣ

ଦେଶର ପ୍ରତ୍ୟେକ କୋଣ ଅନୁକୋଣ ଗୁଣବତ୍ତାସମ୍ପନ୍ନ ଶିକ୍ଷା ଦ୍ୱାରା ଲାଭାନ୍ୱିତ ହେବ

**ଗରିମାମୟ ଉପସ୍ଥିତି**

**ଶ୍ରୀ ମନୋଜ କୁମାର ସିହ୍ନା**
ମାନ୍ୟବର ଉପ-ରାଜ୍ୟପାଳ
ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ଶ୍ରୀ ଡା. ଜିତେନ୍ଦ୍ର ସିଂ**
ମାନ୍ୟବର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ

**ଶ୍ରୀ ଯୁଗଲ କିଶୋର ଶର୍ମା**
ମାନ୍ୟବର ସାଂସଦ (ଲୋକସଭା)
ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ଶ୍ରୀ ଗୁଲାମ ଅଲୀ ଖଟାନା**
ମାନ୍ୟବର ସାଂସଦ (ରାଜ୍ୟସଭା)
ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

cbc 21201/13/0008/2324

**ସ୍ଥାନ - ଜାମ୍ମୁ | ଫେବୃଆରୀ ୨୦, ୨୦୨୪, ମଙ୍ଗଳବାର | ସମୟ - ପୂର୍ବାହ୍ନ ୧୧.୦୦ ଘଟିକା**











DD NEWS ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

# ଜଳ ନିଷ୍କାସନ ସମସ୍ୟାକୁ ନେଇ ତାତିଲେ ଚାଷୀ

## ଧାରଣା, ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,୧୯।୨ (ପ୍ରଯକ୍ତାପ୍ରିୟଦର୍ଶନୀ ମହାନ୍ତି) :

ବନ୍ୟା ପରେ ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ବରୀ ବ୍ଲକ ୪ ପଞ୍ଚାୟତର ଚାଷୀ ଜିଲା ପ୍ରଶାସନକୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାରମ୍ବାର ଜଳ ନିଷ୍କାସନ ସମସ୍ୟା ଦୂର କରିବା ନେଇ ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ହାତକୁ ନେଇନାହିଁ। ବରୀ ବ୍ଲକର ୪ ପଞ୍ଚାୟତ ଅଲିପୁର, ବାଲିବିଲି, ଅରଙ୍ଗାବାଦ ଓ ବରୀ ର ଚାଷୀ ଏହି ଜଳ ନିଷ୍କାସନ ସମସ୍ୟା ନେଇ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଉପରୋକ୍ତ ଚାଷୀଙ୍କ ଜମି ନିକଟରେ ଦୁଧେଇନାଳ ପ୍ରବାହିତ ହେଉଛି। ଏହି ନାଳରେ ବନ୍ୟା ଆସିବା ମାତ୍ରେ ଚାଷ ଜମି ଜଳମଗ୍ନ ହୋଇଥାଏ। ଜଳ ନିଷ୍କାସନ ପଥକୁ ଅବରୋଧ କରୁଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ଚାଷ ଜମିରେ ଜମି ରହିବା ଦ୍ୱାରା ଫସଲ ହାନି ଘଟୁଛି। ଏ ନେଇ ବିଭିନ୍ନ ପଦାଧିକାରୀଙ୍କୁ ବାରମ୍ବାର ଭେଟି ସମସ୍ୟା ସମାଧାନ ନିମନ୍ତେ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ଓ ଜିଲାପାଳ ନିଜେ ସମସ୍ୟା ଦୂର କିପରି ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ଉପରୋକ୍ତ ଚାଷୀମାନେ ନିବେଦନ କରିଛନ୍ତି।


ଜଳନିଷ୍କାସନ ସମସ୍ୟାର ସମାଧାନ ଦାବିରେ ଚାଷୀମାନେ ଧାରଣା ଦେଇଛନ୍ତି।

## ସଂକ୍ଷେପରେ

### ୨ବଖରା ଜଳିଗଲା, ପରିବାର ସଦସ୍ୟ ବାସହରା

ବାଲିଚନ୍ଦ୍ରପୁର,୧୯।୨(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅଧୀନ ଚାରିନଙ୍ଗଳ ପଞ୍ଚାୟତ ବାରବାଟୀ ଗ୍ରାମରେ ସୋମବାର ସକାଳ ୧୦ଟା ବେଳେ ଅଗ୍ନିକାଣ୍ଡ ଘଟି ମଞ୍ଜର ଅଲ୍ଲୀଙ୍କ ୨ ବଖରା ସମ୍ପୂର୍ଣ୍ଣ ଜଳି ଯାଇଛି। ସେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି। ଦିନ ମଜୁରିଆ ଭାବେ କାମ କରି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ। ହେଲେ ଏହି ଅଗ୍ନିକାଣ୍ଡରେ ତାଙ୍କର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ପରିବାର ସଦସ୍ୟମାନେ ଯାହା ପିନ୍ଧିଛନ୍ତି ସେତିକି ହିଁ ଏହି ଅଗ୍ନିକାଣ୍ଡରୁ ରହି ଯାଇଛି । ୫ ପ୍ରାଣୀ କୁଟୁମ୍ବ ଏବେ ରହିବେ କେଉଁଠି ଖାଇବେ କ'ଣ ସେଥିପାଇଁ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଦର୍ପଣ ତହସିଲ ପକ୍ଷରୁ ସରପଞ୍ଚଙ୍କ ମାଧ୍ୟମରେ କେବଳ ଖଣ୍ଡିଏ ଜରିପାଲ ଯୋଗାଇ ଦିଆଯାଇଛି । ଆନ୍ଦୋଳନରୁ ଓହରିଲେ ମୁଁ ଆର.ଆଇଙ୍କୁ ପଠାଇ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବି ବୋଲି ପ୍ରକାଶ କରିଛନ୍ତି।

### ଶାଗୁଆନ କାଠ ଜବତ କଲା ବନ ବିଭାଗ

ଛତିଆ,୧୯।୨(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ପାରିଆ ପଞ୍ଚାୟତର ନାଣ୍ଡୁଆ ଗ୍ରାମରେ ବେଆଇନ ଭାବେ ଶାଗୁଆନ କାଠ ଚିରା ହେଉଥିବା କୌଣସି ସୂତ୍ରରୁ ଖବର ପାଇ ବୈରୀ ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି କାର୍ଯ୍ୟାନୁଷ୍ଠାନ ପାଇଁ ବୈରୀ ଫରେଷ୍ଟର ମାଣିକ ମୁଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ମୁଣ୍ଡା ଘଟଣା ସ୍ଥଳରେ ପହଞ୍ଚି ୪ ଶାଗୁଆନ ଗଣ୍ଡି ଓ ୫ ସାଇଜ୍ କାଠ ସହିତ କାଠ ଚିରାରେ ବ୍ୟବହୃତ ସରଞ୍ଜାମ ଜବତ କରିଥିଲେ। ବନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଛି।

### ଜିଲାପାଳଙ୍କୁ ଦାବିପତ୍ର ଦେଲେ ଚିଟ୍‌ଫଣ୍ଡ ଜମାକାରୀ

ଯାଜପୁର ଟାଉନ,୧୯।୨ (ପ୍ରଯକ୍ତାପ୍ରିୟଦର୍ଶନୀ ମହାନ୍ତି)

ଆର୍ଥିକ ସଂସ୍ଥାଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ସୋମବାର ଚିଟ୍‌ଫଣ୍ଡରେ କ୍ଷତିଗ୍ରସ୍ତ ଜମାକାରୀ କିପରି ଅର୍ଥ ଫେରିପାଇବେ ସେ ନେଇ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ଜମାକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଜମା ଅର୍ଥରାଶି ଫେରସ୍ତ ନେଇ କ୍ଷତିଗ୍ରସ୍ତ ମିଳତ ମଞ୍ଚ ପକ୍ଷରୁ ଦାବି କରଯାଇଛି। ଚିଟ୍‌ଫଣ୍ଡ ସଂସ୍ଥା ସରକାରୀ ପୃଷ୍ଠପୋଷକତାରେ ଲକ୍ଷାଧିକ ଜମାକାରୀଙ୍କ ଠାରୁ ଟଙ୍କା ନେଇ ଉଭାନ ହୋଇଯାଇଥିବା ବେଳେ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇ ସରକାର ଜମାକାରୀଙ୍କୁ ଟଙ୍କାଟିଏ ବି ଫେରସ୍ତ କରିନାହାଁନ୍ତି। ଏହି ସମସ୍ୟାର ସମାଧାନ ଦାବିରେ ଜିଲାପାଳଙ୍କୁ ଅବଗତ କରାଯାଇଛି ।

# କନ୍ତୋରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କୋରେଇ,୧୯।୨(ଚନ୍ଦ୍ରକାନ୍ତ ପତି)

କୋରେଇ ବ୍ଲକ ଅଧୀନ କନ୍ତୋର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୋମବାର କୋରେଇ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଭିକାରୀ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରେଇ ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ଦଲେଇ ଯୋଗଦେଇଥିଲେ।

ସମ୍ମାନୀତ ଅତିଥି ଭାବେ ସରପଞ୍ଚ ସାରଙ୍ଗ ପ୍ରଧାନ, ସମିତିସଭ୍ୟ ପ୍ରିୟଙ୍କା ବରାଳ, ପଞ୍ଚାୟତ ପିଇଓ ସିଡିଓ ମୁଣ୍ଡୁରି, ଅନ୍ଧାରି ପଞ୍ଚାୟତ ସମିତିସଭ୍ୟା ରଶ୍ମିତା କର , ହଲଦିଗଡ଼ିଆ ସମିତିସଭ୍ୟ ଉଦୟ ସାହୁ, କୋରେଇ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁଧାଂଶୁ ଶେଖର ବରାଳ, କନ୍ତୋର ସେବା ସମବାୟ ସମିତି ସଭାପତି ହିମାଂଶୁ ବରାଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅଶୋକ ଦାସ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ସାଙ୍ଗକୁ ପାଲା ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ଜନସାଧାରଣ କିଭଳି ଉପକୃତ ହେଉଛନ୍ତି ଏ ସମ୍ପର୍କରେ ମହିଳାମାନଙ୍କୁ ଅତିଥିମାନେ ବୁଝାଇଥିଲେ । ଏହି ପରିପେକ୍ଷୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେବା ସମବାୟ ସଭାପତି ହିମାଂଶୁ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ ।


ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଧର୍ମଶାଳାରେ ପଞ୍ଚାୟତସ୍ତରୀୟ ସଚେତନତା


କୁମାରୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟକ, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ।

ଧର୍ମଶାଳା,୧୯।୨(ବଟକୃଷ୍ଣ ପରିଡା ) :

ଧର୍ମଶାଳା ବ୍ଲକ ନେଉଳପୁର, କଣ୍ଟିଗଡିଆ, କ୍ଷେତ୍ରପାଳ ଏବଂ କୁମାରୀ ଗ୍ରାମ ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସଭାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହିତ ଓଡିଶା ସରକାରଙ୍କ ୨୪ ବର୍ଷଧରି ଏହି ପଞ୍ଚାୟତରେ କରିଥିବା ଉନ୍ନତୀମୂଳକ କାର୍ଯ୍ୟର ହିସାବ ରଖିଥିଲେ । ଉକ୍ତ ପଞ୍ଚାୟତ ଗୁଡିକରେ ରାଶନ ହିତାଧିକାରୀ ସଂଖ୍ୟା, ମଧୁବାବୁ ପେନ୍‌ସନ ଯୋଜନା ଅର୍ନ୍ତଭୁକ୍ତ ହିତାଧିକାରୀ ସଂଖ୍ୟା, ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଅର୍ନ୍ତଭୁକ୍ତ ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ଅବଗତ କରାଇଥିଲେ। ସେ ତାଙ୍କ ବକ୍ତବ୍ୟରେ ୧୦ ବର୍ଷର ତାଙ୍କ କାର୍ଯ୍ୟର ହିସାବ ରଖିବା ସହିତ ଆପଣମାନେ ୧୦ବର୍ଷ ଧରି ମତେ ବିଧାୟକ କରିଛନ୍ତି, ମୁଁ କଣ କାର୍ଯ୍ୟକରିଛି ତା'ର ହିସାବ ଦବାକୁ ଆସିଛି ବୋଲି ବିଧାୟକ ବଳବନ୍ତରାୟ କହିଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ମିଶନ ଶକ୍ତିର ମାଆ ମାନଙ୍କ ଡ୍ରେସକୋଡ ପାଇଁ ହଜାର ଟଙ୍କା ଦେବାପାଇଁ ଘୋଷଣା କରିବା ସହିତ ମମତା ଯୋଜନାରେ ମାଆ ମାନଙ୍କୁ ୫ ହଜାର ରୁ ୧୦ ହଜାର ଟଙ୍କାର ସହାୟତା ଓ ମଧୁବାବୁ ପେନସନ ଯୋଜନାରେ ୫୦୦ ଟଙ୍କା ବୃଦ୍ଧି, କଳାକାର ଙ୍କ ପାଇଁ ସହାୟତା ରାଶି ବୃଦ୍ଧି, ପ୍ରତ୍ୟେକ ରାଶନଧାରୀ ପରିବାରକୁ ୧ ହଜାର ଟଙ୍କା ପ୍ରଦାନ କରିବାପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା କହିଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧର୍ମଶାଳା ପଞ୍ଚାୟତ ସମିତି ମାଧ୍ୟମରେ ହୋଇଥିବା ସମସ୍ତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପରିଚାଳନା କରିଥିଲେ ।

## ନିର୍ବାଚନମଣ୍ଡଳୀର ବିକାଶ କଥା ବଖାଣିଲେ ବିଧାୟକ

### ଡିକି ଭାଙ୍ଗି ଅଳଙ୍କାର ଲୁଟ ଘଟଣାରେ ୨ ଗିରଫ

ପାଣିକୋଇଲି,୧୯।୨(ବିକାଶ କୁମାର ମଲିକ)

ପାଣିକୋଇଲି ପୋଲିସ ଅଳଙ୍କାର ସଫା କରିବାକୁ ଆସିଥିବା ଜଣେ କାରିଗରୀଙ୍କ ବାଇକ ଡ଼ିକି ଭାଙ୍ଗି ଅଳଙ୍କାର ଲୁଟ ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶଯେ କୁଆଖିଆ ଥାନା ଅନ୍ତର୍ଗତ ସୁଆଁସାହି ଗ୍ରାମର ଶତ୍ରୁଘ୍ନ ସାହୁ ଜଣେ ଅଳଙ୍କାର ସଫା କରିବା କାରିଗର ଅଟନ୍ତି। ତାଙ୍କ ବାଇକ୍ ଡ଼ିକି ଭାଙ୍ଗି କେହି ରୁପା ଅଳଙ୍କାର ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ପୋଲିସ ଦୁଇ ଅଭିଯୁକ୍ତ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ନଟୋଟା ସାହିର ଡ଼ି ମାଧବ ରାଓ ଓ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମର ସାହାଗଲ ଗିରିଜେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

### ହରିହାଟ ମେଳା କମିଟିର ସଦସ୍ୟଙ୍କ ପରଲୋକ

ପାଣିକୋଇଲି,୧୯।୨(ବିକାଶ କୁମାର ମଲିକ)

କରଦା ହରିହାଟ ମେଳା ଓ ଯାତ୍ରା କମିଟିର ବରିଷ୍ଠ ସଦସ୍ୟ କରଦା ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପାଟଣା ଗ୍ରାମର କାର୍ତ୍ତିକ ଚନ୍ଦ୍ର ପୃଷ୍ଟି (୭୨)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ସେ ଜଣେ ସଫଳ ବ୍ୟବସାୟୀ ଥିଲେ। ମେଳାପୀ ତଥା ଆଧ୍ୟାତ୍ମିକ ବାଦୀ ଚିନ୍ତାଧାରର ମଣିଷ ଥିଲେ। ସେ ମେଳା କମିଟି ଓ ଯାତ୍ରା କମିଟି ସହିତ ଦୀର୍ଘବର୍ଷ ଧରି ଜଡ଼ିତ ରହିଥିଲେ । ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ରବିବାର ରାତିରେ ଇହଲୀଳା ସମ୍ବରଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ବିକାଶକୁ ଗୁରୁତ୍ୱ ଦେଉଛନ୍ତି ସରକାର

ଛତିଆ,୧୯।୨(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ନେଳିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଧୀରେନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି ଓ ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ ଯୋଗଦେଇ ସରକାର ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି ଅତିଥି ମାନେ କହିଥିଲେ । ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ଉପରେ ସଚେତନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ସୋଲର ସମିତି ସଭ୍ୟ ସଞ୍ଜୟ ବେହେରା, ଛତିଆ ସମିତି ସଭ୍ୟ ଦୀପକ ସାହୁ, ଚମ୍ପାପୁରର ପ୍ରାକ୍ତନ ସରପଞ୍ଚ ବାସୁଦେବ ସ୍ୱାଇଁ, ବିପିନ ବିଶାଳ ପ୍ରମୁଖ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରଙ୍କ ଯୋଜନା ସମ୍ପର୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।


ବଡ଼ଚଣା ବ୍ଲକରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# କବିରାଜ ଅବଧୂତ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା,୧୯।୨( ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଭାଲୁଖାଇ ଗ୍ରାମର ବିଶିଷ୍ଟ କବିରାଜ ତଥା ଗ୍ରାମ ମୁରବୀ ଅବଧୂତ ରାଉତଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତ ରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଦସ୍ୟ ଜଳଧର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

'ସମ୍ଭବ' ସମ୍ପାଦକ ଅଖିଳ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ,ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କାହ୍ନୁଚରଣ ଦାଶ ଓ କୃଷକ ନେତା ବସନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଗୁଣଗାନ କରିଥିଲେ। ସ୍ୱର୍ଗତ ରାଉତ ଜଣେ କବିରାଜ ଭାବରେ ବହୁ ରୋଗୀଙ୍କ ସେବା କରି ସେମାନଙ୍କୁ ସୁସ୍ଥ କରୁଥିଲେ। ପ୍ରସିଦ୍ଧ ମୁନିସ ମେଲଣ କମିଟିର କୋଷାଧ୍ୟକ୍ଷ, ଭାଲୁଖାଇ ଜଗନ୍ନାଥ କମିଟିର ଅନ୍ୟତମ ପ୍ରତିଷ୍ଠାତା,ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ,ଦେଉଳି ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠା ଦିଗରେ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ପ୍ରସିଦ୍ଧ ଗୋକର୍ଣ୍ଣେଶ୍ୱର ମନ୍ଦିର ଟ୍ରଷ୍ଟର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ । ଜଣେ ବେସରକାରୀ ଅମିନ ଭାବେ ତାଙ୍କର ସୁଖ୍ୟାତି ରହିଥିଲା। ଯାଜପୁର ଜିଲା ପୂର୍ବତନ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ, ଜାରକା ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ଧର୍ମଶାଳା ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ କିଶାନ ପଣ୍ଡା, ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂହ, ରାଧାଶ୍ୟାମ ସାହୁ, ତ୍ରିଲୋଚନ ରାଉତ, କୃଷକ ଲକ୍ଷ୍ମଣ ଦାଶ, ଜିଲା କ୍ରସର ସଂଘ ସଭାପତି ଚନ୍ଦନ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଦିକନ୍ଦ ସ୍ୱାଇଁ, ଭାସ୍କର ନାରାୟଣ ସେଠୀ, ପୀତବାସ ପାତ୍ର, ଅବସରପ୍ରାପ୍ତ ପ୍ରଶାସକ କୁମାରବର ନାୟକ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତି ଚାରଣ କରିଥିଲେ। ତାଙ୍କ ପୁତ୍ର ଅକ୍ଷୟ ,ଅଭୟ ନାତି ଅମର,ଅମିତି,ଅସିତ କାର୍ଯ୍ୟକ୍ରମକୁ ପରିଚାଳନା କରଥିଲେ ।


ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିଗଣ।

# ଯୁଗାନ୍ତର ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

## ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ

ଚଣ୍ଡିଖୋଲ,୧୯।୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ ରଇପୁର ପଞ୍ଚାୟତ ଅଧୀନ ଘାଟକୂଳ ଠାରେ ଯୁଗାନ୍ତର ସାଂସ୍କୃତିକ ପରିଷଦ ପକ୍ଷରୁ ୪୫ ତମ ବାର୍ଷିକ ସାମ୍ବତ୍ସରିକ ଉତ୍ସବ ତଥା କବି ତିଳକ ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୪ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ପରିଷଦର ସଭାପତି କିଶୋର ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଯୋଗଦେଇ ଅଧୁନା ସମାଜରେ କୁସଂସ୍କାରଚନା ଏକ ସାମାଜିକ ବ୍ୟାଧି ପାଲଟିଛି। ଯୁଗାନ୍ତର ଭଳି ଅନୁଷ୍ଠାନ ସଫଳ ପ୍ରତିଭାମାନଙ୍କୁ ଚୟନ କରି ସାମାଜିକ ପ୍ରୋତ୍ସାହନ ପ୍ରଦାନ କଲେ ରାକ୍ଷସ ରୂପୀ କୁସଂସ୍କାରଚନା ଆପଣାଛାଏଁ ଦୂରେଇ ଯିବ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପ୍ରବକ୍ତା ମାନସ ସୁଧାକର ଡ.ଅଭିମନ୍ୟୁ ବରାଳ ଯୋଗଦେଇ ରୀତିଯୁଗୀୟ କବି ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣି କାଳଜୟୀ। ଏହାର ମୁଖ୍ୟ ଚରିତ୍ର ରାଧା କୃଷ୍ଣଙ୍କ ଅପ୍ରାକୃତ ପ୍ରେମର ବର୍ଣ୍ଣନା ଅନନ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ରାଜ୍ୟରେ ଟପ୍ପର ହୋଇଥିବା ଶ୍ରେୟଶ୍ରୀ ଜେନା,ନିତିଶ କୁମାର ସାହୁ, ସନ୍ଧ୍ୟାରାଣୀ ସେଠୀଙ୍କୁ ଦୁର୍ଗାଦେବୀ ପ୍ରତିଭା ସମ୍ମାନ, କୃତୀ ଛାତ୍ରୀ ଅଙ୍କିତା ଦାସ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଶାନ୍ତି ସ୍ୱାଗତିକା ସାହୁଙ୍କୁ ବେଣୁଧର ଛାତ୍ର ପ୍ରତିଭା ସମ୍ମାନ ,ଓ ମାତୃଭାଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ନିହାରିକା ସାମଲଙ୍କୁ ବାଞ୍ଛାନିଧି ମାତୃଭାଷା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ୨୦୨୪ର ଯୁଗାନ୍ତର ସମ୍ମାନ ଡ.ହରେକୃଷ୍ଣ ଶତପଥୀ, ଯୁଗାନ୍ତର କଳା ସମ୍ମାନ ବିଶିଷ୍ଟ ଗୀତିକାର ଦିଲୀପ ଜେନା, ସଂଗ୍ରାମୀ ଦୁର୍ଯ୍ୟୋଧନ ମହାପାତ୍ର ସ୍ମୃତି ସମ୍ମାନ ସୁ-ସାହିତ୍ୟିକ ନନ୍ଦ କିଶୋର ସିଂ, ସଂଗ୍ରାମୀ ବିଚିତ୍ରାନନ୍ଦ ରାୟ ସ୍ମୃତି ସମ୍ମାନ ବ୍ୟଙ୍ଗ କବି ଜ୍ଞାନ ହୋତା, ସଂଗ୍ରାମୀ ଅଭିମନ୍ୟୁ ମହାପାତ୍ର ସ୍ମୃତି ସମ୍ମାନ ବିଶିଷ୍ଟ ଅନୁବାଦକ ଇଞ୍ଜିନିୟର ଦିନେଶ କୁମାର ମାଲି, ଆକାଶବାଣୀର ପ୍ରାକ୍ତନ ନିର୍ଦ୍ଦେଶକ ତଥା ସାହିତ୍ୟିକ ଡ.ଶାନ୍ତନୁ କୁମାର ରଥଙ୍କୁ ଶିକ୍ଷାବିତ୍ ନବଘନ ଜେନା ସ୍ମୃତି ସମ୍ମାନ, ବିଶିଷ୍ଟ ନାଟ୍ୟକାର ଡ଼ା କୈଳାସ ଚନ୍ଦ୍ର ମଲ୍ଲିକଙ୍କୁ ଅନନ୍ତ କିଶୋର ନାଟ୍ୟ ସମ୍ମାନ, ବିଶିଷ୍ଟ ଶିକ୍ଷାବିତ୍ ପଞ୍ଚାନନ ଗୈଡଙ୍କୁ ଶିକ୍ଷାବିତ ଭଜହରି ମହାପାତ୍ର ସ୍ମୃତି ସମ୍ମାନ ଓ ମାନସ ସୁଧାକର ଡ.ଅଭିମନ୍ୟୁ ବରାଳଙ୍କୁ ଶିକ୍ଷାବିତ ହୃଦାନନ୍ଦ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ପରିଷଦର ସମ୍ପାଦକ ଡ.ଭାଗ୍ୟଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଉମାକାନ୍ତ ବଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାମଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୧୪୭୬ ବ୍ୟକ୍ତି, ଅନୁଷ୍ଠାନ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜଗତ୍‌ସିଂହପୁର, ୧୯।୨ (ପ୍ରମୋଦ କୁମାର ନାୟକ)

ସମ୍ପ୍ରତି ଶିକ୍ଷାନୁଷ୍ଠାନଗୁଡିକର ରୂପାନ୍ତରିକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଶୈକ୍ଷିକ ବାତାବରଣ ସୃଷ୍ଟି ସହ ଭିତ୍ତିଭୂମିର ବିକାଶ ପାଇଁ ଉଦ୍ୟମ ହେଉଛି। ୫-ଟି ଉପକ୍ରମରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇ ଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଜଗତ୍‌ସିଂହପୁରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏନେଇ ଆୟୋଜିତ ଉତ୍ସବରେ ଜିଲାର ୧୪୭୫ ଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସରକାରୀ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ କହିଥିଲେ ଶିକ୍ଷା କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲା ଆଗୁଆ। ତଥାପି ସାରା ରାଜ୍ୟରେ ବିଦ୍ୟାଳୟଗୁଡିକର ରୂପାନ୍ତରିକରଣ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ବ୍ୟବସ୍ଥାରେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କୁ ନେତା ନୁହେଁ ଜନନାୟକ ବୋଲି କହିଥିଲେ। ପ୍ରତ୍ୟେକ ନେତା ସବୁବେଳେ ନିର୍ବାଚନ କଥା ଭାବୁଥିବାବେଳେ ମୁଖ୍ୟମନ୍ତ୍ରୀ ସେଥିରେ ବ୍ୟତିକ୍ରମ ବୋଲି ମୁଦୁଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଯୋଗଦେଇ କହିଥିଲେ ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କ ଉନ୍ନତି ହେଉଛି। ବାସ୍ତବରେ ମା'ମାନେ ହେଉଛନ୍ତି ପିଲାଙ୍କ ପ୍ରଥମ ଗୁରୁ। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଦିଗରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହିତ ଅଭିଭାବକମାନଙ୍କ ମଧ୍ୟ ଗୁରୁ ଦାୟିତ୍ୱ ରହିଥିବା ମଲ୍ଲିକ କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲାପାଳ ପାରୁଲ ପଟାୱାରୀ କହିଥିଲେ, ୫-ଟି ରୂପାନ୍ତରଣର ରୂପକୁ ଆଗାମୀ ପିଢ଼ୀ ପାଇଁ ସାଇତି ରଖିବାକୁ ହେଲେ ବିଶେଷ ଯତ୍ନବାନ ହେବାକୁ ପଡିବ।



ଅତିଥିଙ୍କ ଗହଣରେ ପୁରସ୍କାର ପାଇଥିବା ଛତ୍ରୀଛାତ୍ର ଏବଂ ଅନ୍ୟମାନେ।

**ଜଗତ୍‌ସିଂହପୁର ଜିଲା**

ବିଦ୍ୟାଳୟଗୁଡିକରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ହେଉଛି। ଏହି ଆଧାରରେ ସ୍ମାର୍ଟ କ୍ଲାସ ସମ୍ଭବ ହୋଇପାରୁଛି। ତେଣୁ ନିଜକୁ ସର୍ବଦା ଅପଡେଟ୍ ରଖି ଏହାର ସଦୁପଯୋଗ କରିବାକୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ ଶିକ୍ଷା କ୍ଷେତ୍ରରେ ଜିଲାର ଅଭୂତପୂର୍ବ ସଫଳତା ନିମନ୍ତେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ଜିଲା ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର ବର୍ଗରେ ୯୩ ଜଣ, ବ୍ଲକ ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର ବର୍ଗରେ ୮୧୪, ଛାତ୍ରୀଛାତ୍ର ନେତୃତ୍ୱ ପୁରସ୍କାର ୪୮୬, ବ୍ଲକସ୍ତରୀୟ ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟ ୨୪, ବ୍ଲକସ୍ତରୀୟ ବିଦ୍ୟାଳୟ ପରିଚାଳନା କମିଟି ୮, ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ୫, ବ୍ଲକସ୍ତରୀୟ ପୁରାତନ ଛାତ୍ର ପରିଷଦ ବର୍ଗ ୭, ବ୍ଲକସ୍ତରୀୟ ଏଲିମେଣ୍ଟାରୀ ବିଦ୍ୟାଳୟ ବର୍ଗ ୨୩ଟି, ବ୍ଲକସ୍ତରୀୟ ଗ୍ରାମ ପଞ୍ଚାୟତ ବର୍ଗ ୭ ଓ ବ୍ଲକସ୍ତରୀୟ ଏଲିମେଣ୍ଟାରୀ ଶିକ୍ଷକ ବର୍ଗରେ ୮, ଏହିପରି ମୋଟ ୧୪୭୫ ଜଣ ବ୍ୟକ୍ତି ଓ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ଅନ୍ୟପଟେ ଜିଲାର ମନୋନୀତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପୌରୋହିତ୍ୟ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ବିବରଣୀ ପାଠ ଓ ଅନ୍ୟତମ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ସମେତ ପଦରାଜ ଉମାକାନ୍ତ ନାୟକ, ତ୍ରୈଲୋକ୍ୟ ନାଥ ବିଶ୍ୱାଳ, ସୌଭାଗ୍ୟ ପ୍ରସାଦ ମିଶ୍ର, ତପନ କୁମାର ନନ୍ଦ, ଅମୂଲ୍ୟ କୁମାର ମିଶ୍ର ପ୍ରମୁଖ ପୁରସ୍କାର ପ୍ରଦାନ ସମାରୋହରେ ସହାୟତା କରିଥିଲେ। ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ସରପଞ୍ଚ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ-ଶିଷ୍ୟ ପରମ୍ପରା ଅତୁଟ

**ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଧାନଶିକ୍ଷକଙ୍କ ସ୍ମରଣିକା ଉନ୍ମୋଚନ**


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ରଘୁନାଥପୁର, ୧୯।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଣ୍ଟୁଆ ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ବୃନ୍ଦାବନ ସ୍ୱାଇଁଙ୍କ ୮୯ ତମ ଜୟନ୍ତୀରେ ଏକ ସ୍ମରଣିକା 'ବୃନ୍ଦାବନ ବୃନ୍ଦାବନ' ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ରଘୁନାଥଜୀଉ ପୀଠରେ ଏହି ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ପକ୍ଷରୁ ଏନେଇ ସଭା ଆୟୋଜନ କରାଯାଇଥିଲା।ଏଥିରେ ପୁରାତନ ଛାତ୍ର ତଥା ରାଜ୍ୟପାଳ ପୁରସ୍କାର ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ ଡ.ପିତାମ୍ବର ରାଉତ ମୁଖ୍ୟ ଅତିଥି ଓ ସାହିତ୍ୟିକ. ଡ ସୁରେନ୍ଦ୍ରନାଥ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବର୍ତ୍ତନଶୀଳ ସମାଜରେ ଗୁରୁ-ଶିଷ୍ୟର ପରମ୍ପରା ଅତୁଟ ବୋଲି କହିଥିଲେ। ଏହି ଅବସରରେ ସେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ଅନ୍ୟତମ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଏହାପରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ସୁଭାସଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଭଗବାନ ବିଶ୍ୱାଳ ଅତିଥି ପରିଚୟ ଓ ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଣକୃଷ୍ଣ ନାୟକ, ନଗେନ୍ଦ୍ର ପ୍ରସାଦ ସ୍ୱାଇଁ, ନିରଞ୍ଜନ ପାତ୍ର, ରଘୁନାଥ ସ୍ୱାଇଁ, ବିଜନ ମହାପାତ୍ର, ସୁରେନ୍ଦ୍ରନାଥ ସାହୁ, ବିଶ୍ୱନାଥ ବାରିକ,ଦିଲୀପ କୁମାର ରଥ, ରମେଶ ଚନ୍ଦ୍ର ସେଠୀ, ଉପେନ୍ଦ୍ରନାଥ ରଥ, ମହେନ୍ଦ୍ରନାଥ ସ୍ୱାଇଁ,ବିରେନ୍ଦ୍ର ସ୍ୱାଇଁ,ସୀତାଂଶୁ ଆଚାର୍ଯ୍ୟ, ରବିନାରାୟଣ ରଥଙ୍କ ସହ ବହୁ ପୁରାତନ ଛାତ୍ର ଉପସ୍ଥିତ ରହି ପ୍ରିୟ ବୃନ୍ଦାବନ ସାରଙ୍କ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ବ୍ରଜକିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବ୍ରାଉନସୁଗାର ଜବତ: ଅଭିଯୁକ୍ତ ଗିରଫ

ଜଗତ୍‌ସିଂହପୁର, ୧୯।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୋଲିସ ଏହି ଥାନା ଅନ୍ତର୍ଗତ ନୂଆପୋଲ ଛକ ନିକଟରେ ଚଢ଼ାଉ କରି ୭.୪୦ ଗ୍ରାମ ବ୍ରାଉନ୍‌ସୁଗାର ସମେତ ମୋବାଇଲ ଓ ବାଇକ (ଓଡି ୦୫ଇ ୪୭୭୦) ଜବତ କରିଛି। ଏନେଇ ଅଭିଯୁକ୍ତ ତଥା ଏହି ଥାନା ଅଧିନ ଶେଖପାଟଣା ସିଂଘାରପୁର ଗ୍ରାମର ପ୍ରମୋଦ ମଲ୍ଲିକ ଓରଫ ଗୁକୁନାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ବି. ଆର୍. ରାୟଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୧୭୩/୨୪) ରୁଜୁ କରାଯାଇଛି।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

ରାଜନଗର, ୧୯।୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୭ଦଫା ଦାବିପତ୍ର ବିଇଓ ମନୋରଞ୍ଜନ ସେଠୀଙ୍କୁ ସୋମବାର ପ୍ରଦାନ କରଯାଇଛି। ସଭାପତି ବିଚିତ୍ରାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ଦାମୋଦର ରାଉତ, ପିଷ୍ଟା ରାଜ୍ୟ ଉପସଭାପତି ନରେଶ କୁମାର ପାତ୍ର, ଦୋଳଗୋବିନ୍ଦ ସେଠୀ, ଉତ୍ତମ ମଲ୍ଲିକ, ଜ୍ୟୋସ୍ନାରାଣୀ ଦାସଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀଶିକ୍ଷକମାନେ ଏହି ଦାବିପତ୍ର ଦେଇଛନ୍ତି। ଶିକ୍ଷକ ସଂଘ ଦାବିଗୁଡ଼ିକ ମଧ୍ୟରେ ପ୍ରାଥମିକ ଶିକ୍ଷାରୁ ଷାଣ୍ମାସିକ ନିଯୁକ୍ତି ବାତିଲ କରି ନିୟମିତ ଶିକ୍ଷକ ନିଯୁକ୍ତି ସହ ଶିକ୍ଷା ସହାୟକ, ୬ବର୍ଷ କାର୍ଯ୍ୟକାଳକୁ ୬ଟି ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରାଯିବା, କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯିବା, ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯିବା, ପୁରୁଣା ପେନ୍‌ସନ ବ୍ୟବସ୍ଥା ପ୍ରଦାନ ଆଦି ଅନ୍ତର୍ଭୁକ୍ତ ରହିଛି।

# ପାଇପ୍ ଲାଇନ କାଟି ତେଲ ଚୋରି ଘଟଣାର ପର୍ଦ୍ଦାଫାଶ : ୨ଗିରଫ

କୁଜଙ୍ଗ, ୧୯।୨ (ମନୋଜ ପ୍ରଧାନ)

**ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ୱେବ ଚାନେଲର ଖବରଦାତା**

ଭାରତୀୟ ତୈଳ ନିଗମ ପକ୍ଷରୁ ତେଲ ପରିବହନ ନିମନ୍ତେ ବିଛାଯାଇଥିବା ପାରାଦୀପ-ରାୟପୁର-ରାଞ୍ଚି ପାଇପ ଲାଇନ କାଟି ପେଟ୍ରୋଲ ଓ ଡିଜେଲ ଚୋରି କରୁଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ୧୮ ଦିନ ପରେ କୁଜଙ୍ଗ ପୋଲିସ ୨ ଅଭିଯୁକ୍ତଙ୍କୁ ଧରିବାକୁ ସକ୍ଷମ ହୋଇଛି। ଏହାପଛରେ ଏକ ରାକେଟ୍ କାମ କରୁଥିବା ପୋଲିସ କହିଛି। ଏନେଇ ପୋଲିସ ମାମଲା (ନଂ.୫୧/୨୦୨୪)ରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ଟିଆଇ ପରେଡ ହେବାକୁ ଥିବାରୁ ସେମାନଙ୍କ ନାମ ଓ ଠିକଣା ଗୋପନ ରଖାଯାଇଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ପ୍ରକାଶ କରିଛନ୍ତି। ସେମାନଙ୍କ ପାଖରୁ ୪ଟା ମୋବାଇଲ ଫୋନ, ପାଇପ ଲାଇନ କାଟିବାରେ ସହାୟକ ହେଉଥିବା ବିଭିନ୍ନ ଯନ୍ତ୍ରପାତି ଓ ଏକ ନାଲିରଙ୍ଗର କାର ଜବତ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ଜଣେ ୱେବ ଚାନେଲର ଖବରଦାତା ଥିବା ଜଣାପଡ଼ିଛି। ସମ୍ପୃକ୍ତ ଖବରଦାତା ନିଜର ପରିଚୟ ପତ୍ରକୁ ବ୍ୟବହାର କରି ଅନେକ ଜାଗାରେ ଖସିଯାଇଥିବା ପୋଲିସ କହିଛି। ଏହି ରାକେଟ ପାରାଦୀପ ଓ କୁଜଙ୍ଗ ଅଞ୍ଚଳ ସହ କେନ୍ଦ୍ରାପଡା ଜିଲାର ଆଳି ନିକଟରେ ମଧ୍ୟ ପାଇପ ଲାଇନ କାଟି ତେଲ ଚୋରି କରୁଥିବାର ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଜାନୁଆରି ୩୧ରେ ଏରସମା ତହସିଲ ତଥା କୁଜଙ୍ଗ ଥାନା ଅନ୍ତର୍ଗତ ବଳେଇପୁର ବନିପାଟ ରାସ୍ତାର କଲଭର୍ଟ ନିକଟରେ ପାରାଦୀପ-ରାୟପୁର -ରାଞ୍ଚି ପାଇପ ଲାଇନକୁ କାଟି ଦିଆଯାଇଥିଲା। ସେଠାରୁ ପ୍ରଚୁର ପରିମାଣର ତେଲ ନିର୍ଗତ ହୋଇଥିଲା। ଖବରପାଇ ପାଇପ ଲାଇନ କର୍ତ୍ତୃପକ୍ଷ ଓ ଯନ୍ତ୍ରୀମାନେ ସେଠାରେ ପହଞ୍ଚି ପାଇପଲାଇନ କଟାଯାଇଥିବା ନେଇ ସନ୍ଦେହ କରି କୁଜଙ୍ଗ ଥାନାକୁ ଜଣାଇଥିଲେ। ଏହପରେ କୁଜଙ୍ଗ ପୋଲିସ ଓ ଦମକଳ ବାହିନୀ ସେଠାର ପହଞ୍ଚି ତୈଳ ନିର୍ଗତ ହେଉଥିବା ଅଞ୍ଚଳର ଚତୁଃପାର୍ଶ୍ୱରୁ ଘେରାଉ କରି ରଖିବା ସହ ସାଧାରଣ ଲୋକଙ୍କ ଯିବାକୁ ବାରଣ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ମରାମତି କରାଯାଇ ଫେବୃଆରି ୧ରେ ତେଲ ନିର୍ଗତକୁ ରୋକାଯାଇଥିଲା। ଏହାପୂର୍ବରୁ ୨୦୨୩ ଡିସେମ୍ବର ୨୫ରେ ବଳେଇପୁର ପଞ୍ଚାୟତ ଅର୍ନ୍ତଗତ କାଳିଆକଣ ନିକଟସ୍ଥ ଗହିରରେ ପାଇପ ଲାଇନ ଫାଟି ତେଲ ବୋହିଥିଲା। ଉଭୟ ଘଟଣାକୁ ଗୁରୁତର ସହ ନେଇ କୁଜଙ୍ଗ ପୋଲିସ ଓ ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପି ଆର ବୈଷୟିକ ଓ ମାନସିକ ପରାମର୍ଶକୁ ଆଧାରକରି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ୯୦ କେନ୍ଦ୍ରରେ ୧୩ ହଜାର ପରୀକ୍ଷାର୍ଥୀ

ଜଗତ୍‌ସିଂହପୁର, ୧୯।୨ (ପ୍ରମୋଦ କୁମାର ନାୟକ)

**ଆଜିଠୁ ମାଟ୍ରିକ ପରୀକ୍ଷା**
- ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୮ଟି ନୋଡାଲ ସେଣ୍ଟର
- ୨୩ ଡେସ୍‌ପାଚ ଦଳ

ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ପରୀକ୍ଷା ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଚଳିତବର୍ଷ ଜଗତ୍‌ସିଂହପୁର ଜିଲାର ୮ଟି ବ୍ଲକ ଅଞ୍ଚଳରେ ୯୦ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରଗୁଡିକରେ ୧୩,୩୧୮ ଜଣ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେବାର ସୁଯୋଗ ପାଇବେ। ପରୀକ୍ଷା ଯେପରି ଶାନ୍ତି, ଶୃଙ୍ଖଳାର ସହ ହେବ ସେନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷକରି ନୋଡାଲ ସେଣ୍ଟରରେ ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଡେସ୍‌ପାଚ ଟିମ୍‌ରେ ବନ୍ଧୁକଧାରୀ ପୋଲିସଙ୍କୁ ନିୟୋଜିତ କରାଯାଉଛି। ଏଥିସହ ସମସ୍ତ ୯୦ କେନ୍ଦ୍ର ଓ ୨ ମୂଲ୍ୟାୟନ କେନ୍ଦ୍ରରେ ମଧ୍ୟ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି। ଡିଇଓଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସକାଳ ୯ରୁ ପୂର୍ବାହ୍ନ ୧୧ଟା୩୦ ପର୍ଯ୍ୟନ୍ତ ମାତୃଭାଷା ପରୀକ୍ଷା ହେବ। ପରୀକ୍ଷା ସୁପରିଚାଳନା ପାଇଁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ଅବଜର୍ଭର, ନୋଡାଲ ସେଣ୍ଟର ଅବଜର୍ଭର ଓ ନୋଡାଲ ଇନ ଚାର୍ଜ ନିଯୁକ୍ତ କରାଯାଇଛି। ଜିଲାର ନୋଡାଲ ସେଣ୍ଟରଗୁଡିକ ହେଲା ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟ, ବିରିଡ଼ିସ୍ଥିତ ପଞ୍ଚାୟତରାଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଏରସମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଜଙ୍ଗସ୍ଥିତ ବନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ତିର୍ତ୍ତୋଲସ୍ଥିତ ଏମ୍. ଏସ୍. ଏକାଡେମୀ।

# ୫ ଦଫା ଦାବିରେ ଚାଷୀଙ୍କ ଆମରଣ ଅନଶନ

ବାଲିକୁଦା, ୧୯।୨ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଅନନ୍ତପୁର ସମବାୟ ସମିତିରେ ବିଭିନ୍ନ ଅନିୟମିତତା ହେଉଥିବା ନେଇ ଚାଷୀ ଚରଣ ସ୍ୱାଇଁ ଅଭିଯୋଗ କରିଛନ୍ତି। ଏଥିସହ ୫ ଦଫା ଦାବିପୂରଣ ନେଇ ବ୍ରାହ୍ମଣଡିହିସ୍ଥିତ ସମତି କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ତାଙ୍କ ଦାବିଗୁଡ଼ିକ ମଧ୍ୟରେ ଗତ ୧୨ ତାରିଖ ରାତିରେ ଚରଣଙ୍କ ଧାନ ଚୋର ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ଅଧିକାରୀମାନଙ୍କୁ ଗିରଫ କରିବା ସହ ତୁରନ୍ତ ନିଲମ୍ବନ କରାଯାଉ। ଅଭିଯୁକ୍ତମାନଙ୍କ ଫୋନକଲ ଟ୍ରାକ କରାଯାଉ। ଉକ୍ତ ଦିନର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉ। ଏଥିସହ ସମିତି ହେବାଠାରୁ କେତେ ଲାଭ ଓ କ୍ଷତି ସହିଛି ତାହା ସାର୍ବଜନୀନ କରାଯାଉ। ସମିତିରୁ କେଉଁ ଚାଷୀମାନଙ୍କୁ ଟ୍ରାକ୍ଟର ଓ ପାୱାର ଟ୍ରିଲର ଋଣ ସୂତ୍ରରେ ଯୋଗାଇ ଦିଆଯାଇଛି ସେମାନଙ୍କ ତଥ୍ୟ ଦିଆଯାଉ। ଏହାଛଡ଼ା କେଉଁ ଚାଷୀମାନଙ୍କୁ କେତେ ଋଣ ପ୍ରଦାନ କରାଯାଇଛି ତାହା ସର୍ବସାଧାରଣରେ ପ୍ରକାଶ କରାଯାଉ। ଅପରପକ୍ଷେ ସମିତି ସଦସ୍ୟ ନିରଞ୍ଜନ କାଣ୍ଡି ଚରଣଙ୍କ ବିରୋଧରେ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଚରଣ ଅନେକ ସମୟରେ

**ସମିତି ପକ୍ଷରୁ ଥାନାରେ ଅଭିଯୋଗ**


ଅନଶନରେ ବସିଥିବା ଚାଷୀ ଚରଣ ସ୍ୱାଇଁ।

ସମିତିରେ ଅଭାବନୀୟ ପରିସ୍ଥିତି ଉପୁଜାଉଛନ୍ତି। କେତେଜଣ ଅସାମାଜିକ ବ୍ୟକ୍ତିଙ୍କୁ ସାଥିରେ ଆଣି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବେଆଇନ ଚାନ୍ଦା ମାଗୁଛନ୍ତି। ଗତ ୧୩ ତାରିଖରେ ସେ ସମିତିର ସମ୍ପାଦକ ଓ ଡିଇଓଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ନିଜ ଧାନ ଚରଣ ମଣ୍ଡିରେ ଦେଇସାରିବା ପରେ ତେନ୍ତୁଳିବେଲାରୀ ଖେଳ ପଡ଼ିଆରେ ମଣ୍ଡି ପରିଚାଳନା କରାଯାଉଥିବାବେଳେ ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କୁ ପ୍ରବର୍ତ୍ତାଇ ଅନନ୍ତପୁର ସେବା ସମବାୟ ସମିତି ସମ୍ମୁଖରେ ଅଳ୍ପ କିଛି ଧାନ ରଖି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏନେଇ ନୀରିହ ଚାଷୀ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ନିରଞ୍ଜନ ପଚାରିବାରୁ ଚରଣ ପ୍ରତିକ୍ରିୟାଶୀଳ ହୋଇ ଜାତିଆଣ ଆକ୍ଷେପ କରିବା ସହ ବାଡ଼େଇ ଗୋଡ଼ ବାଙ୍ଗି ଦେବାକୁ ଧମକ ଦେଇଛନ୍ତି।

# ୨୬ ବର୍ଷ ପରେ ଘରକୁ ଫେରିଲେ ବଂଶୀଧର

ବାଲିକୁଦା, ୧୯।୨ (ତାପସ ସ୍ୱାଇଁ)

**କଟକ ବଡ଼ ଡାକ୍ତରଖାନାର ଟିବି ୱାର୍ଡରେ ଭର୍ତ୍ତି ହୋଇଛନ୍ତି**

୨୬ ବର୍ଷ ପରେ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ମହାରଣା ପଞ୍ଚାୟତର ତଳ କୁସୁମା ଗ୍ରାମର ବଂଶୀଧର ମହାନ୍ତି (୭୨) ଶନିବାର ଅସୁସ୍ଥ ଅବସ୍ଥାରେ ଗାଁରେ ପହଞ୍ଚିଛନ୍ତି। ପୁଅ ବିକାଶ ତାଙ୍କୁ ଏବେ କଟକ ବଡ଼ ଡାକ୍ତରଖାନର ଟିବି ୱାର୍ଡରେ ଚିକିତ୍ସା କରାଉଛନ୍ତି। ବଂଶୀଧର ୧୯୯୮ରେ ରୋଜଗାର ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କୁ ୩୬ ବର୍ଷ ହୋଇଥିବାବେଳେ ଗାଁର ଜଣେ ଲୋକଙ୍କ ସହାୟତାରେ ଘରେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ଛାଡି ରୋଜଗାର କରିବା ପାଇଁ ଗୁଜରାଟ ଯାଇଥିଲେ। କିନ୍ତୁ ସମ୍ପୃକ୍ତ ଲୋକ କିଛିଦିନ ପରେ ତାଙ୍କୁ ସେଠାରେ ଛାଡ଼ି ପଳାଇ ଆସିଥିଲେ। ପରବର୍ତ୍ତୀ ସମୟରେ ବଂଶୀଧର ଆଉ ଘର ସହ ଯୋଗାଯୋଗ କରିପାରି ନ ଥିଲେ। ଇତିମଧ୍ୟରେ ଗାଁରେ ତାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅଙ୍କ ବିବାହ ସରିଛି। ସ୍ତ୍ରୀର ଦୁଇ ବର୍ଷ ତଳେ



ଦେହାନ୍ତ ହୋଇଛି। ଅପରପକ୍ଷେ ବଂଶୀଧର ମୃତ ବୋଲି ଭାବି ପରିବାର ଲୋକେ ତାଙ୍କର ଶୁଦ୍ଧିକ୍ରିୟା ସମ୍ପନ୍ନ କରିଦେଇଥିଲେ। ମାତ୍ର ତାଙ୍କୁ ଜୀବିତ ଅବସ୍ଥାରେ ଦେଖି ସ୍ଥାନୀୟ ଅଞ୍ଚଳରେ ରୋଚକ ପରିସ୍ଥିତି ସୃଷ୍ଟି କରିଛି। ତାଙ୍କୁ ଦେଖିବା ପାଇଁ ସ୍ଥାନୀୟ ଲୋକମାନଙ୍କ ଭିଡ ଜମୁଛି। ପୁଅ କୋଲକାତାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ସତ୍ତ୍ୱେ ବାପାଙ୍କ ଖବର ଶୁଣି ଘରେ ପହଞ୍ଚିଛନ୍ତି। ତେବେ ବଂଶୀଧର କିନ୍ତୁ ଏହି ୨୬ ବର୍ଷ ଘଟଣା ବିଷୟରେ କିଛି କହିପାରୁନାହାନ୍ତି। କେବଳ ଏତିକି କହୁଛନ୍ତି, ମୁଁ ଦଲାଲ ହାବୁଡ଼ରେ ପଡ଼ିଥିଲି। ଗୋଟିଏ ସଂସ୍ଥାରେ ବନ୍ଦୀ ଭାବେ ଜୀବନ ବିତାଉଥିଲି। ମୋର ଶରୀର ଅସୁସ୍ଥ ହେବାରୁ ମୋତେ ସେମାନେ ଘରକୁ ପଠାଇ ଦେଇଛନ୍ତି।

# ଜୈବ ତରଳ ଅଣୁସାର ପ୍ରକଳ୍ପ ତିଆରି କଲେ ଛାତ୍ରୀ, ଶିକ୍ଷକ

ପାରାଦୀପ, ୧୯।୨ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ମଧୁବନସ୍ଥିତ ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀ ଓ ଶିକ୍ଷକ ରୋହିତ ମହାପାତ୍ର ସ୍ୱଳ୍ପ ଖର୍ଚ୍ଚରେ ଜୈବ ଅଣୁସାର ପ୍ରକଳ୍ପ ତିଆରି କରିଛନ୍ତି। ବିଦ୍ୟାଳୟ ପରିସରରୁ ବାହାରୁଥିବା ଅନାବନା ଘାସ, ପିଲାମାନେ ଖାଉଥିବା ବଳକା ଖାଦ୍ୟ ଓ ପରିବା ଚୋପାକୁ ବ୍ୟବହାର କରି ଏଭଳି ଜୈବ ଅଣୁସାର ଉତ୍ପାଦନ ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପକୁ ସୋମବାର ପାରାଦୀପ ପୌରପରିଷଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପରିବେଶବିତ୍‌ମାନେ ପହଞ୍ଚି ଦେଖିଛନ୍ତି। ଏହା ରାଜ୍ୟର ପ୍ରଥମ ବୋଲି ସେମାନେ କହିଛନ୍ତି।

ଜୈବ ଅଣୁସାର ତିଆରି କରିବାର ପ୍ରଣାଳୀ ସମ୍ପର୍କରେ ବିଜ୍ଞାନ ଶିକ୍ଷକ ରୋହିତ କୁହନ୍ତି, ଏକ ଅବ୍ୟବହୃତ ସିମେଣ୍ଟ ଟାଙ୍କି ମଧ୍ୟରେ ଏହା କରାଯାଇଛି। ଟାଙ୍କି ଭିତରପଟର ତଳ ଭାଗରେ ୬ ଇଞ୍ଚ ବଡ଼ ପଥର ମେଟାଲ (ଗୋଡି)ଦିଆଯାଇଛି। ତା'ଉପରେ ୫ ଇଞ୍ଚ ମୋଟେଇ ଗୋଡି ପକାଯାଇଛି। ଏହାପରେ ୫ ଇଞ୍ଚ ବହଳର ମୋଟା ବାଲି ପକାଯାଇଛି। ବାଲି ଉପରେ



ପୌରାଧକ୍ଷ ଏବଂ ଅନ୍ୟ ଅଧିକାରୀମାନେ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରୁଛନ୍ତି।

- ଜିଆ ମଳରୁ ତିଆରି ହୁଏ
- ୭ ବର୍ଷ ପରେ ମିଳିଲା ସଫଳତା

ଉଇ ମାଟି ପକାଯାଇ ସେଥିରେ ଜିଆ ଛଡାଯାଇଛି। ଏହା ଉପରେ ଅନାବନା ଘାସ, ବଳକା ଖାଦ୍ୟ, ପରିବା ଚୋପା ଆଦି ପକାଇ ଉପରେ ଝୋଟ ଅଖା ଘୋଡ଼େଇ ରଖି ଦିଆଯାଇଛି। ୧୫ ଦିନ ପରେ ଉକ୍ତ ଚୋପା କମ୍ପୋଷ୍ଟ ହୋଇପଡ଼ିଥାଏ। ଜିଆଗୁଡ଼ିକ ଏହାକୁ ଖାଇ ମଳତ୍ୟାଗ କରିବାପରେ ସେଥିରୁ ତରଳ ଅବସ୍ଥାରେ ଜୈବ ଅଣୁସାର ହୋଇ ବାହାରି ଥାଏ। ସେହି ଜୈବ ଅଣୁସାରକୁ ବୋତଲରେ ସଂଗ୍ରହ କରାଯାଏ। ତାହାକୁ ପାଣିରେ ମିଶାଇ ଯେକୌଣସି ଗଛ ପତ୍ରରେ ସିଞ୍ଚନ କଲେ ତାହା ତତ୍କାଳ ଷ୍ଟୋମାଟୋ ମାଧ୍ୟମରେ ଗଛକୁ ପୋଷକ ଯୋଗାଇ ଥାଏ। ପ୍ରତି ୧ ଲିଟର ତରଳ ସାରକୁ ୧୦ ଲିଟର ସାଧା ପାଣିରେ ମିଶା ଯିବ। ଏହାଦ୍ୱାରା ମାଟି,ପାଣି,ପବନ ପ୍ରଦୂଷିତ ହେବ ନାହିଁ। ଏଥିସହ ସୁସ୍ୱାଦୁ ଓ ସତେଜ ଫସଲ ଅମଳ ହେଉଛି। ମଶା ମାଛି ଓ ରୋଗ ସୃଷ୍ଟିକାରୀ ଅଣୁଜୀବ ମଧ୍ୟ ଫସଲରେ ହେବନାହିଁ। ୨୦ କେଜି ଖତରୁ ଯେତିକି ପୋଷକ ଫସଲ ପାଇଥାଏ ତାହା ୧ଲିଟର ତରଳ ଜୈବ ଅଣୁସାର ମଧ୍ୟରୁ ମିଳିଥାଏ। ଏହାକୁ ପ୍ରତି ଘରେ ଛୋଟ ହାଣ୍ଡି, ଦ୍ୱାରା କରାଯାଇ ପାରିବ। ଏଭଳି ଅଣୁସାର ପ୍ରକଳ୍ପକୁ ବିଦ୍ୟାଳୟର କେତେଜଣ ଛାତ୍ରୀ ନିଜ ଘରେ କରିଛନ୍ତି ବୋଲି ରୋହିତ କୁହନ୍ତି। ଏଭଳି ପ୍ରକଳ୍ପ କରିବା ପାଇଁ ୨୦୧୭ରୁ ଆମେ ପ୍ରୟାସ ଆରମ୍ଭ କରିଥିଲୁ। ଚଳିତବର୍ଷ ଏହା ସଫଳ ହୋଇଛି ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୂପ ବିଶ୍ୱାଳ କୁହନ୍ତି। ଏହାକୁ ଫସଲରେ ବ୍ୟବହାର ପ୍ରଣାଳୀ ଉପରେ ଛାତ୍ରୀ ପ୍ରିୟମ୍ବଦା କୁହନ୍ତି ଏହି ତରଳ ଅଣୁସାର ଦୁଇଥର ବ୍ୟବହାର ହେବ। ମଞ୍ଜି ବୁଣିବାର ୨୫ରୁ ୩୦ ଦିନ ମଧ୍ୟରେ ଏବଂ ଫଳ ଧରିବାର ୭ରୁ ୧୦ ଦିନ ଆଗରୁ ଗଛ ପତ୍ରରେ ସିଞ୍ଚନ କରାଯିବ।

ଉକ୍ତ ଜୈବ ଅଣୁସାର ଟାଙ୍କିକୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ଯନ୍ତ୍ରୀ ତଥା ବୈଜ୍ଞାନିକ ଅନ୍ୱେଷା ପଣ୍ଡା, ପରିବେଶବିତ୍ ଅମରେଶ ନରେଶ ସାମନ୍ତ, ପ୍ରଭାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଦେଖିଥିଲେ। ଏସମ୍ପର୍କରେ ନିର୍ବାହୀ ଅଧିକାରୀ ପଣ୍ଡା କୁହନ୍ତି, ଏହି ପ୍ରକଳ୍ପ ବିଷୟରେ ଆମେ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚାଇବୁ। ଆଗାମୀ ଦିନରେ ଏହାକୁ ସବୁ ଘରେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଦେବୁ।

## ଭାପୁରରେ ୧୩୧୨ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବେ

ଭାପୁର,୧୯।୨(ଭରତ କୁମାର ବେହେରା)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ମଙ୍ଗଳବାର ଅନୁଷ୍ଠିତ ହେବ। ଭାପୁର ବ୍ଲକରେ ୮ସେଣ୍ଟରରେ ୧୩୧୨ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ୮ଟି ସେଣ୍ଟରରୁ ଫତେଗଡ ହାଇସ୍କୁଲ ସେଣ୍ଟରରେ ୧୭୨ଜଣ ପରୀକ୍ଷାର୍ଥୀ, ଭାପୁର ବାଲୁଙ୍କେଶ୍ୱର ବିଦ୍ୟାପୀଠ ସେଣ୍ଟରରେ ୧୮୫, ଜାମୁସାହି ସେଣ୍ଟରରେ ୧୭୩, ଗୋଳାପୋଖରୀ ହାଇସ୍କୁଲରେ ୧୬୨, ପଦ୍ମାବତୀ ହାଇସ୍କୁଲ ସେଣ୍ଟରରେ ୨୦୮, କରବର ହାଇସ୍କୁଲ ସେଣ୍ଟରରେ ୧୬୪, ବାଇଗୁଣୀଆ ତନ୍ତୁବାୟ ସହଯୋଗ ହାଇସ୍କୁଲ ସେଣ୍ଟରରେ ୧୧୨ ଓ ବଳଦିଆନୂଆଗାଁ ସେଣ୍ଟରରେ ୧୩୬ ଜଣ ଛାତ୍ରୀଛାତ୍ରୀ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କଠାରୁ ସୂଚନା ମିଳିଛି। ଭାପୁର, ଫତେଗଡ, ଜାମୁସାହି, ପଦ୍ମାବତୀ, ଗୋଳାପୋଖରୀ ଓ କରବର ଏହି ୬ଟି ସେଣ୍ଟରକୁ ଫତେଗଡ଼ ନୋଡାଲ ସ୍କୁଲରୁ ପ୍ରଶ୍ନପତ୍ର ଓ ବାଇଗୁଣିଆ, ବଳଦିଆ ନୂଆଗାଁ ସେଣ୍ଟରକୁ ଖଣ୍ଡପଡ଼ା ରାମଚନ୍ଦ୍ର ବିଦ୍ୟାଳୟରୁ ପ୍ରଶ୍ନପତ୍ର ଆସିବ ବୋଲି ସୂଚନା ମିଳିଛି। ସମସ୍ତ ସେଣ୍ଟରରେ କପି ରୋକିବାକୁ ସିସି ଟିଭି କ୍ୟାମେରା ସହ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ପାଠ ପଢ଼ା ନ ଯାଇ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

ନୂଆଗାଁ,୧୯।୨ (ଧନେଶ୍ୱର ସାହୁ)

- ସମସ୍ୟା ଘେରରେ କାପ୍ତାପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
- ୩ ବଖରାରେ ୧୦ଟି ଶ୍ରେଣୀର ପିଲା
- ୬ ଜଣ ଶିକ୍ଷକ ୧୦ ଶ୍ରେଣୀର ୯୦ ପିଲାଙ୍କୁ ପଢ଼ାଉଛନ୍ତି

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତ କାପ୍ତାପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଟି ନାନା ସମସ୍ୟା ଦେଇ ଗତି କରୁଥିବା ଅଭିଯୋଗ ହେଉଛି। ଏପରି କାଲିଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ର ପାଠ ନ ପଢ଼ି ପରୀକ୍ଷା ଦେବାକୁ ଯିବା କଥା ଅଭିଭାବକମାନଙ୍କ ମନରେ ଚିନ୍ତା ବଢ଼ାଇ ଦେଇଛି।

ଛାତ୍ରୀଛାତ୍ରମାନେ ଦୂରକୁ ନ ଯାଇ କିଭଳି ଗାଁ ପାଖରେ ହାଇସ୍କୁଲ ଶିକ୍ଷା ପାଇପାରିବେ ସେଥିପାଇଁ ପ୍ରତି ପଞ୍ଚାୟତରେ ହାଇସ୍କୁଲ ଖୋଲିବାର ସରକାର ନିଷ୍ପତ୍ତି ନେଇଥିଲେ। ସେହିକ୍ରମରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତର କାପ୍ତାପଲ୍ଲୀ ୟୁଜିଏମଇ ସ୍କୁଲ ସହ ହାଇସ୍କୁଲକୁ ଯୋଡି ଦିଆଯାଇଥିଲା। କାପ୍ତାପଲି ସରକାରୀ ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟ ୨୦୨୨ ଜୁଲାଇରେ ପ୍ରତିଷ୍ଠା ହୋଇ ବିଧାୟକ ଓ ସ୍ଥାନୀୟ ନେତାମାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ୯ଜଣ ଛାତ୍ରୀଛାତ୍ର



କାପ୍ତାପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ।



ରୋଷେଇ ଘର ନ ଥିବାରୁ ବାହାରେ ରନ୍ଧା ଯାଉଛି।

ନବମ ଶ୍ରେଣୀରେ ନାମ ଲେଖାଇଥିଲେ। ସେହି ଛାତ୍ରୀଛାତ୍ର ଚଳିତବର୍ଷ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ପାଠପଢ଼ା ହୋଇ ନ ଥିବା କାରଣରୁ ସେହି ୯ଜଣ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ୨ଜଣ ପରୀକ୍ଷା ଦେବେ ନାହିଁ ଏବଂ ୭ ଜଣ ମାଟ୍ରିକ ପରୀକ୍ଷା ଦେବେ। ହାଇସ୍କୁଲ ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆ ନ ଯିବାରୁ ଅଭିଭାବକମାନେ ପିଲାମାନଙ୍କୁ ଫେରାଇ ନେବାକୁ ଚେତାବନୀ ଦେବାରେ ଗତ ଶିକ୍ଷାବର୍ଷରେ ଜଣେ ଆର୍ଟସ୍ ଶିକ୍ଷକଙ୍କୁ ଡେପୁଟେଶନରେ ଦେଇ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଭିଭାବକମାନଙ୍କ ମନକୁ ବୁଝାଇ ଦିଆଗଲା। ତେବେ ଇତି ମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଆଉ ଶିକ୍ଷକ ଦିଆଗଲାନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଇବା ପାଇଁ ନିୟୋଜିତ ଥିବା ୫ ଜଣ ପ୍ରାଥମିକ ଶିକ୍ଷକ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ଦାୟିତ୍ୱ ତୁଲାଉଛନ୍ତି। ତେବେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ପିଲାମାନେ ବିନା ଶିକ୍ଷକରେ କି ପାଠ ପଢ଼ି ପରୀକ୍ଷା ଦେବେ ତାହା ଅଭିଭାବକମାନଙ୍କ ମନରେ ଚିନ୍ତା ଘାରିଛି। ଉକ୍ତ ସ୍କୁଲରେ ୯୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ମଧ୍ୟ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର ନାହିଁ। ସେଠାରେ ରୋଷେୟା ଭାବେ ନିୟୋଜିତ ଥିବା ମଲି ପ୍ରଧାନ ଓ ସୁକୁମାରୀ ଜାନି କୁହନ୍ତି, ଆମେ ୯ ବର୍ଷ ହେଲା ଏମିତି ଖରାବର୍ଷାରେ ବାହାରେ ରୋଷେଇ କରି ପିଲାମାନଙ୍କୁ ଖାଇବାକୁ ଦେଉଛୁ। କେତେ କାହାରିକୁ ଗୁହାରୀ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଉକ୍ତ ସ୍କୁଲକୁ ୫-ଟିରେ ରୂପାନ୍ତରିକରଣ କରି ସ୍କୁଲ ଗୃହ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇଥିଲେ ମଧ୍ୟ ମନ୍ଥର ଗତିରେ ଗୃହ ନିର୍ମାଣରେ ଚାଲୁଛି। ଫଳରେ ମାତ୍ର ୩ ବଖରାରେ ୬ ଜଣ ଶିକ୍ଷକଙ୍କ ଦ୍ୱାରା ୧୦ଟି ଶ୍ରେଣୀର ପିଲା ପାଠ ପଢୁଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଇଓ ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ଆମେ ବହୁତ ଚେଷ୍ଟା କରିଛୁ ସମସ୍ୟା ସୁଧାରିବା ପାଇଁ, ତେବେ ଆମ ଦ୍ୱାରା ଯେତିକି ସମ୍ଭବ ସେତିକି କରିଛୁ ବୋଲି ସେ କହିଛନ୍ତି।

## ବଦଳିବ ନୟାଗଡ଼ ସହରର ୧୯ ରାସ୍ତା ରୂପରେଖ

ନୟାଗଡ,୧୯।୨(ଲୋକନାଥ ମିଶ୍ର)

- ରାସ୍ତା, ଡ୍ରେନ ପାଇଁ ୯ କୋଟି ୬୪ ଲକ୍ଷ ମଞ୍ଜୁର
- ପାଣି ପାଇପ ଯାଇଥିବା ସ୍ଥାନରେ ପଡିବ ପେଭର ବ୍ଲକ

ନୟାଗଡ଼ ନିର୍ବାଚନମଣ୍ଡଳୀ ନୟାଗଡ଼ ମ୍ୟୁନିସିପାଲିଟିର ୧୯ଟି ରାସ୍ତାର ରୂପରେଖ ବଦଳିବ। କଂକ୍ରିଟ ରାସ୍ତା ଓ ଡ୍ରେନ ପାଇଁ ନୟାଗଡ଼ ସହରର ୧୯ଟି ରାସ୍ତା ପାଇଁ ୯ କୋଟି ୬୪ ଲକ୍ଷ ୪୧ ହଜାର ଟଙ୍କା ମଞ୍ଜୁର ହୋଇଛି। ରାସ୍ତା କଡରେ ପାନୀୟ ଜଳ ପ୍ରକଳ୍ପ ପାଇଁ ପଡ଼ିଥିବା ପାଇପ ସ୍ଥାନରେ ପେଭର ବ୍ଲକ ପଡିବ। ତେବେ ଯେଉଁ ସ୍ଥାନରେ ରାସ୍ତା ମଝିରେ ପାଣି ପାଇପ ଯାଇଥିବ ସେଠାରେ ପେଭର ବ୍ଲକ ପଡ଼ି ପାରିବ ନାହିଁ। ସମ୍ପୃକ୍ତ ରାସ୍ତା କେବଳ କଂକ୍ରିଟ ହେବ। ପୂର୍ତ୍ତ ବିଭାଗୀୟ ରାସ୍ତାଠାରୁ ତାରିଣୀ ନଗର, ସୁର ନଗର, ମାର୍ଥା କଲୋନୀ, ସରସ୍ୱତୀ ବିହାର, ଏସ୍‌ପିଙ୍କ ସରକାରୀ ବାସଭବନ ଲେନଠାରୁ ବସନ୍ତ ବିହାର, ଶ୍ରୀକୃଷ୍ଣ ବିହାର, ଶାନ୍ତିଗୋପାଳ ନଗର, ଚିଦାନନ୍ଦ ବିହାର, ପ୍ରକୃତି ବିହାର, ରାଧାନାଥ କଲୋନୀ, ଭିଜିଲାନ୍ସ ଲେନ, ପୁରୁଣା ରାଜବାଟୀ, କେଉଟ ସାହି, ବ୍ରାହ୍ମଣ ସାହି, କୁଞ୍ଜ ବିହାରୀ ସାହି, କରଣ ସାହି, ଶୁଖୁଆ କନ୍ଦି, ତିଅରସାହି, ମଙ୍ଗଳା ସାହି ରାସ୍ତାର କାମ ଆର୍‌କେଏସ୍‌ଏସ୍ ସଂସ୍ଥା ନେଇଛି। ଯଦିଓ କାମ ଆରମ୍ଭ ହୋଇନି ତେବେ ଜାନୁଆରୀ ୩୧ରୁ କାମ ଆରମ୍ଭ ହୋଇସାରିଛି ବୋଲି ରିପୋର୍ଟ କହୁଛି। ତେବେ କାମ ୩୦।୧୦ ।୨୦୨୪ରେ ଶେଷ ହେବ। ଅନ୍ୟପକ୍ଷେ ସୋମବାର ଶିଳାନ୍ୟାସ କରାଯିବା ପରେ ୨୦ ତାରିଖରୁ ରାସ୍ତା ଓ ଡ୍ରେନ କାମ ଆରମ୍ଭ ହେବ ବୋଲି କୁହାଯାଇଛି। ଏ ଅବସରରେ ନୟାଗଡ଼ ସହରର ବଡ଼ମଠ ନିକଟରେ ଏକ ସଭା କରାଯାଇ ୧୯ଟି ରାସ୍ତା ପାଇଁ ଶିଳାନ୍ୟାସ କରାଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ସମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, କାଉନସିଲର ଉପସ୍ଥିତ ଥିଲେ।




ରାସ୍ତା ଶିଳାନ୍ୟାସ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

## ଆମ ପାଇଁ ବଡ଼, ଆମ ନୟାଗଡ଼ ଧ୍ୱନିରେ କମ୍ପିଲା ମଞ୍ଚ

ଓଡ଼ଗାଁ, ୧୯।୨ (ଆଦର୍ଶ କୁମାର ପଟ୍ଟନାୟକ)

### ଓଡ଼ଗାଁରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ନୟାଗଡ଼ ନିର୍ବାଚନମଣ୍ଡଳୀର ଓଡ଼ଗାଁ ବ୍ଲକ ଅଧୀନ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି। ଏହିକ୍ରମରେ ରାବେରା, ଭାଡିକିଳା, ସାକେରୀ ଓ କୋରପିଠା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ଆମ ପାଇଁ ବଡ଼ ଆମ ନୟାଗଡ଼ ଧ୍ୱନିରେ ମଞ୍ଚ କମ୍ପିଥିଲା। ସଚେତନତା ସଭାରେ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଗମନାଗମନ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ଅନୁଦାନରେ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଆଉ କେତେକ କାମ ଚାଲିଛି। ସେହିପରି ହାଇସ୍କୁଲ ଓ ଜିଲାର ସମସ୍ତ କଲେଜ ରୂପାନ୍ତରିକରଣର ମାନ୍ୟତା ମିଳିଛି। ସେହିପରି ପର୍ଯ୍ୟଟନ ମାନଚିତ୍ରରେ ବରକନ୍ୟା ଝରଣା, ଦୁତିକେଶ୍ୱର ମହାଦେବ ମନ୍ଦିର ଓ ଶ୍ରୀରଘୁନାଥ ମନ୍ଦିରର ୨୦ କୋଟି ଟଙ୍କା ଅନୁଦାନରେ ରୂପାନ୍ତରିକରଣ ସହ କଲ୍ୟାଣ ମଣ୍ଡପ ନିର୍ମାଣ ହେଉଛି। ଏହି ଅବସରରେ ବିଧାୟକ ସାହୁ ରାବେରା ଗାଁର ଜେସିବି ମେଶିନ ଦ୍ୱାରା ଗୋଟିଏ ଗୋଡ ହରାଇଥିବା ଭଗବାନ ସାମିଲଙ୍କୁ ଗୋଟିଏ ଚାରି ଚକିଆ ସ୍କୁଟି ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଏକ କଳା ଅଭିନୟର ସ୍ରଷ୍ଟା କଳାନିଧି ବାଞ୍ଛାନିଧି ଶତପଥୀଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ନିମନ୍ତେ କେନାଲ ଛକଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ସ୍ୱର୍ଗତ କଳାନିଧିଙ୍କ ନିଜସ୍ୱ ରଚିତ ଆତ୍ମ ଜୀବନି ପୁସ୍ତକକୁ ବିଧାୟକ ଉନ୍ମୋଚନ କରିଥିଲେ ସମସ୍ତ ୪ ପଞ୍ଚାୟତର ସଚେତନତା ସଭାରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁଙ୍କ ସହ ବିଜେଡି ବ୍ଲକ ସଭାପତି ସୂର୍ଯ୍ୟ ନାରାୟଣ ଚୌଧୁରୀ, ଜିଲା ବିଜେଡି ଉପସଭାପତି ନିତ୍ୟାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ରାବେରାରେ ସରପଞ୍ଚ କୃଷ୍ଣଚନ୍ଦ୍ର ସେନାପତି, ଭାଡିକିଳାରେ ସରପଞ୍ଚ ଗୀତାଞ୍ଜଳି ସାହୁ, ସାକରୀରେ ସରପଞ୍ଚ ପାୟଲ କୁମାରୀ ପ୍ରଧାନ ଓ କୋରପିଠାରେ ସରପଞ୍ଚ ପବିତ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଧାୟକ ଅରୁଣ କୁମାର ସାହୁ ଭିନ୍ନକ୍ଷମ ଭଗବାନ ସାମଲଙ୍କୁ ୪ ଚକିଆ ସ୍କୁଟି ପ୍ରଦାନ କରୁଛନ୍ତି।

## ପିକ୍‌ଅପ୍ ଭ୍ୟାନ ଓଲଟି, ୪ ଗୋରୁ ମୃତ

ଦଶପଲ୍ଲା,୧୯।୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା ଅଧୀନ ଯୋଗୀ ବନ୍ଧ ନିକଟରେ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଓଲଟି ୪ ଗୋରୁଙ୍କୁ ମୃତ ଘଟିଥିବା ବେଳେ ୬ ଗୋରୁ ଆହତ ହୋଇଛନ୍ତି। ରବିବାର ରାତିରେ ଓଡି ୦୫ବିଜେ ୦୮୩୦ ନମ୍ବର ପିକ୍ ଅପ୍ ଭ୍ୟାନରେ ଗୋରୁ ବୋଝେଇ ହୋଇ ଦଶପଲ୍ଲା ଗଣିଆ ରାସ୍ତାର ଗଣିଆ ପଟର ରାସ୍ତାରେ ବାହାରକୁ ଚାଲାଣ ହେଉଥିବା ବେଳେ ଯୋଗୀ ବନ୍ଧଠାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ୪ଟି ଗୋରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଭ୍ୟାନ ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ସ୍ଥାନୀୟ ଜନସାଧାରଣ ଏବଂ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ପ୍ରାଣୀଧନ ଚିକିତ୍ସକ ପହଞ୍ଚି ଆହତମାନଙ୍କୁ ଚିକିତ୍ସା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭ୍ୟାନକୁ ଜବତ କରିଥିଲା। ତେବେ ଘଟଣାସ୍ଥଳରୁ ୬ଟି ଗୋରୁଙ୍କୁ ନିକଟସ୍ଥ ଗୋଶାଳାରେ ଛଡ଼ା ଯାଇଥିବା ଆଇଆଇସି ମୁକେଶ କୁମାର ବେହେରା ସୂଚନା ଦେଇଛନ୍ତି।

## ଜୟ ଜଗନ୍ନାଥ କ୍ରିକେଟ୍ ଟିମ୍, ଶାଳଝରିଆ ବିଜୟୀ

ଶରଣକୁଳ,୧୯।୨(ଦୀପକ କର)

### ମା' ରତ୍ନମାଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଶରଣକୁଳ ନିକଟବର୍ତ୍ତୀ ପଞ୍ଚୁରିଡା ମାନପୁରସ୍ଥ ଲୋକ ନୋଡ଼ାଲ ବିଦ୍ୟାପୀଠରେ ମଧୁସୂଦନ ଯୁବକ ସଂଘ, ଖଳିପାଟଣା ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ମା' ରତ୍ନମାଳା କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ୪ର୍ଥ ଦିବସର ଖେଳରେ ଜୟ ଜଗନ୍ନାଥ କ୍ରିକେଟ ଟିମ, ଶାଳଝରିଆ ବନାମ ବିସିସି, ଲୋଧାଚୁଆ, ସୁନାଖଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ଟସ୍ ଜିତି ଶାଳଝରିଆ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ଓଭରରେ ୧୪୧ରନ ସଂଗ୍ରହ କରି ଅଲ ଆଉଟ ହୋଇଥିଲା। ଜବାବରେ ସୁନାଖଳା ଦଳ ନିର୍ଦ୍ଧାରୀତ ୧୫ ଓଭରରେ ୬ ଉଇକେଟ ହରାଇ ୧୧୫ରନ ସଂଗ୍ରହ କରିପାରିଥିଲା। ଫଳରେ ଶାଳଝରିଆ ଦଳ ୨୭ରନରେ ବିଜୟ ଲାଭ କରିଥିଲା। ଶାଳଝରିଆ ଦଳର ଜ୍ୟୋତି ୩୭ ରନ ସହ ଗୋଟିଏ ଉଇକେଟ ନେଇ ସର୍ବଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କାର ଗ୍ରହଣ କରିଥିଲେ। ଖେଳରେ ମୁଖ୍ୟ ଅତିଥି ଭାବେ ଶରଣକୁଳ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡା ଓ ସମ୍ମାନିତ ଅତିଥି ଭାବେ ଆଦର୍ଶ ସ୍କୁଲ ମାନପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା କବି ତିଳକ ଡ. ସୁରେଶ ଚନ୍ଦ୍ର ବରାଡ଼, ସାମାଜିକ କର୍ମୀ ପ୍ରଭାତ କୁମାର କର ଓ ପୂର୍ଣ୍ଣଚନ୍ଦ୍ର ଓତା ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆମ୍ପାୟର ଭାବେ ଆଲୋକ ପ୍ରଧାନ, ସୁବ୍ରତ କୁମାର କର ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ଖେଳ ନୟାଗଡ ବନାମ ରଙ୍ଗଣିପାଟଣା ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିମାନେ ଉଭୟ ଦଳର ଖେଳାଳିଙ୍କୁ ସ୍ୱାଗତ କରୁଛନ୍ତି।

## ୧୩୬ ଅଭିଯୋଗ ପଞ୍ଜୀକୃତ, ୧୪ ତତ୍କାଳ ସମାଧାନ



ପ୍ରଶାସନିକ ଅଧିକାରୀ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

ଓଡ଼ଗାଁ,୧୯।୨ (ଆଦର୍ଶ କୁମାର ପଟ୍ଟନାୟକ)

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୟାଗଡ଼ ଜିଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଏବଂ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା ଏବଂ ଡେପୁଟି କଲେକ୍ଟର ତପତି ରାଜଙ୍କ ଉପସ୍ଥିତିରେ ୧୩୬ ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୧୨୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨ଟି ସାମୂହିକ ଓ ୭ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ରହିଥିଲା। ଶିବିରରେ ୧୪ ଗୋଟି ସମସ୍ୟାର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ମାମଲାଗୁଡ଼ିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଅତିରିକ୍ତ ବିଡିଓ କବିତା କୁମାରୀ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, ଓଡ଼ଗାଁ ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ଜିଲାପାଳ ଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ, ଉଦ୍ୟାନ ବିଭାଗୀୟ ଉପନିର୍ଦ୍ଦେଶକ ଲଳିତ କୁମାର ପଣ୍ଡା, ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ ସହ ଜିଲାର ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ଶିବିରରେ ମୁଖ୍ୟମନ୍ତ୍ରୀ ସହାୟତା ଫଣ୍ଡ ସମ୍ପର୍କିତ ଅଧିକ ଅଭିଯୋଗ ରହିଥିଲା। ରାଶନ କାର୍ଡରେ ନୂତନ ନାମ ସଂଯୋଗ ନିମନ୍ତେ ଅନେକ ହିତାଧିକାରୀ ଅଭିଯୋଗ କରିଥିବାବେଳେ ପର୍ଯ୍ୟାୟକ୍ରମେ ଏହା କରାଯିବ ବୋଲି ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

## ବିକାଶ ପ୍ରକଳ୍ପ କାର୍ଯ୍ୟରେ ଐତିହ୍ୟକୁ ଅଣଦେଖା ଅଭିଯୋଗ

ଖଣ୍ଡପଡ଼ା,୧୯।୨ (ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବଜୀଉଙ୍କ ବିକାଶ ପ୍ରକଳ୍ପର କାର୍ଯ୍ୟ ସମ୍ପ୍ରତି ଚାଲୁ ରହିଛି। ଧୀର ମନ୍ଥର ଗତିରେ ଚାଲିଥିବା କାର୍ଯ୍ୟକୁ ଏବେ ତ୍ୱରାନ୍ୱିତ କରାଯାଉଛି। ତେବେ ଏହି ବିକାଶ ପ୍ରକଳ୍ପରେ ସାମିଲ ହୋଇଥିବା ଠାକୁରଙ୍କ ଚନ୍ଦନ ପୋଖରୀ ଓ ଦୟଣାଚୋରି ବଗିଚା ମଧ୍ୟରେ ଥିବା ପୋଖରୀ କାର୍ଯ୍ୟ ନେଇ ସାଧାରଣରେ ତଥା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୟଣାଚୋରି ବଗିଚାରେ ଥିବା ପୋଖରୀରେ ଠାକୁରଙ୍କ କାଳୀୟ ଦଳନ ନୀତି ଓ ଚମ୍ପକ ଦ୍ୱାଦଶୀ ତିଥିରେ ବିଭିନ୍ନ ନୀତି ସମ୍ପନ୍ନ ହୋଇଥାଏ। ମାତ୍ର ସମ୍ପୃକ୍ତ ପୋଖରୀର ପରିସୀମାକୁ ସଙ୍କୁଚିତ କରି ଯେଭଳି ଭାବେ ନିର୍ମାଣ କରାଯାଇଛି ତାହା ଠାକୁରଙ୍କ ନୀତିରେ ବିଶୃଙ୍ଖଳା ସୃଷ୍ଟି କରିବ ବୋଲି ସେବାୟତମାନଙ୍କଠାରୁ ଜଣାପଡିଛି।

ପୁରୀ ଶ୍ରୀମନ୍ଦିରର ପୂଜାନୀତି ସହ ସାମଞ୍ଜସ୍ୟ ରହିଥିବା ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ଅକ୍ଷୟ ତୃତୀୟାଠାରୁ ୨୧ଦିନ ବ୍ୟାପୀ ଠାକୁରଙ୍କ ଚନ୍ଦନ ଯାତ୍ରା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେହ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କ ସହ ଲକ୍ଷ୍ମୀ, ସରସ୍ୱତୀ, ଶିବ ପାର୍ବତୀ ପୃଥକ୍ ବିମାନରେ ଆରୁଢ ହୋଇ ଉକ୍ତ ଚନ୍ଦନ ପୋଖରୀକୁ ଚାପ ଖେଳିବା ନିମନ୍ତେ ବିଜେ ହୋଇଥାନ୍ତି। ଦୁଇଟି ବଡ ବଡ ଚାପ ଡଙ୍ଗାରେ ଠାକୁରଙ୍କ ଜଳକ୍ରୀଡା ନୀତି ସମ୍ପନ୍ନ ହୋଇଥାଏ। ପୂର୍ବରୁ ପରିତ୍ୟକ୍ତ ଓ ପ୍ରଦୂଷିତ ହୋଇପଡ଼ିଥିବା ଉକ୍ତ ପୋଖରୀର ନବୀକରଣ ଓ ପଙ୍କୋଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ କାର୍ଯ୍ୟର ଅନିୟମିତତା ସମ୍ପର୍କରେ ବିଭିନ୍ନ ମହଲରୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନାହାନ୍ତି। ବିଶେଷ କରି ପୋଖରୀର ଗଭୀରତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଖରୀର ଚତୁଃପାର୍ଶ୍ୱ ସିମେଣ୍ଟ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ପାଣି ଦିଆ ନ ଯାଇ ପ୍ଲାଷ୍ଟର କରାଯାଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ପୋଖରୀ ମଧ୍ୟରୁ ସମ୍ପୂର୍ଣ୍ଣ ପଙ୍କ ଉଠା ଯାଉନାହିଁ। ଉଠାଯାଇଥିବା ମାଟିକୁ ପୁଣି ପୋଖରୀ ମଧ୍ୟରେ ପକାଯାଇଥିବା ଅଭିଯୋଗ ହେଉଛି। ରବିବାର ଓବିସିସିର କର୍ତ୍ତୃପକ୍ଷ ଏହି ବିକାଶ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରି ଆସିଥିବା ବେଳେ ସ୍ଥାନୀୟ ଅଞ୍ଚଳର ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ପୋଖରୀ ମଧ୍ୟରେ ନିର୍ମାଣ ହୋଇଥିବା ମଣି ଖମ୍ବର କେତେକ ତ୍ରୁଟି ସମ୍ପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମଣି ଖମ୍ବର ପ୍ରାଚୀନତା ଓ ଐତିହ୍ୟକୁ ବଜାୟ ରଖିବା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ଏଥିପ୍ରତି ଗୁରୁତ୍ୱ ଦେଇ ସୋମବାର ମଣି ଖମ୍ବର ଆବଶ୍ୟକ କାର୍ଯ୍ୟ ସମ୍ପନ୍ନ କରାଯାଇଥିବା ପ୍ରକଳ୍ପ ଦାୟିତ୍ୱରେ ଥିବା ସାଇଟ ଇଞ୍ଜିନିୟର ସୌମ୍ୟ ରଞ୍ଜନ ମଲ୍ଲିକ କହିଛନ୍ତି। ଏଥିସହ ପୋଖରୀର ପଙ୍କ ଉଠାଯାଇ ସଫା କରାଯାଉଥିବା ବେଳେ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ପାଣି ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ବିକାଶ ପ୍ରକଳ୍ପ ଚାଲୁ ରହିଥିବା ବେଳେ ଅନେକ ପଦସ୍ଥ ସରକାରୀ ଅଧିକାରୀ ତଥା କର୍ମଚାରୀ ଓ ଯନ୍ତ୍ରୀ ପରିଦର୍ଶନରେ ଆସୁଥିଲେ ମଧ୍ୟ କମ ଗୁଡ଼ିକର ଠିକ୍ ସମୀକ୍ଷା ହେଉ ନ ଥିବା ଅଭିଯୋଗ ହେଉଛି। ସବୁ ଦିଗରୁ ବିଚାରକୁ ନେଇ ପଦସ୍ଥ ସଚିବ ଓ ଯନ୍ତ୍ରୀମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।





ପୋଖରୀ ମଧ୍ୟରେ ନିର୍ମାଣ ହୋଇଥିବା ମଣି ଖମ୍ବ। ଅଳ୍ପ ଗଭୀର ଖୋଳା ଯାଇଥିବା ପୋଖରୀରୁ ପଙ୍କ ଉଦ୍ଧାର କରାଯାଇନାହିଁ।




# ବିଶ୍ୱସ୍ତରୀୟ ହେବ ହରେକୃଷ୍ଣ ମହତାବ ଲାଇବ୍ରେରି

ଭୁବନେଶ୍ୱର, ୧୯।୨ (ଅନିଲ ଦାସ)

- ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ସବୁ ପୁସ୍ତକର ହେବ ଡିଜିଟାଇଜେଶନ
- ବାପୁଜୀନଗରଠାରେ ସନ୍ଥକବି ଭୀମଭୋଇ ପାଠାଗାର ଉଦ୍‌ଘାଟିତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱରସ୍ଥିତ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ବିଶ୍ୱସ୍ତରୀୟ ଲାଇବ୍ରେରିରେ ପରିଣତ କରିବାକୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ମିଳିତ ଆନୁକୂଲ୍ୟରେ ଗ୍ରନ୍ଥାଗାରକୁ ରୂପାନ୍ତରୀକରଣ କରିବା ପାଇଁ ରାଜ୍ୟ ସରକାର ଏହି ପ୍ରୟାସ ଆରମ୍ଭ କରିଛନ୍ତି। ଏଥିସହ ଭୁବନେଶ୍ୱରର ବାପୁଜୀନଗରଠାରେ ଅବସ୍ଥିତ ଇଣ୍ଟିଗ୍ରେଟେଡ୍ ପବ୍ଲିକ୍ ସର୍ଭିସ ସେଣ୍ଟର (ଆଇପିଏସ୍‌ସି)ରେ ସନ୍ଥକବି ଭୀମ ଭୋଇଙ୍କ ନାମରେ ଏକ ପାଠାଗାରକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହାଦ୍ୱାରା ରାଜ୍ୟରେ ଗ୍ରନ୍ଥାଗାର ଅଭିଯାନ ଆରମ୍ଭ ହେଲା। ରାଜ୍ୟର ସବୁ ସ୍ଥାନ ସହ ଭୁବନେଶ୍ୱରର ପ୍ରତ୍ୟେକ ଜୋନ୍‌ରେ ଗ୍ରନ୍ଥାଗାର ପ୍ରତିଷ୍ଠା କରାଯିବ।

ଓଡ଼ିଶାର ସାହିତ୍ୟିକ ଏବଂ ସାଂସ୍କୃତିକ ଐତିହ୍ୟ ପାଇଁ ଜଣାଶୁଣା ଏହି ଗ୍ରନ୍ଥାଗାରର ଉପଲବ୍ଧତା ଏବଂ ଯୁବଗୋଷ୍ଠୀକୁ ପୁସ୍ତକ ପଠନ ପାଇଁ ଅଧିକ ପ୍ରେରଣା ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ବ୍ୟାପକ ନବୀକରଣ ପ୍ରକଳ୍ପକୁ ହାତକୁ ନେଇଛନ୍ତି। ଅତ୍ୟାଧୁନିକ ଭିତ୍ତିଭୂମି ଜରିଆରେ ଏହି ଗ୍ରନ୍ଥାଗାରର ବିକାଶ କରି ଏହାକୁ ଅନ୍ତର୍ଜାତୀୟ ମାନଦଣ୍ଡରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଠାରେ ଏକ ଆହାର କେନ୍ଦ୍ର ଏବଂ ମିଶନ ଶକ୍ତି କାଫେ ମଧ୍ୟ ଖୋଲିବ। ଏପରି କି ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ନୂତନ ଭାବରେ ପରିକଳ୍ପନା କରାଯାଇଥିବା



ଏହି ଲାଇବ୍ରେରିରେ ଥିବା ସମସ୍ତ ପୁସ୍ତକର ଡିଜିଟାଇଜେଶନ୍ ପାଇଁ ମଧ୍ୟ ଯୋଜନା ରହିଛି। ଏହାଦ୍ୱାରା ଜଣେ ଯେକୌଣସି ସମୟରେ ନିଜ ମୋବାଇଲ ମାଧ୍ୟମରେ ଏଠାରେ ଥିବା ବହିଗୁଡ଼ିକୁ ପଢ଼ିପାରିବ। ଏଥିସହିତ ଦୈନିକ ପ୍ରାୟ ୫୦୦ ଛାତ୍ରୀଛାତ୍ର ଏକା ସାଙ୍ଗରେ ପୁସ୍ତକ ଅଧ୍ୟୟନ କରିବାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି।

ଏଥିସହିତ ଖଣି ନିଗମ ଦ୍ୱାରା ବାପୁଜୀନଗରଠାରେ ଥିବା ସନ୍ଥକବି ଭୀମ ଭୋଇ ପାଠାଗାରକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି। ପରିଦର୍ଶକଙ୍କ ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ସୁବିଧା ସହିତ ଏକ ଆହାର କେନ୍ଦ୍ର ନିର୍ମାଣ କରାଯାଇଛି। ଏହି ପାଠାଗାରରେ ଦୈନିକ ପ୍ରାୟ ୨୦୦ ଆସନର ବ୍ୟବସ୍ଥା ରହିଛି। ସେହିପରି ଭୁବନେଶ୍ୱର ମହାନଗର ନିଗମର ୬ଟି ଜୋନ୍‌ରେ ଅତ୍ୟାଧୁନିକ ପାଠାଗାର ଓ ପଠନ ଗୃହ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ପାଠାଗାରକୁ ନେଇ ଜନ ଆନ୍ଦୋଳନ ସୃଷ୍ଟି କରିବା ନିମନ୍ତେ ସରକାରଙ୍କ ଲକ୍ଷ୍ୟ ହାସଲ ହୋଇପାରିବ। ଅଧିକ ସଂଖ୍ୟାରେ ଜନସାଧାରଣ ବିଶେଷ କରି ଯୁବବର୍ଗ ଏବଂ ଛୋଟ ପିଲା ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ସମସ୍ତ ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ, ବିଭାଗୀୟ ଶାସନ ସଚିବ ସୁଜାତା କାର୍ତ୍ତିକେୟ ଓ ନିର୍ଦ୍ଦେଶକ ଦିଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭବିଷ୍ୟତ ପାଇଁ ଯୁବପିଢ଼ିକୁ ପ୍ରସ୍ତୁତ କରିବାକୁ ପଡ଼ିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୨ (ଅସମାପିକା ସାହୁ)




**ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ ଆରମ୍ଭ**

- ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ପ୍ରମୁଖ ସଂସ୍ଥା ସହିତ ଏମ୍‌ଓୟୁ ସ୍ୱାକ୍ଷର
- 'ସ୍କିଲ୍ଡ ଇନ୍ ଓଡ଼ିଶା' ଇଣ୍ଟର୍ନଶିପ୍, ନାନୋ ୟୁନିକର୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ

ବର୍ତ୍ତମାନ ସମୟରେ ପ୍ରଯୁକ୍ତିବିଦ୍ୟା ସହିତ ତାଳ ଦେଇ ଆମକୁ ଆମର ସାମାଜିକ ଓ ଅର୍ଥନୈତିକ ଧାରାକୁ ସମୃଦ୍ଧ କରିବାକୁ ହେବ। ଭବିଷ୍ୟତ ଲାଗି ଆମ ଯୁବପିଢ଼ିକୁ ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସରକାରଙ୍କ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଦୁଇଦିନିଆ 'ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ' ସୋମବାର ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଲେ, ଏହି ସମ୍ମିଳନୀ ଆମ ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ, ଦ୍ରୁତ ଅଭିବୃଦ୍ଧି, ଭବିଷ୍ୟତ ଲାଗି ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତି ଏବଂ ଯୁବପିଢ଼ିଙ୍କ ଲାଗି ନୂତନ ତଥା ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି ଦିଗରେ ବିଶେଷ ସହାୟକ ହେବ। ରୂପାନ୍ତରଣ ଆମ ପାଇଁ କେବଳ ଏକ ନୂଆ ବାଟ ନୁହେଁ, ଏହା ଏକ ଆବଶ୍ୟକତା। ପ୍ରମୁଖ ଶିଳ୍ପ ନେତୃତ୍ୱ ଏବଂ ବିଭିନ୍ନ ଅଂଶୀଦାରମାନେ ଏକାଠି ହୋଇ ଭବିଷ୍ୟତର ମାନବ ସମ୍ବଳ ଲାଗି ଅପାର ସମ୍ଭାବନା ତଥା ଓଡ଼ିଶା ପାଇଁ ଅସୀମ ସମୃଦ୍ଧି ସୃଷ୍ଟି ଲାଗି ରାସ୍ତା ପ୍ରସ୍ତୁତ କରିବା ଏଭଳି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ କହିଲେ, ଆଜି ସ୍କିଲ୍ଡ-ଇନ୍-ଓଡ଼ିଶା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ହୋଇଥିବାବେଳେ ଓଡ଼ିଶା ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର ଭାବେ ପରିଗଣିତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଶିଖର ସମ୍ମିଳନୀ ଦେଶ ବିଦେଶର ନିଯୁକ୍ତିଦାତା ଏବଂ ନିବେଶକଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ। ଏହି ଅବସରରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗକୁ ବ୍ୟାପକ କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ପ୍ରମୁଖ ସଂସ୍ଥା ସହିତ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ 'ସ୍କିଲ୍ଡ ଇନ୍ ଓଡ଼ିଶା' ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଏବଂ ନାନୋ ୟୁନିକର୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏବେ ବିଦେଶରେ ଓଡ଼ିଶାର ଯୁବପିଢ଼ିଙ୍କ ନିଯୁକ୍ତି ସୁଯୋଗ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଏବେ ଏକ ରିକ୍ରୁଟମେଣ୍ଟ ଏଜେନ୍ସି ଭାବେ କାମ କରିବ। ଏନେଇ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ।

ଉଦ୍‌ଘାଟନୀ ଦିବସର ବିଭିନ୍ନ ଅଧିବେଶନରେ ଓଡ଼ିଶାର ଅଭିବୃଦ୍ଧି, ଶିଳ୍ପ ସମ୍ଭାବନା ଏବଂ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ଆଦି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଦେଶ ବିଦେଶରୁ ଆସିଥିବା ବିଭିନ୍ନ ଶିଳ୍ପ କ୍ଷେତ୍ର, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ନିଯୁକ୍ତି ଓ ମାନବ ସମ୍ବଳ ବିକାଶ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ସେମାନଙ୍କ ସହ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ, ବିଶେଷକରି ଦକ୍ଷତା ବିକାଶ କ୍ଷେତ୍ର ସହ ଜଡ଼ିତ ପ୍ରଶାସକ ଓ ପ୍ରଶିକ୍ଷକମାନେ ଯୋଡ଼ି ହୋଇଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ଏବଂ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ରେଘୁ ଜି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ 'ଷ୍ଟ୍ରାଟେଜି ଆଣ୍ଡ୍ ଆକ୍ସନ ପ୍ଲାନ୍ ଫର୍ ଡିଜିଟାଲ ସ୍କିଲିଂ' ବିଷୟରେ ଏକ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ସେହିପରି 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

## ଭଡ଼ାଘରେ ଝୁଲିପଡ଼ି ଆଇଟିଆଇ ଛାତ୍ରଙ୍କ ଆତ୍ମହତ୍ୟା

କଟକ, ୧୯।୨ (କାର୍ତ୍ତିକ ସାହୁ)

କଟକ ଜିଲା ମଧୁପାଟଣା ଥାନା ନୟାଚୌକ ଅଞ୍ଚଳର ଏକ ଭଡ଼ାଘରୁ ଜଣେ ଛାତ୍ରଙ୍କ ମୃତଦେହକୁ ସୋମବାର ଅପରାହ୍ନରେ ପୋଲିସ ଜବତ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା କୋରୁଆ ଗ୍ରାମର ଅମରେନ୍ଦ୍ର ମୁଦୁଲିଙ୍କ ପୁତ୍ର ସନ୍ଦୀପ ମୁଦୁଲି(୧୮)। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ମୃତକଙ୍କ ଭାଇଙ୍କ ଏତଲାକ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୪) ରୁଜୁ ହୋଇଛି।

ସୂଚନା ଅନୁସାରେ, ସନ୍ଦୀପ କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇରେ ପଢୁଥିବାବେଳେ ନୟାଚୌକ ଅଞ୍ଚଳର ଏକ ଭଡ଼ାଘରେ ରହୁଥିଲେ। ତାଙ୍କ ସହ ଜଣେ ସାଙ୍ଗ ମଧ୍ୟ ରହୁଥିଲେ। ସାଙ୍ଗ ଜଣଙ୍କ ସକାଳୁ ନିତ୍ୟକର୍ମ ସାରିବା ପରେ ବାହାରକୁ ଚାଲିଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଉକ୍ତ ଭଡ଼ାଘରକୁ ଫେରିବା ପରେ କବାଟ ଭିତର ପଟୁ ବନ୍ଦ ଥିବା ଦେଖିଥିଲେ। କବାଟ ବାଡ଼େଇବା ସହ ସନ୍ଦୀପଙ୍କ ମୋବାଇଲକୁ ଫୋନ୍ କରିଥିଲେ। ହେଲେ ସନ୍ଦୀପ ଫୋନ୍ ଉଠାଇ ନ ଥିଲେ। ଏଥିରେ ସେ ବ୍ୟତିବ୍ୟସ୍ତ ହୋଇ ଝରକା ବାଟେ ଭିତରକୁ ଚାହିଁ ଦେଖିବାରୁ ସନ୍ଦୀପଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲେ। ସେ ଏନେଇ ସନ୍ଦୀପଙ୍କ ଘର ଲୋକଙ୍କୁ ଜଣାଇଥିଲେ। ମୃତକଙ୍କ ପରିବାର ଲୋକେ ଆସି ପହଞ୍ଚିବା ପରେ ପୋଲିସକୁ ଜଣାଇଥିଲେ। ପରେ ପୋଲିସ ଉପସ୍ଥିତିରେ ଘରର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ବାର୍ତ୍ତା



DSPL - 676

ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୪ ହାଇସ୍କୁଲ୍ ସାର୍ଟିଫିକେଟ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୨୦ ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍। ଏତଦ୍ ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ୫,୫୧,୬୧୧ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

କଟକ, ୧୯।୨ (କାର୍ତ୍ତିକ ସାହୁ)

ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ରହିଛି। ଏଥର ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ରାଜ୍ୟର ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳର ୨୨ଟି ଥାନାରେ ନୋଡାଲ କେନ୍ଦ୍ର କରାଯାଇଛି। ନୋଡାଲ କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟିଆ ସୁରକ୍ଷାବଳୟ ସମେତ ସିସିଟିଭି ନଜରରେ ରଖାଯାଇଛି। ପ୍ରଥମଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସର ଉପଯୋଗ କରି ସିଧାସଳଖ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମୁଖ୍ୟାଳୟରୁ କେତେକ କେନ୍ଦ୍ରରେ ପରୀକ୍ଷା ପରିଚାଳନାକୁ ନିୟନ୍ତ୍ରଣ କରାଯାଉଛି। ଅସାଧୁ ଉପାୟ ଅବଲମ୍ବନକୁ ରୋକିବା ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଲାଗୁ କରାଯାଇଛି। ବୋର୍ଡ ପକ୍ଷରୁ ୪୧ ସ୍କ୍ୱାଡ୍, ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୭୨ଟି ସ୍କ୍ୱାଡ୍ କରାଯାଇଛି। ଏହାବାଦ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଧିକାରୀମାନେ ମଧ୍ୟ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥା ତଦାରଖ କରିବେ। ରାଜ୍ୟର ୫୬ କେନ୍ଦ୍ରରେ ଆସନ୍ତା ମାର୍ଚ୍ଚ ୧୪ରୁ ଖାତା ଆରମ୍ଭ ହେବ। ୧୫ ଦିନ ମଧ୍ୟରେ ଖାତା ଦେଖା ସରିବ ବୋଲି ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି।

ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ପ୍ରବେଶ ଉପରେ ରୋକ ଲଗାଯାଇଥିବାବେଳେ ପରିଚାଳନା ବ୍ୟବସ୍ଥାକୁ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରାଯାଇଛି। ସକାଳ ୭ଟା ୩୦ ମିନିଟ୍‌ରେ ପରୀକ୍ଷା କେନ୍ଦ୍ରର ଫାଟକ ଖୋଲାଯାଇ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ ପରେ ଭିତରକୁ ପ୍ରବେଶ ଅନୁମତି ଦିଆଯିବ। ୮ଟା ୩୦ ମିନିଟ୍‌ରେ ପରୀକ୍ଷାର୍ଥୀମାନଙ୍କୁ ଓଏମ୍ଆର ସିଟ୍ ପ୍ରଦାନ କରାଯିବ। ୯ଟାରେ ପରୀକ୍ଷା ଆରମ୍ଭ ହେବ। ଚଳିତବର୍ଷ ମଧ୍ୟ ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ମୋବାଇଲ ସାଙ୍ଗରେ ନେଇ ପରୀକ୍ଷା ହଲକୁ ଯାଇପାରିବେ ନାହିଁ।

# ବିଶ୍ୱର ଆଶା, ଆକାଂକ୍ଷା ପୂରଣ କରିବେ ଆମ ଯୁବପିଢ଼ି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୯।୨ (ସୁନିତ୍ ମିଶ୍ର)



ଦିଲ୍ଲୀସ୍ଥିତ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ଷ୍ଟଡିଜ(ଭିପ୍ସ)ର ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଡିଗ୍ରୀଧାରୀ।

ବିଶ୍ୱର କଲ୍ୟାଣ ଓ ସମୃଦ୍ଧି ପାଇଁ ଆମର ଗଭୀର ସଭ୍ୟତାର ମୂଲ୍ୟବୋଧକୁ ଆମ ଯୁବପିଢ଼ି ଆଗକୁ ନେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଦିଲ୍ଲୀସ୍ଥିତ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ଷ୍ଟଡିଜ(ଭିପ୍ସ)ର ୨୪ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ସମାବର୍ତ୍ତନ ଛାତ୍ରୀଛାତ୍ରଙ୍କ ଜୀବନରେ ଏକ ନୂଆ ଯାତ୍ରାର ଆରମ୍ଭ। ଭିପ୍ସ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରୀଛାତ୍ର ବିଶେଷତଃ ଭାରତର ଯୁବବର୍ଗଙ୍କଠାରୁ ବିଶ୍ୱ ଅନେକ ଅପେକ୍ଷା ରଖିଛି। ଛାତ୍ରୀଛାତ୍ରମାନେ ବଡ଼ ସ୍ୱପ୍ନ ଦେଖିବେ, ବଡ଼ ଇଚ୍ଛା ରଖିବେ ଏବଂ ବଡ଼ ସଫଳତା ହାସଲ କରିବା ସହ ବିଶ୍ୱର ଆଶା ଓ ଆକାଂକ୍ଷାକୁ ପୂରଣ କରିବେ ବୋଲି ବିଶ୍ୱାସ ଅଛି। ଆମର ଅମୃତପିଢ଼ି ଅଧିକ ପ୍ରତିଭାବାନ୍। ସେମାନେ ସେମାନଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ନେଇ ବେଶ୍ ସଚେତନ। ଆଗାମୀ ଦିନରେ ଭାରତ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ଏହି ସମୟରେ ଭାରତ ଶିଳ୍ପ ବିପ୍ଳବ ୪.୦ର ନେତୃତ୍ୱ ନେବ। ଏହି ସମୟରେ ଆମ ଯୁବପିଢ଼ିଙ୍କ ଦାୟିତ୍ୱ ଅଧିକ। କେନ୍ଦ୍ର ସରକାର ସର୍ବଦା ଯୁବ ଆକାଂକ୍ଷାକୁ ସାକାର କରିବା, ଯୁବ ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ଉର୍ଜାକୁ ବିକଶିତ ଭାରତର ଲକ୍ଷ୍ୟ ହାସଲରେ ନିୟୋଜିତ କରିବାରେ ଏକ ସହାୟକ ଭାବେ କାର୍ଯ୍ୟ କରୁଛନ୍ତି। ଯୁବପିଢ଼ିଙ୍କ କାନ୍ଧରେ ଭାରତ ସମୃଦ୍ଧ ଓ ସମ୍ପନ୍ନ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ସମାବର୍ତ୍ତନ ସମାରୋହରେ ଯୋଗଦେବା ପାଇଁ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀର ଉଦ୍ୟୋଗ ଭବନରୁ ପିତମପୁରା ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବା ସହ କିଛି ଛାତ୍ରୀଛାତ୍ର ଓ ନାଗରିକଙ୍କ ସହ କଥା ହୋଇଛନ୍ତି। ମେଟ୍ରୋ ଯାତ୍ରାର ଅନୁଭୂତିକୁ ପ୍ରଶଂସା କରିବା ସହ ସେ କହିଛନ୍ତି, ସ୍ୱଚ୍ଛ ଓ ଆରାମଦାୟକ ଥିବା ଦିଲ୍ଲୀ ମେଟ୍ରୋ ଦିଲ୍ଲୀବାସୀଙ୍କ ଲାଇଫଲାଇନ୍ ଅଟେ। ଦ୍ରୁତ ଓ ସ୍ଥାୟୀ ସହରୀ ପରିବହନ ସୁବିଧା ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ସହରରେ ନାଗରିକଙ୍କ ଜୀବନଯାପନକୁ ସୁଗମ କରିଥିବା ସେ କହିଛନ୍ତି।

ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୨୦ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ରାଜ୍ୟ ମୁକ୍ତ ବିଦ୍ୟାଳୟ/ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି। ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ। ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି।

ସୁଦାମ ମାର୍ଣ୍ଡି

OIPR-27004/13/0073/2324

# ଖଣି, ଶିଳ୍ପାଞ୍ଚଳ ଏବେ ଅଶାନ୍ତ

## ଚାଲିଛି ଆନ୍ଦୋଳନ, ଅନଶନ ପ୍ରସ୍ତୁତି

ଯାଜପୁର,୧୯।୨(ହର୍ଷବର୍ଦ୍ଧନ ବେହେରା)



ଭୋକ ଉପାସରେ ପଡିରହିଛନ୍ତି ବିସ୍ଥାପିତଙ୍କ ପରିବାର ।

ଯାଜପୁର ଜିଲାର ସୁକିନ୍ଦା ଖଣି ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅନେକ କର୍ମଚାରୀ ଓ ଶ୍ରମିକ ଉପଯୁକ୍ତ ପାଉଣା ପାଉନାହାନ୍ତି। ପ୍ରାୟ ବର୍ଷେ ହେଲା ଶ୍ରମିକଙ୍କୁ ଖଣି କର୍ତ୍ତୃପକ୍ଷ ଦରମା ସମେତ ଇପିଏଫ୍ ଓ ବୋନସ ଦେଉ ନ ଥିବା ଅଭିଯୋଗ କରି ଆନ୍ଦୋଳନ କରାଯାଉଛି। ଏହାସହ ୨୫ ବର୍ଷ ପୂର୍ବରୁ ଯେଉଁ ପରିମାଣର ଦରମା ପାଉଥିଲେ ସେହି ଅନୁପାତର ପ୍ରାୟ ୫୦% କମ୍ ଦରମା ଏବେ ପାଉଥିବାରୁ ଖଣି କର୍ମଚାରୀ ଓ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ସେହିପରି ମୃତ ବିସ୍ଥାପିତଙ୍କ ଉତ୍ତରାଧିକାରୀମାନଙ୍କୁ ନିଯୁକ୍ତି ଦାବିରେ ମଧ୍ୟ ଆମରଣ ଅନଶନ ଲାଗି ରହିଛି। ଦୀର୍ଘବର୍ଷ ଧରି ଲୋକଙ୍କ ମଧ୍ୟରେ ରହିଥିବା କ୍ଷୋଭ ଓ ଆକ୍ରୋଶ ଯୋଗୁ ଏବେ ଖଣି ଓ ଶିଳ୍ପାଞ୍ଚଳ ଅଶାନ୍ତ ହେବାରେ ଲାଗିଛି।

ଖଣି ଓ ଶିଳ୍ପ ସହିତ ପରୋକ୍ଷ ଅବା ପ୍ରତ୍ୟକ୍ଷ ଭାବେ ଜଡିତ ସରକାରୀ ଅଫିସରମାନଙ୍କୁ କିପରି ସମ୍ଭାଳିବାକୁ ପଡ଼େ ତାହା ପୂର୍ବରୁ ସ୍ପଷ୍ଟ ହୋଇସାରିଛି। ଶିଳ୍ପ ଓ ଖଣି କର୍ତ୍ତୃପକ୍ଷ ସେମାନଙ୍କୁ ବିଭିନ୍ନ ପ୍ରକାର ଉପହାର ଦେଉଥିବା ବିଷୟକୁ ନେଇ ଚର୍ଚ୍ଚା କମ୍ ନୁହେଁ। ଏହି ପ୍ରକ୍ରିୟାରେ କେବଳ ସରକାରୀ ଅଧିକାରୀ ନୁହନ୍ତି, ଲୋକ ପ୍ରତିନିଧିମାନଙ୍କୁ ମଧ୍ୟ ସନ୍ତୁଷ୍ଟ କରିବାକୁ ଉପହାର ପ୍ରଥା ଚାଲିଥିବା କୁହାଯାଉଛି। ଏଥିଯୋଗୁ ଖଣି ଓ ଶିଳ୍ପ ସଂସ୍ଥାରେ ନିୟୋଜିତ ଶ୍ରମିକ କିମ୍ବା କର୍ମଚାରୀ ନିଜର ହକ୍ ପାଇଁ ଦାବି ତଥା ଆନ୍ଦୋଳନ କଲେ ତାହାକୁ ଭଣ୍ଡୁର କରିବାକୁ ଯଥାସାଧ୍ୟ ଉଦ୍ୟମ ହେଉଥିବା ଦେଖିବାକୁ ମିଳିଛି। ଏପରିକି ପ୍ରଶାସନ, ଖଣି ଓ ଶିଳ୍ପ କର୍ତ୍ତୃପକ୍ଷ ଏବଂ ଶ୍ରମିକ ପ୍ରତିନିଧିଙ୍କ ମଧ୍ୟରେ ବିବାଦର ସମାଧାନ କରିବାକୁ ଏକାଧିକ ବୈଠକ ହେଉଥିଲେ ତାହା ସଫଳ ହେଉ ନଥିବା ନଜିର ରହିଛି। ଗତ ନଭେମ୍ବରରେ ଇପିଏଫ୍, ବକେୟା ଦରମା ଓ ବୋନସ ମିଳି ନ ଥିବାରୁ ବାଲେଶ୍ୱର ଆଲଏଜ ଖଣିର ୨୪୮ ଜଣ ଠିକାଶ୍ରମିକ ଆନ୍ଦୋଳନ କରିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକମାନଙ୍କ ଦାବିଗୁଡ଼ିକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। କିନ୍ତୁ ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପାଳନ ନ କରିବାରୁ ଉକ୍ତ ଶ୍ରମିକମାନେ ବାଧ୍ୟ ହୋଇ ଦାଦନ ଖଟି ଯାଇଥିବା ସୂଚନା ମିଳିଛି। ଟାଟା କମ୍ପାନୀର ୩ ଖଣିରେ କାର୍ଯ୍ୟରତ ଡେକୋ ଠିକାସଂସ୍ଥା ୩ ମାସ ପୂର୍ବରୁ ପ୍ରାୟ ୧୦୦୦ ଶ୍ରମିକ ଓ କର୍ମଚାରୀମାନଙ୍କୁ କାର୍ଯ୍ୟ ବନ୍ଦ ନୋଟିସ ଦେଇଥିଲା। ତାହା ଆସନ୍ତା ମାର୍ଚ୍ଚ ୩୧ ଯାଏ ସମୟ ସୀମା ରହିଛି। ତେଣୁ ସମ୍ପୃକ୍ତ ଶ୍ରମିକ ଓ କର୍ମଚାରୀମାନଙ୍କ ମଧ୍ୟରେ କାର୍ଯ୍ୟ ବନ୍ଦ ନେଇ ଆଶଙ୍କା ପ୍ରକାଶ ପାଇଛି। ଯଦି କାମ ବନ୍ଦ ହୋଇଯାଏ,ତେବେ ସେମାନଙ୍କ ପରିବାରବର୍ଗ ଭିକାରି ହୋଇଯିବେ ବୋଲି ମତପ୍ରକାଶ ପାଇଛି। ଏନେଇ ସମ୍ପୃକ୍ତ ଶ୍ରମିକମାନଙ୍କ ମଧ୍ୟରେ ଅଶାନ୍ତି ଜୋର ଧରିଛି। ବର୍ତ୍ତମାନ ଟାଟା ଲଙ୍ଗ୍ ପ୍ରଡକ୍ଟ କାରଖାନା ସମ୍ମୁଖରେ ବିସ୍ଥାପିତଙ୍କ ଆମରଣ ଅନଶନ ସୋମବାର ୧୧ ଦିନରେ ପହଞ୍ଚିଛି। ଅନ୍ୟପକ୍ଷରେ ନୀଳାଚଳ କାରଖାନା ସ୍ଥାପନ ବେଳେ ଅନେକ ପରିବାର ବିସ୍ଥାପିତ ହୋଇଥିଲେ। ପରେ କେତେଜଣ ବିସ୍ଥାପିତ କାରଖାନାରେ ନିଯୁକ୍ତି ପାଇଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇସାରିଲାଣି। ହେଲେ ସେମାନଙ୍କ ପରିବାରର ଆଉ କାହାରିକୁ ନିଯୁକ୍ତି ମିଳିପାରିନାହିଁ। ଫଳରେ ବିସ୍ଥାପିତଙ୍କ ଉତ୍ତରାଧିକାରୀ ବେକାର ହୋଇ ବୁଲୁଛନ୍ତି। ପରିବାର ଚଳାଇବାକୁ ସେମାନଙ୍କ ନିକଟରେ ସାମର୍ଥ୍ୟ ନାହିଁ। ସେମାନଙ୍କ ମଧ୍ୟରୁ କେତେଜଣ ଆଇଟିଆଇ ପ୍ରଶିକ୍ଷଣ ନେଇଥିଲେ ବି ସେମାନଙ୍କୁ ନିଯୁକ୍ତି ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ରାଜ୍ୟ ବାହାରର ଠିକାସଂସ୍ଥାଗୁଡ଼ିକ ଜରିଆରେ ଅଣଓଡ଼ିଆ ବୈଷୟିକ ଡିଗ୍ରୀଧାରୀମାନଙ୍କୁ ନିଯୁକ୍ତି ମିଳୁଛି। କିନ୍ତୁ ବିସ୍ଥାପିତଙ୍କ ପରିବାରବର୍ଗଙ୍କୁ ନିଯୁକ୍ତି ନ ମିଳିଥିବାରୁ ଅଶାନ୍ତି ଜୋର ଧରିଛି। ଏହାବାଦ ଠିକାସଂସ୍ଥା କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ନିର୍ଦ୍ଧାରିତ ଦରମା ଦେଉନାହାନ୍ତି। ସମାନ ଡିଗ୍ରୀଧାରୀଙ୍କ ମଧ୍ୟରେ ଦରମା ଦେବାରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଏହିକ୍ରମରେ ରତ୍ନଗର୍ଭା ସୁକିନ୍ଦା ଓ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଶ୍ରମିକ ଶୋଷଣର ଭୂସ୍ୱର୍ଗ ବୋଲି ଏବେ ଅଭିହିତ କରାଯାଉଛି। ଶିଳ୍ପ ଓ ଖଣି ସଂସ୍ଥାର ମାଲିକମାନେ ପୋଲିସ ପ୍ରଶାସନକୁ କଳେବଳେ କୌଶଳେ ନିଜ ଅଧୀନରେ ରଖି ଶ୍ରମିକମାନଙ୍କ ଝାଳବୁହା ପରିଶ୍ରମର ମଜୁରି ମଧ୍ୟ ଦେବାରେ କୁଣ୍ଠାପ୍ରକାଶ କରୁଛନ୍ତି। ଏଥିରେ କେତେଜଣ ନିର୍ବାଚିତ ଲୋକ ପ୍ରତିନିଧି ପରୋକ୍ଷରେ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି।

# ନରମ ହାତରେ ତିଆରି ହେଉଛି ଘରକରଣା ସାମଗ୍ରୀ

## ବାପାଙ୍କ କମାରଶାଳରେ ୨ ଭଉଣୀ

ମହାକାଳପଡ଼ା,୧୯।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଜଗରିଜୋର ସାପ୍ତାହିକ ହାଟରେ ବାପାଙ୍କ କମାରଶାଳରେ କାର୍ଯ୍ୟରତ ୨ ଭଉଣୀ।

ପଢ଼ିବି ବଢ଼ିବି ଶ୍ରେଷ୍ଠ ହେବି, ଭବିଷ୍ୟତର ଅସୁମାରୀ ସୁନେଲି ସ୍ୱପ୍ନକୁ ମନ ଭିତରେ ଜାବୁଡ଼ି ଧରି ଭାଗ୍ୟ ଓ ଭବିଷ୍ୟତର ସ୍ୱପ୍ନ ଦେଖୁଛନ୍ତି ବାପାର କମାରଶାଳରେ ୨ ଭଉଣୀ। ଦୃଢ଼ ଇଚ୍ଛା ଶକ୍ତି, କଠିନ ପରିଶ୍ରମ ଆଗରେ ସତେ ଯେମିତି ବୟସ ହାର ମାନୁଛି। ଦାରିଦ୍ର୍ୟ କଷାଘାତ ମଧ୍ୟରେ ଥାଇ ମଧ୍ୟ ପାଠପଢ଼ାକୁ ପଛରେ ପକାଇନାହାନ୍ତି ୨ ଭଉଣୀ। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପଞ୍ଚମ ସୁନିତିଗ୍ରାମରେ। ଏହିଗ୍ରାମର ତପନ ସାହୁ (୫୦)। ଗାଁ ପାଖ ଜଗରିଜୋର ସାପ୍ତାହିକ ହାଟରେ ଏକ କମାରଶାଳ କରି ନିଜର ଅଭାବ ପରିବାରର ପ୍ରତିପୋଷଣ କରିଥାନ୍ତି। ଏହି ଶାଳରୁ ଯାହା ଦୁଇପଇସା ରୋଜଗାର ହୁଏ ସେଥିରେ କଷ୍ଟେ ମଷ୍ଟେ ୪ ଝିଅଙ୍କ ପାଠ ପଢ଼ାଇବା ସହ ପରିବାର, ଭଲମନ୍ଦ ବୁଝନ୍ତି। ନିଜର ଜମି ବାଡି ଗୁଣ୍ଠେ ନ ଥିବାରୁ ଏହି କମାରଶାଳ ହିଁ ଭରସା। ଶାଳରୁ ରୋଜଗାର କରି ବଡ଼ ଝିଅକୁ ବିବାହ କରିଛନ୍ତି। ଏବେ ୨ ଝିଅ କବିତା ଓ ପ୍ରିୟଙ୍କା ଶାଳ କାମରେ ସାହାଯ୍ୟ କରୁଛନ୍ତି। କବିତା ସ୍ଥାନୀୟ ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରୀ। ପ୍ରିୟଙ୍କା ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ସପ୍ତାହରେ ୨ ଦିନ ହାଟ ବାରିରେ ବାପାକୁ କମାରଶାଳରେ ୨ ଭଉଣୀ ସହାୟତା କରନ୍ତି। ବୟସ ଛୋଟ ହେଲେ ମଧ୍ୟ ଏମାନେ ଶାଳର ରଡ ନିଆଁ ପାଖରେ ବସି ଘର କରଣା ଜିନିଷ ପ୍ରସ୍ତୁତ କରିଥାନ୍ତି। ପନିକି, ଦା, ଶାବଳ, କୋଦାଳ ଓ ଅନ୍ୟ ଲୁହାରେ ନିର୍ମିତ ଘରକରଣା ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ସେଥିରୁ ଯାହା ରୋଜଗାର ହୁଏ ପରିବାର ଚଳିବା ସହ ନିଜର ପାଠ ପଢାରେ ଖର୍ଚ୍ଚରେ ଲାଗିଥାଏ ବୋଲି କବିତା କହିଛନ୍ତି। କବିତାଙ୍କ କହିବା କଥା ଅଭାବୀ ପରିବାରରେ ପାଠ ପଢିବା ସହ ବାପାଙ୍କୁ ସପ୍ତାହରେ ୨ ଦିନ ସହାୟତା କରିଥାଉ। ପାଠ ପଢ଼ିବା ପାଇଁ ଘରର ଆର୍ଥିକ ଅଭାବ ଅନାଟନ କେବେ ବାଧା ଉପୁଜି ନାହିଁ। ଇଚ୍ଛା ଥିଲେ ମଧ୍ୟ ଭଲ ପୋଷାକ ପତ୍ର, ସାଧାରଣ ଜ୍ଞାନବିଜ୍ଞାନ ବହିପତ୍ର କିଣିବା ପାଇଁ ପାଖରେ ପଇସା ଅଭାବ ରହିଛି। ତଥାପି ପାଠ ପଢି ସମାଜରେ ଭଲ ମଣିଷ ହେବା ପାଇଁ ଦୃଢ଼ ଇଚ୍ଛା ଅଛି ବୋଲି ୨ ଭଉଣୀ କହିଛନ୍ତି। ବାପା ତପନ କହିଛନ୍ତି, ଦୁଇ ଝିଅ ୨ଟି ସୁନା ମୁଣ୍ଡା ପରି। କମ୍ ବୟସରେ ସେମାନଙ୍କ ନରମ ହାତରେ ଲୁହାରୁ ନିର୍ମାଣ କରନ୍ତି ଭଳିକି ଭଳି ଘରକରଣା ସାମଗ୍ରୀ। ଯଦି ସରକାରଙ୍କ ପକ୍ଷରୁ ବିଶ୍ୱକର୍ମା ଯୋଜନାରେ ଆର୍ଥିକ ସହାୟତା ମିଳେ, ୨ ଝିଅଙ୍କ ପାଠ ପଢିବା ଦାୟିତ୍ୱ ସରକାରୀ ଓ ବେସରକାରୀ ଅନୁଷ୍ଠାନ ନୟନ୍ତି ଦେବେ ଦୁଃଖ ଦୂର ହୁଅନ୍ତା। ସାମାଜିକ କର୍ମୀ ସୁବାସ ସ୍ୱାଇଁ କହିଛନ୍ତି, ସରକାରଙ୍କ ଜନ କଲ୍ୟାଣମୂଳକ ଯୋଜନା ତପନଙ୍କ ପାଖରେ ସ୍ଥାନୀୟ ପ୍ରଶାସନଙ୍କ ଅବହେଳା ପାଇଁ ପହଞ୍ଚି ପାରୁନାହିଁ। ତୁରନ୍ତ ଏହି ଅଭାବୀ ପରିବାରକୁ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ଦାବି କରିଛନ୍ତି।

# ଅଂଶୁମାନଙ୍କୁ ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ରାଜନଗର,୧୯।୨(ଭାସ୍କର ରାଉତରାୟ)

- ଧ୍ରୁବଙ୍କୁ ଜବାବ ମାଗିଲେ ବିଜେଡି କର୍ମୀ
- ମୁଖ୍ୟମନ୍ତ୍ରୀଙ୍କ ଅନୁଗାମୀ, ଶୃଙ୍ଖଳିତ କର୍ମୀ ଭାବେ କାମ କର

ବିଜେଡି କର୍ମୀଙ୍କ ବିନା ପରାମର୍ଶରେ ଓ ସେମାନଙ୍କୁ ନ ଜଣାଇ ଭୁବନେଶ୍ୱରରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ କିପରି ବିଜେଡିରେ ସାମିଲ କରାଗଲା। ଆମକୁ ନ ଜଣାଇ ଆପଣ କିପରି ସେଠାରେ ଉପସ୍ଥିତ ରହିଲେ। ରାଜନଗର ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ଡାକରାରେ ଡାଙ୍ଗମାଳସ୍ଥିତ ମା’ ଜୟଦୁର୍ଗାଙ୍କ କଲ୍ୟାଣ ମଣ୍ଡପରେ ସୋମବାର ସନ୍ଧ୍ୟାରେ ଆୟୋଜିତ ବୈଠକରେ ବିଜେଡି କର୍ମୀମାନେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ଏମିତି ଜବାବ ମାଗିଛନ୍ତି । ଦୀର୍ଘବର୍ଷ ଧରି ଯାହା ବିରୋଧ ଲଢ଼ି ଆସୁଥିଲୁ ଓ ଯେଉଁମାନେ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ କୁଶ ପୁତୁଳିକା ଦାହ କରୁଥିଲେ ଆମେ ସେମାନଙ୍କୁ କିପରି ଗ୍ରହଣ କରିବୁ ବୋଲି କର୍ମୀମାନେ ପ୍ରଶ୍ନ କରିଥିଲେ। ବିଜେଡିର ବୈଠକକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଇଥିଲେ ହେଁ କର୍ମୀମାନେ ଅଂଶୁମାନଙ୍କ ମିଶ୍ରଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜେଡିରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ ଅଂଶୁମାନ ସମସ୍ତଙ୍କୁ ସମ୍ବୋଧନ କରୁଥିବା ବେଳେ ଆମ ବିଧାୟକଙ୍କ ନାମ ଉଚ୍ଚାରଣ ନ କରିବା ଦୃଶ୍ୟ ଟିଭି ପରଦାରେ ଓଡ଼ିଶାବାସୀ ଦେଖିଛନ୍ତି। ଏହା ଆମକୁ ବ୍ୟଥିତ କରିଛି, ଆମେ ସେମାନଙ୍କୁ ଗ୍ରହଣ କରିବପାରିବୁ ନାହିଁ। ୩୨ ନଂ. ଜୋନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ବାରିକ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ବ୍ଲକ ବିଜେଡି ଉପସଭାପତି ରମେଶ ଚନ୍ଦ୍ର ବେହେରା, ଗୋବର୍ଦ୍ଧନ ପ୍ରଧାନ, ଅରୁଣ କୁମାର ସାହୁ, ବିଜୟ କୁମାର ନାୟକ, ଯୁବ ବିଜେଡି ସଭାପତି ଆତ୍ମବନ୍ଧୁ ମହାନ୍ତି, ସାଧାରଣ ସମ୍ପାଦକ ନରହର ଜେନା, ଜିଲା ପରିଷଦ ସଭ୍ୟା ଖୁକୁମୀନା କୁଅଁର, ସରପଞ୍ଚ ଅଶୋକ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ମୁକ୍ତି କୁମାର ପାତ୍ର, ସମିତି ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ପଞ୍ଚାୟତ ସଭାପତି ଶୁକଦେବ ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ଏହି ମିଶ୍ରଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବିଧାୟକ ଧ୍ରୁବ ସାହୁ କହିଥିଲେ, ଆମେ ନବୀନ ପଟ୍ଟନାୟକଙ୍କ ଅନୁଗାମୀ, ତାଙ୍କ ନିର୍ଦ୍ଦେଶ ଓ ଆଦେଶରେ ଅନୁପ୍ରାଣିତ। ଏକ ହୋଇ କାମ କରିବାକୁ ପଡ଼ିବ। ବିଜେଡିର ଶୃଙ୍ଖଳିତ କର୍ମୀ ଭାବେ ଦଳର ଅତିଥିମାନଙ୍କୁ ସ୍ୱାଗତ କରିଛି। ମୋ ନାମ କିଏ ଉଚ୍ଚାରଣ କଲା, ନ କଲା ସେଥିପାଇଁ ଧ୍ୟାନ ଦେଇନାହିଁ। ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବାକୁ କହିଥିଲେ। ବୈଠକରେ ରାଜନଗର ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, କର୍ମୀମାନେ ଯୋଗଦେଇ ନିଜର ମତ ଜୁଦ୍ଧବାର ବୈଠକରେ ଧ୍ରୁବଙ୍କୁ ଜବାବ ମାଗିଛନ୍ତି।

## ସେଲ୍ଫି କର'ର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବପ୍ରସାଦ



@ ଆଶିଷ



@ ପ୍ରଦୀପ



@ ରମାକାନ୍ତ




@ ସ୍ୱାଧୀନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କବିଙ୍କ ଅନବଦ୍ୟ ରଚନା ବିରଳ,ଅତୁଳନୀୟ

## ଜନ୍ମପୀଠରେ ବିଦଗ୍ଧ କବିଙ୍କ ଜୟନ୍ତୀ ପାଳିତ

ବରୀ,୧୯।୨(ମହେନ୍ଦ୍ର ସ୍ୱାଇଁ)



ଜୟନ୍ତୀ ଉତ୍ସବରେ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରୁଛନ୍ତି ।

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ କବିଙ୍କ ଜନ୍ମ ସାଧନା ଓ ସମାଧି ପୀଠ ଅଭିମନ୍ୟୁ ବାଲିଆରେ ୩ଦିନ ଧରି କବିଙ୍କ ଜୟନ୍ତୀ ମଣ୍ଡପରେ ମହାସମାରୋହରେ ପାଳିତ ହୋଇ ଯାଇଛି । ପ୍ରଥମ ଦିନ ୧୬ ତାରିଖ ସନ୍ଧ୍ୟାରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ଅଭିମନ୍ୟୁ ସାହିତ୍ୟ ପରିଷଦର ସଭାପତି ପ୍ରାଧ୍ୟାପକ ମଳୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ବିଦଗ୍ଧ କବିଙ୍କ ସାହିତ୍ୟଙ୍କୁ ତୁଳନାତ୍ମକ ଭଙ୍ଗୀରେ ବିଷଦ ବାଖ୍ୟା କରିଥିଲେ । ତେବେ ଜୀବନର ମାତ୍ର ୪୭ ବର୍ଷ ବୟସରେ କବି ଇହଧାମ ତ୍ୟାଗ କରିଥିଲେ ବି ସ୍ୱଳ୍ପ ଜୀବନ କାଳ ମଧ୍ୟରେ କବିଙ୍କ ଅନବଦ୍ୟ ରଚନା ବିରଳ ଓ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ତଥା ସାହିତ୍ୟିକା ସଂଯୁକ୍ତା ମହାପାତ୍ର ଯୋଗଦାନ କରିଥିବା ବେଳେ ସମ୍ମାନୀତ ବକ୍ତା ଅଧ୍ୟାପକ ପ୍ରମୋଦ କୁମାର ଦାସ ଯୋଗଦେଇ କବିଙ୍କ ସାରସ୍ୱତ ସୃଷ୍ଟିକୁ ବିଷଦ ବାବେ ବାଖ୍ୟା କରିଥିଲେ । କବିଙ୍କ ଜୀବନର ପ୍ରେରଣାଦାତ୍ରୀ କରମଙ୍ଗାଗଛ ଏବେ ବି ବାଲିଆ ଉଆସରେ ବିଦ୍ୟମାନ। ଯେଉଁ ଗଛ ମୂଳରେ କବି ତାଙ୍କ ଜୀବନର ପ୍ରଥମ କବିତା , କରମଙ୍ଗା ଗଛ ଛାଇଗୋ ମୋର ହୁଁ ଗୋ , କରମ ଯାହାର ସଫଳ ହୋଇବ କୃଷ୍ଣଙ୍କୁ ଲଭିବ ସେହିଗୋ ରଚନା କରି ଆଜି ଜାତି ସ୍ମର ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ। ଦ୍ୱିତୀୟ ଦିବସରେ ଅଭିମନ୍ୟୁ ସାହିତ୍ୟ ପରିଷଦ ଦ୍ୱାରା କବିଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରାଧ୍ୟାପକ ମଳୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ.ନଟବର ଶତପଥୀ ଯୋଗଦାନ କରି କବିଙ୍କ ବିଦଗ୍ଧ ଚିନ୍ତାମଣିର ପଂକ୍ତିକୁ ଉପେନ୍ଦ୍ର ଭଞ୍ଜୀୟ ପ୍ରଭାବ ଓ ଭଞ୍ଜଙ୍କୁ ଅତିକ୍ରମଣ ଧାରାକୁ ବିଷଦ ଭାବେ ବାଖ୍ୟା କରିଥିଲେ । ପ୍ରଫେସର ଡ.ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତାଭାବେ ଯୋଗଦାନ କରି କବିଙ୍କ ସାରସ୍ୱତ ସୃଷ୍ଟିରେ ମାନବୀୟ ଜୀବନ ଦର୍ଶନ ଉପରେ ବାଖ୍ୟା କରିଥିଲେ । ବିଦଗ୍ଧ ବିହାର ସଂସ୍କୃତ ବିଦ୍ୟାଳୟ ତରଫରୁ ମୁଖ୍ୟ ପଣ୍ଡିତ ଜଗବନ୍ଧୁ ସାମଲ ତାଙ୍କର ବକ୍ତବ୍ୟ ରଖିଥିଲେ । ପରିଷଦର କାର୍ଯ୍ୟକାରୀ ସଭାପତି ଅଧ୍ୟକ୍ଷ ସୁଧିର କୁମାର ରାଉତ ନିଜର ଅଭିଭାଷଣରେ କବିଙ୍କ ବାଲ୍ୟ ଜୀବନ ଓ ଜନ୍ମ ସଂକ୍ରାନ୍ତରେ ବିଷଦ ବର୍ଣ୍ଣନା କରିଥିଲେ । ଅଧ୍ୟାପକ ରବିନ୍ଦ୍ର କୁମାର ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ , ସାହିତ୍ୟ ପରିଷଦର ସମ୍ପାଦିକା ବିଶ୍ୱ ବନ୍ଦିତା ଦାସ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳ: ବୃଦ୍ଧି ପାଉଛି ମଶା ଉପଦ୍ରବ

## ନିରାକରଣ ଦିଗରେ ନିଆଯାଉନି ପଦକ୍ଷେପ

ପଟ୍ଟାମୁଣ୍ଡାଇ,୧୯।୨ (କଳ୍ପତରୁ ନାୟକ)



ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇଛି ଯଜ୍ଞ ପଡ଼ିଆ ।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ମଶାବଂଶ ବୃଦ୍ଧି ଚିନ୍ତାର କାରଣ ହୋଇପଡ଼ିଥିବା ବେଳେ ଏମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ପୌର କର୍ତ୍ତୃପକ୍ଷ ପରିମଳ ବ୍ୟବସ୍ଥା ପ୍ରତି ଯଥେଷ୍ଟ ଧ୍ୟାନ ଦେଉ ନ ଥିବାରୁ ମଶା ସହରବାସୀଙ୍କୁ ଅଥୟ କରିଦେଲେଣି। ଏହାର ନିରାକରଣ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସଚେତନତା ନେଇ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏବେ ସହରରେ ଯଜ୍ଞ ଆରମ୍ଭ ହେଉଥିବା ବେଳେ ବର୍ଜ୍ୟବସ୍ତୁ ସବୁ ପଡ଼ି ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ପ୍ରତିକ୍ରିୟା ପ୍ରକାଶ ପାଉଛି।

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନ ବିଭିନ୍ନ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥାଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ କରାଯାଉ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମଶାଙ୍କ ଉପଦ୍ରବରେ ସହରବାସୀ ଅତିଷ୍ଠ କରି ପକାଇଲାଣି। ଏ ନେଇ ଅଭିଯୋଗକଲେ କେବଳ ପ୍ରତିଶ୍ରୁତି ମିଳୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ସହରରେ ଦୋକାନୀଙ୍କ ବର୍ଜ୍ୟବସ୍ତୁ ପଡି ରହିବା ଫଳରେ ଜଳ ନିଷ୍କାସନରେ ବାଧକ ସାଜି ଜମି ରହୁଛି। ଅଧିକାଂଶ ସ୍ଥାନରେ ପାଇପ ଜଳ ଓ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଢେଉ ଭାଙ୍ଗୁଛି। ଦୀର୍ଘଦିନ ଧରି ପାଣି ନିଷ୍କାସନ ନ ହୋଇ ଜମି ରହିବାରୁ ମଶା, ମାଛି ସହ ବିଭିନ୍ନ ଜୀବାଣୁଙ୍କ ଉତ୍ପତି ସ୍ଥଳ ପାଲଟିଛି। ଏମାନଙ୍କ ବଂଶ ବୃଦ୍ଧି ରୋକିବାରେ ପୌର ପରିଷଦ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବିଭିନ୍ନ ରୋଗ ବ୍ୟାପିବାରେ ଲାଗିଛି। ପଟ୍ଟାମୁଣ୍ଡାଇ ସହରରେ ଥିବା ନାଳ ନର୍ଦ୍ଦମାକୁ ଠିକ୍ ଭାବେ ସଫେଇ କରାଯାଉ ନାହିଁ। ଏପରି କି ସେଥିରେ ମଶା ତେଲ ସିଞ୍ଚନ ହେଉନାହିଁ। ପୌରପାଳିକାର ସମସ୍ତ ୱାର୍ଡରେ ନିୟମିତ ଭାବେ ମଶା ଧୂଆଁ ଗାଡ଼ି ବୁଲାଯାଉନାହିଁ। ସହରର ଅନେକ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇଥିଲେ ବି ତାହାକୁ ସଫା କରାଯାଉ ନାହିଁ। ତେଣୁ ଆଗାମୀଦିନରେ ସହରରେ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବାର ସମ୍ଭାବନା ରହିଛି। ବର୍ତ୍ତମାନ ପଟ୍ଟାମୁଣ୍ଡାଇର ଗଣପର୍ବ ଯଜ୍ଞ ଆରମ୍ଭ ହେଉଥିବାରୁ ବହୁ ଜନସମାଗମ ହେବ। ଏହିସବୁ ସମସ୍ୟାର ଯଥାଶୀଘ୍ର ସମାଧାନ କରି ମଶା ନିରାକରଣ କରା ନ ଗଲେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଜିଲା କଂଗ୍ରେସ ଓବିସି ସେଲ୍ ସଭାପତି ମଳୟ ଦାସ, ଯୁବନେତା ସତ୍ୟପ୍ରିୟ ସାମଲ, କାଉନସିଲର ସମ୍ରାଟ ଜେନା, ଦଳିତ ସେଲ୍ ସଭାପତି ସର୍ବେଶ୍ୱର ସେଠୀ, ତପନ ପାତ୍ର ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ପୌର ପରିଷଦ ପକ୍ଷରୁ ଡ୍ରେନ୍‌ଗୁଡ଼ିକ ସଫା କରାଯାଉଛି। ମାତ୍ର ଠିକ୍ ଢଙ୍ଗରେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରିମଳ ବିଭାଗକୁ କହିବେ ବୋଲି କହିଛନ୍ତି।

# ଜିଲା ସଦର ମହକୁମାର ୨୧ ନଂ. ରାଜ୍ୟ ରାଜପଥ ଖାଲଖମା





ସୂଚନା ଫଳକରେ କାମର ଆରମ୍ଭ ଓ ଶେଷ ତାରିଖ ନାହିଁ କି କାମରେ ବ୍ୟବହାର ସାମଗ୍ରୀର ପରିମାଣ ଲେଖାଯାଇନାହିଁ। ନିର୍ମାଣ ହୋଇଥିବା ରାସ୍ତାରୁ ପିଚୁ ଉଠି ଯିବାରୁ ଦୁର୍ଘଟଣା ବଢୁଛି।

ନୟାଗଡ଼,୧୯।୨(ଲୋକନାଥ ମିଶ୍ର)

ନୟାଗଡ଼-ଭଞ୍ଜନଗର ୨୧ ନଂ. ରାଜ୍ୟ ରାଜପଥର ନୟାଗଡ଼ ଜିଲା ସଦର ମହକୁମା ରାସ୍ତା ଖାଲଖମା ହୋଇ ଦୁର୍ଘଟଣା ଘଟୁଛି। ଗତ ୮ ମାସ ମଧ୍ୟରେ ୬୭ ଦୁର୍ଘଟଣା ଘଟି ୧୨୧ଆହତ ହୋଇ ସାରିଲେଣି। ଠିକାଦାରଙ୍କ ମନମାନି ଯୋଗୁ ରାଜ୍ୟ ରାଜପଥ ହୋଇ ବି ୧୩ ମାସ ହେଲା କାମ ଶେଷ ହୋଇପାରୁନି ବୋଲି ଅଭିଯୋଗ ହୋଇଆସୁଛି। ଅନ୍ୟପକ୍ଷେ ପିଚୁ ଉପରେ ପିଚୁ କରିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଥିଲା। ଏପଟେ କାମ ଶେଷ ହେଉ ନ ଥିବାବେଳେ ସେପଟେ ରାସ୍ତା ନଷ୍ଟ ହେବା ଆରମ୍ଭ କଲାଣି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାକୁ ଭଲ ଭାବେ ଅନୁଧ୍ୟାନ କଲେ ରାସ୍ତା ନଷ୍ଟ ହେବାର ନଜୀର ଦେଖିବାକୁ ମିଳିବ।

ନୟାଗଡ-ଭଞ୍ଜନଗର ୨୧ ନଂ. ରାଜ୍ୟ ରାଜପଥ ନୟାଗଡ଼ ଟ୍ରାଫିକ୍ ଛକର ଲେମ୍ବୁ ଛକରୁ ବାହାରିଛି। ଲେମ୍ବୁ ଛକରୁ କୋଏନା ଢ଼ାବା ପର୍ଯ୍ୟନ୍ତ ପ୍ରାୟ ୨କିମି ରାସ୍ତା ପାଇଁ ୨ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୨୦୨୩ ଜାନୁଆରୀରେ ରାସ୍ତାର ଭୂମିପୂଜା କରାଯାଇଥିବାବେଳେ ମେ ମାସରେ ରାସ୍ତାର ପିଚୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ରାସ୍ତା କାମ ଆରମ୍ଭର ୯ ମାସ ୧୫ ଦିନରୁ ଅଧିକ ବିତି ଯାଇଥିବାବେଳେ କାମ ଶେଷ ନ ହୋଇପାରିବା ଠିକାଦାର ଓ ପୂର୍ତ୍ତ ବିଭାଗର ପ୍ରତିଶ୍ରୁତିକୁ ପଦାରେ ପକାଇଛି। ଲେମ୍ବୁ ଛକରୁ କୋଏନା ଢ଼ାବା ପର୍ଯ୍ୟନ୍ତ ପ୍ରାୟ ୨କିମି ରାସ୍ତାର ଲେମ୍ବୁ ଛକର ପ୍ରାୟ ୭୦୦ ମିଟର ଭେଙ୍କେଟଶ୍ୱର ସ୍କୁଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଛି। ଭେଙ୍କେଟେଶ୍ୱର ସ୍କୁଲଠାରୁ ସତ୍ୟମ କମ୍ପ୍ୟୁଟର ପର୍ଯ୍ୟନ୍ତ ପ୍ରାୟ ୧୦୦ ମିଟର ରାସ୍ତା ଆଦୌ ନିର୍ମାଣ ହୋଇନି। ସମ୍ପୃକ୍ତ ୧୦୦ ମିଟରରେ ପ୍ରାୟ ୧ ହଜାର

**ଠିକାଦାର ରାସ୍ତା ନିର୍ମାଣ କରୁ ନ ଥିବାରୁ ବଢୁଛି ଦୁର୍ଘଟଣା**

- ୮ମାସରେ ୬୭ ଦୁର୍ଘଟଣା, ୧୨୧ ଆହତ
- ୧୩ ମାସରେ ବି ୨ କିମି ରାସ୍ତା ହେଲାନି ସମ୍ପୂର୍ଣ୍ଣ
- କାମ ଶେଷ ନହେଉଣୁ ରାସ୍ତା ନଷ୍ଟ ଆରମ୍ଭ ହେଲାଣି
- ପିଚୁ ଉପରେ ପିଚୁ, ସ୍ଥାୟିତ୍ୱ ନେଇ ଉଠିଲା ପ୍ରଶ୍ନ

ଖାଲଖମା ହୋଇଛି। ରାସ୍ତାର ଅବସ୍ଥା ଏତେ ଖରାପ ହୋଇ ଯେ, ଯାନବାହାନ ଚାଳକ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ସତ୍ୟମ କମ୍ପ୍ୟୁଟରଠାରୁ ନୟାଗଡ଼ କଲେଜ ଉଠାଣି ଓ ଗଡାଣି ରାସ୍ତା, ନୟାଗଡ଼ ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ଆହୁରି କଦର୍ଯ୍ୟ ହୋଇଛି। ଏହି ରାସ୍ତା ମଧ୍ୟ ନିର୍ମାଣ ହୋଇନି। ଉଠାଣି ଗଡାଣି ରାସ୍ତା ମରଣଯନ୍ତା ପାଲଟି ଥିଲେ ମଧ୍ୟ ଏହାକୁ ମରାମତି କରାଯାଉନି। ଅନ୍ୟପକ୍ଷେ ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିକଟବର୍ତ୍ତୀ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖଠାରୁ କୋଏନା ଢ଼ାବା ପର୍ଯ୍ୟନ୍ତ ପ୍ରାୟ ୧ କିମି ରାସ୍ତା ନିର୍ମାଣ ହୋଇଛି। ତେବେ ଏହି ୧ କିମି ରାସ୍ତାରେ ଛୋଟ ଛୋଟ ଖାଲଖମା ଆରମ୍ଭ ହେଲାଣି। ମୋଟାମୋଟି ଭାବେ ୨ କିମି ରାସ୍ତାରୁ ୩୦୦ ମିଟର ରାସ୍ତା ଆଦୌ ତିଆରି ହୋଇନି। ପୁଣି ନୂଆ ରାସ୍ତା ୧୭୦୦ ମିଟରରୁ ସତକାର ଲଜ ସମ୍ମୁଖରେ କିଛି ଅଂଶ ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଛି।

## କାମର ଆରମ୍ଭ,ଶେଷର ନାହିଁ ସୂଚନା ଫଳକ

ଲେମ୍ବୁ ଛକଠାରୁ କୋଏନା ଢ଼ାବା ପର୍ଯ୍ୟନ୍ତ ରାସ୍ତା ପାଇଁ ସୂଚନା ଫଳକ ନାହିଁ। ଠିକାଦାର ସୂଚନା ଫଳକ ନ ଲଗାଇ କାମ କରିଥିବାରୁ ରାସ୍ତା କାମ କେବେ ଆରମ୍ଭ ହେଲା, କେବେ ଶେଷ ହେଲା ଜାଣି ହେଉନାହିଁ। ପୁଣି କେବେଠାରୁ ରାସ୍ତାର ମରାମତି କାମ ସମୟ ସୀମା ଆରମ୍ଭ ହେଲା ତାହା ଜାଣି ହେଉନି। ରାସ୍ତା ପାଇଁ ଲାଗିଥିବା ଏକ ଫଳକରେ କେବଳ ନୟାଗଡଠାରୁ କୋଏନା ଢ଼ାବା ପର୍ଯ୍ୟନ୍ତ ୨କୋଟି୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଦର୍ଶାଯାଇଛି।

## ୧୦ ଦିନ ଭିତରେ ଆରମ୍ଭ ହେବ କାମ

ନୟାଗଡ଼ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସଞ୍ଜିବ କୁମାର ବେହେରାଙ୍କୁ ପଚାରିବାରେ ଲେମ୍ବୁ ଛକଠାରୁ କୋଏନା ଢ଼ାବା ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ସମସ୍ୟା ଥିବାରୁ ରାସ୍ତା ପୂର୍ଣ୍ଣାଙ୍ଗ ହୋଇ ପାରି ନ ଥିଲା। ତେବେ ଏବେ ୧୦ ଦିନ ଭିତରେ କାମ କରାଯାଇ ରାସ୍ତାକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ କହିଛନ୍ତି, ପିଚୁ ଉପରେ ପିଚୁ କରିବାରୁ ରାସ୍ତାର ସ୍ଥାୟିତ୍ୱ ରହିଲାନି। ଯାହାର ନଜୀର ରାସ୍ତାର ରୂପ ଦେଖିଲେ ତାହା ଅନୁମେୟ। ଅନ୍ୟପକ୍ଷେ ରାସ୍ତା ନିର୍ମାଣ ନ ହେବାରୁ ଦୁର୍ଘଟଣା ବଢୁଛି। ଧୂଳି ଉଡିବା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ସାଧାରଣରେ ଆଲୋଚନା ହେଉଛି ଫଲସ ବିଲ ପାଇଁ ଏପରି କରାଯାଇଛି। ଏଭଳିସ୍ଥଳେ ରାସ୍ତା ୧୦ ଦିନ ଭିତରେ ଆରମ୍ଭ ହେଉଛି କି ନାଁ ତାହା ଦେଖିବାର ରହିଲା। ନ ହେଲେ ଆମେ ରାସ୍ତା ପାଇଁ ଆନ୍ଦୋଳନ କରିବୁ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦେବପ୍ରସାଦ


@ ଆଶିଷ


@ ପ୍ରଦୀପ


@ ରମାକାନ୍ତ



@ ସ୍ୱାଧୀନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡପଡ଼ା ନୋଡାଲ ସେଣ୍ଟର : ୧୧ କେନ୍ଦ୍ରରେ ୧୬୪୪ ମାଟ୍ରିକ ପରୀକ୍ଷାର୍ଥୀ

ଖଣ୍ଡପଡା,୧୯।୨
(ଅଜୟ କୁମାର ମହାରଣା)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଣ୍ଡପଡ଼ା ରାମଚନ୍ଦ୍ର ହାଇସ୍କୁଲ ନୋଡାଲ ସେଣ୍ଟରର ୧୧ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୬୪୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥି ମଧ୍ୟରେ ଖଣ୍ଡପଡ଼ା ବ୍ଲକ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୨୧୩, କୋସକା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ୧୧୬, ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ନଟବରପୁର ଶାସନରେ ୧୪୧, ଗୋକୁଳାନନ୍ଦ ଜୀଉ ବିଦ୍ୟାପୀଠ ସିଧାମୂଳାରେ ୧୫୭, କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ କଣ୍ଟିଲୋରେ ୧୪୫, ନୀଳମାଧବ ନୋଡାଲ ବିଦ୍ୟାପୀଠ କଣ୍ଟିଲୋରେ ୧୬୧, ଶିଖରପୁର ନୋଡାଲ ହାଇସ୍କୁଲରେ ୧୬୫, ବନମାଳୀପୁର ହାଇସ୍କୁଲରେ ୧୬୯ ଓ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟରେ ୧୨୯ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେବେ।

ସେହିପରି ଖଣ୍ଡପଡ଼ା ନୋଡାଲ ସେଣ୍ଟର ଅଧୀନରେ ଥିବା ଭାପୁର ବ୍ଲକର ୨ଟି ହାଇସ୍କୁଲ ବଳଦିଆ ନୂଆଗାଁ ହାଇସ୍କୁଲରେ ୧୩୬ ଓ ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୧୨ ଜଣ ଏପରି ସମୁଦାୟ ୧୬୪୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ନୋଡାଲ ସେଣ୍ଟର ଇନଚାର୍ଯ୍ୟ ତଥା ଆରସି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କଠାରୁ ପ୍ରକାଶ। ପରୀକ୍ଷାର୍ଥୀ ମାନେ ସକାଳ ୭ଟା ୩୦ରେ ପରୀକ୍ଷା ହଲରେ ପ୍ରବେଶ କରିବେ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ରେ ଶେଷ ହେବ। କେବଳ ଗଣିତ ପରୀକ୍ଷା ସକାଳ ୯ଟାରେ ଆରମ୍ଭ ହୋଇ ୧୧.୪୫ରେ ସରିବ। ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ କରାଯିବା ନିମନ୍ତେ ଜିଲ୍ଲା ସ୍ତରରେ ଓ ବୋର୍ଡ ପକ୍ଷରୁ ସ୍କାଡ୍ ଗଠନ କରାଯାଇଛି। ନୋଡାଲ କେନ୍ଦ୍ରରୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ ବୋଲି ଜଣାପଡିଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସି ଟିଭି ଲଗା ଯାଇଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଖଣ୍ଡପଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କଠାରୁ ପ୍ରକାଶ।

# ବୋଲଗଡ଼କୁ ହରାଇଲା ନୟାଗଡ଼



ଅତିଥିମାନେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଅବିନାଶ ମଳିକଙ୍କୁ ପୁରସ୍କୃତ କରୁଛନ୍ତି।

ଖଣ୍ଡପଡ଼ା,୧୯।୨(ଅଜୟ କୁମାର ମହାରଣା)

**ଜିଲାସ୍ତରୀୟ ପଠାଣି ସାମନ୍ତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଖଣ୍ଡପଡ଼ା ମଧୁବନ ଷ୍ଟାଡିୟମ୍ ପରିସରରେ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ପଠାଣି ସାମନ୍ତ କପ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ନୟାଗଡ଼ ଫୁଟ୍‌ବଲ କ୍ଲବ ସହ ଫ୍ରେଣ୍ଡସ କ୍ଲବ ବୋଲଗଡ ଟିମ୍‌ର ମୁକାବିଲା ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ନ ଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧ ୨୦ ମିନିଟ୍‌ରେ ନୟାଗଡ଼ ଟିମ ଗୋଟିଏ ଗୋଲ ସ୍କୋର କରି ବିଜୟୀ ହେବା ସହ ଟୁର୍ନାମେଂଟର ପ୍ରଥମ ସେମି ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଅବିନାଶ ମଲ୍ଲିକ ଗୋଲ ସ୍କୋର କରି ଆଜିର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଛନ୍ତି। ଖେଳରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିଭୂ ଭୂଷଣ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ସମ୍ମାନିତ ଅତିଥି ଭାବେ ଶିଶୁକବି କାଶନାଥ ଦାସ, ଖଣ୍ଡପଡ଼ା ଆଞ୍ଚଳିକ ସମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର ଓ ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ରେଫରୀ ଭାବେ ଜଗନ୍ନାଥ ପରିଡା, ଲାଇନ୍ସରେ ସୁବାସ ଚନ୍ଦ୍ର ବେହେରା, ସତ୍ୟନାରାୟଣ ମହାନ୍ତ ଏବଂ ୪ର୍ଥ ରେଫରୀ ଭାବେ ତପନ ସାହୁ ଖେଳକୁ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ ଓ ସହଯୋଗୀ ସୁକାନ୍ତ କୁମାର ମହାରଣା, ତୋଫାନ ଗୁରୁ, ସତ୍ୟପ୍ରିୟ ଦାସ, ଅନୁପ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ। ମଙ୍ଗଳବାର ଇଟାମାଟି ଫୁଟବଲ କ୍ଲବ ସହ ବାଇଗୁଣିଆ ଫୁଟବଲ କ୍ଲବର ମୁକାବିଲା ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ।

# ଭାଗବତ ପାରାୟଣ ମହାଯଜ୍ଞ ଆରମ୍ଭ

ଖଣ୍ଡପଡ଼ା,୧୯।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ପାରାୟଣ ମହାଯଜ୍ଞ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ହୋମଯଜ୍ଞ, କଳସ ଶୋଭାଯାତ୍ରା ସହ ଭାଗବତ ପଠନ, ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭ଦିନ ଧରି ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରେ ଉଦ୍‌ଯାପିତ ହେବ ବୋଲି ମନ୍ଦିର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି।

# ଇମେଜ ଇଲେଭେନକୁ ହରାଇଲା ଷ୍ଟାର ୱାରିୟର୍ସ

ନୂଆଗାଁ,୧୯।୨ (ଧନେଶ୍ୱର ସାହୁ)

**ପାଟୁଳିସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

ନୟାଗଡ ଜିଲା ନୂଆଗାଁ ବ୍ଲକ ମହିପୁର ପଞ୍ଚାୟତ ପାଟୁଳିସାହି କ୍ଲବ ସମ୍ମୁଖ ପଡ଼ିଆରେ ପାଟୁଳିସାହି କ୍ଲବ ଦ୍ୱାରା ଆୟୋଜିତ ପାଟୁଳିସାହି ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଷ୍ଟାର ୱାରିୟର୍ସ ସହ ଇମେଜ୍ ଇଲେଭେନ ମଧ୍ୟରେ ଖେଳ ହୋଇଥିଲା। ଇମେଜ ଇଲେଭେନ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଷ୍ଟାର୍ ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ବିନିମୟରେ ୬୭ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରତିପକ୍ଷ ଇମେଜ ଇଲେଭେନ ୯ ଓଭର ୨ଟି ବଲରେ ସମସ୍ତ ଉଇକେଟ ହରାଇ ୫୧ରନ ସଂଗ୍ରହ କରି ଷ୍ଟାର ୱାରୟର୍ସଠାରୁ ପରାସ୍ତ ହୋଇଥିଲା। ଉଦ୍‌ଘାଟନୀ ଦିବସ ମ୍ୟାଚ୍‌ରେ ପାଟୁଳିସାହି ସଭାପତି ଯୁଧିଷ୍ଠିର ସାହୁ, ପୂର୍ବତନ ସମିତି ସଭ୍ୟ ସୁଦାମ ଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ଅରୁଣ କୁମାର ସାହୁ, ବରିଷ୍ଠ ନାଗରିକ ଦୟାନିଧି ସାହୁ, ପିଣ୍ଟୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟୁଟୁ ସାହୁ ଓ ଅମ୍ବରିସ୍ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ।



ଖେଳାଳିଙ୍କ ଗହଣରେ ଅତିଥି ବୃନ୍ଦ।

# ତହସିଲ ଅଫିସ ଆଗରେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଧାରଣା

ନୂଆଗାଁ, ୧୯।୨ (ଧନେଶ୍ୱର ସାହୁ)

ନୂଆଗାଁ ତହସିଲ ଅଫିସ୍ ଆଗରେ କାର୍ଯ୍ୟରତ ରାଜସ୍ୱ କ୍ଷେତ୍ର ଅଧିକାରୀ (ଆରଆଇ ସୁପରଭାଇଜର, ଆରଆଇ, ଅତିରିକ୍ତ ଆରଆଇ)ମାନେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ତେବେ ସେମାନଙ୍କ ଦାବି ପୂରଣ ନ ହେବା ଯାଏ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଦାବି ମୁତାବକ, ସେମାନେ ସରକାରଙ୍କ ପ୍ରତିଟି ଯୋଜନାକୁ ତୃଣମୂଳ ସ୍ତରରେ ଲୋକମାନଙ୍କ ନିକଟରେ ପହଞ୍ଚାଉଛନ୍ତି। କିନ୍ତୁ ସରକାର ସେମାନଙ୍କ ପ୍ରତି ବିଭିନ୍ନ କ୍ଷେତ୍ରରେ ଅବହେଳା କରିବା ସହ ୧୯୮୩ ପରଠାରୁ ସେମାନଙ୍କ କ୍ୟାଡରର




ଧାରଣାରତ କର୍ମଚାରୀମାନେ।

ପୁନଃ ଗଠନ କରାଯାଇନାହିଁ। ଯାହାକି ଅନ୍ୟ ବିଭାଗଗୁଡିକର କରାଯାଇଛି। ତେଣୁ ସେମାନେ ବିଭିନ୍ନ ୬ ଗୋଟି ଦାବି ନେଇ ଧାରଣାରେ ବସିଥିବା ବେଳେ ସେମାନଙ୍କର ମୁଖ୍ୟ ଦାବି କ୍ୟାଡର ପୁନଃ ସରଞ୍ଜନା କରି ବିଜ୍ଞପ୍ତି ପ୍ରକାଶ ନ କରିବା ଯାଏ ଆର୍‌ଆଇ ସୁପରଭାଇଜର ଏବଂ ଅତିରିକ୍ତ ଆରଆଇ ଧାରଣା ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି।

# ଆଜିଠୁ ବ୍ୟାସ ସରୋବର ମହୋତ୍ସବ

■ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ
■ ୧୧ଦିନ ଚାଲିବ ମହୋତ୍ସବ
■ ପଲ୍ଲିଶ୍ରୀ ମେଳା ମୁଖ୍ୟ ଆକର୍ଷଣ

ଯାଜପୁରରୋଡ୍, ୧୯।୨ (ପବିତ୍ର ରଞ୍ଜନ ମହାନ୍ତି):

ପବିତ୍ର ଭୈାମ ଏକାଦଶୀ ତିଥିରେ ପୁରାଣ ପ୍ରସିଦ୍ଧ ବ୍ୟାସସରୋବର ମେଳା ପ୍ରତିବର୍ଷ ପରି ଚଳିତ ବର୍ଷ ଆକର୍ଷଣୀୟ ହେବ। କିଛି ବର୍ଷ ହେବ ଏହା ମହୋତ୍ସବର ମାନ୍ୟତା ପାଇବା ସହ ବ୍ୟବସରେବର ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଛି । ଚଳିତବର୍ଷ ବ୍ୟାସସରୋବର ମହୋତ୍ସବ ଫେବୃଆରୀ ୨୦ ଅର୍ଥାତ୍ ମଙ୍ଗଳବାର ଆରମ୍ଭ ହୋଇ ମାର୍ଚ୍ଚ ୧ ପର୍ଯ୍ୟନ୍ତ ୧୧ଦିନ ଧରି ଚାଲିବ ବୋଲି ବ୍ୟାସନଗର ପୌର ପରିଷଦ ସଭାଗୃହରେ ସୋମବାର ଆହୁତ ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ସୂଚନା ଦେଇଛନ୍ତି।

ମଙ୍ଗଳବାର ସକାଳୁ ରାଜୀବଗାନ୍ଧୀ ଷ୍ଟାଡିୟମଠାରୁ ମହୋତ୍ସବ ସ୍ଥଳ ପର୍ଯ୍ୟନ୍ତ ବ୍ୟାସ ମାରାଥନ ଅନୁଷ୍ଠିତ ହେବ । ଏହି ମାରାଥନରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଏବଂ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲକ୍ଷେଶ୍ୱର ଅମାତ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ ପ୍ରମୁଖ ଯୋଗଦେବେ। ସନ୍ଧ୍ୟାରେ ବ୍ୟାସ ମହୋତ୍ସବ ଉଦଘାଟିତ ହେବ। ଏହି ମହୋତ୍ସବକୁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଉଦଘାଟନ କରିବେ । ଉତ୍ସବରେ ବିଧାୟକ ଅଶୋକ କୁମାର ବଳ, ଯାଜପୁର ଜିଲାପାଳ ଡ଼ ଶୁଭଙ୍କର ମହାପାତ୍ର, ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଯୋଗ ଦେବାକୁ ସ୍ୱିକୃତୀ ପ୍ରଦାନ କରିଛନ୍ତି। ମହୋତ୍ସବର ପ୍ରତିଦିନ ସନ୍ଧ୍ୟାରେ ଲୋକକଳା, ଲୋକନୃତ୍ୟ, ସାହିତ୍ୟ ଆସର ସମେତ ଆଧୁନିକ ଏବଂ ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ କରାଯିବ । ଆଞ୍ଚଳିକ କଳାକାରମାନଙ୍କୁ ପ୍ରତିଭା ବିକାଶ ନିମନ୍ତେ ଏହି ମଞ୍ଚରେ ସୁଯୋଗ ଦେବା ସହିତ ଓଡ଼ିଆ ସିନେ ଜଗତର ନାମିଦାମୀ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବାଚସ୍ପତି ପ୍ରମିଳା ମଲିକ, କୋରେଇ ବିଧାୟକ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବରେ ପଲିଶ୍ରୀ ମେଳା ଓ ସ୍ୱଂୟ ସହାୟକ ଗୋଷ୍ଠୀର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯିବାର ବ୍ୟବସ୍ଥା ହୋଇଛି । ମହୋତ୍ସବ ସ୍ଥଳରେ ବିଦ୍ୟୁତ୍, ପାନୀୟ ଜଳ ଓ ଅନ୍ୟାନ୍ୟ ଅନୁସଙ୍ଗିକ ବ୍ୟବସ୍ଥା ପୌରପରିଷଦ ପକ୍ଷରୁ କରାଯାଇଛି। ବ୍ୟାସସରୋବର କ୍ଷେତ୍ରର ଆରାଧ୍ୟ ମହାପୁରୁଷ ରାଘବଜୀୟୁ ସମାଧୀ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଏବଂ ଭଜନ କୀର୍ତ୍ତନ ଅନୁଷ୍ଠିତ ହେବ । ଚଳିତ ବର୍ଷ ବହୁ ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି ।ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ମିଳିଥିବା ପୌରାଧ୍ୟକ୍ଷା କହିଛନ୍ତି । ଏହି ସମ୍ମିଳନୀରେ ଉପନଗରପାଳ ସୁବାସ ଚନ୍ଦ୍ର ବଳ, ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ପାରିଷଦ ଓ ପୌର କର୍ମଚାରୀଙ୍କ ସହଯୋଗରେ ରୂପରେଖ ପ୍ରସ୍ତୁତ କରାଯାଇଥିବା ପୌରାଧ୍ୟକ୍ଷା ସୂଚନା ଦେଇଥିଲେ । ମହୋତ୍ସବକୁ ସଫଳ କରିବା ପାଇଁ ସହରବାସୀଙ୍କ ସହଯୋଗ କରିବାକୁ ଉପନଗରପାଳ ବଳ ନିବେଦନ କରିଛନ୍ତି।


ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଓ ଅନ୍ୟମାନେ ।

## ବ୍ୟାସନଗର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ

ଯାଜପୁରରୋଡ୍, ୧୯।୨ (ପବିତ୍ର ରଞ୍ଜନ ମହାନ୍ତି):

ସୋମବାର ଓଡିଆରଏସ କ୍ୟାଡର ପୁନଃ ସଂରଚନ ସହ ୬ ଦଫା ଦାବିରେ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଧାରଣା ଦିଆଯାଇଛି । ଜିଲା ସଭାପତି ସଞ୍ଜୟ କୁମାର ବଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବ୍ୟାସନଗର ତହସିଲର ସମସ୍ତ ରାଜସ୍ୱ କ୍ଷେତ୍ର ଅଧିକାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସୋମବାରଠାରୁ ସାରା ରାଜ୍ୟରେ ସଙ୍ଘ ପକ୍ଷରୁ ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାସନଗର ତହସିଲରେ କାର୍ଯ୍ୟ କରୁଥିବା ସମସ୍ତ ୧୪ ଟି ସର୍କଲର ରାଜସ୍ୱ କ୍ଷେତ୍ର ଅଧିକାରୀ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ଆନ୍ଦୋଳନରେ ଜିଲା ସମ୍ପାଦକ ସୁଧୀର ରଞ୍ଜନ ମଲିକ ଯୋଗଦେଇ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଥିଲେ । ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋନଳ ଚାଲୁ ରହିବ ବୋଲି ସଭାପତି ବଳ ସୂଚନା ଦେଇଛନ୍ତି ।

## ସରସ୍ୱତୀ ପୂଜା ଭସାଣିକୁ ନେଇ ଗୋଷ୍ଠୀ ସଂଘର୍ଷ

■ ଉଭୟ ପକ୍ଷରୁ ୪ କୋର୍ଟ ଚାଲାଣ
■ ଥାନାକୁ ଆସିଛି ମୋଟ ୧୧ ଅଭିଯୋଗ
■ ବିଳମ୍ବିତ ରାତିରେ ଶୋଭାଯାତ୍ରାକୁ ବନ୍ଦ କଲା ପୋଲିସ

ବିଞ୍ଝାରପୁର, ୧୯।୨ (ରାମକୃଷ୍ଣ ଦାସ)

ସରସ୍ୱତୀ ପୂଜା ଭସାଣୀକୁ ନେଇ ବିଞ୍ଝାରପୁର ଥାନା ଅଧୀନ କଏଣାରଘୁନାଥପୁର ଓ ପ୍ରହଲ୍ଲାଦପୁର ଗ୍ରାମର ମଧ୍ୟରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ବିଞ୍ଝାରପୁର ଥାନା ପୋଲିସ ସୋମବାର ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ସମ୍ପର୍କରେ ପ୍ରହଲ୍ଲାଦପୁରର ବାଦଲ ଜେନା ଓ କଏଣାର ସିନା ମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଏକାଧିକ ଆହତ ହୋଇଥିବା ଜଣାପଡିଛି । ବିଞ୍ଝାରପୁର ଥାନା ଆଇଆଇସି ଅଂଶୁମାଳା ଦାସ୨ଟି ମାମଲା(ନଂ.୧୨୨/୨୪ ଓ ୧୨୩/୨୪) ରୁଜୁ କରି ଉଭୟ ଗୋଷ୍ଠୀର ଦିଲିପ ମଲିକ, ଅରୁଣ ମଲିକ, ବିଶ୍ୱଜିତ୍ ଜେନା ଓ ବାଦଲ ଜେନାଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାକୁ ନେଇ ଉଭୟ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଏ ନେଇ ୧୧ଟି ଅଭିଯୋଗ ଥାନାକୁ ଆସିଛି । ସେଥିମଧ୍ୟରୁ ଫତେପୁର ପଞ୍ଚାୟତ ନାଉପାଳ ଗ୍ରାମରୁ ୪ଟି ଅଭିଯୋଗ ଆସିଥିବା ବେଳେ ସୟଦପୁରରୁ ୨ଟି, କଏଣାରୁ ୨ଟି ଅଭିଯୋଗ ରହିଛି। ଏଥିପାଇଁ ଭସାଣୀ ସମୟରେ ବିଳମ୍ବିତ ରାତିଯାଏ ଅନୁଷ୍ଠିତ ହେଉଥିବା ଶୋଭାଯାତ୍ରାକୁ ଥାନା ଅଧିକାରୀ ଅଂଶୁମାଳା ଦାସ ବିଭିନ୍ନ ସ୍ଥାନରେ ଚଢାଉ କରି ବନ୍ଦ କରିଛନ୍ତି। ଗାଁ ଗହଳିରେ ଉଚ୍ଚ ସ୍ୱରରେ ଡିଜେ ବଜାଇ ଶବ୍ଦ ପ୍ରଦୂଷଣ କରୁଥିବା ଅନୁଷ୍ଠାନ ଓ ଡିଜେ ମାଲିକମାନଙ୍କୁ ଚେତାବନୀ ଦିଆଯାଇଛି। ସେହିପରି ବିମା ଅନୁମତିରେ କୌଣସି ଶୋଭାଯାତ୍ରା ବାହାର କରାଯାଉଥିଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରିଣୀ ଦାସ ପ୍ରକାଶ କରିଛନ୍ତି ।

## ହରିହାଟ ମେଳାରେ ଲଉଡ଼ି ଖେଳ

ପାଣିକୋଇଲି, ୧୯।୨ (ବିକାଶ କୁମାର ମଲିକ)

କୋରାଇ ବ୍ଲକ କରଦା ପଞ୍ଚାୟତର ଗଣପର୍ବ ହରିହାଟ ମେଳା ଓ ମହୋତ୍ସବର ଦ୍ୱିତୀୟ ଦିବସରେ ରକ୍ତଦାନ ଶିବିର ସହିତ ଲଉଡ଼ି ଖେଳ ମାଧ୍ୟମରେ ସଚେତନତା ଶିବିରର ଆୟୋଜିତ ହୋଇଯାଇଛି। ମହୋତ୍ସବ କମିଟିର ସଦସ୍ୟ ତୁଷାରକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ତଥା ଓଡ଼ିଶା ରକ୍ତଭଣ୍ଡାର ଯାଜପୁରର ସହଯୋଗରେ ଆୟୋଜିତ ଉକ୍ତ ଶିବିରରେ ୨୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ଶିବିରକୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ନିଶ୍ଚେତକ ବିଭାଗର ଡ଼ାକ୍ତର ସତ୍ୟଜିତ ସାହୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ବିଶ୍ୱନାଥ ପଣ୍ଡା, ସଦସ୍ୟ ସୁଧାଶଙ୍କର ବିଶ୍ୱାଳ, ଦୁର୍ଗା ପ୍ରସାଦ ପଣ୍ଡା, ଅନୁପ କୁମାର ସାହୁ, ଚିନ୍ତାମଣୀ ସାହୁ, କାର୍ତ୍ତିକ ସ୍ୱାଇଁ ଓ ରକ୍ତଭଣ୍ଡାରର କର୍ମଚାରୀ ଶିବ ସାହୁ, ଦେବବ୍ରତ ବେହେରା, ଅଜୟ କୁମାର ଜେନା, ନବୀନ ଚନ୍ଦ୍ର ସେଠୀ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ପରିଚଳନା କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନାକୁ କୋରାଇ ବ୍ଲକ ଶଙ୍ଖଚିଲାସ୍ଥିତ ମା'ହିଙ୍ଗୁଳା ଲଉଡ଼ି ଖେଳ ଅନୁଷ୍ଠାନ ତରଫରୁ ମେଳା କମିଟିର କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ହୋଇଥିଲା।


ହରିହାଟ ମେଳାରେ ଗୋପାଳ ବାଳକମାନେ ଲଉଡ଼ି ଖେଳୁଛନ୍ତି ।

## ବୃତ୍ତି ଅର୍ଥରୁ ବଞ୍ଚିତ ଛାତ୍ରୀ ଜିଲାପାଳଙ୍କୁ ଦାବିପତ୍ର ଦେଲେ


ବୃତ୍ତି ଅର୍ଥରୁ ବଞ୍ଚିତ ଛାତ୍ରୀମାନେ ଦାବିପତ୍ର ଦେବାକୁ ଆସିଛନ୍ତି ।

ଯାଜପୁର ଟାଉନ, ୧୯।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ବୃତ୍ତି ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ଛାତ୍ରୀଙ୍କ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଗତ ୧୩ ତାରିଖ ଦିନ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯାଜପୁର ଗସ୍ତରେ ଆସି ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜରୁ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେଠାରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ +୩ ରେ ପାଠ ପଢୁଥିବା ଛାତ୍ରୀଙ୍କ ପାଇଁ ୧୦ ହଜାର ଓ ଛାତ୍ରଙ୍କ ପାଇଁ ୯ ହଜାର ଟଙ୍କା ଲେଖାଏଁ ବୃତ୍ତି ଅର୍ଥ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। କିନ୍ତୁ ଅଧିକାଂଶ କଲେଜର ଛାତ୍ରୀଛାତ୍ର ଏହି ବୃତ୍ତି ଅର୍ଥ ପାଇବା ତାଲିକାରୁ ବାଦ ପଡ଼ିଥିବାରୁ ସୋମବାର ରାମବାଗ ମହିଳା ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତା ଛଡ଼ା ଉକ୍ତ କଲେଜର ଛାତ୍ରୀମାନେ ଯେପରି ବୃତ୍ତି ଅର୍ଥରୁ ବଞ୍ଚିତ ନ ହେବେ ସେଥିପ୍ରତି ୫-ଟି ଅଧ୍ୟକ୍ଷ ଦୃଷ୍ଟି ଦେବାକୁ ସ୍ୱାତି ପାତ୍ର, ଜ୍ୟୋର୍ତିମୟୀ ଜେନା, କବିତା ଦାସ, ସୋନାଲି ସେଠୀ, ଚନ୍ଦ୍ରକାନ୍ତି ପାତ୍ରଙ୍କ ସମେତ ଶତାଧିକ ଛାତ୍ରୀ ଦାବି କରିଛନ୍ତି।

## ଅଚ୍ୟୁତ ବସନ୍ତ ପଞ୍ଚାୟତରେ ସଚେତନତା ଶିବିର

ଚଣ୍ଡିଖୋଲ, ୧୯।୨ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅଚ୍ୟୁତ ବସନ୍ତ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା ରୁଦ୍ର ମାଧବ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଶିବିରରେ ଆମ୍ବାର ଅଧ୍ୟକ୍ଷ ବିପିନ ବିହାରୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡ଼ଚଣାରେ ହୋଇଥିବା ବିକାଶ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମାଣ୍ଟୁକାଠାରୁ ଅଚ୍ୟୁତ ବସନ୍ତ ରାସ୍ତା, ଉଦୟଗିରି ଠାରୁ ଗଡ଼ଜିତ ରାସ୍ତା, ପଞ୍ଚାୟତରେ ଜଙ୍ଗଲ ବିଭାଗ ପକ୍ଷରୁ ନିର୍ମିତ ଗୃହ, ବିଦ୍ୟାଳୟର ଉନ୍ନତୀ କରଣସହିତ ପଞ୍ଚାୟତରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ପୂର୍ବତନ ସରପଞ୍ଚ ତାପସ ରାୟ, ସେକ ମୋଇନୀ ଅହମ୍ମଦ, ସାରଦା ପ୍ରସନ୍ନ ମହାନ୍ତି, ସୁବୋଧ ବଳ ସାମନ୍ତ, ଭାଗବତ ଦାସ, ଶ୍ରୀବତ୍ସ ମହାନ୍ତି, ମହେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧନଞ୍ଜୟ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ବଳ ସାମନ୍ତ, ଗୋପାଳ ଦାସ, ଅଶୋକ କୁମାର ସାହୁ, ସୌମ୍ୟ ରଞ୍ଜନ ପୃଷ୍ଟି ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଏମ୍ ବି କେ, ଅଙ୍ଗନୱାଡ଼ି କର୍ମୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

## କୋରାଇ ଆମ୍ ଆଦ୍‌ମୀ ପାର୍ଟିର ସାଧାରଣ ବୈଠକ

ପାଣିକୋଇଲି, ୧୯।୨ (ବିକାଶ କୁମାର ମଲିକ)

କୋରାଇ ଆମ ଆଦମୀ ପାର୍ଟିର ଏକ ସାଧାରଣ ବୈଠକ ଓଉପଦାସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । କୋରେଇ ଆମ ଆଦମୀ ପାର୍ଟିର ବ୍ଲକ ସଭାପତି ବାସୁ କିଶୋର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ସଭାପତି ମନୋଜ କୁମାର ମହାନ୍ତି ଯୋଗଦେଇ କୋରେଇ ଆପ୍‌ର ଦିବଂଗତ ଆବାହକ ଧରଣୀଧର ଘଡ଼ାଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇଥିଲେ। ପରେ ଘଡ଼ାଇଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ବୈଠକରେ ଆଗାମୀ ସାଧାରଣ ନିର୍ବାଚନରେ ଦଳର ଭୂମିକା ନେଇ ଆଲୋଚନା ହୋଇଥିଲା। ପରବର୍ତ୍ତୀ ବୈଠକ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ହେବା ଲାଗି ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ଆପ୍ ନେତା କଳ୍ପତରୁ ମହାପାତ୍ର, ଆନନ୍ଦ ଚନ୍ଦ୍ର ସାହୁ, ରବିନ୍ଦ୍ର ଘଡ଼ାଇ, କେ.ସି.ସେନାପତିଙ୍କ ସମେତ ବହୁ ଆପ୍ କର୍ମୀ ଯୋଗ ଦେଇଥିଲେ।

## ପଥରପଦା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

ପାଣିକୋଇଲି, ୧୯।୨ (ବିକାଶ କୁମାର ମଲିକ)

କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତରେ ମୋ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଥରପଦା ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ବାରିକଙ୍କ ପରିଚାଳନାରେ ଶିକ୍ଷାବିତ୍ ମମତା ପଣ୍ଡାଙ୍କ ସଞ୍ଚାଳନରେ ଆୟେଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ସମ୍ମାନୀତ ଅତିଥିଭାବେ କୋରାଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ଜିଲା ବିଜୁ ମହିଳା ସଭାନେତ୍ରୀ ତଥା ବ୍ୟାସନଗର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ସମିତି ସଭ୍ୟା ସରସ୍ୱତୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୩ ବର୍ଷର ଶାସନ ଓ ଜନକଲ୍ୟାଣ ଯୋଜନାର ସଫଳ ରୁପାୟନର ଉପରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଥରପଦା ବିଜେଡି ସଭାପତି ସନ୍ତୋଷ କୁମାର ବେହେରା, ଜିଲା ଯୁବ ସମ୍ପାଦକ ସ୍ୱପ୍ନାନନ୍ଦ ଦାସ, ନାଏବ ସରପଞ୍ଚ କୀର୍ତ୍ତନ ବିହାରୀ ସାମଲ, ଆର୍ତ୍ତବନ୍ଧୁ ମହାପାତ୍ର ପ୍ରମୁଖଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସୁଦର୍ଶନ ପରିଡା, ଗଦାଧର ସାହୁ, ନକୁଳ ମହାକୁଡ, ଅଶୋକ ବେହେରା, ବିନୋଦ ବିହାରୀ ସେନାପତି ପ୍ରମୁଖ ପରିଚାଳାନା କରିଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ମହାତ୍ମା ଗାନ୍ଧୀଙ୍କ ହାତ କାଟିଦେଲେ

ବିଞ୍ଝାରପୁର, ୧୯।୨ (ରାମକୃଷ୍ଣ ଦାସ):

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରୁ ରବିବାର ରାତିରେ କେହି ୨ଟି ହାତ କାଟିନେଇଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ କଲ୍ୟାଣପୁର ପଞ୍ଚାୟତ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲିକ ଯୋଗଦେଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ହେବାର ମାତ୍ର ୫ ମାସ ମଧ୍ୟରେ ହାତ ଭାଙ୍ଗିଦେବା ଘଟଣାକୁସ୍ଥାନୀୟ ଅଞ୍ଚଳରେ ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ କର୍ମୀ ସ୍ୱାଧୀନ କୁମାର ଦାଶ ଦାବି କରିଛନ୍ତି।



## ଅତଲାପୁର ପଞ୍ଚାୟତରେ ବିଜେଡି କର୍ମୀ ସମାବେଶ


ବିଜେଡି କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ।

ରସୁଲପୁର, ୧୯।୨ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅତଲାପୁର ପଞ୍ଚାୟତରେ ବିଜେଡି ଯୁବନେତା ସଞ୍ଜୀବ କୁମାର ଜେନାଙ୍କ ପକ୍ଷରୁ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଯୁବନେତା ପ୍ରଫୁଲ ସାହୁଙ୍କ ନେତୃତ୍ୱରେ ଜେନା କର୍ମମାନଙ୍କ ସହ ଏକ ବିରାଟ ପଦୁଆରରେ ଅତଲାପୁର ପଞ୍ଚାୟତ ପରିକ୍ରମା କରିବା ସହ ସାଧାରଣ ସଭାରେ ଯୋଗ ଦେଇଥିଲେ । ପଞ୍ଚାୟତସ୍ଥିତ ପ୍ରଭୁ ଗୋପୀନାଥ ଜୀଉଙ୍କ ମନ୍ଦିରର ଚନ୍ଦନ ମଣ୍ଡପ ନିକଟରେ ଆୟୋଜିତ ସାଧାରଣ ସଭାରେ ଯୁବନେତା ଜେନା ଯୋଗଦେଇ ଜନସାଧାରଣଙ୍କ ଆଶିଷ ଭିକ୍ଷା କରିଥିଲେ। ଯୁବନେତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସେକ୍ ସଫିକ୍ ଉଦ୍ଦିନ(ଟାଲି) ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେଡି ମୁଖିଆଙ୍କୁ ପ୍ରଂଶସା କରିଥିଲେ । ଉକ୍ତ ସମାବେଶରେ ଅନ୍ୟତମ ଅତିଥି ଭାବେ ବରୀ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷା ଭାରତୀ ବେହେରା, ନୀଳମଣି ସାମଲ, ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ସାହୁ, ଯୁବନେତା ବୀରବର ପଲେଇ, ପଞ୍ଚାୟତ ବିଜେଡି ସଭାପତି ଉଦ୍ଧବ ଚରଣ ପୃଷ୍ଟି, ଯୁବନେତା ଖଗେଶ୍ୱର ବାରିକ, କାର୍ତ୍ତିକ ଚନ୍ଦ୍ର ସାହୁ, ସବୀର ଅଲ୍ଲୀ, ଦୀପକ ସାହୁ, ସୁବାଷ ସାହୁ, ମାନସ ରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ଥିଲେ ।

ସୂଚନାଯୋଗ୍ୟ, ବରୀ ବିଜେଡି ଅନେକ ଗୋଷ୍ଠିରେ ବିଭକ୍ତ ହୋଇଯାଇଛି । ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସମର୍ଥକମାନଙ୍କୁ ନେଇ ସମାବେଶ, କର୍ମ ସମ୍ମିଳନୀ ଆୟୋଜନ କରୁଥିବାର ଲକ୍ଷ୍ୟ କରାଯାଉଛି।

## ବ୍ରଜନଗର ମହୋତ୍ସବ-୨୦୨୪ ଉଦ୍‌ଯାପିତ

ପାଣିକୋଇଲି, ୧୯।୨ (ବିକାଶ କୁମାର ମଲିକ)

ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ବ୍ରଜନଗର ଗ୍ରାମର ବ୍ରଜନଗର ମହୋତ୍ସବ -୨୦୨୪ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବ୍ରଜନଗର ଖେଳପଡିଆ ଠାରେ ଉଦ୍‌ଯାପିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ମହୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୌମ୍ୟରଞ୍ଜନ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଡିଓ ସ୍ୱାଗତ ଦାସ, ଅନ୍ୟତମ ଅତିଥିଭାବେ ଯାଜପୁର ତହସିଲଦାର ଅରବିନ୍ଦ ରାଉତ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ମଳାପାଳ ସମିତି ସଭ୍ୟ ମଧୁସୂଦନ ନନ୍ଦୀ, ମାଳଆନନ୍ଦପୁର ସରପଞ୍ଚ ପର୍ଶୁରାମ ଦଳାଇ, ସମିତିସଭ୍ୟା ସସ୍ମିତା ବେହେରା, ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ଧଳ ଏବଂ ସ୍ଥାନୀୟ ବୁଦ୍ଧିଜିବୀ ମାନେ ଯୋଗଦେଇଥିଲେ । ଯୁବ ମହୋତ୍ସବ ସ୍ଥାନୀୟ ଅଂଚଳରେ ଭାଇଚାରା ସୃଷ୍ଟି କରିବାରେ ସହାୟକ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶରତ ଚନ୍ଦ୍ର ଧଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ଦାମୋଦର ଧଳ, ଜୟୀରାମ ସେଠୀ, ଚୈତନ୍ୟ ବେହେରା, ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, ପ୍ରଶାନ୍ତ ଧଳ, କେଦାର ନାଥ ସେଠୀଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକ ତଥା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ମହୋତ୍ସବ ଦ୍ୱାରା ଭାଇଚାରା ପ୍ରତିଷ୍ଠା ହୋଇଥାଏ ବୋଲି କହିଥିଲେ । ଏହି ଅବସରରେ ସିନେ କଳାକାରମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ।


ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସ୍ୱାଗତ କରାଯାଉଛି ।

# ଜିଲାରେ ୧୯,୩୩୪ ମାଟ୍ରିକ୍ ପରୀକ୍ଷାର୍ଥୀ

କେନ୍ଦ୍ରାପଡ଼ା, ୧୯।୨ (ଜଗନ୍ନାଥ ଧଳ)

ରାଜ୍ୟରେ ଚଳିତ ଶିକ୍ଷା ବର୍ଷର ମାଟ୍ରିକ୍ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାରେ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାର ୧୦୩ଟି ପରୀକ୍ଷା କେନ୍ଦ୍ର ହେବ ବୋଲି ସ୍ଥିର ହୋଇଛି। ଏଠାରେ ମୋଟ ୧୯,୩୩୪ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀମାନେ ପୂର୍ବବର୍ଷ ନିଜ ସ୍କୁଲରେ ପରୀକ୍ଷା ଦେଉଥିଲେ। ମାତ୍ର ଚଳିତବର୍ଷ ଏହାକୁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପରିବର୍ତ୍ତନ କରାଯାଇ ୫ରୁ ୧୦ କି.ମି. ମଧ୍ୟରେ ଥିବା କେନ୍ଦ୍ରରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ୪ଟି ପରୀକ୍ଷା କେନ୍ଦ୍ରରେ ମୁକ୍ତ ହାଇସ୍କୁଲର ୧୬୩ ଜଣ ପରୀକ୍ଷାର୍ଥୀ, ୨୪୨ ଜଣ ମଧ୍ୟମା ପରୀକ୍ଷାର୍ଥୀ ଓ ଗୋଟିଏ ମଦ୍ରାସା କେନ୍ଦ୍ରରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୧୦୩ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୮୯୯ ଜଣ

## ସିସିଟିଭି ନଜରରେ ୧୦୩ ପରୀକ୍ଷା କେନ୍ଦ୍ର

ଶିକ୍ଷା ନିରୀକ୍ଷକଙ୍କୁ ନିଯୁକ୍ତି କରାଯାଇଥିବା ବେଳେ ୪୪୯ଜଣ କର୍ମଚାରୀ ଓ ୨୨୫ ଜଣ ରିଲିଭରଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ୧୦୩ଟି କେନ୍ଦ୍ର ନିମନ୍ତେ ୧୦୩ଜଣ ସୁପରିଣ୍ଟେଣ୍ଡେଣ୍ଟ ଓ ୧୦୩ ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମଧ୍ୟ ନିମନ୍ତେ ନିଯୁକ୍ତି ଦିଆଯାଇଛି। କପି ରୋକିବା ନିମନ୍ତେ ୫ ସ୍ତରୀୟ ସ୍କ୍ୱାଡ୍‌ର ବ୍ୟବସ୍ଥା କରାଯାଇଛି। କଟକ ବୋର୍ଡରୁ ୧ଟି ସ୍କ୍ୱାଡ୍ ଜିଲାକୁ ଆସିବାର ବ୍ୟବସ୍ଥା ହୋଇଛି। ଏଥିସହ ବ୍ଲକ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ରହିବାର ବନ୍ଦୋବସ୍ତ ହୋଇଛି। ଜିଲାର ୯ ବ୍ଲକ ଓ ୨ ପୌରାଞ୍ଚଳରେ ଥିବା ନୋଡାଲ ସେଣ୍ଟରର ପ୍ରଶ୍ନପତ୍ରଗୁଡ଼ିକ ରଖାଯିବ। ଜିଲାର ମାର୍ଶାଘାଇ ବ୍ଲକର ମାର୍ଶାଘାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ାର ବାଲିଆ ହାଇସ୍କୁଲ ସହ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଗରଦପୁର ବ୍ଲକର ପାଟକୁରା ହାଇସ୍କୁଲ, ପଟ୍ଟାମୁଣ୍ଡାଇ ବ୍ଲକର କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲ, ଆଳି ବ୍ଲକର ଆଳି ହାଇସ୍କୁଲ, ରାଜନଗର ବ୍ଲକର ରାଜନଗର ହାଇସ୍କୁଲ, ମହାକାଳପଡ଼ାର କେୟାରବାଙ୍କ ହାଇସ୍କୁଲ ଓ ରାଜକନିକା ବ୍ଲକର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ସ୍ଥିର କରାଯାଇଛି। କେନ୍ଦ୍ରାପଡ଼ା ବ୍ଲକ ଅଧୀନ କେନ୍ଦ୍ରାପଡ଼ା ହାଇସ୍କୁଲ ନୋଡାଲ ଅଧୀନରେ ୧୧ଟି ସେଣ୍ଟରରେ ୧୯୬୦ ଜଣ, ବାଲିଆ ନୋଡାଲ ଅଧୀନରେ ୧୧ଟି ସେଣ୍ଟରରେ ୨୦୧୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମାର୍ଶାଘାଇ ସରକାରୀ ହାଇସ୍କୁଲ ନୋଡାଲ ଅଧୀନରେ ୧୦ଟି ସେଣ୍ଟରରେ ୧୭୦୭ ଜଣ, ମହାକାଳପଡ଼ା କେୟାରବାଙ୍କ ନୋଡାଲ ଅଧୀନରେ ୧୦ଟି ସେଣ୍ଟରରେ ୨୦୫୯, ଆଳି ନୋଡାଲ ୧୨ଟି ସେଣ୍ଟରରେ ୧୯୫୯, ପଟ୍ଟାମୁଣ୍ଡାଇ ନୋଡାଲ ୧୩ଟି ସେଣ୍ଟରରେ ୨୬୩୩, ରାଜକନିକା ନୋଡାଲ ୧୧ଟି ସେଣ୍ଟରରେ ୨୦୧୪, ରାଜନଗର ନୋଡାଲ ୧୪ଟି ସେଣ୍ଟରରେ ୨୯୪୪ ଜଣ ପରୀକ୍ଷାର୍ଥୀ ଅଛନ୍ତି। ସେହିପରି ଗରଦପୁର ବ୍ଲକ ପାଟକୁରା ହାଇସ୍କୁଲରେ ୧୧ ସେଣ୍ଟରରେ ୨୦୧୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୯ଟି ବ୍ଲକ୍‌ରେ ୨ ଜଣ ଲେଖାଏ ସୁପରିଣ୍ଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ୯ ନୋଡାଲ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ରଙ୍କୁ ସୁବିଧା ନିମନ୍ତେ କେନ୍ଦ୍ରଗୁଡ଼ିକର ଦୂରତା ୧୦କି.ମି. ମଧ୍ୟରେ ରହିଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ନିଷିଦ୍ଧ କରାଯିବା ସହ ସିସିଟିଭି ନଜରରେ ପରୀକ୍ଷା ପରିଚାଳିତ ହେବ ବୋଲି ଜିଲା ପରୀକ୍ଷା ପରିଚାଳନା ଅଧିକାରୀ ଅଭୟ କୁମାର ପ୍ରତିହାରୀ ସୂଚନା ଦେଇଛନ୍ତି।

## ମହିଳାଙ୍କୁ ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୯।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ୨୦୨୦ ମସିହାର ଏକ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲା (ଏସ୍‌ଟି କେସ୍ ନଂ. ୧୯/୨୦)ରେ ଥାନା ଅନ୍ତର୍ଗତ ଗୁପ୍ତି ଗାଁରର ବାସୁଦେବ ମଲିକଙ୍କୁ ୧୦ ବର୍ଷ ଜେଲ ହୋଇଛି। ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଏହି ଦଣ୍ଡ ବ୍ୟତୀତ ୨୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏ ସମ୍ପର୍କରେ ଆଡିସନାଲ ପିପି ସଞ୍ଜୟ ଜେନା ସୂଚନା ଦେଇଛନ୍ତି, ୨୦୨୦ ମାର୍ଚ୍ଚ ୧ ରେ ପୀଡ଼ିତା ମହିଳା ଜଣକ ଘର ନିକଟରେ ଧାନ ଉଷାଉଥିଲେ। ପୂର୍ବାହ୍ନ ୧୦ଟାରେ ବାସୁଦେବ ସେଠାକୁ ଆସି ଘର ଭିତରକୁ ଟାଣି ନେଇଥିଲେ। ପାଟିରେ ଗାମୁଛା ପୂରାଇ ମହିଳା ଜଣଙ୍କୁ ବଳାତ୍କାର କରିଥିଲେ। ତେବେ ମହିଳା ଜଣଙ୍କ ଶ୍ୱଶୁର ଆସିଯିବାରୁ ବାସୁଦେବ ଫେରାର ହୋଇ ଯାଇଥିଲେ। ଏହି ମାମଲାରେ ମୋଟ ୧୪ ଜଣ ସାକ୍ଷୀ ଜେରା ହୋଇଥିବା ଆଡିସନାଲ ପିପି ଜେନା ସୂଚନା ଦେଇଛନ୍ତି।

## ରାଜସ୍ୱ କ୍ଷେତ୍ରାଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଏଡିଏମ୍‌ଙ୍କୁ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଉଛନ୍ତି।

କେନ୍ଦ୍ରାପଡ଼ା, ୧୯।୨ (ଜଗନ୍ନାଥ ଧଳ)

ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଅଧୀନ କେନ୍ଦ୍ରାପଡ଼ା ଜିଲା ଶାଖାର ସଦସ୍ୟମାନେ ସୋମବାରଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଏହା ସଂଘ ପକ୍ଷରୁ ଉପସ୍ଥାପିତ ଦାବି ସମୂହ ପୂରଣ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଜିଲା କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସଭାପତି ଜାନକୀ ବଲ୍ଲଭ ପଣ୍ଡା, କାର୍ଯ୍ୟକାରୀ ସଭାପତି ବିଶ୍ୱବିଜୟୀ ପରିଡା, ସମ୍ପାଦକ ରଣଜିତ ସାହୁ ପ୍ରମୁଖ କହିଛନ୍ତି ଯେ, ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏହାର ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ବାରମ୍ବାର ଅଣାଯାଉଛି। ମାତ୍ର ସମସ୍ୟାର ସମାଧାନ ନ ହେବାରୁ ସୋମବାର ଠୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ବର୍ଦ୍ଧିତ ସ୍କେଲର ଦରମା, ଗ୍ରେଡେସନ ଆଦି ୬ଟି ପ୍ରମୁଖ ଦାବି ରହିଥିବା ସେମାନେ ପ୍ରକାଶ କରିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ମନୀଷା ପ୍ରୀୟଦର୍ଶନୀ ଷଡଙ୍ଗୀ, ଦୀପକ କୁମାର ଦାସ, ବିଜୟ କୁମାର ଜେନା, ପବିତ୍ର କୁମାର ବେହେରା, ମାନସ ରଞ୍ଜନ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଭିତରକନିକାରୁ ହରିଣ ଶିକାର: ମାଂସ ଜବତ, ଶିକାରୀ ଗିରଫ

ରାଜନଗର, ୧୯।୨ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନରୁ ରବିବାର ରାତିରେ ହରିଣ ମାଂସ ଜବତ କରାଯିବା ସହ ଶିକାରୀକୁ ଗିରଫ କରାଯାଇଛି। ବନ ବିଭାଗର ରାତ୍ରି ପାଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅତିରିକ୍ତ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ଲକ୍ଷ୍ମୀଧର ବାରିକ ,ଗୋରାଚାନ୍ଦ୍ ସିଂ , ସତୀଶ୍ ଲାକ୍ରା ଜାତୀୟ ଉଦ୍ୟାନ ମଧ୍ୟସ୍ଥ କଣ୍ଟିଆଖାଇ ସଂରକ୍ଷିତ ଜଙ୍ଗଲରେ ହରିଣ ଶିକାରକରି ତାକୁ କାଟୁଥିବା ବେଳେ ବନ ବିଭାଗ ଟିମ୍ ମାଡ଼ି ବସିଥିଲେ। ସୈଳେନ୍ଦ୍ର ସରାଇ ଗାଁର ସୁରେନ୍ଦ୍ର ଦାସଙ୍କୁ ଗିରଫ କରାଯିବ ସହ ଘଟଣାସ୍ଥଳରୁ ୧୨ କି.ଗ୍ରା. ହରିଣ ମାଂସ, ୪ ଗୋଟି ଫାଶ, ଗୋଟିଏ କଟୁରି, ଗୋଟିଏ କୁରାଢ଼ି ଜବତ କରିଥିଲେ। ଅଧିକ ପଚରାଉଚରା ପରେ ସେ ନିଜେ ୨ଦିନ ତଳେ ହରିଣ ଶିକାର କରିବାକୁ ଜଙ୍ଗଲରେ ଫାଶ ବସାଇଥିଲେ। ହରିଣ ଫାଶରେ ପଡ଼ିବା ପରେ ତାକୁ ଜଙ୍ଗଲ ମଧ୍ୟରେ କାଟି ମାଂସକୁ ଖାଇବା ଓ ବିକ୍ରି ପାଇଁ ନେଇଥାନ୍ତା। ମାତ୍ର ମାଂସ ବାହାରକୁ ପଠେଇବା ପୂର୍ବରୁ ବନ ବିଭାଗ ଟିମ୍ ହାତରେ ଧରାପଡିଛି ବୋଲି ଗିରଫ ହୋଇଥିବା ଦାସ କହିଛନ୍ତି। ଏ ନେଇ ଓଡ଼ିଶା ବନ୍ୟପ୍ରାଣୀ ଆଇନ ୧୯୭୨ ଅନୁସାରେ ସେକ୍ସନ ୯, ୨୭, ୨୯ ଏବଂ ୩୫(୬) ଦଫାରେ ଅଭିଯୁକ୍ତ ଦାସଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଲକ୍ଷ୍ମୀ ବସ୍ ସେବା ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ପଦକ୍ଷେପ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ବିଜେଡି ନେତାମାନେ।

ଡେରାବିଶ ୧୯। ୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ହ୍ରଦପଡ଼ିଆଠାରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ମାନସୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବିଭିନ୍ନ ଗ୍ରାମ ଦେଇ, ତହସିଲ, ବ୍ଲକ ଓ ଜିଲା କାର୍ଯ୍ୟାଳୟକୁ ଯାଉଥିବା ସାଧାରଣଲୋକଙ୍କ ଗମନାଗମନ ସୁବିଧା ପାଇଁ ଲକ୍ଷ୍ମୀ ବସ୍ ସେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ। ଏହି ସଭାରେ ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ

### ଦାନପୁର, ମୁକୁନ୍ଦପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ପାଟକୁରା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ବିଶେଷ କରି ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତିକୁ ଅଧିକ ସୁଦୃଢ଼ୀକରଣ କରିବା, ଗରିବ ହିତାଧିକାରୀଙ୍କୁ ରାଶନ କାର୍ଡ଼ ଯୋଗାଇବା ସମ୍ପର୍କରେ କହିଥିଲେ। ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅରବିନ୍ଦ ମଲିକ, ସମିତିସଭ୍ୟା ପ୍ରିୟତମା ଦାଶ, ସାମାଜିକ କର୍ମୀ ମନିନ୍ଦ୍ର ପ୍ରସାଦ ରଥ, ଏମ୍‌ବିକେ ମଧୁସ୍ମିତା ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଜିଆରଏସ୍ ପ୍ରୀତି ଦାସ ଧନ୍ୟବାଦ ଦେଇଥିଲେ।

ସେହିପରି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଆଚାର୍ଯ୍ୟ ଯୋଗଦେଇ ଉଦ୍‌ଘାଟନ କରିବା ସହ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଦାଶରଥି ଜେନା ଯୋଗ ଦେଇ ରାଜ୍ୟ ସକରାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସରପଞ୍ଚ ମିତାରାଣୀ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ନାଏବ ସରପଞ୍ଚ ବିଚିତ୍ରାନନ୍ଦ ନାୟକ, ଏମ୍‌ବିକେ ପଲ୍ଲବିନୀ ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଧାନାଥ ସାହୁ ଯୋଗ ଦେଇଥିଲେ। ଜିଆରଏସ୍ ଲକ୍ଷ୍ମୀପ୍ରିୟା ଦାସ ଧନ୍ୟବାଦ ଦେଇଥିଲେ। ଉଭୟ ପଞ୍ଚାୟତର କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ପିଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଗରଦପୁର ବ୍ଲକ୍ ପରିସରରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ପାଟକୁରା, ୧୯।୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ପରିସରରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଗୃହକୁ ଉଦ୍‌ଘାଟନ କରିବା ସହ ସରକାରଙ୍କ ଏହି ପ୍ରୟାସ ମା' ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସହଯୋଗ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଆମ୍ବା ଅଧ୍ୟକ୍ଷ ବାସୁଦେବ ବେହେରା, ମିଶନ ଶକ୍ତି ବ୍ଲକ ସଂଯୋଜକ ଅଖିଳ କୁମାର ଆଚାର୍ଯ୍ୟଙ୍କ ସମେତ ମିଶନ ଶକ୍ତିର ବ୍ଲକ ସଭାନେତ୍ରୀ ବନିତା ସ୍ୱାଇଁ, ସମ୍ପାଦିକା ମମତା ଦାସ, କାବେରୀ ଦଳାଇ, ଗୀତାଞ୍ଜଳି ଲେଙ୍କା , ମିନତି ପଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତର ମିଶନ ଶକ୍ତିର ସଭାନେତ୍ରୀ ଓ ସମ୍ପାଦିକା ଉପସ୍ଥିତ ଥିଲେ।

## ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ରାଜ୍ୟ ସରକାର କରିଛନ୍ତି

### ଦଶିପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମାର୍ଶାଘାଇ, ୧୯।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦଶିପୁର ଓ ଡୁମୁକା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲା ପରିଷଦ ସଭ୍ୟ ଦୁର୍ଗାବତୀ ପ୍ରଧାନ, ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ଯୋଗଦେଇ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ନବୀନ ସରକାର କରିଛନ୍ତି। ସବୁକ୍ଷେତ୍ରରେ ନବୀନ ପଟ୍ଟନାୟକ ଲୋକମାନଙ୍କ ପାଇଁ କାମ କରି ଚାଲିଛନ୍ତି ବୋଲି କହିଥିଲେ। ବ୍ଲକ ଜିପିଇଓ ରମେଶ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ବିଜେଡି ସଭାପତି ରତ୍ନାକର ଲେଙ୍କା, ନିରଞ୍ଜନ ଜେନା, ପ୍ରିୟରଞ୍ଜନ ଦାସ, ଅଭୟ ବିଶ୍ୱାଳ, ନିର୍ମଳ ମାଝି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଡୁମୁକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଦୀପିକା ବେଉରାଙ୍କ ସଭାପତିତ୍ୱରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସାମଲ ଯୋଗ ଦେଇଥିଲେ। ସରପଞ୍ଚ ପ୍ରତିନିଧି ଶାରଦା ପ୍ରସନ୍ନ ବେଉରା, ୱାର୍ଡ ସଭ୍ୟ କୈଳାସ ବେଉରା ବଳରାମ ନାୟକ ସହଯୋଗ କରିଥିଲେ।

## ବେଡାରିରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ


ସୂଚନା ପୁସ୍ତିକାକୁ ଅଧ୍ୟକ୍ଷ ଅଭୟ ମହାରାଜ ଅତିଥିଙ୍କୁ ବଣ୍ଟନ କରୁଛନ୍ତି।

ପାଟକୁରା ୧୯।୨ (ରବୀନ୍ଦ୍ର ନାଥ ବାରିକ )

ଗରଦପୁର ବ୍ଲକ ବେଡ଼ାରି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କୁଞ୍ଜଲତା ପଣ୍ଡାଙ୍କ ସଭାପତିତ୍ୱରେ ଓ ସମିତିସଭ୍ୟ ଦିଲୀପ କୁମାର ସାହୁଙ୍କ ସଂଯୋଜନାରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଆମ୍ବା ଅଧ୍ୟକ୍ଷ ବାସୁଦେବ ବେହେରା, ଅନସୂୟା ବେହେରା, ପ୍ରଭାତ ନଳିନୀ ଜେନା, ସମିତି ସଭ୍ୟ ବ୍ରଜକିଶୋର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଆଲୋକପାତ କରିଥିଲେ। ବ୍ଲକ ଅଧ୍ୟକ୍ଷ ମହାରାଜ ବିକାଶ ପୁସ୍ତିକାକୁ ଅତିଥିମାନଙ୍କୁ ବଣ୍ଟନ କରିଥିଲେ। ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସରପଞ୍ଚ ପଣ୍ଡା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ପ୍ରତିଯୋଗୀ, ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର

ରାଜନଗର, ୧୯।୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳସ୍ଥିତ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ପ୍ରଶିକ୍ଷକ ଭାବେ ପ୍ରୀତିପ୍ରତିଭା ରାଉତ ୮ ଦିନ ଧରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଚେୟାରପର୍ସନ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଯୋଗଦାନ କରି କନ୍ୟାମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉପାଦେୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## କଣ୍ଟାପଡ଼ା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ


ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ରାଜକନିକା, ୧୯।୨ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଅଧୀନ କଣ୍ଟପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୫୪ ଅଭିଯୋଗ ଆସିଥିବା ବେଳେ ସେଥିରୁ ୧୫ ଆବାସ ଯୋଜନା ଓ ୧୦ଟି ଭତ୍ତା ସମ୍ବନ୍ଧୀୟ ସହ ଅନ୍ୟ ଅଭିଯୋଗ ଆସିଥିବା ଜଣାପଡିଛି। ଏହା ତୃତୀୟ ପର୍ଯ୍ୟାୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ଅଭିଯୋଗଗୁଡ଼ିକର ଶୁଣାଣି ଆଜି ବି ନାଲିଫିତା ତଳେ ପଡ଼ି ରହିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମ ବିନା ପ୍ରଚାରରେ ହଠାତ୍ ଆୟୋଜନ ହୋଇଥିଲା। ଫଳରେ କମ୍ ଅଭିଯୋଗ ଆସିଥିଲା। ପୂର୍ବରୁ ଲୋକେ ପ୍ରଶାସନ ପାଖକୁ ଆସି ସୁଫଳ ପାଉ ନ ଥିବାରୁ ସରକାର ପ୍ରଶାସନକୁ ଲୋକଙ୍କ ପାଖକୁ ଯାଇ ଅଭିଯୋଗ ଶୁଣି ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ପ୍ରାବଧାନ ଅଛି। ହେଲେ ପ୍ରଶାସନିକ ସ୍ତରରେ ଲୋକଙ୍କ ପ୍ରତି ସେପରି ଆନ୍ତରିକତା ପରିଲକ୍ଷିତ ନ ହେଉନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମକୁ ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡ଼ା ଓ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଜିଆର୍‌ଏସ୍ ସୁବାସ ଚନ୍ଦ୍ର ସହୁଙ୍କ ସଂଯୋଜନାରେ ମୋଟ ୨୦ଟି ଟେବୁଲରେ ବ୍ଲକ ଓ ତହସିଲର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ବିପିସି ସୁଶାନ୍ତ ମଲ୍ଲିକ, ମୃତ୍ୟୁଞ୍ଜୟ ଦାସ, ସର୍ବେଶ୍ୱର ବରାଳ, ରୀନାରାଣୀ ପାତ୍ର, ଏଫ୍ଓ ବାବାଜୀ ବେହେରାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ପିଇଓ ସୁରେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୬୭ ଅଭିଯୋଗରୁ ୬୦ ବ୍ୟକ୍ତିଗତ, ୭ ସମୂହ

### ଗରଦପୁର ବ୍ଲକରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର


ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଗ୍ରହଣ କରୁଛନ୍ତି।

ପାଟକୁରା, ୧୯।୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ପରିସରରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅନୁପସ୍ଥିତ ଥିବାବେଳେ ପ୍ରଚାରହୋଇ ନ ଥିବାରୁ କମ୍ ଲୋକ ଅଭିଯୋଗ ପାଇଁ ଆସିଥିଲେ। ଏଥିରେ ସମୁଦାୟ ୬୭ଟି ଅଭିଯୋଗ ମଧ୍ୟରୁ ୭ଟି ସମୂହ ଥିବାବେଳେ ୬୦ଟି ବ୍ୟକ୍ତିଗତ ଥିଲା। ଏସ୍‌ପି ବି. ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ଅଭିଯୋଗଗୁଡିକର ଶୁଣାଣି କରିଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କଳାବୁଦା ଗ୍ରାମର ଭାଗ୍ୟବତୀ ସାହୁ ଦୀର୍ଘଦିନ ଧରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାକୁ ବାରମ୍ବାର ଅଭିଯୋଗ କରିଥିଲେ ବି ଅଦ୍ୟାବଧି ଘରଟିଏ ପାଇ ନ ଥିବା ନେଇ ଅଭିଯୋଗ କରିଥିଲେ। ବାସଗୃହ ନ ଥିବାରୁ ବେଡାରୀ ଗାଁର ଭିନ୍ନକ୍ଷମ ହରିଜନ ମହିଳା ସେବତୀ ବେହେରା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ସେହିପରି କୁଳତୁଠୀ ଗାଁର ଜ୍ୟୋତ୍ସ୍ନା ସ୍ୱାଇଁ, ପ୍ରଦୀପ ପରିଡାଙ୍କ ସମେତ ଅନେକ ଘର ନ ଥିବା ବ୍ୟକ୍ତି ଆବାସ ଯୋଜନାରେ ଆବେଦନ କରିଥିଲେ ମଧ୍ୟ ମିଳିନାହିଁ। ଜିଆର୍‌ଏସ୍ ସୁଧୀର ମୁଦୁଲି ଦୀର୍ଘବର୍ଷ ଧରି ଚାକିରିରୁ ନିଲମ୍ବିତ ହୋଇ ପୁଣି ନିଯୁକ୍ତି ପାଇଥିଲେ ବି ୫ ବର୍ଷ ଧରି ଦରମା ପାଇନାହାନ୍ତି ବୋଲି ଅଭିଯୋଗ କରିଥିଲେ। ଗରଦପୁର ଗାଁର ଦେବେନ୍ଦ୍ର ସାହୁ ପାଣିରେ ବୁଡି ମରିଥିଲେ ସୁଦ୍ଧା ତାଙ୍କ ସ୍ତ୍ରୀ ଗୀତାଞ୍ଜଳି କ୍ଷତି ପୂରଣ ପାଇନାହାନ୍ତି। ବ୍ଲକରେ ଯୋଗାଣ ବିଭାଗ ପକ୍ଷରୁ ଗହମ ଯୋଗାଇ ଦିଆଯିବା, ତାରପୁରଠାରୁ ଗରଦପୁର ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବସ୍ ସେବା ଯୋଗାଇବା ସହ ବ୍ଲକ ପରିସରରେ ୧ କୋଟି ଟଙ୍କା ବ୍ୟୟରେ ଗୋଦାମ ଗୃହ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ତାହାର ପୁନରୁଦ୍ଧାର କରିବା ପାଇଁ ନବାବ ପଣ୍ଡା ଅଭିଯୋଗ କରିଥିଲେ। ୧୧ ଦିନିଆ ଆପଦ ମିତ୍ର ଟ୍ରେନିଂ ନେଇଥିବା ଆଲୋକ ମାହାଳି ଓ ରଞ୍ଜନ ନାୟକ ସେମାନଙ୍କ ପ୍ରାପ୍ୟ ଟଙ୍କା ପାଇ ନ ଥିବା ଅଭିଯୋଗ କରିଥିଲେ। ପରକଣା ଆଦର୍ଶ ବିଦ୍ୟାଳୟ ଏଠାରେ ଚାଲୁ ନ ଥିବାରୁ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ମମତା ମାଲିକ, ସୁନିତା ଦାସ, ସସ୍ମିତା ପରିଡା ଅଭିଯୋଗ କରିଥିଲେ। ଏସଡ଼ିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସିଡିଏମ୍‌ଓ ଅନିତା ପଟ୍ଟନାୟକ, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ତହସିଲଦାର ତୃପ୍ତି ମହାନ୍ତି, ଡା. ନିରଞ୍ଜନ କର, ସହକାରୀ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାସ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ, ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ସାମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ଗାଁର ଭିନ୍ନକ୍ଷମ ମହିଳା ରେଖା ଜେନାଙ୍କ ଆବେଦନକୁ ଗ୍ରହଣ କରି ପ୍ରଶାସନ ପକ୍ଷରୁ ତୁରନ୍ତ ଏକ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

**ସଂକ୍ଷେପରେ**

## ଖଜୁରିପଡ଼ାର ୮୪୭ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

ଖଜୁରିପଡ଼ା, ୧୯।୨ (ବିଦୁର ବେହେରା)

ଖଜୁରିପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ଅଞ୍ଚଳରୁ ଏଥର ମୋଟ ୮୪୭ ଶିକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଥିବା ବେଳେ ଛାତ୍ରୀ ୪୪୨ ଥିବା ବେଳେ ଛାତ୍ର ୪୦୫ ଥିବା ସୂଚନା ମିଳିଛି। ୪ ସେଣ୍ଟର୍ ହେଲା ସରକାରୀ ଉଚ୍ଚ ବିଦ୍ୟାଳୟ ଦୃତିପଡା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୃତିପଡା, ସରକାରୀ ଉଚ୍ଚ ବିଦ୍ୟାଳୟ ଖଜୁରିପଡ଼ା, ସରକାରୀ ଉଚ୍ଚ ବିଦ୍ୟାଳୟ ରଣ ପାଟୁଲିରେ ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଏକାଧିକ ବ୍ୟବସ୍ଥା କରିଛି। ଏଥର ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ପ୍ରଶ୍ନପତ୍ର ଆସିବାଠାରୁ ପରୀକ୍ଷା ଉତ୍ତରଖାତା ଆସିବା ପର୍ଯ୍ୟନ୍ତ ଏହାର ତଦାରଖ କରିବେ। ବିଇଓ, ପ୍ରଧାନଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ଏହାର ଦାୟିତ୍ୱରେ ରହିବେ।

## ବୁଜୁଲି ବିଦ୍ୟାଳୟରେ ସୁଧୁରିଲା ଜଳ ସମସ୍ୟା

ଦାରିଙ୍ଗବାଡି, ୧୯।୨ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ବୁଜୁଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପିଇବା ପାଣିର ସମସ୍ୟା ଯୋଗୁ ପ୍ରାୟ ୩ କିମି ଦୂର ଏକ ଚୁଆରୁ ବିଦ୍ୟାଳୟର ଶିକ୍ଷକମାନେ ପାଣି ବାଇକରେ ବୋହି ଆଣୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହି ଘଟଣା ଧରିତ୍ରୀରେ ପ୍ରକାଶ ପାଇଲାପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ସପ୍ତାହ ମଧ୍ୟରେ ନଳକୂପ ଖୋଳାଯାଇଛି। ଏଥିସହ ଶ୍ରେଣୀ ଗୃହର ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବା ବିଦ୍ୟାଳୟର ଶିକ୍ଷକ ଅଜିତ ବେହେରଦଳାଇ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପ୍ରାୟ ୯୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ଦୁଇଟି ଶ୍ରେଣୀରେ ସେମାନେ ବସିବାକୁ ପଡୁଥିଲା। ଏପରିକି ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ପାଣିର ଅଭାବ ସହ ଛାତ୍ରୀଛାତ୍ରଙ୍କୁ ପିଇବା ପାଇଁ ପାଣି ମିଳୁ ନ ଥିଲା।

## ପି. ସଞ୍ଜୀବ ଜି.ଉଦୟଗିରି ଏନ୍ଏସି ବିଜେଡି ସହର ସଭାପତି
## ୨ କର୍ମୀଙ୍କ ଉପରୁ ନିଲମ୍ବନ ହଟିଲା

ଭୁବନେଶ୍ୱର, ୧୯।୨ (ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜି. ଉଦୟଗିରି ଏନଏସି ବିଜେଡି ସହର ସଭାପତି ଭାବେ ପି. ସଞ୍ଜୀବ କୁମାର ପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ଏନେଇ ସୋମବାର ବିଜେଡି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ଫୁଲବାଣୀ ମ୍ୟୁନିସିପାଲିଟିର ଶ୍ରୀବତ୍ସ ବେହେରା ଏବଂ ଭାଗବତ ବେହେରାଙ୍କ ଉପରୁ ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେଇଛି। ଏ ନେଇ ଦଳ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ଫୁଲବାଣୀରେ ଆରମ୍ଭ ହେଲା ଲକ୍ଷ୍ମୀ ବସ୍ ସେବା

ଫୁଲବାଣୀ, ୧୯।୨ (ରାକେଶ କୁମାର ରାଉତ)



ଶୁଭାରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍।

କନ୍ଧମାଳ ଜିଲାରେ ସୋମବାର ଲକ୍ଷ୍ମୀ ବସ ସେବା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିଛନ୍ତି। କନ୍ଧମାଳ ଜିଲାରେ ୫୦ଟି ବସର ଶୁଭାରମ୍ଭ ହୋଇଛି । ଏହି ବସ ପ୍ରତି ପାଞ୍ଚତରୁ ବ୍ଲକ ମୁଖ୍ୟାଳୟକୁ ଗଡିବ । ଏହି ସେବା ଦ୍ୱାରା ଛାତ୍ରଛାତ୍ରୀ ଏବଂ ମହିଳାଙ୍କ ସହ ସାଧାରଣ ଲୋକମାନେ ବେଶ ଉପକୃତ ହୋଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନୀ ଉତ୍ସବରେ କହିଛନ୍ତି । ସାଧାରଣ ଲୋକେ ଓ ଛାତ୍ରୀଛାତ୍ରମାନେ ସ୍କୁଲ କିମ୍ବା କଲେଜକୁ ଏହି ଲକ୍ଷ୍ମୀ ବସ ମାଧ୍ୟମରେ ମାତ୍ର ୫ ଟଙ୍କା ଦେଇ ଯାତାୟାତ କରିପାରିବା ସହ ଦୁର୍ଗମ ଅଞ୍ଚଳକୁ ମଧ୍ୟ ଗମନା ଗମନ ସୁଗମ୍ୟ ହୋଇପାରିବ । ସେହିପରି ବିଭିନ୍ନ କ୍ଷେତ୍ରରେ ରହି କାର୍ଯ୍ୟ କରୁଥିବା ମହିଳା, ମିଶନ ଶକ୍ତି ମହିଳାମାନେ ମଧ୍ୟ ମାତ୍ର ୫ ଟଙ୍କାରେ ଯାତ୍ରା କରି ପାରିବେ। ଏହି ଲକ୍ଷ୍ମୀ ବସ ସେବା ଦ୍ୱାରା ଗ୍ରାମାଞ୍ଚଳରେ ଯାତାୟାତ ସୁଗମ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। କନ୍ଧମାଳ ଜିଲାରେ ୨୭ଟି ବସ ଆସିଥିବା ବେଳେ ଆଉ ୨୩ଟି ବସ ଚାଲିବ। ଏଥିରେ ଜିଲାର ୧୭୧ ପଞ୍ଚାୟତର ଲକ୍ଷାଧିକ ଲୋକେ ଉପକୃତ ହେବେ। ମିଶନ ଶକ୍ତି ମହିଳାଙ୍କୁ ରୋଜଗାର ଦେବା ପାଇଁ ଏହି ବସ ପରିଚାଳନା ଭାର ମହିଳାଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ମାସ ସୁଦ୍ଧା ସବୁ ଜିଲାରେ ଲକ୍ଷ୍ମୀ ବସ ସେବା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ଏହି ଅବସର ରେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଶୁଭେଚ୍ଛା ଦେଇଥିଲେ। ଏ ନେଇ କନ୍ଧମାଳ ଷ୍ଟାଡିୟମଠାରେ ସ୍ୱତନ୍ତ୍ର ସଭାର ଆୟୋଜନ ହୋଇଥିଲା। ଉପ ବାଚସ୍ପତି ସାଲୁଗା ପ୍ରଧାନ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଏସ୍‌ଡିସି ଅଧ୍ୟକ୍ଷ ରୋଦନ ମଲିକ, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ପରିଷଦ ଅଧ୍ୟକ୍ଷା ଶୁସ୍ରୀ ନନ୍ଦିନି ମଲିକ ଓ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବନ୍ଧୁମିଳନ

**ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ**

ନୟାଗଡ଼, ୧୯।୨ (ଲୋକନାଥ ମିଶ୍ର)

ନୟାଗଡ଼ ସହର ଉପକଣ୍ଠ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ରବିବାର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ପର୍ବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସରେ ମୁଖ୍ୟଅତିଥି ଭାବେ ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରମୋଦ ବେହେରା, ମୋ ସ୍କୁଲ୍ କମିଟି ସଭାପତି ଭଗବାନ ଜେନା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ପୂଜନ ସହ ପୂର୍ବତନ ଓ ବର୍ତ୍ତମାନର ସମସ୍ତ ଗୁରୁମାଗୁରୁଜୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମୋ ସ୍କୁଲ୍ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ସମେତ ପୂର୍ବତନ ସଭାପତିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମସ୍ତ ପୂର୍ବତନ ଗୁରୁମାଗୁରୁଜୀ ଓ ପୁରାତନ ଛାତ୍ରୀଛାତ୍ର ସେମାନଙ୍କ ଅତୀତର ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ପରେ ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ସଲିମ୍ ଇବ୍ରାହିମ୍ ଓ ମିତାଞ୍ଜଳୀ ସାହୁ ପୁରସ୍କାର ବିତରଣ ପର୍ବରେ ସହଯୋଗ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଶେଖ୍ ଅବଦୁଲ୍ ଖାଲିକ୍ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଞ୍ଚ ସଂଯୋଜକ ଗୋପୀନାଥ ସେଠୀ, ସହକାରୀ ଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳ ଓ ନିଶାମଣି ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷକ ଏସ.ଏ. ଖାଲିକ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକଙ୍କ ଧାରଣା



ଧାରଣାରେ ବସିଥିବା ରାଜସ୍ୱ ନିରୀକ୍ଷକମାନେ।

ଖଣ୍ଡପଡ଼ା, ୧୯।୨ (ଅଜୟ କୁମାର ମହାରଣା)

ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ରାଜସ୍ୱ ନିରୀକ୍ଷକମାନେ ୬ ଦଫା ଦାବି ପୂରଣ ନେଇ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାରଠାରୁ ଧାରଣା ଦେଇଛନ୍ତି। ରାଜସ୍ୱ ନିରୀକ୍ଷକମାନେ ଦୀର୍ଘବର୍ଷ ଧରି ବିଭିନ୍ନ ଦାବିପୂରଣ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ ହେଁ ତାହାକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରୁ ନାହାନ୍ତି ବୋଲି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ରାଜସ୍ୱ ନିରୀକ୍ଷକମାନେ ତହସିଲ କାର୍ଯ୍ୟାଳୟରେ ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଧାରଣାରତ କର୍ମଚାରୀମାନେ କହିଛନ୍ତି। ବିଭିନ୍ନ ଦାବି ମଧ୍ୟରେ କ୍ୟାଡର ପୁନର୍ଗଠନ କରି ସରକାର ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବା, ରାଜସ୍ୱ ସୁପରଭାଇଜରମାନଙ୍କୁ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପ୍ରଦାନ କରିବା, ବର୍ଦ୍ଧିତ ହାରରେ ବେତନ ପ୍ରଦାନ, ଖାଲି ପଡିଥିବା ପଦବୀ ଗୁଡିକୁ ତୁରନ୍ତ ପୂରଣ କରିବା, କୃଷି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କୃଷି ବିଭାଗକୁ ହସ୍ତାନ୍ତର କରିବା ଆଦି ଦାବି ନେଇ ରାଜସ୍ୱ ନିରୀକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସୂଚନା ମିଳିଛି।

## ଚଟୁଆ ରୋଗରେ ୨୦ରୁ ଊର୍ଦ୍ଧ୍ୱ ଗାଈ ବାଛୁରି ମୃତ

ଦିଗପହଣ୍ଡି, ୧୯।୨ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଓ ଖମ୍ବାରି ଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚଟୁଆ ରୋଗରେ ଆକ୍ରାନ୍ତ ହୋଇ ଏକ ସପ୍ତାହ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଗାଈ ଓ ବାଛୁରି ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ରୋଗର ଲକ୍ଷଣ ପ୍ରଥମେ ଚଟୁଆ ଫୁଲିବା ସହ ପେଟ ଫୁଲି ଗୁରୁତର ହୋଇଥାନ୍ତି ଏବଂ ପରେ ସେମାନଙ୍କ ମୃତ୍ୟୁ ହୋଇଥାଏ। ଏମାନଙ୍କୁ କୌଣସି ପ୍ରକାର ଔଷଧ କିମ୍ବା ରୋଗପ୍ରତିଷେଧକ ଟିକା ଦିଆଗଲେ ମଧ୍ୟ ତାହା କାମ କରୁ ନ ଥିବା ଗୋଚାଷୀ ସୀମାଞ୍ଚଳ କର କହିଛନ୍ତି। ଖମ୍ବାରି ଗାଁ ପଞ୍ଚାୟତ ସେବକ ଟିକରପଡା ଗ୍ରାମର ସୀମାଞ୍ଚଳ କରଙ୍କ ଗୋଟିଏ ବାଛୁରି, ଲାବଣ୍ୟ ଗୌଡ଼ଙ୍କ ଗାଈ ଗୋଠରୁ ୫ ବାଛୁରି ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଛି। ସେହିପରି କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମର ନଅଙ୍କ ଗୌଡ଼ଙ୍କ ଗୋଠରୁ ୩ ବାଛୁରି ଏବଂ ବାୟା ଗୌଡ଼ଙ୍କ ଗୋଠ ରୁ ୪ ବାଛୁରିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗାଈ ବାଛୁରିଙ୍କ ମୃତ୍ୟୁପରେ ସେଗୁଡ଼ିକୁ ପୋତା ନ ଯାଇ ରାସ୍ତାକଡ଼ରେ ଫୋପାଡ଼ି ଦିଆଯାଇଛି। ଫଳରେ ସେହି ଅଞ୍ଚଳରେ ଦୁର୍ଗନ୍ଧ ହେବା ସହ ପରିବେଶ ଦୂଷିତ ହେଉଛି। ଗ୍ରାମବାସୀ ଏହି ଚଟୁଆ ରୋଗ ବ୍ୟାପିବା ଖବର ପ୍ରାଣୀ ଚିକିତ୍ସକଙ୍କୁ ଅବଗତ କରାଇଥିଲେ ମଧ୍ୟ କାହାରି ଦେଖାମିଳୁନାହିଁ। ଅନ୍ୟପକ୍ଷରେ ଭ୍ରାମ୍ୟମାଣ ଗାଡ଼ି ଗାଁକୁ ଗାଁ ବୁଲି ଚିକିତ୍ସା କରୁ ନ ଥିବା ଗୋଚାଷୀମାନେ ଅଭିଯୋଗ କରିଛନ୍ତି। ଯଦି ଏହି ଚଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା କରା ନ ଯାଏ ତେବେ ଆଗାମୀ ଦିନ ଏହି ରୋଗ ଅନ୍ୟ ଗାଁଗୁଡ଼ିକୁ ବ୍ୟାପିବା ନେଇ ଗୋଚାଷୀମାନେ ଆଶଙ୍କା କରୁଛନ୍ତି।

# ତହସିଲ ସମ୍ମୁଖରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଧାରଣା

ନୟାଗଡ଼, ୧୯।୨ (ଲୋକନାଥ ମିଶ୍ର)

ନୟାଗଡ଼ ତହସିଲ କାର୍ଯ୍ୟାଳୟ ପରିସରରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଆନ୍ଦୋଳନ ସୋମବାର ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସରକାର ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ୬ ଦଫା ଦାବି ପୂରଣ କରୁ ନ ଥିବାରୁ ଆରଆଇ, ଏଆରଆଇ, ଆରଏସ୍‌ମାନେ ହଇରାଣ ହୋଇ ଆସୁଥିବା ଅଭିଯୋଗ ରହିଛି। ଓଡିଶା ଡିଷ୍ଟ୍ରିକ୍ଟ ରେଭିନିଉ ସର୍କୁଲାର ନିୟମ ୧୯୮୩ର ସଂଶୋଧନ କରି ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ଏଆର୍‌ଆଇଙ୍କର ବେତନ ପରବର୍ତ୍ତୀ ସ୍ତରକୁ ନେବା, ଆରଆଇଙ୍କ ପଦବୀ ପଦୋନ୍ନତି ପୋଷ୍ଟ ଭାବେ ବିବେଚନା କରିବା ଦାବି ରହିଛି। ସେହିଭଳି ଏଆରସଙ୍କର ପଦର ନାମକରଣ ଅତିରିକ୍ତ ତହସିଲଦାର ପଦବୀକୁ ପରିବର୍ତ୍ତନ କରାଯାଇ ରାଜସ୍ୱ ମଣ୍ଡଳରେ ନିଯୁକ୍ତି, ୧।୧।୨୦୦୬ଠାରୁ ଆରଆଇ, ଏଆର୍‌ଆଇ ଓ ଆରଏସ୍‌ଙ୍କର ବେତନ ସ୍କେଲ ଧାର୍ଯ୍ୟ କରିବା, ବିଜ୍ଞପ୍ତି ୧୯।୨।୨୦୨୦ ଅନୁସାରେ ଆଉଟସୋର୍ସିଂ ମାଧ୍ୟମରେ ଆରଆଇ ମଣ୍ଡଳ ପାଇଁ ଗ୍ରୁପ ଡି ପୋଷ୍ଟ ପୂରଣ କରିବା ପରି ଦାବି ରହିଛି।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ରାଜସ୍ୱ କ୍ଷେତ୍ର ଅଧିକାରୀମାନେ।

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟାଙ୍କ ବନବାସୀ ସେବା ସମିତି ପରିଦର୍ଶନ

ବାଲିଗୁଡ଼ା, ୧୯।୨ (ସଞ୍ଜୟ ପାଣିଗ୍ରାହୀ)



ଉପସ୍ଥିତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ଓ ଅନ୍ୟମାନେ।

କନ୍ଧମାଳ ପରିଦର୍ଶନରେ ଆସିଥିବା ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଜାଲିନା ପ୍ରିୟଦର୍ଶନୀ ଓ ରୁବି ବିଶ୍ୱାଳ ବାଲିଗୁଡାର ବନବାସୀ ସେବା ସମିତି ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନମ୍, ଶିଶୁ ମଙ୍ଗଳ କମିଟିର ସଦସ୍ୟା ମମତା ଦାସ, ପୋନିକ ସରୋଜ ତଥା ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବନବାସୀ ସେବା ସମିତିର ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାକୁ ପରିଖିଥିଲେ। ଓଡ଼ିଶା ମହିଳା ଓ ଶିଶୁ ବକାଶ ବିଭାଗ ସହାୟତାରେ ବନବାସୀ ସେବା ସମିତି ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥା (ଏସ୍ଏଏ), ଶିଶୁ ସଦନ ଓ ରେଡକ୍ରସ ଦୃଷ୍ଟିହୀନ ବିଦ୍ୟାଳୟ ବୁଲି ଦେଖିବା ସହ ଶିଶୁମାନଙ୍କୁ ସେମାନଙ୍କ ଅଧିକାର ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ପରିଦର୍ଶନ ସମୟରେ ବନବାସୀ ସେବା ସମିତିର ସହ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଅତିଥି ମାନଙ୍କୁ ସମସ୍ତ ୟୁନିଟକୁ ବୁଲି ଦେଖାଇଥିଲେ। ସମିତିର ବିଶ୍ୱଜିତ ଜେନା, ସରୋଜ ଆଲଟିଆ, ଆଦବେଶା ମହାପାତ୍ର, ପ୍ରତାପରୁଦ୍ର ଶୁକ୍ଳା ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଝିଅ ମୃତ, ମା' ଗୁରୁତର

ପାରଳାଖେମୁଣ୍ଡି, ୧୯।୨ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଅଙ୍କରଡା ମୁଖ୍ୟ ରାସ୍ତାକଡ଼ରେ ଏକ ଗଛରେ ସ୍କୁଟି ଧକ୍କା ହେବାରୁ ଝିଅର ମୃତ୍ୟୁ ଘଟିଥିବା ବେଳେ ମା'ଗୁରୁତା ହୋଇଛନ୍ତି। ମୃତା ଝିଅ ହେଲେ ଭାରତୀ ପାସୁପୁରେଡ୍ଡି । ତାଙ୍କ ମା' ନିର୍ମଳା ପାସୁପୁରେଡ୍ଡି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାୟରେ ଭର୍ତ୍ତି ହୋଇଛନ୍ତି। ପାରଳାଖେମୁଣ୍ଡି ସହର ବାସିନ୍ଦା ରାମେୟ ପାସପୁରେଡ୍ଡିଙ୍କ ସ୍ତ୍ରୀ ନିର୍ମଳା ଓ ଝିଅ ଭାରତୀ ଏକ ସ୍କୁଟି ଯୋଗେ ଗୁଣୁପୁର ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଭୋଜରେ ଯୋଗ ଦେବାକୁ ଯାଇଥିଲେ। ଭୋଜିରୁ ଫେରିବା ବେଳେ ଅଙ୍କରଡ଼ା ଛକ ନିକଟରେ ଭାରସାମ୍ୟ ହରାଇବାରୁ ସ୍କୁଟିଟି ଗଛରେ ପିଟି ହୋଇଥିଲା। ଫଳରେ ମା', ଝିଅ ଗୁରୁତର ହୋଇଥିଲେ।

# ଦୋଳ ଉତ୍ସବ ପ୍ରସ୍ତୁତି ବୈଠକ




ବୈଠକରେ ଆଲୋଚନା ଚାଲିଛି।

ପାରଳାଖେମୁଣ୍ଡି, ୧୯।୨ (ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡିଠାରେ ହେବାକୁ ଥିବା ପ୍ରସିଦ୍ଧ ଦୋଳ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୋଳ ବନ୍ଧ ଓ ଦୋଳ ଉତ୍ସବ କମିଟି ତରଫରୁ ଦୋଳବନ୍ଧ ନିକଟସ୍ଥ ହନୁମାନ ମନ୍ଦିର ପରିସରରେ କମିଟିର ସଭାପତି ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟିର କୋଷାଧ୍ୟକ୍ଷ ମଙ୍ଗଳା ପଟ୍ଟନାୟକ ଗତବର୍ଷ ଯାତ୍ରାର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଚଳିତବର୍ଷ ମାର୍ଚ୍ଚ ୨୧ ତାରିଖଠାରୁ ୨୬ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ଦୋଳ ଉତ୍ସବ ପାଳନ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଗଲା । ପ୍ରତିବର୍ଷ ଭଳି ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ କମିଟି ସଦସ୍ୟ ଦେବେନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ହୋତା, ପ୍ରାଣ ତରାଇ, ଅରମିତ ଜେନା, ଶରତ ପାଣିଗ୍ରାହୀ, ରବିନାରାୟଣ ଚୌଧୁରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବ୍ରହ୍ମପୁର, ୧୯।୨ (ସ୍ମୃତି ରଞ୍ଜନ ମହାଲିକ)



ଆସିକା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ କ୍ଷେତ୍ର ଅଧିକାରୀ



ଶେରଗଡ଼

ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ୬ଦଫା ଦାବି ନେଇ ସୋମବାରଠାରୁ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଆନ୍ଦୋଳନରେ ଜିଲାର ୨୩ ତହସିଲରେ କାର୍ଯ୍ୟରତ ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ସାମିଲ ଅଛନ୍ତି। ଓଡିଆରଏସ ନିୟମ ୧୯୮୩ରେ ଆବଶ୍ୟକ ସଂଶୋଧନ ମାଧ୍ୟମରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ସରକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ସଂରଚନାରେ ପରବର୍ତ୍ତୀ ସ୍ତରକୁ ଓଆରଏସପିର ସ୍ତର-୮ ଓ ୯୦% ରାଜସ୍ୱ ନିରୀକ୍ଷକ ପଦବୀ ପଦୋନ୍ନତି ସ୍ଥିର କରିବା, କାର୍ଯ୍ୟସୂଚୀରେ ଆବଶ୍ୟକ ପରିବର୍ତ୍ତନ ପରେ କୃଷି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ଯଥା କୃଷକ ତଥ୍ୟ ଯାଞ୍ଚ, ସିସିଇ ଆଦି କୃଷି ବିଭାଗକୁ ହସ୍ତାନ୍ତର କରିବା ଆଦି ଦାବି ନେଇ ଆନ୍ଦୋଳନ ଚାଲିଛି। ଦାବିଗୁଡିକ ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦିଆଯାଇଛି। ବ୍ରହ୍ମପୁରରେ ହୋଇଥିବା ଆନ୍ଦୋଳନରେ ସଂଘର ଗଞ୍ଜାମ ଜିଲା ସଭାପତି ମନୋଜ କୁମାର ନାହାକ, ସଂପାଦକ ନୀଳାଞ୍ଚଳ ବେହେରାଙ୍କ ସମେତ ମଳୟ କୁମାର ନାୟକ, ନିରଞ୍ଜନ ମହାନ୍ତି, ଜିତେନ୍ଦ୍ର ଗୌଡ ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ଆସିକା (ସୁରେନ୍ଦ୍ରନାଥ ସାହୁ):** ଆସିକା ତହସିଲରେ କର୍ତ୍ତବ୍ୟରତ କ୍ଷେତ୍ର ଅଧିକାରୀମାନେ ୬ଦଫା ଦାବୀ ନେଇ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସେମାନଙ୍କ ଦାବି ପୂରଣ ଲାଗି ନାରାବାଜି କରିଥିଲେ । ଆନ୍ଦୋଳନରେ ଆସିକା ତହସିଲର ୯ଟି ସର୍କଲରେ କର୍ତ୍ତବ୍ୟରତ ୧୦ଜଣ ଆର.ଆଇ, ୫ଜଣ ଏଆରଆଇ ଓ ଦୁଇଜଣ ସୁପରଭାଇଜର ସାମିଲ ଅଛନ୍ତି। ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଲେଙ୍କା, ସୁନିଲ ମହାରଣା, ସସ୍ମିତା ବିଶ୍ୱାଳ, ବିଭୂପ୍ରସାଦ ତ୍ରିପାଠୀ, ରଘୁନାଥ ପ୍ରଧାନ, ବିଷ୍ଣୁପ୍ରିୟା ରାଉତ, ଅମ୍ବିକା ତ୍ରିପାଠୀ, ସ୍ୱରାଜ୍ୟ ଗୌଡ, ସୁନିଲ କୁମାର ଗୌଡଙ୍କ ସମେତ ଅଧିକାରୀମାନେ ସାମିଲ ଥିଲେ।

**ଧରାକୋଟ, (ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ତହସିଲର କ୍ଷେତ୍ର କର୍ମଚାରୀମାନେ ମଧ୍ୟ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ସୁପରଭାଇଜର ସୁଙ୍କାନି ବେହେରା, ରାଜସ୍ୱ ନିରୀକ୍ଷକ ମନ୍ଦାକିନୀ ମଲିକ, ଯଜ୍ଞନାରାୟଣ ନାୟକ, ରଞ୍ଜନ କୁମାର ବରାଡ, ରବି ନାରାୟଣ ଗୌଡ଼, ଲକ୍ଷ୍ମଣ ନାୟକ, ବାବୁରାମ ନାୟକ ପ୍ରମୁଖ ସାମିଲ ହେବାସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

**ଶେରଗଡ଼, (ସୂର୍ଯ୍ୟନାରାୟଣ ଦାଶ):** ଶେରଗଡ଼ ତହସିଲ ଆଗରେ ୯ଟି ସର୍କଲର ରାଜସ୍ୱ କର୍ମଚାରୀମାନେ ୬ଦଫା ଦାବି ନେଇ ଆନ୍ଦୋଳନରେ ବସିଛନ୍ତି । ଫଳରେ ୯ ଟି ସର୍କଲର ରାଜସ୍ୱ ସେବା ଠପ ହୋଇଯାଇଛି।

**ପାରଳାଖେମୁଣ୍ଡି, (ଗିରିଧାରୀ ପରିଚ୍ଛା):** ଗଜପତି ଜିଲା ରାଜସ୍ୱ ନିରୀକ୍ଷକ ସଂଘ ପକ୍ଷରୁ ଜିଲା ରାଜସ୍ୱ ପରିଦର୍ଶକ ନିରଞ୍ଜନ ସ୍ୱାଇଁ ଓ ଜିଲା ରାଜସ୍ୱ ନିରୀକ୍ଷକ କୃଷ୍ଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସୋମବାରଠାରୁ ଜିଲାର ସମସ୍ତ ଆରଆଇ ପାରଳାଖେମୁଣ୍ଡିସ୍ଥିତ ତହସିଲ କାର୍ଯ୍ୟାଳୟରେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ପାରଳାଖେମୁଣ୍ଡି ରାଜସ୍ୱ ନିରୀକ୍ଷକ ସଂଘର ସଭାପତି ବିଜୟ ଶଙ୍କର ଓ ସଂପାଦକ ଧନ ସେଠୀ କହିଛନ୍ତି।

## ପ୍ରଭାବଶାଳୀ ପାସ୍‌ପୋର୍ଟ ର୍‌ୟାଙ୍କିଙ୍ଗରେ ତଳକୁ ଖସିଲା ଭାରତ

**ନୂଆଦିଲ୍ଲୀ,୧୯।୨:** ଚଳିତ ବର୍ଷ ପାଇଁ ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କରେ ଭାରତ ପୂର୍ବବର୍ଷ ତୁଳନାରେ ଗୋଟିଏ ସ୍ଥାନ ତଳକୁ ଖସି ୮୫ରେ ପହଞ୍ଚିଛି। ଗତବର୍ଷ ଏହା ୮୪ତମ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ପ୍ରଭାବଶାଳୀ ପାସ୍‌ପୋର୍ଟ ର୍‌ୟାଙ୍କିଙ୍ଗ୍‌ରେ ଫ୍ରାନ୍ସ ଶୀର୍ଷରେ ରହିଛି। ଏହାର ପାସ୍‌ପୋର୍ଟ ୧୯୪ଟି ଦେଶରେ ଭିଜାମୁକ୍ତ ପ୍ରବେଶ ଅନୁମତି ଦେଉଛି। ଫ୍ରାନ୍ସ ପଛକୁ ଜର୍ମାନୀ, ଇଟାଲୀ, ଜାପାନ, ସିଙ୍ଗାପୁର ଏବଂ ସ୍ପେନ୍ ରହିଛି। ପାସ୍‌ପୋର୍ଟଗୁଡ଼ିକର ସାମର୍ଥ୍ୟକୁ ବିଚାର କରି ଏହି ର୍‌ୟାଙ୍କିଙ୍ଗ ପ୍ରସ୍ତୁତ କରାଯାଇଛି। ଗତବର୍ଷ ପାସ୍‌ପୋର୍ଟଧାରୀ ଭାରତୀୟମାନଙ୍କୁ ବିନା ଭିଜାରେ ୬୦ଟି ଦେଶକୁ ଯିବାର ସୁଯୋଗ ମିଳୁଥିବାବେଳେ ଏଥର ୬୨ଟି ଦେଶ ଏହି ସୁବିଧା ଦେଉଛନ୍ତି। ଏହା ସତ୍ତ୍ୱେ ଭାରତର ର୍‌ୟାଙ୍କିଙ୍ଗ କମିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନ ପୂର୍ବବର୍ଷ ଭଳି ୧୦୬ତମ ସ୍ଥାନରେ ରହିଥିବାବେଳେ ବାଂଲାଦେଶ ୧୦୧ରୁ ୧୦୨କୁ ଖସିଛି। ଅନ୍ୟପକ୍ଷରେ ମାଳଦ୍ୱୀପ ର୍‌ୟାଙ୍କିଙ୍ଗ୍‌ରେ ୫୮ତମ ସ୍ଥାନରେ ରହିଛି। ଏହାର ପାସ୍‌ପୋର୍ଟଧାରୀଙ୍କୁ ୯୬ ଦେଶରେ ଭିଜାମୁକ୍ତ ପ୍ରବେଶ ଅନୁମତି ମିଳୁଛି। ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ(ଆଇଏଟିଏ)ର ସ୍ୱତନ୍ତ୍ର ତଥ୍ୟ ଆଧାରରେ ହେନ୍‌ଲି ପାସ୍‌ପୋର୍ଟ ଇଣ୍ଡେକ୍ସ ଉପରୋକ୍ତ ର୍‌ୟାଙ୍କିଙ୍ଗ୍ ପ୍ରସ୍ତୁତ କରିଛି।

## ଷଷ୍ଠ ଥର ପାଇଁ ହାଜର ହେଲେନି କେଜ୍‌ରିୱାଲ ମାମଲା ରୁଜୁକଲା ଇଡି

**ନୂଆଦିଲ୍ଲୀ,୧୯।୨(ପି.ଟି.):** ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ଷଷ୍ଠ ଥର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ଜେରା ପାଇଁ ହାଜର ହୋଇ ନାହାନ୍ତି। ଇଡିର ସମନ ବେଆଇନ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) କହିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବାରମ୍ବାର ସମନ ଜାରି କରିବା ପରିବର୍ତ୍ତେ ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବା ଆବଶ୍ୟକ ବୋଲି ଦଳ କହିଛି। ଅନ୍ୟପକ୍ଷରେ କ୍ରମାଗତ ୬ ଥର କେଜ୍‌ରିୱାଲ ସମନକୁ ଏଡ଼ାଇଯାଇଥିବାରୁ ଏହା ବିରୋଧରେ ଇଡି ମାମଲା ରୁଜୁ କରିଛି।

## ଚନ୍ଦା କୋଚର, ସ୍ୱାମୀଙ୍କୁ ଗିରଫ ସିବିଆଇ କ୍ଷମତାର ଦୁରୁପଯୋଗ: ହାଇକୋର୍ଟ

**ମୁମ୍ବାଇ,୧୯।୨:** ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ଚନ୍ଦା କୋଚର ଓ ତାଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ୨୦୨୨ ଡିସେମ୍ବରରେ ଗିରଫ କରାଯିବା ସିବିଆଇ କ୍ଷମତାର ଦୁରୁପଯୋଗ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ଆଇନର ଉପଯୁକ୍ତ ବ୍ୟବହାର କରା ନ ଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଡିଓକନ୍-ଆଇସିଆଇସିଆଇ ବ୍ୟାଙ୍କ ଋଣ ଜାଲିଆତି ମାମଲାରେ କୋଚର ଦମ୍ପତିଙ୍କୁ ୨୦୨୨ ଡିସେମ୍ବର ୨୩ରେ ଗିରଫ କରାଯାଇଥିଲା। ଗିରଫକୁ ସମର୍ଥନ କଲା ଭଳି ଦସ୍ତାବିଜ୍ ଦେଖାଇବାରେ ସିବିଆଇ ବିଫଳ ହୋଇଛି। ଆବଶ୍ୟକ କାଗଜପତ୍ର ଅଭାବରେ ଉକ୍ତ ଗିରଫଦାରୀ ବେଆଇନ ବୋଲି ଅଦାଲତ କହିଛନ୍ତି।



ଉତ୍ତରପ୍ରଦେଶର ପ୍ରତାପଗଡ଼ରେ ସୋମବାର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ସମର୍ଥକମାନଙ୍କ ଗହଣରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ନାଭାଲ୍‌ନୀଙ୍କ ମୃତଦେହରେ କ୍ଷତଚିହ୍ନ

ମସ୍କୋ,୧୯।୨



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ଦୃଢ଼ ସମାଲୋଚକ ତଥା ବିରୋଧୀ ଦଳ ନେତା ଆଲେକ୍ସି ନାଭାଲ୍‌ନୀଙ୍କ ମୃତଦେହ ଏକ ଶବାଗାରରୁ ମିଳିଛି। ମୃତଦେହରେ କ୍ଷତଚିହ୍ନ ରହିଥିବା ହସ୍ପିଟାଲର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି ଗଣମାଧ୍ୟମକୁ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଯେଉଁମାନଙ୍କର ଜେଲରେ ମୃତ୍ୟୁ ଘଟେ, ସେମାନଙ୍କ ମରଶରୀରକୁ ସିଧା ଫରେନ୍ ମେଡିସିନ୍ ବ୍ୟୁରୋକୁ ନିଆଯାଇଥାଏ। କିନ୍ତୁ କୌଣସି କାରଣ ପାଇଁ ନାଭାଲ୍‌ନୀଙ୍କ ମୃତଦେହକୁ ହସ୍ପିଟାଲ ନିଆଯାଇଥିଲା। କ୍ଷତଚିହ୍ନରୁ ଯାହା ଜଣାପଡୁଛି, ତାଙ୍କୁ ଜୋର ଜବରଦସ୍ତ ଅଟକାଇ ରଖାଯାଇଥିଲା।

ରୁଷିଆର ଆର୍କଟିକ୍ ପେନାଲ କଲୋନି ଜେଲ୍‌ରେ ଶୁକ୍ରବାର ଅପରାହ୍ନ ୨ଟା ୧୭ରେ ନାଭାଲ୍‌ନିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିବା ପରେ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ୪୭ ବର୍ଷୀୟ ରାଜନୈତିକ ବନ୍ଦୀଙ୍କ ଆକସ୍ମିକ ବିୟୋଗକୁ ଦେଶବାସୀ ଗ୍ରହଣ କରି ନ ପାରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ୪୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ନାଭାଲ୍‌ନିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଦଳୀୟ ଲୋକମାନେ ଅଭିଯୋଗ କରିଛନ୍ତି।

# ରିଟର୍ନିଂ ଅଫିସରଙ୍କ ବିରୋଧରେ ମକଦ୍ଦମା ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୯।୨(ପି.ଟି.)



**ଚଣ୍ଡିଗଡ଼ ମେୟର ନିର୍ବାଚନ ଜାଲିଆତି**

**ବାଲଟ ପେପର, ଭିଡିଓ ରେକର୍ଡିଂ ମାଗିଲେ ସୁପ୍ରିମକୋର୍ଟ**

ଚଣ୍ଡିଗଡ଼ ମେୟର ନିର୍ବାଚନରେ ଘୋଡ଼ାବେପାରକୁ ନେଇ ସୁପ୍ରିମକୋର୍ଟ ରିଟର୍ନିଂ ଅଫିସରଙ୍କୁ ଭର୍ତ୍ସନା କରିବା ସହ ତାଙ୍କ ବିରୋଧରେ ମୋକଦ୍ଦମା ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବାଲଟ ପେପର ଏବଂ ଭୋଟଗଣତି ଦିନର ସମ୍ପୂର୍ଣ୍ଣ ଭିଡିଓ ରେକର୍ଡିଂ ମଙ୍ଗଳବାର ଦାଖଲ କରିବାକୁ ଅଦାଲତ କହିଛନ୍ତି। ଉପରୋକ୍ତ ରେକର୍ଡଗୁଡ଼ିକୁ ନିରାପଦର ସହ ଦିଲ୍ଲୀ ଆଣିବାରେ ସହାୟତା କରିବା ପାଇଁ ଜଣେ ନ୍ୟାୟିକ ଅଧିକାରୀଙ୍କୁ ନିୟୋଜିତ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେୟର ନିର୍ବାଚନ ପରିଚାଳନା କରିଥିବା ରିଟର୍ନିଂ ଅଫିସର ଅନିଲ ମସିହ ନିଶ୍ଚୟ ବାଲଟ ପେପରଗୁଡ଼ିକୁ ବିକୃତ କରିଛନ୍ତି। ତାଙ୍କ ବିରୋଧରେ ତଦନ୍ତ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ରିଟର୍ନିଂ ଅଫିସରଙ୍କ କାର୍ଯ୍ୟକଳାପ ଗଣତନ୍ତ୍ରର ହତ୍ୟା ଏବଂ ପରିହାସ ଭଳି ବୋଲି ଖଣ୍ଡପୀଠ ଟିପ୍ପଣୀ କରିଥିଲେ। କେତେକ ବାଲଟ୍ ପେପରରେ ଟାମ୍ପରିଂକୁ ନେଇ ଅଦାଲତ ମସିହଙ୍କୁ ପ୍ରଶ୍ନ କରିଥିଲେ। ପୂର୍ବରୁ ବିକୃତ ହୋଇଥିବା ୮ଟି ବାଲଟରେ ସେ X ଚିହ୍ନ ଲଗାଇଥିଲେ ବୋଲି କହିଥିଲେ। ଆମ୍ ଆଦ୍‌ମୀ ପାର୍ଟିର କାଉନସିଲରମାନେ ଗୃହରେ ହଟ୍ଟଗୋଳ କରିବା ସହ ବାଲଟ ପେପର ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ସିସିଟିଭି କ୍ୟାମେରାକୁ ଚାହିଁଥିଲେ ବୋଲି ମସିହ କହିଛନ୍ତି। ସୂଚନାଯୋଗ୍ୟ, ଜାନୁଆରୀ ୩୦ରେ ଅନୁଷ୍ଠିତ ମେୟର ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ଏବଂ କଂଗ୍ରେସର ମିଳିତ ପ୍ରାର୍ଥୀ କୁଲଦୀପ କୁମାରଙ୍କୁ ହରାଇ ଭାଜପାର ମନୋଜ ସୋଙ୍କରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। କଂଗ୍ରେସ ଏବଂ ଏଏପିର କାଉନସିଲର ଅଧିକ ଥିବା ସତ୍ତ୍ୱେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ୮ଟି ଭୋଟ୍‌କୁ ନାକଚ କରାଯାଇଥିବା କୁଲଦୀପ ଅଭିଯୋଗ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସିବିଆଇ ତଦନ୍ତ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୧୯।୨

**ସନ୍ଦେଶଖାଲି ମାମଲା**

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ତୃଣମୂଳ କଂଗ୍ରେସ ନେତାଙ୍କ ଦ୍ୱାରା ମହିଳାମାନଙ୍କୁ ଯୌନ ନିର୍ଯାତନା ଓ ସମ୍ପତ୍ତି ହଡ଼ପ ମାମଲାର ସିବିଆଇ କିମ୍ବା ଏସ୍‌ଆଇଟି ତଦନ୍ତ ପାଇଁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। କାଲକାଟା ହାଇକୋର୍ଟ ନିଜଆଡୁ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଥିବା ଜଷ୍ଟିସ ବି.ଭି. ନାଗରତ୍ନା ଏବଂ ଅଗଷ୍ଟିନ୍ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ତେଣୁ ଦୁଇଟି ଅଦାଲତରେ ଏକସଙ୍ଗେ ଶୁଣାଣି ହୋଇପାରିବ ନାହିଁ। ପ୍ରଥମେ ହାଇକୋର୍ଟ କ'ଣ ନିଷ୍ପତ୍ତି ନେଉଛନ୍ତି ଦେଖାଯାଉ ବୋଲି ଖଣ୍ଡପୀଠ କହିଛନ୍ତି। ଆଇନଜୀବୀ ଅଲଖ ଆଲୋକ ଶ୍ରୀବାସ୍ତବ ସୁପ୍ରିମକୋର୍ଟରେ ପିଆଇଏଲ୍ ଦାଏର କରିଥିଲେ। ଉତ୍ତର ୨୪ ପ୍ରଗଣା ଜିଲାର ସନ୍ଦେଶଖାଲିରେ ମହିଳା ଯୌନ ନିର୍ଯାତନା ଓ ସମ୍ପତ୍ତି ହଡ଼ପରେ ସ୍ଥାନୀୟ ଟିଏମ୍‌ସି ନେତା ଶାହଜାହାନ ଶେଖ୍ ଓ ତାଙ୍କ ସମର୍ଥକମାନେ ସମ୍ପୃକ୍ତ ଥିବା ନେଇ ଜୋର୍‌ଦାର ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ ରାଜନୈତିକ ବିବାଦ ଲାଗିରହିଥିବାବେଳେ ସୋମାବର ଜାତୀୟ ମହିଳା କମିଶନ ଉକ୍ତ ଅଞ୍ଚଳ ଗସ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସ୍ତଫା ଦେଇ ବିନା ପଦବୀରେ ଏଠାକୁ ଆସିଲେ ମହିଳାମାନଙ୍କ ଯନ୍ତ୍ରଣା ବୁଝିପାରିବେ ବୋଲି ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି।

## କଲ୍‌କିଧାମ ମନ୍ଦିରର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**୧୪ ହଜାର ପ୍ରକଳ୍ପର ଶୁଭାରମ୍ଭ**

ସମ୍ଭଲ, ୧୯।୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଲ୍‌କୀଧାମ ମନ୍ଦିରର ଶିଳାନ୍ୟାସ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଉତ୍ତରପ୍ରଦେଶର ସମ୍ଭଲ ଗସ୍ତ କରି କଲ୍‌କିଧାମ ମନ୍ଦିରର ଶିଳାନ୍ୟାସ କରିଛନ୍ତି। ବୈଦିକ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ପ୍ରଧାନମନ୍ତ୍ରୀ ଏହି ମନ୍ଦିରର ଭୂମି ପୂଜନ କରିଥିଲେ। କଲ୍‌କି ଧାମ ନିର୍ମାଣ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ହେଉଥିବା ଏହି ମନ୍ଦିରର ଭୂମି ପୂଜନରେ ପ୍ରଧାନମନ୍ତ୍ରୀଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଟ୍ରଷ୍ଟର ଅଧ୍ୟକ୍ଷ ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ ମଧ୍ୟ ଉପସ୍ଥିତ ଥିଲେ। ଦେଶର ୧୧ ହଜାରରୁ ଅଧିକ ସାଧୁସନ୍ଥ ଏହି ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ସାଧୁସନ୍ଥଙ୍କ ଆସ୍ଥା ଓ ଜନସାଧାରଣଙ୍କ ଭକ୍ତି ମଧ୍ୟରେ ଏହି ପବିତ୍ର ସ୍ଥାନର ଆଧାରଶିଳା ରଖାଯାଉଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରକାଶ କରିଥିଲେ। ସେହିପରି ଆଗାମୀ ଦିନରେ କଲ୍‌କି ଧାମ ମନ୍ଦିର ଭାରତୀୟ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇପାରିବ ବୋଲି ସେ କହିଥିଲେ। ଏହା ପରେ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରାୟ ୧୪ ହଜାର ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ସେଥିରେ ଖାଦ୍ୟ ପ୍ରକ୍ରିୟାକରଣ, ନିର୍ମାଣ, ମନୋରଞ୍ଜନ, ଶିକ୍ଷା, ଶକ୍ତି ଆଦି କ୍ଷେତ୍ର ସହ ଜଡ଼ିତ ଥିବା ବିଭିନ୍ନ ପ୍ରକଳ୍ପ ରହିଛି।

## ପାକିସ୍ତାନ ଜିଡିପିକୁ ଟପିଲା ଟାଟା ଗ୍ରୁପ୍‌ର ବଜାର ପୁଞ୍ଜି

ନୂଆଦିଲ୍ଲୀ,୧୯।୨

**ଟାଟା ଗ୍ରୁପ୍‌ର ପୁଞ୍ଜି ୩୬୫ ବିଲିୟନ ଡଲାର**

**ପାକିସ୍ତାନର ଜିଡିପି ୩୪୧ ବିଲିୟନ ଡଲାର**

ଟାଟା ଗ୍ରୁପ୍‌ର କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଏବେ ପାକିସ୍ତାନର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଟପିଯାଇଛି। ସଦ୍ୟତମ ତଥ୍ୟ ଅନୁଯାୟୀ ଟାଟା ଗ୍ରୁପ୍‌ର ମୋଟ ବଜାର ପୁଞ୍ଜି ୩୬୫ ବିଲିୟନ ଡଲାରରୁ ଅଧିକ (୩୦.୩ ଲକ୍ଷ କୋଟି ଟଙ୍କା)। ଏବେ ପାକିସ୍ତାନର ଜିଡିପି ୩୪୧ ବିଲିୟନ ଡଲାର ରହିଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ରିପୋର୍ଟରୁ ଜଣାପଡ଼ିଛି। କେବଳ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସ୍ (ଟିସିଏସ୍)ର ମୋଟ ବଜାର ପୁଞ୍ଜି ୧୭୮ ବିଲିୟନ ଡଲାର, ଯାହା ପାକିସ୍ତାନ ଜିଡିପିର ଅଧାରୁ ଅଧିକ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପରେ ଏହା ଭାରତର ସର୍ବବୃହତ୍ କମ୍ପାନୀ।

ଅନ୍ୟପକ୍ଷରେ ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ପାକିସ୍ତାନର ଜିଡିପି ୩୭୬ ବିଲିୟନ ଡଲାର, ଯାହା ଟାଟା ଗ୍ରୁପ୍‌ର ମୋଟ ବଜାର ପୁଞ୍ଜିଠାରୁ ସାମାନ୍ୟ ଅଧିକ। ଚଳିତ ମାସ ଆରମ୍ଭରେ ଟାଟା ଗ୍ରୁପ୍‌ର ମୋଟ ବଜାର ପୁଞ୍ଜି ୩୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା, ଯାହାକି ଏହି ସଫଳତା ହାସଲ କରିବାରେ ପ୍ରଥମ ଭାରତୀୟ ଗ୍ରୁପ୍ ଅଫ୍ କମ୍ପାନିଜ୍। ଟିସିଏସ୍, ଟାଟା ମୋଟର, ଟାଟା ପାୱାର ଏବଂ ଇଣ୍ଡିଆନ୍ ହୋଟେଲ୍ସର ଅଂଶଧନ କାରବାର ବୃଦ୍ଧି ଯୋଗୁ ଟାଟା ଗ୍ରୁପ୍‌ର ବଜାର ପୁଞ୍ଜି ବଢ଼ିଛି। ଗତବର୍ଷ ଏହାର ବଜାର ପୁଞ୍ଜି ୬.୧୩ ଲକ୍ଷ କୋଟି ଟଙ୍କା ରହିଥିଲା। ସେପଟେ ପାକିସ୍ତାନ ଗତ କିଛିବର୍ଷ ହେଲା ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏହାର ଋଣ ଭାର ବଢ଼ିଚାଲିଥିବାବେଳେ ବିଦେଶ ପୁଞ୍ଜି ବିନିମୟ ଭଣ୍ଡାର (ଫରେକ୍ସ) ହ୍ରାସ ପାଇବାରେ ଲାଗିଛି। ଏଥିସହିତ ଦୀର୍ଘବର୍ଷ ଧରି ରାଜନୈତିକ ଅସ୍ଥିରତା ଜାରି ରହିଥିବାରୁ ପାକିସ୍ତାନର ଅର୍ଥନୀତି ଅଧିକ ଖରାପ ହେବାରେ ଲାଗିଛି। ୨୦୧୧ରୁ ଇତିମଧ୍ୟରେ ପାକିସ୍ତାନର ବାହ୍ୟ ଋଣ ଭାର ପାଖାପାଖି ୨ ଗୁଣା ହୋଇଥିବାବେଳେ ଘରୋଇ ଋଣ ୬ ଗୁଣ ବୃଦ୍ଧି ପାଇଛି। ଆଇଏମ୍‌ଏଫ୍‌ର ଆକଳନ ତୁଳନାରେ ପାକିସ୍ତାନର ଋଣ ସ୍ଥିତି ଆହୁରି ଖରାପ ବୋଲି ଇସ୍‌ଲାମାବାଦର ଏକ ଥିଙ୍କ୍ ଟ୍ୟାଙ୍କ ଟାବଡଲାବ୍ ପକ୍ଷରୁ କୁହାଯାଇଛି।

ଫୁର୍‌ସତ୍

# ସାମାଜିକ ସୁରକ୍ଷା ଅପରିହାର୍ଯ୍ୟ



**ବିଶ୍ୱ ସାମାଜିକ ନ୍ୟାୟ ଦିବସ**

**ବି**ଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି, ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର ପାଇଁ ଏବଂ ସମାଜରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ ଅପରିହାର୍ଯ୍ୟ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଇଥାଏ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏଥିପାଇଁ ୨୬ ନଭେମ୍ବର,୨୦୦୭ରେ ଜାତିସଂଘ ସାଧାରଣ ପରିଷଦ ୨୦ ଫେବୃୟାରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନକରିବାକୁ ଘୋଷଣା କରିବା ପରେ ୨୦୦୯ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା।

ଉକ୍ତ ଦିବସ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତାକୁ ସ୍ୱୀକୃତି ଦେଇଥାଏ। ସାମାଜିକ ନ୍ୟାୟ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଦାରିଦ୍ର୍ୟ, ଲିଙ୍ଗଗତ, ଶାରୀରିକ ଭେଦଭାବ, ନିରକ୍ଷରତା, ଧାର୍ମିକ ଭେଦଭାବ ଦୂରକରିବା ପାଇଁ ବିଭିନ୍ନ ସମ୍ପ୍ରଦାୟକୁ ଅନ୍ତର୍ଜାତୀୟ ସ୍ତରରେ ଏକତ୍ରିତ କରିବା। ଏହି ଅବସରରେ ବିଶ୍ୱବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

ଏକ ନିଷ୍ପକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲ୍‌ଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ଏହି ଘୋଷଣାନାମା ୧୦ ଜୁନ୍, ୨୦୦୮ରେ କରାଯାଇଥିଲା। ସମସ୍ତଙ୍କ ପାଇଁ ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ବକ୍ତବ୍ୟ ଏବଂ ମୌଳିକ ନୀତି ଓ ଅଧିକାର ଉପରେ ଏହା ଗୁରୁତ୍ୱ ଦିଏ। ପୂର୍ବରୁ ଆଇଏଲ୍‌ଓ ଦ୍ୱାରା ୧୯୪୪ ଏବଂ ୧୯୯୮ରେ ଦୁଇଟି ଘୋଷଣା କରାଯାଇଥିଲେ ମଧ୍ୟ ୨୦୦୮ ଘୋଷଣାନାମା ଜଗତୀକରଣ ଯୁଗରେ ଏକ ନୂଆ ପଥ ଦେଖାଇଛି। ଏକ ଜଟିଳ ରାଜନୈତିକ ଅଭିଯାନ ଦ୍ୱାରା ଏହା ସମ୍ଭବ ହୋଇଥିଲା ଓ ଏଥିପାଇଁ ଏକ ବିସ୍ତୃତ ସହମତି ପ୍ରକାଶ ପାଇଥିଲା।

# ରିତେଶ୍‌ଙ୍କ ଆଗାମୀ ପ୍ରୋଜେକ୍ଟ 'ରାଜା ଶିବାଜୀ'



ମୁମ୍ବାଇ

ଜଣାଶୁଣା ବଲିଉଡ୍ ଅଭିନେତା ରିତେଶ ଦେଶ୍‌ମୁଖ୍ ପ୍ରାୟ ସବୁବେଳେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଥାନ୍ତି। ତେବେ ବର୍ତ୍ତମାନ ଅଭିନେତା ଜଣକ ନିଜ ନୂଆ ପ୍ରୋଜେକ୍ଟ ଯୋଗୁ ଚର୍ଚ୍ଚାରେ ରହିଛନ୍ତି। ରିତେଶ୍ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ତାଙ୍କ ନୂତନ ପ୍ରୋଜେକ୍ଟ ସମ୍ପର୍କରେ ସୂଚନା ଦେଇଛନ୍ତି, ଯାହା କିମ୍ବଦନ୍ତୀ ଛତ୍ରପତି ଶିବାଜୀ ମହାରାଜାଙ୍କ ଜୀବନୀ ଉପରେ ଆଧାରିତ ରହିଛି। ଛତ୍ରପତି ଶିବାଜୀ ମହାରାଜାଙ୍କ ଜନ୍ମବାର୍ଷିକୀ ଅବସରରେ ରିତେଶ ଏହି ଘୋଷଣା କରିଛନ୍ତି। ଏହା ସହ ରିତେଶ୍ ଫିଲ୍ମର ନାମ 'ରାଜା ଶିବାଜୀ' ହୋଇଥିବା ଘୋଷଣା କରିବା ସହ ସେ ଏହାର ନିର୍ଦ୍ଦେଶନା ଦେଉଥିବା ସୂଚାଇଛନ୍ତି। ଛତ୍ରପତି ଶିବାଜୀଙ୍କ ଝଲକ ରିତେଶଙ୍କ ଦ୍ୱାରା ଶେୟାର କରାଯାଇଥିବା ଏହି ପୋଷ୍ଟରେ ଦେଖିବାକୁ ମିଳିଛି। ରିତେଶଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ୍‌ଙ୍କ ସହ ଜ୍ୟୋତି ଦେଶପାଣ୍ଡେ ଏହି ଫିଲ୍ମର ପ୍ରଡକ୍ସନ ଦାୟିତ୍ୱରେ ରହିଛନ୍ତି। ଏହା ପୂର୍ବରୁ ରିତେଶ ମରାଠୀ ଚଳଚ୍ଚିତ୍ର 'ଭେଦ'ର ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ୨୦୨୨ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ସ୍ତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ୍ ରିତେଶଙ୍କ ସହ ନଜର ଆସିଥିଲେ। ରିପୋର୍ଟଅନୁଯାୟୀ, ରିତେଶଙ୍କ ଏହି ଫିଲ୍ମ କେବଳ ହିନ୍ଦୀରେ ନୁହେଁ, ମରାଠୀ ଭାଷାରେ ମଧ୍ୟ ମୁକ୍ତିଲାଭ କରିବ। ତେବେ ଫିଲ୍ମର ଷ୍ଟାର କାଷ୍ଟକୁ ନେଇ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ ପାଇନାହିଁ। ରିତେଶଙ୍କ ଏହି ନୂତନ ପ୍ରୋଜେକ୍ଟ ପାଇଁ ତାଙ୍କ ପ୍ରଶଂସକମାନେ ଉତ୍ସାହିତ ରହିଛନ୍ତି।

# ଅନିଶ୍ଚିତତାରେ ଜଳେଶ୍ୱର-ଦୀଘା ବ୍ରଡଗେଜ ରେଳପଥ



ଦୀଘା ରେଳ ଷ୍ଟେଶନ

- ସୀମାନ୍ତବାସୀଙ୍କ ସ୍ୱପ୍ନ ଅଧୁରା
- ରେଳ ବଜେଟ୍‌ରେ ମାତ୍ର ୧ହଜାର ଟଙ୍କା
- ପଶ୍ଚିମବଙ୍ଗ ସରକାରଙ୍କ ଆନ୍ତରିକତା ନାହିଁ : ରେଳମନ୍ତ୍ରୀ

ଭୋଗରାଇ,୧୯।୨(ପ୍ରଦୀପ ଦାସ)

ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଦୀର୍ଘ ୧୩ ବର୍ଷ ଧରି ମଞ୍ଜୁର ହୋଇ କାର୍ଯ୍ୟକାରୀ ହୋଇପାରୁ ନ ଥିବା ୩୫୨.୬୫ କୋଟି ଟଙ୍କାର ଦୀଘା-ଜଳେଶ୍ୱର ୪୧ କି.ମି. ବ୍ରଡଗେଜ ରେଳପଥର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟରେ। ଏହାର କାର୍ଯ୍ୟକାରିତା ନେଇ ଉଭୟ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତବାସୀ ଆଶା ଓ ଆଶଙ୍କା ଦୋଛକିରେ ରହିଛନ୍ତି। ଏଭଳିସ୍ଥିତିରେ ଉଭୟ ଓଡ଼ିଶା-ପଶ୍ଚିମବଙ୍ଗ ରାଜ୍ୟ ସହିତ କେନ୍ଦ୍ର ସରକାରଙ୍କ ଭୂମିକାକୁ ନେଇ ରାଜନୈତିକ ମହଲରେ ତୁମ୍ଫିତୋଫାନ ଆରମ୍ଭ ହୋଇଛି। ଚଳିତ ଅନ୍ତରୀଣ ରେଳ ବଜେଟରେ ଦୀଘା-ଜଳେଶ୍ୱର ରେଳପଥ ପ୍ରକଳ୍ପକୁ ଚଳେଇ ରଖିବା ପାଇଁ ମାତ୍ର ୧ହଜାର ଟଙ୍କା ଟୋକନ୍ ଆଲୋକେଶନ ବ୍ୟୟବରାଦ କରାଯାଇଛି। ଦୀଘା-ଜଳେଶ୍ୱର ରେଳପଥ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ରେଳ ବଜେଟରେ କ୍ରମାଗତ ଆର୍ଥିକ ଅନୁଦାନ ନିମ୍ନଗାମୀ ହେବାରୁ ଏହାର କାର୍ଯ୍ୟକାରିତା ନିମନ୍ତେ ଅନିଶ୍ଚିତତା ଦେଖାଦେଇଛି।

ସୂଚନା ଅନୁଯାୟୀ ଓଡ଼ିଶା-ପଶ୍ଚିମବଙ୍ଗ ସରକାରଙ୍କ ପର୍ଯ୍ୟଟନ ଓ ପ୍ରସ୍ତାବିତ ଦୁଇରାଜ୍ୟର ବନ୍ଦର ନିର୍ମାଣ, ଆର୍ଥିକ ଫସଲ ରପ୍ତାନୀ ଏବଂ ସାମାଜିକସ୍ଥିତିର ଅଭିବୃଦ୍ଧି ନିମନ୍ତେ ଦୀଘା ଜଳେଶ୍ୱର ରେଳପଥ ଗୁରୁତ୍ୱ ବହନ କରୁଛି। ଏଥିସହିତ ବାଲେଶ୍ୱର ଜିଲାର ଜନପ୍ରତିନିଧି ଓ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ସହ ସୀମାନ୍ତବାସୀଙ୍କ **ଦକ୍ଷିଣଭାରତ** ଗମନାଗମନ ନିମନ୍ତେ କମ୍ ଦୂରତ୍ୱ ଓ ଆର୍ଥିକ କମ୍ ଖର୍ଚ୍ଚ ପାଇଁ ଏହି ରେଳପଥ ସୀମାନ୍ତବାସୀଙ୍କ ଆବଶ୍ୟକତା ଥିବାବେଳେ ଦୀଘା-ଜଳେଶ୍ୱର ନୂତନ ରେଳପଥ ପାଇଁ ୧୯୯୪-୯୫ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ରେଳବୋର୍ଡକୁ ଓଡ଼ିଶା ସରକାର ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଦୀର୍ଘବର୍ଷ ପରେ ୨୦୦୫ ରେ ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ପ୍ରଚେଷ୍ଟାରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଏହି ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ତତ୍କାଳୀନ ରେଳମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ କରି ନୂତନ ପ୍ରସ୍ତାବ ଦେଇଥିଲେ। ୨୦୦୯-୧୦ରେ ଉକ୍ତ ନୂତନ ରେଳପଥ ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତି ପ୍ରକ୍ରିୟା କରାଯାଇ ପ୍ରଥମଥର ୬୫ ଲକ୍ଷ ଟଙ୍କାର ଟୋକନ ଆଲୋକେଶନ ମଞ୍ଜୁର ହୋଇଥିଲା। ୨୦୧୦-୧୧ ମସିହା ଆର୍ଥିକ ବର୍ଷରେ ଦୀଘା-ଜଳେଶ୍ୱର ୪୧ କି.ମି. ରେଳପଥ ନିମନ୍ତେ ପ୍ରଥମଥର ରେଳବଜେଟରେ ୧୫୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ଓଡ଼ିଶା ସୀମାନ୍ତ ଜଳେଶ୍ୱରୁ ୩୪ କି.ମି. ସର୍ଭେ ହୋଇଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗ ଦୀଘାରୁ ୭କି.ମି. ସର୍ଭେ ଅଦ୍ୟାବଧି ହୋଇପାରି ନ ଥିବାରୁ ଏହି ରେଳ ପ୍ରକଳ୍ପ କୋମାରେ ରହିଯାଇଛି। କେନ୍ଦ୍ରରେ ଏନ୍‌ଡିଏ ସରକାରଙ୍କ ପୂର୍ବତନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କଠାରୁ ଏବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପର୍ଯ୍ୟନ୍ତ ପ୍ରତିବର୍ଷ ରେଳ ବଜେଟରେ ଦୀଘା-ଜଳେଶ୍ୱର ରେଳପଥ ଅନୁଦାନ ଅର୍ଥ କମି କମି ଆସୁଥିବାରୁ ସୀମାନ୍ତବାସୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିଛି। ପଶ୍ଚିମବଙ୍ଗ ସରକାରଙ୍କ ଜମି ଅଧିଗ୍ରହଣରେ ଅସହଯୋଗ, ଆଗ୍ରହ ଓ ଆନ୍ତରିକତାର ଅଭାବ ଯୋଗୁ ଦୀଘା-ଜଳେଶ୍ୱର ରେଳପଥ କାର୍ଯ୍ୟ ଆଗେଇ ପାରୁ ନାହିଁ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଏଭଳି ଅନିଶ୍ଚିତତା ମଧ୍ୟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ନିର୍ମାଣ ନିମନ୍ତେ ଦକ୍ଷିଣପୂର୍ବ ରେଳବୋର୍ଡ ଟେକ୍ନୋ ଇକୋନମିକ ଫିଜିବିଲିଟି ଦ୍ୱାରା ଖୁବଶୀଘ୍ର ସର୍ଭେ ହେବ ବୋଲି ଏକ ସାକ୍ଷାତକାରରେ ସୂଚନା ଦେଇ ବାଲେଶ୍ୱରବାସୀଙ୍କ ପାଇଁ ନୂତନ ଆଶା ସଞ୍ଚାର କରିଛନ୍ତି। କେନ୍ଦ୍ର ସରକାର ଜନସାଧାରଣଙ୍କ ପ୍ରତିଟି ଜନ ସମସ୍ୟାକୁ ସୁଧାରିବା ନିମନ୍ତେ ପ୍ରତିଶ୍ରୁତି ଦେଇ ପରେ ଧୋକା ଦେଉଥିବାରୁ ଏହି ସରକାର ଧୋକାବାଜ ବୋଲି ପଶ୍ଚିମବଙ୍ଗ କାରାଗାର ମନ୍ତ୍ରୀ ଅଖିଳ ଗିରି କହିଛନ୍ତି। ଏଥିସହିତ ବିରୋଧୀ କ୍ଷମତାରେ ଆସିଲେ ଦୀଘା-ଜଳେଶ୍ୱର ରେଳପଥ ନିର୍ମାଣ ହେବ ବୋଲି କହିଛନ୍ତି। ରାଜନୈତିକ ଉର୍ଦ୍ଧ୍ୱରେ ରହି ଦୀଘା-ଜଳେଶ୍ୱର ରେଳପଥର ଅଗ୍ରଗତି ହେଉ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ଓ ଭୋଗରାଇ ବିଧାୟକ ଅନନ୍ତ ଦାସ ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ କାଁଥି ଲୋକ ସଭା ଟିଏମ୍‌ସି ସମର୍ଥିତ ଏମ୍‌ପି ଶିଶିର ଅଧିକାରୀ ରେଳମନ୍ତ୍ରୀ ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ସର୍ଭେକୁ ସମର୍ଥନ କରିଛନ୍ତି।

# ବନ୍ଦ ଘରୁ ମା', ପୁଅଙ୍କ ମୃତଦେହ ଜବତ

ପାତ୍ରପୁର,୧୯।୨
(ଉମାଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଚୁଡ଼ିଆଲାଞ୍ଜି ଗ୍ରାମରେ ସୋମବାର ପୋଲିସ ବନ୍ଦ ଘରୁ ମା' ସହ ୭ବର୍ଷ ପୁଅର ମୃତଦେହ ଜବତ କରିଛି। ମୃତକମାନେ ହେଲେ ଚୁଡ଼ିଆଲାଞ୍ଜି ଗ୍ରାମର ଦାଲି ମୋହନ ରାଓଙ୍କ ସ୍ତ୍ରୀ ଦାଲି ନିଳାବେଣୀ(୨୫) ଓ ତାଙ୍କ ପୁଅ ରିତିକ (୭)।

ନିଳାବେଣୀଙ୍କ ସ୍ୱାମୀ ବାହାର ରାଜ୍ୟର ଏକ ଘରୋଇ କମ୍ପାନୀକୁ ଦାଦନ ଖଟିବାକୁ ଯାଇଥିଲେ। ତାଙ୍କ ବଡ଼ପୁଅ ଡି.ବିନୋଦ ଆନ୍ଧ୍ରରେ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ସେ ଶାଶୁଙ୍କ ସହ ସାନପୁଅ ରିତିକକୁ ନେଇ ଘରେ ରହୁଥିଲେ। ସବୁଦିନ ପରି ନିଳାବେଣୀ ରବିବାର ରାତିରେ ପୁଅ ରିତିକକୁ ନେଇ ଘରେ ଶୋଇଥିଲେ। ସୋମବାର ସକାଳେ ବହୁ ସମୟ ଧରି ନିଳାବେଣୀଙ୍କ ଘରର କବାଟ ବନ୍ଦ ରହିଥିଲା। ଏହା ଦେଖି ଶାଶୁଙ୍କ ସନ୍ଦେହ ହେବାରୁ ସେ କବାଟ ଖୋଲି ଦେଖିଥିଲା ବେଳକୁ ମା'ପୁଅର ମୃତଦେହ ଶେଯରେ ପଡ଼ିଥିଲା। ଖବର ପାଇ ଜରଡ଼ା ଥାନା ପୋଲିସ ପହଞ୍ଚି ମା' ପୁଅଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ମୁହଁରେ ରକ୍ତ ଲାଗିଥିବାରୁ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ ଘେରକୁ ଆସିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଏବଂ ଚିକିଟି ଏସ୍‌ଡିପିଓ ସୁଜିତ ନାୟକ ପହଞ୍ଚି ଅଧିକ ତଦନ୍ତ କରିଥିବା ବେଳେ ଚିକିଟି ତହସିଲଦାର ବଳଦେବ ବେହେରାଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଜରଡ଼ା ପୋଲିସ ଏ ନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ଥାନାଧିକାରିଣୀଙ୍କୁ ମାଡ଼ମାରି ୧୫ ଜେଲ ଗଲେ

**୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ**


ଉଦୟପୁର ଗାଁରେ ପୋଲିସର ତଲାସି।

ଭୋଗରାଇ,୧୯।୨(ପ୍ରଦୀପ ଦାସ)

ଜୁଆ ଆଡ୍ଡା ଉପରେ ଚଢ଼ାଉ ବେଳେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଆକ୍ରୋଶର ଶିକାର ହୋଇଛନ୍ତି। ଆକ୍ରମଣକାରୀଙ୍କ ମଧ୍ୟରୁ ପୋଲିସ ୧୫ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। କୋର୍ଟରେ ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚାପା ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ମଧ୍ୟରାତ୍ରରେ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପାଟ୍ରୋଲିଂରେ ଯାଇଥିବା ବେଳେ ଜୁଆ ଖେଳାଳି ଓ ମଦ ବେପାରୀମାନେ ତାଙ୍କୁ ସଂଘବଦ୍ଧ ଭାବେ ଅତର୍କିତ ଆକ୍ରମଣ କରିଥିଲେ। ଏହାପରେ ଏକ ଦୋକାନ ଘରେ ପୂରାଇ ୧ ଘଣ୍ଟା ବନ୍ଦ କରି ରଖିଥିଲେ। ଘର ଭିତରେ ଥାନାଧିକାରିଣୀଙ୍କୁ ନିପୁଁକ ମାଡ଼ ମାରିବା ସହିତ ଖାକିଡ୍ରେସକୁ ଚିରି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଡ୍ରାଇଭର ସୁଧାଂଶୁ ମହାନ୍ତି ଥାନାଧିକାରିଣୀଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିବା ବେଳେ ଉତ୍କ୍ଷିପ୍ତ ଜୁଆ ଖେଳାଳି ଓ କେତେକ ଲୋକ ତାଙ୍କୁ ମଧ ମାଡ଼ ମାରିଥିଲେ। ତାଳସାରୀ ମେରାଇନ ଥାନାର ଅନ୍ୟ ଜଣେ ଏଏସ୍‌ଆଇ ପିଥା ମୁର୍ମୁ ସେଠାରେ ପହଞ୍ଚିଯିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ, କମର୍ଦ୍ଦା ଥାନାଧିକାରୀ ପ୍ରମଦା ନାୟକ ଓ ଚନ୍ଦନେଶ୍ୱର ଫାଣ୍ଡି ଏଏସ୍‌ଆଇଙ୍କ ନେତୃତ୍ୱରେ ପୋଲିସ ବାହିନୀ ସେଠାରେ ପହଞ୍ଚି ମେରାଇନ ଥାନାଧିକାରୀଙ୍କୁ ଉଦ୍ଧାର କରିଥିଲେ। ପରେ ରାତି ଅଧିଆ ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ଛାନଭିନ ଆରମ୍ଭ କରିଥିଲା। ସୋମବାର ସକାଳୁ ଉଦୟପୁର ଗାଁରୁ ପୋଲିସ ୨୦ ଜଣଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା ନିମନ୍ତେ ଅଟକ ରଖିଥିଲା। ପରେ ବିଭିନ୍ନ ସଙ୍ଗୀନ ଦଫାରେ ମାମଲା(ନଂ. ୨୦/୨୪) ରୁଜୁ କରି ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି।

ମୁଖ୍ୟ ଅଭିଯୁକ୍ତ ଈଶ୍ୱର ବେହେରା ଓ ତାଙ୍କ ପରିବାର ଲୋକେ ପୋଲିସ ଭୟରେ ଗାଁ ଛାଡ଼ି ଅନ୍ୟ ସ୍ଥାନରେ ଆତ୍ମଗୋପନ କରିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣ ଘଟଣାରେ ସମ୍ପୃକ୍ତ ନ ଥିବା ସାଧାରଣ ଲୋକଙ୍କୁ ଘରୁ ରାତିଅଧିଆ ପୋଲିସ ଉଠାଇ ନେଇ ତାଳସାରୀ ମେରାଇନ ଥାନାରେ ପ୍ରବଳ ମାଡ଼ ମାରିଥିବା ଗ୍ରାମବାସୀ ପାଲଟା ଅଭିଯୋଗ କରିଛନ୍ତି।

# ପରିତ୍ୟକ୍ତ ପାଇଖାନା ଛାତ ଖସି ୨ ଛାତ୍ର ଗୁରୁତର

**ପାଟଣା ଉର୍ଦ୍ଦୁ ମକ୍ତବ ପ୍ରାଥମିକ ବିଦ୍ୟାଳୟ**

- ଛାତ୍ରଙ୍କ ଦ୍ୱାରା ପ୍ରଧାନ ଶିକ୍ଷୟିତ୍ରୀ କାନ୍ଥ ଭାଙ୍ଗୁଥିବା ଅଭିଯୋଗ
- କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ


ଗୁରୁତର ଛାତ୍ର।

ପାଟଣା,୧୯।୨
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସରକାରୀ ଉର୍ଦ୍ଦୁ ମକ୍ତବ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅଘଟଣ ଘଟିଛି। ସ୍କୁଲ ପରିସରରେ ଥିବା ଏକ ପରିତ୍ୟକ୍ତ ପାଇଖାନାର ଛାତ ଖସି ପଞ୍ଚମ ଶ୍ରେଣୀର ୨ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ରଦ୍ୱୟ ହେଲେ ଟାଇଁଶିରା ଗ୍ରାମର ସନ୍ତୋଷ କାରୁଆ ଓ ରାଜା ନାଏକ। ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରଙ୍କୁ ଲଗାଇ ପରିତ୍ୟକ୍ତ ପାଇଖାନା ଭାଙ୍ଗୁଥିବା ବେଳେ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଅଭିଭାବକ ସ୍କୁଲ ପାଖ ରାସ୍ତା ଅବରୋଧ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ସୂଚନା ଅନୁଯାୟୀ, ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ମହାନ୍ତ ପଞ୍ଚମ ଶ୍ରେଣୀର ୨ ଛାତ୍ରଙ୍କୁ ୨ଦିନ ହେବ କୋଡ଼ି, ଶାବଳ ଦେଇ ସ୍କୁଲ୍ ପରିସରରେ ଥିବା ପରିତ୍ୟକ୍ତ ପାଇଖାନା ଭାଙ୍ଗିବାକୁ କହିଥିଲେ। ସୋମବାର ଛାତ୍ରଦ୍ୱୟ କାନ୍ଥ ଭାଙ୍ଗୁଥିବା ବେଳେ ଛାତ ଖସି ଉଭୟଙ୍କ ଉପରେ ପଡ଼ିଯାଇଥିବା ଅନ୍ୟ ଛାତ୍ରମାନେ କହିଛନ୍ତି। ସ୍ଥାନୀୟ ଲୋକେ ଓ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣା ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅଣ୍ଟା ଓ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ପ୍ରଶାସନ ପକ୍ଷରୁ ବଡ଼ ପାଟଣା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସୁଧାଂଶୁ ଶେଖର ପାଇକରାୟ ଗୁରୁତର ପିଲାଙ୍କୁ ନେଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଖବର ପାଇ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଏବିଇଓ ସଚ୍ଚିଦାନନ୍ଦ ସେଠୀ, ବିଜୟ ଓଝା, ଜିପିଡିଓ (ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ) ରଶ୍ମିରେଖା ମହାନ୍ତି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଘଟଣାକୁ ନେଇ ଅଭିଭାବକମାନେ ପାଟଣା କେନ୍ଦେଇପଶି ରାସ୍ତା ଅବରୋଧ କରିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏମ୍‌ଡି ସର୍ଫରାଜ ଆଲାମ କହିଛନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ପିଲାମାନଙ୍କ ଦ୍ୱାରା ପରିତ୍ୟକ୍ତ ପାଇଖାନା କାନ୍ଥ ଭାଙ୍ଗୁଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଉ। ତାଙ୍କୁ ଏଠାରୁ ବଦଳି କରାଯାଇ ଜଣେ ଉର୍ଦ୍ଦୁ ଶିକ୍ଷକ ନିଯୁକ୍ତି ଦେବାକୁ ସେ ଦାବି କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ମହାନ୍ତ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ପିଲାମାନେ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କ ଉପରେ ଛାତ ଖସିପଡ଼ିଥିଲା। ସେମାନଙ୍କୁ କାମରେ ଲଗାଯାଇନାହିଁ। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି, ଚିକିତ୍ସା ନିମନ୍ତେ ପିଲାଙ୍କୁ କେନ୍ଦୁଝର ପଠାଯାଇଛି। ପିଲାମାନେ କାନ୍ଥ ଭଙ୍ଗା କାର୍ଯ୍ୟ କରୁଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପ୍ରଥମ ପୃଷ୍ଠାରୁ

### 'ଲୋକଙ୍କ ଇଚ୍ଛାରୁ...

କନ୍ଧମାଳରେ ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ବିଧାୟକ ଚକ୍ରମଣି କହଁର ପ୍ରମୁଖ ଯୋଗଦେଇ କହିଛନ୍ତି ଯେ, ଆଜି ରାଜ୍ୟରେ କେବଳ ଗମନାଗମନ ନୁହେଁ, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି - ସବୁ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆସିଛି। ୫-ଟି କେବଳ ଏକ ମନ୍ତ୍ର ନୁହେଁ, ମ୍ୟାଜିକ ଭାବରେ ଓଡ଼ିଶାର ରୂପାନ୍ତରରେ କାମ କରିଛି।

୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଛନ୍ତି ଯେ, ଏକ ନମ୍ବର ସ୍ଥାନରେ ଅଧିଷ୍ଠିତ ହେବାକୁ ହେଲେ, କଠିନ ପରିଶ୍ରମ ଓ ତ୍ୟାଗ ଦରକାର। ମୁଖ୍ୟମନ୍ତ୍ରୀ ହେଉଛନ୍ତି ତା'ର ପ୍ରକୃଷ୍ଟ ଉଦାହରଣ। ଗତ ୨୪ ବର୍ଷ ଧରି ଦେଶର ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଏକ ନମ୍ବର ମୁଖ୍ୟମନ୍ତ୍ରୀ ସ୍ଥାନରେ ରହିଛନ୍ତି। ଏଥିପାଇଁ ତାଙ୍କ ପରିଶ୍ରମ ଓ ତ୍ୟାଗର ତୁଳନା ନାହିଁ। ଏଥିସହିତ ସମ୍ବଲପୁର ଜିଲାବାସୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ସମ୍ବଲପୁରରୁ ପୁରୀ ସପ୍ତାହକୁ ୨ ଦିନ ଯିବାଆସିବା କରୁଥିବା ଜଗନ୍ନାଥ ଏକ୍ସପ୍ରେସ, ଫେବୃଆରୀ ୨୫ ତାରିଖରୁ ସବୁ ଦିନ ଚାଲିବ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ।

### ବିଦେଶରେ ଚାକିରି...

ଆବେଦନକାରୀଙ୍କ ଫର୍ମ ଏବଂ ଆର୍ଥିକ କାରବାରର ସ୍କ୍ରିନସଟ ଜବତ କରାଯାଇଥିବା ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଚାକିରି ପାଇଁ ମିଳିଥିବା କମ୍ପାନୀର ଅଫର ଲେଟର୍‌ର ସତ୍ୟାସତ୍ୟ ଯାଞ୍ଚ ଚାଲିଥିବା ସେ କହିଛନ୍ତି।

ଗତ ୫ ତାରିଖରେ ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ପେଣ୍ଡଉରାପଲ୍ଲୀ ଅଞ୍ଚଳର ପ୍ରଭାତ ଦଳେଇ ଗୋସାଣିନୂଆଗାଁ ଥାନାରେ ଏତଲା ଦେଇଥିଲେ ଯେ, ଅଭିଯୁକ୍ତ ମୋହନ ତାଙ୍କ ସହ ମୋଟ ୨୦ଜଣଙ୍କୁ କେନିଆରେ ଚାକିରି କରାଇ ଦେବାସହ ଆବଶ୍ୟକ ଭିଜା ଯୋଗାଇଦେବାକୁ କହି ବ୍ରହ୍ମପୁର ଷ୍ଟେଶନରେ ଥିବା ଏକ ଗେଷ୍ଟ ହାଉସକୁ ଡକାଇଥିଲେ। ସେଠାରେ ମୋହନ ପ୍ରତ୍ୟେକଙ୍କଠାରୁ ୪୮,୫୦୦ ଲେଖାଏ ମୋଟ ୯ଲକ୍ଷ ୭୦ହଜାର ଟଙ୍କା ନେଇଥିଲେ। ଚାକିରି ଆଶାୟୀମାନେ କେନିଆ ଯିବା ପାଇଁ ଟିକେଟ କରାଇ ଦେବାକୁ ପୁଣି ଫୋନ କରିବାରୁ ସେ ଉଠାଇ ନ ଥିଲେ। ପ୍ରଭାତ ଅନ୍ୟ ଏକ ନମ୍ବରରୁ ଫୋନ କରିବାରୁ ମୋହନ ରେଞ୍ଜୀ ଗାଳିଗୁଲଜ କରିଥିଲେ। ଘଟଣା ନେଇ ସେ ଗୋସାଣିନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ. ୩୪/୨୪) ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି।

### ଆଜିଠୁ ମାଟ୍ରିକ୍ ପରୀକ୍ଷା...

ସୂଚନାଯୋଗ୍ୟ, ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାରରୁ ଆରମ୍ଭ ହେବ। ତେବେ ପରୀକ୍ଷା ପରିଚାଳନାକୁ ନେଇ ବହୁ ଆଶଙ୍କା ଦେଖାଦେଇଥିଲା। କାରଣ ବିଭିନ୍ନ ଦାବି ନେଇ ଗତ ୭ ତାରିଖରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଶିକ୍ଷକମାନେ ଧାରଣାରେ ବସିଥିଲେ। ଆଜି ପର୍ଯ୍ୟନ୍ତ ଅନୁଦାନ ପାଇ ନ ଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଅବସରକାଳୀନ ସୁବିଧା ପ୍ରଦାନ, ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ ଆଦି ଦାବି ପୂରଣ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପାଳନ କରୁ ନ ଥିବାରୁ ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିଲେ। ଏପରିକି ଦାବି ପୂରଣ ନ ହେଲେ ମାଟ୍ରିକ ପରୀକ୍ଷାରେ ଅସହଯୋଗ କରିବୁ ବୋଲି ଚେତାବନୀ ମଧ ଦେଇଥିଲେ। ତେବେ ଶୃଙ୍ଖଳିତ ତଥା ସ୍ୱାଭାବିକ ପରୀକ୍ଷା ପରିଚାଳନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସୋମବାର ସଂଘ ସହିତ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ସଫଳ ହେବା ପରେ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିବା ସହିତ ପରୀକ୍ଷାରେ ସହଯୋଗ କରିବ ବୋଲି କହିଛି। ଛାତ୍ରୀଛାତ୍ର ଚାପମୁକ୍ତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି ଓଷ୍ଟା ପକ୍ଷରୁ ନିବେଦନ କରାଯାଇଛି।

### ବିନାନୁମତିରେ ବଦଳିପାରିବନି...

ଅନୁଯାୟୀ ପ୍ରକଳ୍ପରେ ୫୦ ପ୍ରତିଶତ ଅଥବା ୭ ଜଣ କ୍ରେତା ହେବା ପରେ ସଂଘ ଗଠନ କରାଯିବ। ପୂର୍ବରୁ ମାଲିକ ସଂଘ ସାଧାରଣ ଅଞ୍ଚଳ(କମନ ଏରିଆ)ରୁ ମାଲିକାନା ହକ୍ ପାଇ ପାରୁ ନ ଥିଲା। ଏହି ଆଇନ କାର୍ଯ୍ୟକାରୀ ହେବା ପରେ ଉକ୍ତ ଅଞ୍ଚଳର ସମସ୍ତ ମାଲିକାନା ସଂଘଠାରେ ନ୍ୟସ୍ତ ହେବ। ଏଥିସହିତ ଆପାର୍ଟମେଣ୍ଟ ବିକ୍ରି, ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ ଆଦି କ୍ଷେତ୍ରରେ କମନ ଏରିଆ ହସ୍ତାନ୍ତର କରାଯାଇପାରିବ। ମାତ୍ର ଉକ୍ତ ଅଂଶକୁ କୌଣସି ଉଦ୍ଦେଶ୍ୟରେ ଖଣ୍ଡ ଖଣ୍ଡ କରାଯାଇପାରିବ ନାହିଁ। ପ୍ରତ୍ୟେକ ମାଲିକ ଆଇନରେ ଥିବା ଚୁକ୍ତି, ସର୍ତ୍ତ ଓ କଟକଣାକୁ ମାନିବାକୁ ବାଧ ହେବେ। ଯଦି କେହି ଏହାକୁ ଉଲ୍ଲଂଘନ କରିବେ ଆପାର୍ଟମେଣ୍ଟ ମାଲିକ ସଂଘ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କ୍ଷତିଭରଣା କରିପାରିବେ। ଏଥିସହିତ ନିଜ ଅଧୀନରେ ଥିବା ଆପାର୍ଟମେଣ୍ଟ ଉପରେ ମାଲିକମାନେ ଋଣ କରିପାରିବେ।

ପୂର୍ବରୁ ଆପାର୍ଟମେଣ୍ଟ ବିକ୍ରୟ କରୁଥିବା ପ୍ରମୋଟରଙ୍କ ନାମରେ କମନ ଏରିଆର ରେକର୍ଡ ଅଫ୍ ରାଇଟସ୍ ରହୁଥିଲା। ଏହି ଆଇନ କାର୍ଯ୍ୟକାରୀ ହେବା ପରେ ଉକ୍ତ ଅଞ୍ଚଳ ଆପାର୍ଟମେଣ୍ଟ ଆସୋସିଏଶନ ନାମରେ ରେଜିଷ୍ଟ୍ରେଶନ ଅଧିନିୟମ-୧୯୦୮ ଅନୁଯାୟୀ ରେଜିଷ୍ଟ୍ରି କରାଯିବ। ତେବେ ରିୟଲଇଷ୍ଟେଟ ଅଧିନିୟମ(ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ପରେ ଯଦି କୌଣସି ଆପାର୍ଟମେଣ୍ଟ ବିକ୍ରି ହୋଇଥିବ ଏବଂ କମନ ଏରିଆ ଆସୋସିଏଶନ ନାମରେ ଆର୍‌ଓଆର୍ ହୋଇ ନ ଥିବ ସେ କ୍ଷେତ୍ରରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନ- ୨୦୨୩ ବ୍ୟବସ୍ଥା ଅନୁଯାୟୀ ୬ ମାସ ମଧ୍ୟରେ ରେଜିଷ୍ଟ୍ରି କରାଯିବାକୁ ବ୍ୟବସ୍ଥା ହୋଇଛି। ଏହା ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମିତି ନେବା ବାଧତାମୂଳକ କରାଯାଇଛି।

### କେନ୍ଦ୍ରର ପ୍ରସ୍ତାବକୁ...

କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା, କୃଷକ ଓ କୃଷି ଶ୍ରମିକଙ୍କୁ ପେନ୍‌ସନ, କୃଷିଋଣ ଛାଡ଼, ବିଦ୍ୟୁତ୍ ଦେୟ ନ ବଢ଼ାଇବା, ୨୦୨୧ ଲଖିମପୁର ଖେରି ମାମଲାରେ ପୋଲିସ ମାମଲା ପ୍ରତ୍ୟାହାର କରିନେବା ସହ ନ୍ୟାୟ ପ୍ରଦାନ କରିବା, ଭୂ-ଅଧିଗ୍ରହଣ ଆଇନ, ୨୦୧୩ ପୁନର୍ବାର ଲାଗୁ କରିବା ଏବଂ ୨୦୨୦-୨୧ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ଚାଷୀ ପରିବାରଗୁଡ଼ିକୁ କ୍ଷତିପୂରଣ ଦେବା ଆଦି ଦାବି ନେଇ କୃଷକ ସଂଗଠନଗୁଡ଼ିକର ଆହ୍ୱାନରେ ଦିଲ୍ଲୀ ଚଲୋ ଅଭିଯାନ ଆରମ୍ଭ ହୋଇଥିଲା। ହରିୟାଣା ପୋଲିସ୍ ଚାଷୀମାନଙ୍କୁ ଆଗକୁ ଯିବାକୁ ନ ଦେବାରୁ ସେମାନେ ପଟିଆଲା ଜିଲାର ଶମ୍ଭୁ ସୀମାରେ ଅଟକି ରହିଛନ୍ତି। କୃଷକ ନେତାମାନଙ୍କ ସହ କେନ୍ଦ୍ର ସରକାରଙ୍କ ୩ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ ରବିବାର ରାତିରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଏନ୍‌ସିସିଏଫ୍, ନାଫେଡ୍ ଏବଂ ଭାରତର କଟନ କର୍ପୋରେଶନ ଭଳି ସମବାୟ ସଂସ୍ଥା ଆଇନଗତ ଚୁକ୍ତି ସ୍ୱାକ୍ଷର କରି ଚାଷୀମାନଙ୍କଠାରୁ ଡାଲି, ମକା ଓ କପା ଫସଲ ଆଗାମୀ ୫ ବର୍ଷ ପାଇଁ ଏମ୍‌ଏସ୍‌ପିରେ କିଣିବେ ବୋଲି ସରକାର ପ୍ରସ୍ତାବ ଦେଇଥିବା ବୈଠକ ଶେଷରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ ଗଣମାଧ୍ୟମକୁ କହିଥିଲେ। କୃଷକ ନେତାମାନେ ଏହା ଉପରେ ସୋମବାର ଓ ମଙ୍ଗଳବାର ଆଲୋଚନା କଲା ପରେ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି କହିଥିଲେ। ସୋମବାର ବିଭିନ୍ନ କୃଷକ ୟୁନିୟନର ନେତାମାନଙ୍କ ସହ ଆଲୋଚନା ପରେ କେନ୍ଦ୍ରର ଦାବିକୁ ସଂଯୁକ୍ତ କୃଷକ ମୋର୍ଚ୍ଚା ପ୍ରତ୍ୟାଖ୍ୟାନ କରିଦେଇଛି।

**ପୂର୍ବ ତଟ ରେଳପଥ**
**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : (1) ଦଶପଲ୍ଲା - 2 ଚକିଆ (ପରିଚାଳନା କ୍ଷେତ୍ର ଖୋର୍ଦ୍ଧା ରୋଡ଼ ଶେଷ) ଏବଂ (2) ପୁରୀ - 2 ଚକିଆ (ପରିଚାଳନା କ୍ଷେତ୍ର)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.28.02.2024 ରିଖ 1100 ଘଟିକା।
ନିଲାମ ଶେଷ ତାରିଖ ଓ ସମୟ : ତା.28.02.2024 ରିଖ 1130 ଘଟିକା (କ୍ରମ ସଂ. 1 ପାଇଁ), 1140 ଘଟିକା (କ୍ରମ ସଂ. 2 ପାଇଁ)।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ http://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1102/O/23-24

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची (ग्रामीण)**

शुद्धि पत्र

PR 317895 Road (23-24)_D में प्रकाशित निविदा सूचना सं0 RCD/ranchi(gramin)-62/2023-24 को निम्न रुप से संशोधित की जाती है।

| क्र0 | पूर्व में प्रकाशित | संशोधित |
|---|---|---|
| 1. | वेबसाईट पर निविदा प्रकाशन की तिथि एवं समय 20.02.2024, 10.30 बजे पूर्वाह्न | वेबसाईट पर निविदा प्रकाशन की तिथि एवं समय 05.03.2024, 10.30 बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय 27.02.2024, 12.00 बजे दोपहर तक | निविदा प्राप्ति की अंतिम तिथि एवं समय 11.03.2024, 12.00 बजे दोपहर तक |

शेष शर्ते यथावत रहेंगे।

कार्यपालक अभियंता
पथ निर्माण विभाग,
पथ प्रमंडल, राँची(ग्रामीण)

PR 319509 Road(23-24).D

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ : ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଫୋନ୍ : ୦୬୭୪-୨୬୨୦୪୨୩

**ଗାଡି ବିକ୍ରୟ ନିମନ୍ତେ**

| ଶାଖାର ନାମ / ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି | ସମ୍ପୃକ୍ତ ଅଧିକାରୀଙ୍କ ବିବରଣୀ |
|---|---|---|---|
| କଟକ ସିଟି ଶାଖା / ଦିନ କୃଷ୍ଣ ଦାଶ | Maruti Suzuki Eeco 5 STR AC, ପଞ୍ଜିକୃତ ନଂ.: ଓଡି ୦୫ ଏଭି ୫୯୬୮ | ଟ.୨,୦୦,୦୦୦/- / ଟ.୨୦,୦୦୦/- | ଶ୍ରୀ ଲକ୍ଷ୍ମୀକାନ୍ତ ଜେନା, ମୋ.: ୯୮୬୧୬୮୫୮୬୫ |

ନିୟମ ଏବଂ ସର୍ତ୍ତାବଳୀ: ୟୁକୋ ବ୍ୟାଙ୍କ ଦ୍ୱାରା ସିଜ୍ କରାଯାଇଥିବା ଉପରଦର୍ଶିତ ଗାଡି "ଯେଉଁଠାରେ ଯେପରି ଅଛି" ଭିତ୍ତିରେ ବିକ୍ରୟ କରାଯିବ। ସମ୍ପୃକ୍ତ ଶାଖା ପରିସରରେ ଗାଡିକୁ ତା.୦୫.୦୩.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ସର୍ବସାଧାରଣ ନିଲାମ କରାଯିବ। ସବିଶେଷ ବିବରଣୀ ନିମନ୍ତେ ଉପରଦର୍ଶିତ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ (ଉପର ଦର୍ଶିତ ସମସ୍ତ ଅର୍ଥ ରାଶିରେ ଜିଏସ୍‌ଟି ଅନ୍ତର୍ଭୁକ୍ତ)।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୦୨.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, हजारीबाग**

ई–अति अल्पकालीन पुनर्निविदा आमंत्रण सूचना

ई–निविदा सं0 :–07/RE(4)/2023-24/RWD/EE/HAZARIBAG दिनांक :– 19.02.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

कार्य की विवरणी :–

| क्र0 सं0 | आईडेन्टीफिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि | कॉल |
|---|---|---|---|---|---|---|---|
| 1 | RWD/HAZ/STPKG/09/2023-24 | बड़कागॉव | एन0टी0पी0सी0 पथ चेपाखुर्द से चेपाकला तक पथ का सुदृढ़ीकरण कार्य (लं0–4.150 कि0मी0) | 15,23,93,600/- | पन्द्रह करोड़ तेईस लाख तिरान्वे हजार छः सौ रुपये मात्र | 15 (पन्द्रह) माह | पंचम |
| | | बड़कागॉव | जुबला से चानो तक पथ का सुदृढ़ीकरण कार्य (लं0–5.900 कि0मी0) | | | | |
| | | बड़कागॉव | हरली शिव मन्दिर से नापोकला पथ होते हुए सतबहिनी पुल तक पथ का सुदृढ़ीकरण कार्य (लं0–5.140 कि0मी0) | | | | |
| | | बड़कागॉव | लुरुगां से इन्दरा तक पथ का सुदृढ़ीकरण कार्य (लं0–6.550 कि0मी0) | | | | |
| | | बड़कागॉव | महुदी मध्य विद्यालय से चुम्बागढ़ा तक पथ का सुदृढ़ीकरण कार्य (लं0–3.600 कि0मी0) | | | | |
| | | बड़कागॉव | बड़कागॉव सूर्य मन्दिर से आराहरा तक पथ का सुदृढ़ीकरण कार्य (लं0–4.100 कि0मी0) | | | | |
| | | बड़कागॉव | डोकाटांड से बरबनिया होते हुए मलडीह तक पथ का सुदृढ़ीकरण कार्य (लं0–4.000 कि0मी0) | | | | |

2. वेबसाईट में निविदा प्रकाशन की तिथि :– 22.02.2024
3. ई–निविदा प्राप्ति की अंतिम तिथि एवं समय :–28.02.2024 अपराह्न 5.00 बजे तक ।
4. निविदा खोलने की, तिथि, एवं समय–29.02.2024 अपराह्न 5.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग।
6. ई–निविदा प्रकोष्ठ का दूरभाष सं0–06546–265286।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, हजारीबाग

PR 319593 (Rural Work Department) 23-24 (D)

# ବିଧାୟକ ପ୍ରାର୍ଥୀ ହେଲେ ବିରୋଧ ଥୟ

କୁଚିଣ୍ଡା, ୧୯।୨ (ବିରଞ୍ଚି ଦର୍ଜୀ)

## କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ


କିଶୋର ଚନ୍ଦ୍ର ନାଏକ


ଭୁବନେଶ୍ୱର କିଷାନ


ରବିନାରାୟଣ ନାଏକ

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀକୁ ଦେଖିଲେ ୨୦୦୯ରେ ସୀମା ପୁନର୍ନିର୍ଦ୍ଧାରଣ ହେବାଠାରୁ ଏଠାରେ କୌଣସି ନେତା ଦ୍ୱିତୀୟ ଥର ଜିତିପାରି ନାହାନ୍ତି। ତଫସିଲଭୁକ୍ତ ଜନଜାତିଙ୍କ ପାଇଁ ସଂରକ୍ଷିତ ଏହି ଆସନରୁ ୨୦୦୯ରେ କଂଗ୍ରେସର ରାଜେନ୍ଦ୍ର କୁମାର ଛତ୍ରିଆ, ୨୦୧୪ରେ ଭାଜପାର ରବିନାରାୟଣ ନାଏକ ଓ ୨୦୧୯ରେ ବିଜେଡିରୁ କିଶୋର ଚନ୍ଦ୍ର ନାଏକ ବିଧାୟକ ହୋଇଥିଲେ। କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଥିବା କିଶୋର ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାରୁ ଆସି ବିଜେଡି ଟିକେଟରେ ଲଢ଼ିଥିଲେ। ସେ ମାତ୍ର ୩,୫୦୮ଖଣ୍ଡ ଭୋଟ ବ୍ୟବଧାନରେ ଭାଜପାର ରବିନାରାୟଣ ନାଏକଙ୍କୁ ପରାଜିତ କରିଥିଲେ। ହେଲେ ବିଧାୟକ ହେବା ପରଠାରୁ ତାଙ୍କୁ ଦଳୀୟ ଅସନ୍ତୋଷର ଶିକାର ହେବାକୁ ପଡୁଛି। ଗତ କିଛିଦିନ ହେବ ଦଳୀୟ ଗୋଷ୍ଠୀ କନ୍ଦଳ ସେଠାରେ ତୀବ୍ର ରୂପ ନେଇଛି। ଆଗାମୀ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ କରାଗଲେ ଖୋଲାଖୋଲି ଭାବେ ତାଙ୍କୁ ବିରୋଧ କରାଯିବ ବୋଲି ଥୋକେ କହୁଥିବା ଶୁଣିବାକୁ ମିଳୁଛି। କୁହାଯାଉଛି ଠିକା କାମକୁ ନେଇ ଜମନକିରା ବ୍ଲକରେ ଜଣେ ସମିତିସଭ୍ୟଙ୍କୁ ଜେଲ ପଠାଇବା, କୁଲୁଣ୍ଡିଠାରେ ତାଙ୍କୁ ବିରୋଧ କରାଯିବାରୁ କର୍ମୀଙ୍କ ମଧ୍ୟରେ ହାତାହାତି ହେବା, କେଶାଇବାହାଲ ପଞ୍ଚାୟତ ବୈଠକରେ ବିରୋଧ ଏବଂ କୁଚିଣ୍ଡାରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସଭାରେ ଅସନ୍ତୁଷ୍ଟଙ୍କ ପକ୍ଷରୁ ବିରୋଧ କରାଯିବା କିଶୋରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏପରି କି ବିଧାୟକଙ୍କ ଅନୁପସ୍ଥିତିରେ ଅସନ୍ତୁଷ୍ଟ ଗୋଷ୍ଠୀ ରକ୍ତଦାନ ଶିବିର ଆୟୋଜନ କରିବା ସହ ବନ୍ଧୁମିଳନ ନାମରେ ବିଭିନ୍ନ ବ୍ଲକରେ କାର୍ଯ୍ୟକ୍ରମ କରାଯିବା ଦଳୀୟ ଅସନ୍ତୋଷକୁ ପଦାରେ ପକାଇଛି।

ଏବେ ଆଲୋଚନା ହେଉଛି, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ)ର ପୂର୍ବତନ ସଭାପତି ତଥା ଓଡ଼ିଶା କେନ୍ଦୁପତ୍ର ସଂଘ ସଭାପତି ଥିବା ବିଜୟ କୁମାର ମହାନ୍ତିଙ୍କ ହାତରେ ଏକ ବଡ଼ ଭୋଟ ବ୍ୟାଙ୍କ ରହିଛି। କେନ୍ଦୁପତ୍ର ସଂଘକୁ ବିଧାୟକ କିଶୋର ଅଣଦେଖା କରୁଥିବାରୁ ଏଠାରୁ ସେ ପୁଣି ପ୍ରାର୍ଥୀ ହେଲେ ତାଙ୍କୁ ବିରୋଧ କରାଯିବ ବୋଲି ବିଜୟ ଖୋଲାଖୋଲି ଭାବେ ଘୋଷଣା କରିଛନ୍ତି। ଏଭଳି ସମୟରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ଏବଂ ବର୍ତ୍ତମାନ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିବା ଭୁବନେଶ୍ୱର କିଷାନ ବିଜେଡି ଟିକେଟରେ ନିର୍ବାଚନ ଲଢ଼ିବାକୁ ଉଦ୍ୟମ ଚଳାଇଛନ୍ତି। ଏଥିସହିତ ବିଜେଡିରୁ ଟିକେଟ ଆଶାୟୀଙ୍କ ମଧ୍ୟରେ ମନୋରଞ୍ଜନ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ଯୁବନେତା ମହେନ୍ଦ୍ର ବାଘ ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ସଭାପତି ଶୋଭାରାମ ପଧାନ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସିଛି। ବର୍ତ୍ତମାନର ବିଧାୟକଙ୍କୁ ବହୁ ଆଡୁ ବିରୋଧ କରାଯାଉଥିବାରୁ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ନୂଆ ମୁହଁ ଦେଲେ ନିର୍ବାଚନରେ ବିଜୟ ହେବାର ଅଧିକ ସମ୍ଭାବନା ରହିଛି ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି।

ଅନ୍ୟପକ୍ଷରେ ଭାଜପା ରାଜ୍ୟ ଉପସଭାପତି ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକ କୁଚିଣ୍ଡାରୁ ପ୍ରାର୍ଥୀ ହେବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ୨୦୧୯ ନିର୍ବାଚନ ରଣନୀତିରେ ହୋଇଥିବା ତ୍ରୁଟିକୁ ସୁଧାରି ସଙ୍ଗଠନ ସଜାଡ଼ିବାରେ ରବିନାରାୟଣ ଲାଗିପଡ଼ିଛନ୍ତି। ତୃଣମୂଳ ସ୍ତରରେ ତାଙ୍କର ଲୋକ ସମ୍ପର୍କ ଭଲ ରହିଥିବା ନେଇ ଆଲୋଚନା ହେଉଥିବାରୁ ଭାଜପା ସେଠାରେ ଶାସକ ଦଳକୁ କଡ଼ା ଟକ୍କର ଦେଇପାରେ ବୋଲି କଥା ଉଠିଲାଣି। ମନେପକାଇ ଦିଆଯାଇପାରେ ଯେ, ବିଧାୟକ କିଶୋର ଚନ୍ଦ୍ର ନାଏକ ଓ ବିଜେଡି ଟିକେଟ ପାଇବାକୁ ଆଶା ବାନ୍ଧିଥିବା ଭୁବନେଶ୍ୱର କିଷାନ ଉଭୟେ ଭାଜପାରୁ ଆସିଥିଲେ। ଶାସକ ଦଳରୁ ଯିଏବି ଟିକେଟ ପାଆନ୍ତୁ ନା କାହିଁକି ସିଧାସଳଖ ଭାଜପା ପ୍ରାର୍ଥୀ ରବିନାରାୟଣ ନାଏକଙ୍କ ସହ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି।

ବିଜେଡି ଓ ଭାଜପା ଭଳି କଂଗ୍ରେସ ସଙ୍ଗଠନ ସେଭଳି ସୁଦୃଢ଼ ନ ଥିଲେ ମଧ୍ୟ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ବ୍ୟକ୍ତିଗତ ଭାବେ ଲୋକଙ୍କ ସହ ପରିଚୟ ଥିବାରୁ ସେ ଏଥର ଉତ୍ତମ ପ୍ରଦର୍ଶନ କରିବେ ବୋଲି ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନେ କହୁଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ଟିକେଟ ଆଶାୟୀ ରାଜେନ୍ଦ୍ର ନିଜ ହିସାବରେ ସମ୍ପର୍କ ବଢ଼ାଇ ଚାଲିଛନ୍ତି।

## ମାର୍ଚ୍ଚ ୧ ସୁଦ୍ଧା ୭୦ ବିଧାନସଭା ଟିକେଟ ଘୋଷଣା ସମ୍ଭାବନା : ଶରତ

ଭୁବନେଶ୍ୱର, ୧୯।୨ (ସୁନିତ୍ ମିଶ୍ର)

ମାର୍ଚ୍ଚ ପହିଲାରେ କଂଗ୍ରେସ ତା'ର ପ୍ରଥମ ପର୍ଯ୍ୟାୟ ଟିକେଟ୍ ଘୋଷଣା କରିବାକୁ ଲକ୍ଷ୍ୟ ରଖିଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୦ ବିଧାନସଭା ଟିକେଟ ଘୋଷଣା କରାଯିବାର ସମ୍ଭାବନା ରହିଥିବା ସୋମବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଘୋଷଣା କରିଛନ୍ତି।

ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ସୋମବାର ପ୍ରଦେଶ ନିର୍ବାଚନ କମିଟି(ପିଇସି) ବୈଠକ ଅନୁଷ୍ଠିତ ହୋଇଛି। ଆଗୁଆ ଟିକେଟ ପ୍ରଦାନ ପାଇଁ ପିଇସି ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ନିର୍ବାଚନ କମିଟିର ୨୩ ଜଣ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଗମନ ଆପ୍‌ରେ ଆବେଦନ କରିଥିବା ଆଶାୟୀଙ୍କ ବିଷୟରେ ଏଥିରେ ମୁଖ୍ୟତଃ ଆଲୋଚନା ହୋଇଛି, ଯେଉଁଥିରେ ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ଲାଗି ବିଧାୟକ ଆସନ ଲାଗି ୩ ହଜାର ଏବଂ ଏମ୍‌ପି ପ୍ରାର୍ଥୀ ହେବା ଲାଗି ୭୦୦ ଜଣ ଆଶାୟୀ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ କିପରି ବିଜୟୀ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ବଛାଯିବ ତାହା ସବୁଠୁ ଚ୍ୟାଲେଞ୍ଜ ରହିବ। କଂଗ୍ରେସ ସହ ଯୋଡ଼ି ହୋଇଥିବା ଅନ୍ୟ ବିରୋଧୀ ଦଳଗୁଡ଼ିକୁ କେତେ ଆସନ ଆସନ୍ତା ନିର୍ବାଚନ ପାଇଁ ଛଡ଼ାଯିବ ସେନେଇ ମଧ୍ୟ ଦଳ ପକ୍ଷରୁ କିଛି ସେମିତି ଚୂଡ଼ାନ୍ତ କରାଯାଇ ନାହିଁ। ଯେଉଁମାନେ ଟିକେଟ ପାଇଁ ଆବେଦନ କରିଛନ୍ତି ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ଆଣିବା ଲାଗି କଂଗ୍ରେସ ପକ୍ଷରୁ ଆସିଥିବା ସର୍ଭେ ଟିମ୍‌କୁ ଦାୟିତ୍ୱ ଦିଆଯାଇଥିବା ପିସିସି ସଭାପତି ସୂଚନା ଦେଇଛନ୍ତି।

ଶରତ କହିଛନ୍ତି, ଓଡ଼ିଶାର କେଉଁ ସ୍ଥାନରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଉଛି। ଏଆଇସିସି ମେମ୍ବର ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ପ୍ରସ୍ତୁତ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଦିଲ୍ଲୀ ସ୍କ୍ରିନିଂ କମିଟି ସମ୍ମୁଖରେ ଉପସ୍ଥାପିତ କରାଯିବ। ସେଠାରେ ମେଣ୍ଟରେ ଥିବା ଦଳଗୁଡ଼ିକୁ କେତେ ଆସନ ଛଡ଼ାଯିବ ସେକଥା ମଧ୍ୟ ସ୍ଥିର କରାଯିବ। ଏହାପରେ ତାହା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି)କୁ ପଠାଯିବ। ତା'ପରେ ଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପିସିସି ଅଧ୍ୟକ୍ଷତାରେ କମିଟି ବସିଥିଲା। କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିବା ଆଶାୟୀଙ୍କ ନାଁ ଏଆଇସିସିକୁ ସୁପାରିସ କରାଯିବ। ଏଆଇସିସି ଚୂଡ଼ାନ୍ତ ନିଷ୍ପତ୍ତି ନେବ।


ପିପିଲି ବ୍ଲକ ମଙ୍ଗଳପୁର ପଞ୍ଚାୟତର ମନୋହରା ଗ୍ରାମରେ ସୋମବାର ଅନୁଷ୍ଠିତ କଂଗ୍ରେସର କର୍ମୀ ସମ୍ମିଳନୀରେ ଦଳୀୟ ମୁଖପାତ୍ର ନିଶିକାନ୍ତ ମିଶ୍ର ଏବଂ ଅନ୍ୟମାନେ।

## କଂଗ୍ରେସ କର୍ମୀ ସମ୍ମିଳନୀ

ପିପିଲି, ୧୯।୨ (ପ୍ରଭାତ ମହାପାତ୍ର)

ପୁରୀ ଜିଲା ପିପିଲି ବ୍ଲକ ମଙ୍ଗଳପୁର ପଞ୍ଚାୟତର ମନୋହରା ଗ୍ରାମରେ ସୋମବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱରଞ୍ଜନ ମିଶ୍ର ସଭାପତିତ୍ୱ କରିଥିବାବେଳେ ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗଦେଇଥିଲେ। ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ କଂଗ୍ରେସ କିପରି କ୍ଷମତାକୁ ଫେରିବ ସେ ନେଇ ମାନସ ମନ୍ଥନ ହୋଇଥିଲା। ପ୍ରଶାନ୍ତ ଜେନା, ଟୁଟୁ ପରିଡ଼ା, ରଞ୍ଜିତ ମହାପାତ୍ର, ରାମଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବାରିକ୍, କାଳନ୍ଦୀ ମହାନ୍ତି, ଶଙ୍କର୍ଷଣ ବିଶ୍ୱାଳ, ସୁରେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ବାରବାଟୀ-କଟକ ଆସନ ପାଇଁ ବିଜେଡିର ୫ ମୁହଁ


ସୁବାସ ସିଂ


ଅରିନ୍ଦମ ରାଏ


ଡ. ରଞ୍ଜନ ବିଶ୍ୱାଳ


ବିଶ୍ୱଜିତ୍ ମହାନ୍ତି


ପ୍ରଫୁଲ୍ଲ ସିଂ

କଟକ, ୧୯।୨ (ଶିଲ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଜୋରଦାର ଆଲୋଚନା ହେଉଥିଲା। ତାଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରାଯାଇଥିବାରୁ କଟକରେ ରାଜନୈତିକ ପାଣିପାଗ ବଦଳିଛି। ଶାସକ ଦଳର ପ୍ରାର୍ଥୀ ହେବା ପାଇଁ ଆଶାୟୀ ତାଲିକାରେ ୫ ଜଣଙ୍କ ନାମ ଆଗକୁ ଆସିଲାଣି। ସେମାନେ ହେଲେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ନିରାମୟ ଉପଦେଷ୍ଟା ଡ଼. ରଞ୍ଜନ ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦକ ତଥା ଅଭିନେତା ଅରିନ୍ଦମ ରାଏ, ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି ଏବଂ ବରିଷ୍ଠ ନେତା ପ୍ରଫୁଲ୍ଲ ସିଂ। ଏପରି କି ଦଳ ମହିଳା କାର୍ଡ ମଧ୍ୟ ଖେଳିପାରେ ବୋଲି ସାଧାରଣ ଜନତା ଚୁପୁରୁଚାପୁରୁ ହେଉଛନ୍ତି।

ତେବେ ଉପରଲିଖିତ ୫ ଆଶାୟୀଙ୍କ ମଧ୍ୟରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛନ୍ତି ସୁବାସ ସିଂ। ସେ ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡରୁ ରାଜ୍ୟ ସଭା ସଦସ୍ୟ ଓ ପରେ ସିଏମ୍‌ସି ମେୟର ହୋଇଛନ୍ତି। ହେଲେ ଦଳ ତାଙ୍କୁ ବଡ଼ ଦାୟିତ୍ୱ ଦେବାକୁ ଯାଇ ଟିକେଟ ଦେବ କି ନାହିଁ, ତାହା ଚର୍ଚ୍ଚାକୁ ଖୋରାକ ଯୋଗାଉଛି। ସୁବାସଙ୍କୁ ଟିକେଟ ଦେଇ ଅନ୍ୟ ଆଶାୟୀଙ୍କୁ ଉପେକ୍ଷା କରାଗଲେ ତାହାର ପ୍ରଭାବ ଦଳ ଉପରେ କ'ଣ ପଡ଼ିବ, ତାହାକୁ କର୍ମୀମାନେ ମଧ୍ୟ ଦେଖୁଛନ୍ତି।

ଦେବାଶିଷ ରାଜ୍ୟ ସଭା ପ୍ରାର୍ଥୀପତ୍ର ଦାଖଲ କରିବା ଓ ବର୍ତ୍ତମାନ ସୁବାସଙ୍କୁ ଟିକେଟ ମିଳିବା ନେଇ ବେଶ୍ ଚର୍ଚ୍ଚା ହେଉଥିବା ନେଇ ବିଜେଡି କଟକ ନଗର ସଭାପତି ମଧୁସୂଦନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚର୍ଚ୍ଚାର କୌଣସି ଗ୍ୟାରେଣ୍ଟି ନାହିଁ। ଦଳ ଯାହାକୁ ଚୟନ କରିବ ସେ ଟିକେଟ ପାଇବେ। ଦେବାଶିଷଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରାଯାଇଛି ଅର୍ଥ ବାରବାଟୀ-କଟକରୁ ଯିଏ ଯୋଗ୍ୟ, କେବଳ ତାଙ୍କୁ ହିଁ ଦଳ ଟିକେଟ ଦେବ ବୋଲି ସାହୁ କହିଛନ୍ତି।

# ଲଢ଼ିବେନି ଦେବେନ୍ଦ୍ର, ଝିଅ ପାଇଁ ବାଟ ଛାଡ଼ିଲେ

ଆଳି, ୧୯।୨ (ବନମାଳୀ ସେନାପତି)


ଡା. ଦେବସ୍ମିତା ଶର୍ମା

୨୦୨୪ ସାଧାରଣ ନିର୍ବାଚନକୁ ନେଇ ଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ଦେଖାଦେଲାଣି। ଆଳିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଚଳିତ ଥର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ତାଙ୍କ ବଦଳରେ ଏଠାରେ କଂଗ୍ରେସର ମଙ୍ଗ ଧରିବା ସହ ତାଙ୍କ ଝିଅ ଡା. ଦେବସ୍ମିତା ଶର୍ମା ନିର୍ବାଚନ ଲଢ଼ିବେ ବୋଲି ସେ କହିଛନ୍ତି। ଅପରପକ୍ଷେ ଡା. ଦେବସ୍ମିତା ମଧ୍ୟ ନିର୍ବାଚନ ଲଢ଼ିବା ନିମନ୍ତେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଇସ୍ତଫା ଦେଇଛନ୍ତି। ଏ ନେଇ ଦେବେନ୍ଦ୍ର ଶର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବୟସାଧିକ ଓ ଶାରୀରିକ ଅସୁସ୍ଥତା କାରଣରୁ ସେ ନିର୍ବାଚନ ଲଢ଼ିବେ ନାହିଁ କିନ୍ତୁ ନିର୍ବାଚନମଣ୍ଡଳୀରେ ସେ ସକ୍ରିୟ ରହିବେ। ରାଜନୀତିକୁ ଯୁବପିଢ଼ିମାନଙ୍କ ଆସିବାର ଆବଶ୍ୟକତା ଥିବାବେଳେ ସେ ତାଙ୍କ ଝିଅଙ୍କୁ ନିର୍ବାଚନ ମଇଦାନକୁ ଆଣିଛନ୍ତି। ଆଳି, ରାଜକନିକାରେ କଂଗ୍ରେସର ସଙ୍ଗଠନ ସୁଦୃଢ଼ ଥିବାବେଳେ ତାଙ୍କ ପରିବାର ପ୍ରତି କଂଗ୍ରେସର ସମର୍ଥନ ରହିଛି। ଏ ନେଇ ଡା. ଦେବସ୍ମିତା ଶର୍ମାଙ୍କୁ ପଚାରିବାରେ ଜେଜେ ଡା. ଦିବାକର ଶର୍ମା ଡାକ୍ତର ହେବା ସହିତ ରାଜନୀତିରେ ପାଦ ଥାପି ବିଧାୟକ ହୋଇଥିଲେ। ତାଙ୍କ ପିତା ଦେବେନ୍ଦ୍ର ଶର୍ମା ମଧ୍ୟ କଂଗ୍ରେସ ଦଳର ବିଧାୟକ ହେବା ସହ ନିର୍ବାଚନମଣ୍ଡଳୀରେ ନିଜର ସଙ୍ଗଠନ ରଖିଛନ୍ତି। ତେଣୁ ସେ ଜେଜେ ଓ ପିତାଙ୍କ ପଦାଙ୍କ ଅନୁସରଣ କରି ଡାକ୍ତର ଭାବେ କଣ୍ଡିଆ ପ୍ରାଥମିକ ଚିକିତ୍ସାଳୟରେ ଚାକିରି କରିଥିଲେ। ଏବେ ସେ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ିବା ନିମନ୍ତେ ଚାକିରିରୁ ଇସ୍ତଫାଦେବା ସହ କଂଗ୍ରେସ ପକ୍ଷରୁ ଟିକେଟ ନିମନ୍ତେ ଆଶାୟୀ ଅଛନ୍ତି। ଡା. ଦେବସ୍ମିତା ପାଠପଢ଼ା ସମୟରୁ କଂଗ୍ରେସ ରାଜନୀତିରେ ଜଡ଼ିତ ଥିଲେ। ୨୦୧୪ ନିର୍ବାଚନରେ ସେ ପିତାଙ୍କ ପାଇଁ ପ୍ରଚାର ମଧ୍ୟ କରିଥିଲେ। ଏପରିକି କଂଗ୍ରେସର ଅନେକ ସମାବେଶରେ ଦେବସ୍ମିତା ଜଡିତ ରହିଥିଲେ। ଝିଅଙ୍କୁ ନିର୍ବଚାନମଣ୍ଡଳୀରେ ପ୍ରୋଜେକ୍ଟ କରିବା ପରେ ଏବେ ସେଠାରେ ରାଜନୀତି ଚର୍ଚ୍ଚା ଜୋର ଧରିଛି।

# ୨୧ରେ ନବୀନ ନିବାସ ଘେରିବ ମହିଳା କଂଗ୍ରେସ

ଭୁବନେଶ୍ୱର, ୧୯।୨ (ସୁନିତ୍ ମିଶ୍ର)

ବିଜେଡି ଶାସନରେ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଓ ମହିଳାଙ୍କ ପ୍ରତି ହିଂସା ଓ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଜିର ଦିନରେ ସାରା ଦେଶରେ ମହିଳାଙ୍କ ଉପରେ ହେଉଥିବା ହିଂସାତ୍ମକ ଆଚରଣରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ୨୪ ବର୍ଷର ସରକାରରେ ରାଜ୍ୟର ମହିଳାମାନେ ଚରମ ଅବହେଳାର ଶିକାର ହୋଇଛନ୍ତି ଏବଂ ଏହାର ପ୍ରତିକାର ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଉଦାସୀନ ଅଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ମହିଳାଙ୍କ ପ୍ରତି ଦୀର୍ଘ ବର୍ଷ ଧରି ଲଗାତର ଭାବେ ହେଉଥିବା ଅନ୍ୟାୟ ବିରୋଧରେ ବଡ଼ଧରଣର ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି। ୨୧ତାରିଖରେ ସର୍ବଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବାଙ୍କ ଉପସ୍ଥିତିରେ ଏହି ବିଶାଳ ମହିଳା ସମାବେଶର ଆୟୋଜନ କରାଯିବ। ସେଦିନ ରାଜ୍ୟର ମହିଳମାନଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ନବୀନ ନିବାସ ଘେରାଉ କରାଯିବା ସହ ସରକାରଙ୍କ ଉଦାସୀନତା ବିରୋଧରେ ଓଡ଼ିଶାର ପ୍ରତ୍ୟେକ ପଲ୍ଲୀରେ ବଡ଼ଧରଣର ମହିଳା ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ମିନାକ୍ଷୀ ଆହୁରି କହିଛନ୍ତି, ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ କେବଳ ଭୋଟ୍‌ସର୍ବସ୍ୱ ରାଜନୀତିର ଏକ ଅଂଶବିଶେଷ ଭାବେ ବିବେଚନା କରିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ପ୍ରତ୍ୟେକ ଦିନ ୭ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ରକ୍ତହୀନତା ଓ ଅପପୁଷ୍ଟିରେ ମହିଳା ଓ ଶିଶୁମାନଙ୍କ ସଂଖ୍ୟା ୬୪%ରୁ ଅଧିକ। ଏ ରାଜ୍ୟ ସରକାର ମହିଳାଙ୍କୁ କେବଳ ନିଜର ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରିବା ବ୍ୟତୀତ ସେମାନଙ୍କ ସାମଗ୍ରିକ ବିକାଶ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ମିନାକ୍ଷୀ କହିଛନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଓ ଦୈନନ୍ଦିନ ଖାଦ୍ୟ ସାମଗ୍ରୀର ଉତ୍କଟ ଦରବୃଦ୍ଧି ହେତୁ ହାଣ୍ଡିଶାଳ ଉପରେ ହେଉଥିବା କୋରଡ଼ାମାଡ଼କୁ ନେଇ ସାଧାରଣ ଗୃହିଣୀ ତ୍ରସ୍ତ ଅବସ୍ଥାରେ ଅଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

## ନ୍ୟାୟ ଯାତ୍ରାରେ ଯୋଗଦେବାକୁ ଅଖିଳେଶଙ୍କ ଆସନ ଭାଗବଣ୍ଟା ସର୍ତ୍ତ

ଲକ୍ଷ୍ନୌ, ୧୯।୨ (ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଯୋଗଦେବା ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଆସନ ଭାଗବଣ୍ଟା ସର୍ତ୍ତ ରଖିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶର ମୋଟ ୮୦ ଆସନରୁ କଂଗ୍ରେସକୁ ୧୭ଟି ଛାଡ଼ିବାକୁ ଅଖିଳେଶ ଚାହୁଁଛନ୍ତି। ଯଦି କଂଗ୍ରେସ ଉକ୍ତ ପ୍ରସ୍ତାବ ଗ୍ରହଣ କରେ, ତେବେ ଏସ୍‌ପି ଅଧ୍ୟକ୍ଷ ମଙ୍ଗଳବାର ରାଏବରେଲିରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ସାମିଲ ହେବେ ବୋଲି କହିଛନ୍ତି। ତେଣୁ ସବୁକିଛି କଂଗ୍ରେସର ନିଷ୍ପତ୍ତି ଉପରେ ନିର୍ଭର କରୁଛି ବୋଲି ସମାଜବାଦୀ ପାର୍ଟିର ମୁଖ୍ୟ ମୁଖପାତ୍ର ରାଜେନ୍ଦ୍ର ଚୌଧରୀ ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ କଂଗ୍ରେସକୁ କେଉଁସବୁ ଆସନ ଦିଆଯିବ, ତାହା ସେ କହିନାହାନ୍ତି। ଇଣ୍ଡିଆ ମେଣ୍ଟରେ କଂଗ୍ରେସ ଏବଂ ଏସ୍‌ପି ରହିଥିବାବେଳେ ଉତ୍ତରପ୍ରଦେଶରେ ଏସ୍‌ପି ପ୍ରଥମେ କଂଗ୍ରେସକୁ ୧୧ ଆସନ ଛାଡ଼ିବା ଲାଗି ପ୍ରସ୍ତାବ ଦେଇଥିଲା। କଂଗ୍ରେସକୁ ଅନ୍ତତଃ ୨୪ ଆସନ ଛଡ଼ାଯିବା ଆବଶ୍ୟକ ବୋଲି ଏହାର ୟୁପି ସଭାପତି ଅଜୟ ରାୟ କହିଥିଲେ।

# କଂଗ୍ରେସ ଛାଡ଼ିଲେ ନବୀନଚନ୍ଦ୍ର ନାରାୟଣ ଦାସ

## ଜିଲା କଂଗ୍ରେସ ପୂର୍ବତନ ସଭାପତିଙ୍କ ସମେତ ୪ ନେତାଙ୍କ ଇସ୍ତଫା

ଢେଙ୍କାନାଳ, ୧୯।୨ (ରତନ ନାୟାର)


କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ କରିଥିବା ନେତୃବୃନ୍ଦଙ୍କ ଖବରଦାତା ସମ୍ମିଳନୀ।

ଢେଙ୍କାନାଳ ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ସୋମବାର କଂଗ୍ରେସ ଛାଡ଼ିଛନ୍ତି। ନିଜର ଇସ୍ତଫାପତ୍ରକୁ ସେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିକଟକୁ ପଠାଇ ଦେଇଛନ୍ତି। ଉକ୍ତ ଇସ୍ତଫାପତ୍ରର ନକଲ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରିଥିବା ଢେଙ୍କାନାଳ ସହରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନବୀନଚନ୍ଦ୍ର ସୂଚନା ଦେଇଛନ୍ତି। ତାଙ୍କ ସହିତ ଜିଲା କଂଗ୍ରେସର ପୂର୍ବତନ ସଭାପତି ସରୋଜ କୁମାର ପଟ୍ଟନାୟକ, ଟାଉନ କଂଗ୍ରେସ ସଭାପତି ହାଇଦର ମହମ୍ମଦ, ଓଡ଼ାପଡ଼ା ବ୍ଲକ ସଭାପତି ପ୍ରମୋଦ କୁମାର ନାୟକ ଓ ସଦର ବ୍ଲକ ସଭାପତି ଅଖିଳ ମୋହନ ଖୁଣ୍ଟିଆ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି।

ଦଳ ଛାଡ଼ିବା ନେଇ ପୂର୍ବତନ ମନ୍ତ୍ରୀ କହିଛନ୍ତି, ସେ ୧୯୬୯ରୁ କଂଗ୍ରେସରେ ରହି କାର୍ଯ୍ୟ କରି ଆସୁଥିଲେ। ହେଲେ କିଛିମାସ ହେବ ପିସିସି ସଭାପତି ବରିଷ୍ଠ ଓ ଅଭିଜ୍ଞତାସମ୍ପନ୍ନ ନେତାଙ୍କୁ ଉପେକ୍ଷା କରୁଛନ୍ତି। ଦଳ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ କାହାକୁ ନ ପଚାରି ହଠାତ୍ ଜିଲା ସଭାପତିଙ୍କୁ ପରିବର୍ତ୍ତନ କରାଗଲା। ଏହି ଘୋଷଣା ପୂର୍ବଦିନ ତାଙ୍କ ନିକଟକୁ ଯାଇଥିଲି। ସେ ଚାହିଁଥିଲେ ଏ ନେଇ ଆଲୋଚନା କରିପାରିଥାନ୍ତେ। ତେବେ ଇସ୍ତଫା ସମ୍ପର୍କରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓଙ୍କୁ ଜଣାଇ ପାରିନାହିଁ। ସେ ବାହାରେ ଅଛନ୍ତି ଓ ସେଠାରୁ ଫେରିଲେ ତାଙ୍କ ସହିତ ଆଲୋଚନା କରାଯିବ। କୌଣସି ପଦବୀ ପାଇଁ ଆଶାୟୀ ନ ଥିଲେ। ବର୍ତ୍ତମାନ ଅନ୍ୟ କୌଣସି ଦଳକୁ ଯିବା ଯୋଜନା ନାହିଁ। ଭବିଷ୍ୟତରେ କିଛି ନିଷ୍ପତ୍ତି ନେଲେ ଜଣାଇବେ ବୋଲି ନବୀନଚନ୍ଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ନବୀନଚନ୍ଦ୍ର ୧୯୯୫ରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଢେଙ୍କାନାଳ ବିଧାନସଭାରୁ ବିଜୟୀ ହୋଇଥିଲେ। ଏହାପରେ ତତ୍କାଳୀନ କଂଗ୍ରେସ ସରକାରରେ ସେ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୭ରୁ ୧୯୯୧ ପର୍ଯ୍ୟନ୍ତ ଢେଙ୍କାନାଳ ପୌରସଂସ୍ଥାର ଅଧ୍ୟକ୍ଷ ରହିଥିଲେ। ଅନୁରୂପ ଭାବେ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଥିବା ସରୋଜ କୁମାର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଜଣାଇବେ ବୋଲି ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ନବନିଯୁକ୍ତ ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ଦାଶ କହିଛନ୍ତି, ପିସିସି ସଭାପତି ଦଳକୁ ସମୃଦ୍ଧ କରିବା ପାଇଁ ଭଲ କାମ କରୁଛନ୍ତି। ସେ ବିଧାୟକଙ୍କ ସଂଖ୍ୟା ୯ରୁ ୯୦ କରିବା ପାଇଁ ଚେଷ୍ଟା କରୁଛନ୍ତି। କିଛିଲୋକ ଏହାକୁ ସହି ପାରୁନାହାନ୍ତି। ପୂର୍ବତନ ମନ୍ତ୍ରୀଙ୍କୁ କଂଗ୍ରେସ ବହୁତ କିଛି ଦେଇଛି। ତଥାପି ସେ କେମିତି ଓ କାହିଁକି ଦଳ ଛାଡ଼ିଲେ ତାହା ଜାଣିପାରୁନାହାନ୍ତି। ଦଳ କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। କ୍ଷମତା ଥାଉ କି ନ ଥାଉ, ଦଳର ଭଲ ପାଇଁ ଆମେ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବା ଉଚିତ ବୋଲି ନୂତନ ଜିଲା ସଭାପତି ସୁନୀଲ କହିଛନ୍ତି।

# ଶୀତକାଳୀନ କ୍ରୀଡ଼ା ପାଇଁ ରଞ୍ଜିତା ପ୍ରସ୍ତୁତ



ଗୁଲମାର୍ଗରେ ଅଭ୍ୟାସ ଅବସରରେ ରଞ୍ଜିତା ବେହେରା।

ଭୁବନେଶ୍ୱର, ୧୯।୨
(ତପନ ସ୍ୱାଇଁ)

**ଖେଲୋ ଇଣ୍ଡିଆ**

ଓଡ଼ିଶାର 'ସ୍ନୋ ଗର୍ଲ'ଭାବେ ପରିଚିତ ରାଉରକେଲାର ରଞ୍ଜିତା ବେହେରା ଏବେ ଆଉ ଏକ ସମ୍ମାନଜନକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। ଜମ୍ମୁ-କଶ୍ମୀରର ଗୁଲମାର୍ଗଠାରେ ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ୪ର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ଆଲପାଇନ୍ ସ୍କିଂ ଇଭେଣ୍ଟରେ କ୍ରମାଗତ ତୃତୀୟ ଥରପାଇଁ ଭାଗ ନେବାକୁ ଯାଉଛନ୍ତି ଓଡ଼ିଶାର ଏହି ସାହସୀ ଯୁବତୀ। ଆଗାମୀ ସଂସ୍କରଣରେ ଗୁଲମାର୍ଗରେ କେବଳ ସ୍ନୋ ମାଉଣ୍ଟନିୟରିଂ, ଆଲପାଇନ୍ ସ୍କି ଏବଂ ସ୍ନୋ ବୋର୍ଡିଂ ତଥା ନରଡିକ ସ୍କିଂ ପ୍ରତିଯୋଗିତା ହେବ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏହାକୁ ଶୃଙ୍ଖଳିତଭାବେ ଆୟୋଜନ ପାଇଁ ପ୍ରୟାସରତ।

ଏଠାରେ ସୂଚାଇ ଦିଆଯାଇପାରେ ଯେ, ରଞ୍ଜିତା କିଛିଦିନ ତଳେ ୟୁରୋପର ଆଲ୍‌ପସରେ ତାଲିମ ନେଇଥିଲେ। ସେଠାରୁ ଫେରିବା ପରେ ଗୁଲମାର୍ଗରେ ନିଜର ପ୍ରସ୍ତୁତିକୁ ଜାରି ରଖିଛନ୍ତି। ଗତମାସରେ ଅଷ୍ଟ୍ରିଆର ସେଣ୍ଟ ମିଚେଲ୍ସଠାରେ ଅନୁଷ୍ଠିତ ଆଲ୍‌ପାଇନ୍ ସ୍କି ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ଏବଂ ଭଲ ପଏଣ୍ଟ ପାଇବାକୁ ସକ୍ଷମ ହୋଇଥିଲେ। ସବୁଠାରୁ ବଡ଼ କଥା ହେଲା ଏଥିରେ ୧୫ ଦେଶର ପାଖାପାଖି ୭୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଅନେକ ଅଯୋଗ୍ୟ ଘୋଷିତ ହୋଇଥିଲେ, ମାତ୍ର ରଞ୍ଜିତା ସଫଳତାର ସହ ରେସ୍ ଫିନିଶ୍ କରି ପ୍ରଶଂସା ପାଇଥିଲେ। ଆଗାମୀ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ହିମାଚଳ ପ୍ରଦେଶ, କଶ୍ମୀର, ଉତ୍ତରାଖଣ୍ଡ, ଇଣ୍ଡିଆନ ଆର୍ମି ଏବଂ ଇଣ୍ଡୋ ତିବ୍ବତ ପୋଲିସର ନାମୀ ଏବଂ ଅଭିଜ୍ଞ ଖେଳାଳିମାନେ ଭାଗ ନେଉଛନ୍ତି। ବହୁ ନାମୀ ପ୍ରତିଯୋଗୀଙ୍କ ଉପସ୍ଥିତି ସତ୍ତ୍ୱେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି ରଞ୍ଜିତା।

## ରେସ୍ ଫିନିଶ୍ ପ୍ରଥମ ଲକ୍ଷ୍ୟ: ରଞ୍ଜିତା

"ଆଗାମୀ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ହିମାଚଳ ପ୍ରଦେଶ, ଆମି ଏବଂ ଇଣ୍ଡୋ ତିବ୍ବତ ପୋଲିସର ନାମୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ମହିଳା ବିଭାଗରେ ହିମାଚଳ ପ୍ରଦେଶର ପ୍ରତିଯୋଗୀମାନେ ଗତ କିଛିବର୍ଷ ଧରି ପଦକ ହାସଲ କରିଆସୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଅନେକ ଅଭିଜ୍ଞ ପ୍ରତିଯୋଗୀ ମଧ୍ୟ ରେସ୍ ଫିନିଶ କରି ନ ପାରି ଅଯୋଗ୍ୟ ହୋଇ ଯାଇଥାନ୍ତି। ତେଣୁ ତେବେ ମୁଁ ଏବେ ଅଧିକ କିଛି ଚିନ୍ତା କରୁନି। ଅଯୋଗ୍ୟ ଘୋଷିତ ନ ହୋଇ ବିନା ଚାପରେ ରେସ୍ ଫିନିଶ୍‌କୁ ମୁଁ ପ୍ରାଥମିକତା ଦେଉଛି। ପଦକ ହାସଲ ଉପରେ ନିଶ୍ଚିତ ନଜର ରହିବ" ବୋଲି ସମ୍ପ୍ରତି ଗୁଲମାର୍ଗରେ ଟ୍ରେନିଂ ନେଇ ନିଜକୁ ପ୍ରସ୍ତୁତ କରୁଥିବା ରଞ୍ଜିତା ପ୍ରକାଶ କରିଛନ୍ତି। ଅଷ୍ଟ୍ରିଆରେ ରଞ୍ଜିତା ଜାନୁଆରୀ ୧୦ରୁ ଫେବୃଆରୀ ୧୧ ପର୍ଯ୍ୟନ୍ତ ଟ୍ରେନିଂ ନେଇଥିଲେ। ସେଠାରେ ସ୍ଲାମରେ ୨ଟି ରେସ୍‌ରେ ଭାଗନେଇ ଫିନିଶ୍ ପଏଣ୍ଟରେ ପହଞ୍ଚି ପାରିଥିଲେ। "ଅଷ୍ଟ୍ରିଆ ହେଉଛି ସ୍କି'ର ମୁଖ୍ୟ ପଏଣ୍ଟ। ସେଠାରେ ଆମେରିକା, ଇଟାଲି ଆଦି ଦେଶରୁ ପ୍ରତିଯୋଗୀମାନେ ଆସି ଅଭ୍ୟାସ କରିଥାନ୍ତି। ଅଷ୍ଟ୍ରିଆରେ ମୋର ଟ୍ରେନିଂ ବହୁତ ଭଲ ରହିଥିଲା। ଅନେକ ଅଭିଜ୍ଞତା ମଧ୍ୟ ହାସଲ କରିଛି। ଆଗାମୀ ପ୍ରତିଯୋଗିତାରେ ଏହା ମୋତେ ନିଶ୍ଚିତ ସାହାଯ୍ୟ କରିବ। ଓଡ଼ିଶା ବାସୀଙ୍କ ଭଲପାଇବା ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ସହାୟତା ମୋତେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଛି" ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି।

# ରଣଜୀ ଟ୍ରଫିରୁ ଅବସର ନେଲେ ୫ ହେଭିଓ୍ୱେଟ୍

**ନୂଆଦିଲ୍ଲୀ, ୧୯।୨ (ପି.ଟି.):** ରଣଜୀ ଟ୍ରଫି ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ୫ ଜଣ ହେଭିଓ୍ୱେଟ ଖେଳାଳି ଅବସର ଘୋଷଣା କରିଛନ୍ତି। ଘରୋଇ କ୍ରିକେଟରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିବା ସହ ବେଙ୍ଗଲର ମନୋଜ ତିଓ୍ୱାରୀ, ଝାଡଖଣ୍ଡର ସୌରଭ ତିଓ୍ୱାରୀ, ବରୁଣ ଆରୋନ, ମୁମ୍ବାଇର ଧଓ୍ୱଲ କୁଲକର୍ଣ୍ଣୀ ଓ ବିଦର୍ଭର ରଣଜୀ ଟ୍ରଫି ବିଜେତା ଅଧିନାୟକ ଫୈଜ ଫଜଲ ଅବସର ଘୋଷଣା କରିଛନ୍ତି। ଜାତୀୟ ଦଳ ପାଇଁ ଖେଳିବାର ସୁଯୋଗ ନ ଥିବା ବେଳେ ଆଇପିଏଲ୍ ଚୁକ୍ତି ମଧ୍ୟ ମିଳି ନ ଥିବାରୁ ଏହି ଖେଳାଳିମାନେ ଅବସର ଘୋଷଣା କରିଛନ୍ତି। ବରୁଣ ଆରୋନ, ମନୋଜ ତିଓ୍ୱାରୀ ଓ ଫୈଜ ଫଜଲ ଯେଉଁ ପଡିଆରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ ସମାନ ଗ୍ରାଉଣ୍ଡରେ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳିଛନ୍ତି। ମନୋଜ ତିଓ୍ୱାରୀ ଦୀର୍ଘ ୧୯ ବର୍ଷ ଧରି ବେଙ୍ଗଲର ପ୍ରତିନିଧିତ୍ୱ କରିଥିବା ବେଳେ ୧୦ ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି। ଅନ୍ୟପକ୍ଷରେ ସୌରଭ ତିଓ୍ୱାରୀ ୧୭ ବର୍ଷର କ୍ୟାରିୟରରେ ୧୧୫ ମ୍ୟାଚ୍‌ରୁ ୮୦୩୦ ରନ୍ କରିଛନ୍ତି। ସେହିପରି ୧୫୩ କିମି ବେଗରେ ବୋଲିଂ କରି ଚର୍ଚ୍ଚାରେ ରହିଥିବା ବରୁଣ ଆରୋନ ୬୬ ମ୍ୟାଚ୍ ଖେଳି ୧୭୩ ପ୍ରଥମ ଶ୍ରେଣୀ ଉଇକେଟ ନେଇଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଅନ୍ତିମ ମ୍ୟାଚ୍ ଖେଳୁଥିବା ଆରୋନ ୫ ଉଇକେଟ ସଫଳତା ସହ କ୍ୟାରିୟର ସମାପ୍ତ କରିଥିଲେ। ୨୦୧୮ରେ ବିଦର୍ଭକୁ ରଣଜୀ ଟ୍ରଫି ଚାମ୍ପିୟନ କରିଥିବା ଫୈଜ୍ ଫଜଲ ଦୀର୍ଘ ୨୧ ବର୍ଷ ଧରି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି। ୯୧୮୩ ରନ୍ ସ୍କୋର କରିଥିବା ବେଳେ ୨୦୧୮ରେ ତାଙ୍କୁ ଭାରତୀୟ ଦଳକୁ ଡାକରା ମିଳିଥିଲା। ଏକମାତ୍ର ମ୍ୟାଚ୍‌ରେ ୫୫ ରନ୍ ସ୍କୋର କରିଥିଲେ ମଧ୍ୟ ଜାତୀୟ ଦଳରେ ଆଉ ସୁଯୋଗ ମିଳି ନ ଥିଲା। ସେହିପରି ମୁମ୍ବାଇର ସୁଇଁ କିଙ୍ଗ ଧଓ୍ୱଲ କୁଲକର୍ଣ୍ଣୀ ୧୭ ବର୍ଷ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ୩୫ ବର୍ଷୀୟ କୁଲକର୍ଣ୍ଣୀ ମୁମ୍ବାଇ ପକ୍ଷରୁ ୯୫ ମ୍ୟାଚ୍ ଖେଳି ୨୮୧ ଉଇକେଟ ନେଇଛନ୍ତି।

# ବାଦଲ ବିଶ୍ୱାଳଙ୍କୁ ୯ ଉଇକେଟ

**ସିକେ ନାଇଡୁ ଟ୍ରଫି**

ବଲାଙ୍ଗୀର, ୧୯।୨
(ବୀରେନ୍ଦ୍ର ଝାଙ୍କର)

ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମରେ ଖେଳା ଯାଉଥିବା କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ବାଦଲ ବିଶ୍ୱାଳଙ୍କ ବୋଲିଂ ସଫଳତା। ବାଦଲ ଏକାକୀ ୯ ଉଇକେଟ ନେଇଥିବା ବେଳେ ପଞ୍ଜାବ ୩୮୨ ରନ୍‌ରେ ଅଲଆଉଟ ହୋଇଛି। ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ବିନା କ୍ଷତିରେ ୧୧ ରନ୍ କରିଥିବା ଓଡ଼ିଶା ୨୬୬ ରନ୍ ପଛରେ ରହିଛି।

ପ୍ରଥମ ଇନିଂସରେ ଓଡ଼ିଶା ୧୦୫ ରନ୍‌ରେ ସୀମିତ ରହିଥିବା ବେଳେ ପଞ୍ଜାବ ୩୮୨ ରନ୍ କରିଥିଲା। ପଞ୍ଜାବ ପକ୍ଷରୁ ପୁଖରାଜ ମନ୍ ୧୬୯ ରନ୍ କରିଥିଲେ।


ବାଦଲ ବିଶ୍ୱାଳ

ତେବେ ଓଡ଼ିଶା ପକ୍ଷରୁ ବାଦଲ ଚମତ୍କାର ବୋଲିଂ କରିଥିଲେ। ଏକାକୀ ସେ ପଞ୍ଜାବର ୯ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଶେଷ ବ୍ୟାଟର ଭାବେ ପୁଖରାଜ ରନ୍ ଅଉଟ ହେବା କାରଣରୁ ବାଦଲ ପର୍ଫେକ୍ଟ୧୦ରୁ ବଞ୍ଚିତ ହୋଇଥିଲେ। ପୁଖରାଜ ୨୯୯ ବଲ୍ ଖେଳି ୧୭ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାହବାଜ ସାନ୍ଧୁ ୭୭ ରନ୍ ସ୍କୋର କରିଥିଲେ। ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ଓଡ଼ିଶା ବ୍ୟାଟିଂ ଆରମ୍ଭ କରି ବିନା କ୍ଷତିରେ ୧୧ ରନ୍ ସ୍କୋର କରିଛି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୦୫/୧୦ ପଞ୍ଜାବ ପ୍ରଥମ ଇନିଂସ ୧୧୮ ଓଭରରେ ୩୮୨/୧୦ (ପୁଖରାଜ ମନ୍-୧୬୯, ଶାହବାଜ ସାନ୍ଧୁ-୭୭, କ୍ରିସ୍ ଭଗତ-୩୬, ବାଦଲ ବିଶ୍ୱାଳ-୯/୧୧୮)।

# କିଟ୍ ଦଳ ଓଭରଅଲ୍ ଚାମ୍ପିୟନ

ଭୁବନେଶ୍ୱର, ୧୯।୨
(ତପନ ସ୍ୱାଇଁ)

**ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। କିଟ୍ ଦଳ ୯ ସ୍ୱର୍ଣ୍ଣ, ୫ ରୌପ୍ୟ, ୨ ବ୍ରୋଞ୍ଜ ସହ ଓଭରଅଲ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ସମ୍ମାନିତ ଅତିଥି, ଅଲିମ୍ପିଆନ ଦୁତୀ ଚାନ୍ଦ ସ୍ୱତନ୍ତ୍ର ଆମନ୍ତ୍ରଣୀୟ ଅତିଥିଭାବେ ଯୋଗ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ଓ ରେଜିଷ୍ଟ୍ରାର କାହ୍ନୁ ଚରଣ ଧିର ଉପସ୍ଥିତ ଥିଲେ। କିଟ୍ ଆଥଲେଟ୍‌ଙ୍କ ମଧ୍ୟରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ସୁସ୍ମିତା ଟିଗା ବ୍ୟକ୍ତିଗତ ୨ଟି ଲେଖାଏ ଇଭେଣ୍ଟରେ ଏବଂ ସବିତା ଟପ୍ପୋ, ଦୀପା କିସାନ, ପି. ଅର୍ପିତା ଅର୍ଚ୍ଚନା ସାହୁ ସ୍ୱର୍ଣ୍ଣ ପଦକ ପାଇଥିଲେ। ମହିଳା ୪x୧୦୦ ମିଟରରେ ପ୍ରଜ୍ଞା ପ୍ରଶାନ୍ତି ସାହୁ, ଶତାକ୍ଷି ରାୟ, ସବିତା ଟପ୍ପୋ, ଜମୁନା ଟୁଡୁ ଏବଂ ପୁରୁଷ ୪x୧୦୦ ମିଟରରେ ଲାଲୁ ପ୍ରସାଦ ଭୋଇ, ମହେନ୍ଦ୍ର ସାନ୍ତା, ଦଣ୍ଡପତି ମୃତ୍ୟମ ଜୟରାମ ଓ ଚିରଞ୍ଜୀବ ମହାକୁଡ଼ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।



ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସରେ ଓଭରଅଲ୍ ଚାମ୍ପିୟନ କିଟ୍ ଦଳର ଆଥଲେଟ୍‌ମାନେ ପୁରସ୍କାର ସହ।

# ସଡନ୍‌ଡେଥ୍‌ରେ ଜିତିଲା ଭାରତ

ରାଉରକେଲା, ୧୯।୨
(ଦିନେଶ ମିଶ୍ର)

ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସ୍ପେନ୍ ବିପକ୍ଷ ମ୍ୟାଚ୍‌କୁ ୮-୭ ସଡନ୍‌ଡେଥ୍‌ରେ ଜିତି ନେଇଛି ଭାରତ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ରହିଥିଲା। ପରେ ପେନାଲ୍ଟି ଶୁଟଆଉଟର ସାହାରା ନିଆ ଯାଇଥିଲା। ଶୁଟଆଉଟରେ ଉଭୟ ଦଳ ୫ଟି ଲେଖାଏ ଶଟ୍‌ରୁ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସଡନ୍ ଡେଥ୍‌ରେ ସ୍ପେନ୍‌ର ତୃତୀୟ ଶଟ୍ ରୋକିବାରେ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେସ ସଫଳ ହୋଇଥିବା ବେଳେ ଭାରତ ମ୍ୟାଚ୍‌କୁ ଜିତି ନେଇଥିଲା। ଏହା ସହିତ ଭାରତ ଶୁଟଆଉଟ ବୋନସ ପଏଣ୍ଟ ହାସଲ କରିଥିଲା। ଭାରତ ପକ୍ଷରୁ ଜରମନପ୍ରୀତ ସିଂ(୧) ଓ ଅଭିଷେକ(୩୫) ମିନିଟ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ସ୍ପେନ୍ ପକ୍ଷରୁ ଜୋସ୍ ବାଷ୍ଟେରା(୩) ଓ ବୋର୍ଜା ଲାସାଲ୍ଲେ(୧୫) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ପ୍ରଥମ ମିନିଟରେ ଭାରତ ପକ୍ଷରୁ ଜରମନ୍‌ପ୍ରୀତ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ୧-୦ରେ ଆଗୁଆ କରିଥିଲେ। ତେବେ ସ୍ପେନ୍‌କୁ ତୃତୀୟ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପ୍ରଥମ କ୍ୱାର୍ଟରର ୧୫ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ବୋର୍ଜା ସ୍ପେନକୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ତୃତୀୟ କ୍ୱାର୍ଟରରେ ଅଭିଷେକ ପେନାଲ୍ଟି କର୍ଣ୍ଣରରୁ ଏକ ଗୋଲ ଦେବା ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଅନ୍ତିମ କ୍ୱାର୍ଟର ଗୋଲଶୂନ୍ୟ ରହିବା ସହ ମ୍ୟାଚ୍ ଶୁଟଆଉଟକୁ ଯାଇଥିଲା।



ସଡନଡେଥ୍‌ରେ ବିଜୟ ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ପୁରୁଷ ପ୍ରୋ ଲିଗ୍ ହକି**

**ନେଦରଲାଣ୍ଡ ବିଜୟୀ**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ପୁରୁଷ ହକି ପ୍ରୋ ଲିଗ୍ ଆରମ୍ଭ ହୋଇଥିବା ବେଳେ ନେଦରଲାଣ୍ଡ୨-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଆୟର୍ଲାଣ୍ଡ ପକ୍ଷରୁ ୧୨ ମିନିଟ୍‌ରେ ମାଥ୍ୟୁ ନେଲସନ୍ ପ୍ରଥମ ଗୋଲ କରିଥିଲେ। ପ୍ରଥମ କ୍ୱାର୍ଟରରଶେଷ ମିନିଟରେ ଜିପ୍ ଜାନସେନ ଏହି ଗୋଲଟି ପରିଶୋଧ କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୩ତମ ମିନିଟରେ ଜାନସେନ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ।

# ଆଟକିନ୍‌ସନ୍‌ଙ୍କ ସ୍ଥାନରେ ଚମିରା

**ନୂଆଦିଲ୍ଲୀ, ୧୯।୨ (ପି.ଟି.):** ଆଇପିଏଲ୍ ୨୦୨୪ ପୂର୍ବରୁ ସୋମବାର କୋଲକାତା ନାଇଟ ରାଇଡର୍ସ (କେକେଆର) ଗସ୍ ଆଟକିନ୍‌ସନ୍‌ଙ୍କ ବଦଳ ଖେଳାଳି ଘୋଷଣା କରିଛି। ଇଂଲଣ୍ଡ ପେସର ଆଟକିନ୍‌ସନ୍ ଆହତ ହୋଇ ବାଦ ପଡ଼ିଥିବା ବେଳେ ତାଙ୍କ ସ୍ଥାନରେ ଶ୍ରୀଲଙ୍କାର ଦୁଷ୍ମନ୍ତ ଚମିରାଙ୍କୁ ସାମିଲ କରାଯାଇଛି। ଚମିରାଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କାରେ କେକେଆର ପକ୍ଷରୁ ସାଇନ୍ କରାଯାଇଛି। ଚମିରା ପୂର୍ବରୁ ୨୦୧୮ରେ ରାଜସ୍ଥାନ ରୟାଲ୍ସ ଓ ୨୦୨୧ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ସାମିଲ କରାଯାଇଥିଲା। ୨୦୨୨ରେ ଚମିରା ଲକ୍ଷ୍ନୌ ସୁପର ଜାଏଣ୍ଟ ପାଇଁ ଖେଳିଥିଲେ। ୧୨ ମ୍ୟାଚ୍ ଖେଳି ସେ ୯ ଉଇକେଟ ନେଇଥିଲେ।

**ବାଦ ପଡ଼ିଲେ କାଶଭି ଗୌତମ:** ଓମେନ୍ସ ପ୍ରିମିୟର ଲିଗ୍‌ରେ ସବୁଠାରୁ ମହଙ୍ଗା ଭାରତୀୟ ଖେଳାଳି କାଶଭି ଗୌତମ ଆହତ ହୋଇ ବାଦ ପଡିଛନ୍ତି। ଗୁଜରାଟ ଜାଏଣ୍ଟ୍ସ କାଶଭିଙ୍କୁ ୨ କୋଟି ଟଙ୍କାରେ କିଣିଥିବା ବେଳେ ସେ ଆହତ ହୋଇ ଓମେନ୍ସ ପ୍ରିମିୟର ଲିଗ୍ ଦ୍ୱିତୀୟ ସିଜନରୁ ବାଦ୍ ପଡିଛନ୍ତି। ମୁମ୍ବାଇର ସୟାଲି ସାଥଗାରେଙ୍କୁ ତାଙ୍କର ବଦଳ ଖେଳାଳି ଘୋଷଣା କରାଯାଇଛି। ସୟାଲିଙ୍କ ବେସ୍ ପ୍ରାଇସ୍ ୧୦ ଲକ୍ଷ ଟଙ୍କା ରହିଛି। ଅନ୍ୟପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଲରାଉଣ୍ଡର କନିକା ଆହୁଜା ମଧ୍ୟ ଆହତ ହୋଇ ବାଦ ପଡିଛନ୍ତି। ତାଙ୍କ ସ୍ଥାନରେ ମହାରାଷ୍ଟ୍ରର ବାମହାତୀ ପେସର ଶ୍ରଦ୍ଧା ପୋଖାରକରଙ୍କୁ ସାମିଲ କରାଯାଇଛି।

# ପରାଜୟ ସହ ଓଡ଼ିଶା ଅଭିଯାନ ଶେଷ

ଭୁବନେଶ୍ୱର, ୧୯।୨
(ତପନ ସ୍ୱାଇଁ)

ପ୍ରଦର୍ଶନରେ ସ୍ଥିରତାର ଅଭାବ ଏବଂ ବିଭିନ୍ନ ସମୟରେ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଓଡ଼ିଶା ପାଇଁ ମହଙ୍ଗା ପଡ଼ିଛି। ଚଳିତ ରଣଜୀ ଟ୍ରଫି ସିଜନରେ କ୍ରମାଗତ ଦ୍ୱିତୀୟ ଓ ୪ର୍ଥ ପରାଜୟ ଲଭିଛି ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ। ନୂଆଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ କ୍ରିକେଟ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦିଲ୍ଲୀଠାରୁ ୭ ଉଇକେଟରେ ହାରିଛି ଓଡ଼ିଶା। ପ୍ରଥମ ଇନିଂସରେ ୪୪୦ ରନ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ଅପ୍ରତ୍ୟାଶିତଭାବେ ୧୩୩ ରନରେ ଅଲ୍‌ଆଉଟ ହୋଇ ପରାଜୟକୁ ଡାକି ଆଣିଥିଲା। ଦିଲ୍ଲୀ ସମ୍ମୁଖରେ ୧୨୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ଏବଂ ଘରୋଇ ଦଳ ଏହାକୁ ୨୦.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଅନୁଜ ରାଓ୍ୱତ ୫ ବଲ୍‌ରୁ ୭, ଗଗନ ଭଟ୍ଟ ୪୩ ବଲ୍‌ରୁ ୨୪ ଓ ଅଧିନାୟକ ହିମ୍ମତ ସିଂ ୩୧ ବଲ୍‌ରୁ ୩୨ ରନକରି ଆଉଟ ହୋଇଥିବାବେଳେ ଆଇପିଏଲ୍ ତାରକା ଆୟୁଷ ବଦୋନୀ ୩୩ ବଲ୍‌ରୁ ୪୦ ଓ ଯଶ୍ ଧୁଲ୍ ୧୧ ବଲ୍‌ରୁ ୧୬ ରନରେ ଅପରାଜିତ ରହି ଦିଲ୍ଲୀକୁ ବିଜୟୀ କରିଥିଲେ। ଓଡ଼ିଶା ପକ୍ଷରୁ ଜାମଳା ଭଞ୍ଜନ ମହାପାତ୍ର ୨ଟି ଓ ରାଜେଶ ମହାନ୍ତି ୨ଟି ଉଇକେଟ ନେଇଥିଲେ। ପରାଜୟ ଫଳରେ ଓଡ଼ିଶା ୭ ମ୍ୟାଚରୁ ୧ ବିଜୟ, ୪ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟରେ ସ୍ଥିର ରହି ଗ୍ରୁପ୍ 'ଡି'ରେ ସର୍ବନିମ୍ନ ୮ମ ସ୍ଥାନକୁ ଖସିଛି।

ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟ ପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା ଓଡ଼ିଶା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ୫ମ ମ୍ୟାଚକୁ ଦଳ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚରେ ଦଳ ଉତ୍ତରାଖଣ୍ଡଠାରୁ ୧୬୨ ରନରେ ହାରିଯାଇଥିଲା। ଏବେ ଦିଲ୍ଲୀଠାରୁ ୭ ଉଇକେଟରେ ପରାଜୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ରଣନୀତି ଏବଂ ଖେଳାଳି ଚୟନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ତୃତୀୟ ଦିବସ ଶେଷରେ ଦିଲ୍ଲୀ ପ୍ରଥମ ଇନିଂସରେ ୪୫୧ ରନରେ ଅଲ୍‌ଆଉଟ ହୋଇ ଓଡ଼ିଶା ପ୍ରଥମ ଇନିଂସଠାରୁ ୧୧ ରନରେ ଅଗ୍ରଣୀ ହୋଇଥିଲା। ସୋମବାର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ ଡ୍ର ରହିବ ବୋଲି ଆକଳନ କରାଯାଉଥିଲା। ମାତ୍ର ଦ୍ୱିତୀୟ ଇନିଂସରେ ଓଡ଼ିଶା ବ୍ୟାଟରଙ୍କ ବେପରୁଆ ବ୍ୟାଟିଂ ଦଳ ପାଇଁ ବିପଦ ଡାକି ଆଣିଥିଲା। ଅଧିନାୟକ ଶାନ୍ତନୁ ମିଶ୍ରଙ୍କ ସମେତ ସ୍ୱସ୍ତିକ ସାମଲ ଓ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିପାରି ନ ଥିବାବେଳେ ଶୁଭ୍ରାଂଶୁ ସେନାପତି ୪ ଓ ଗୋବିନ୍ଦ ପୋଦ୍ଦାର ୧୭ ରନରେ ଆଉଟ ହେବାରୁ ଦିଲ୍ଲୀ ବିଜୟ ବାସ୍ନା ପାଇଥିଲା। ମିଡିଲ ଅର୍ଡରରେ ବିପ୍ଳବ ସାମନ୍ତରାୟ ଓ ଆଶୀର୍ବାଦ ସ୍ୱାଇଁ ଭଲ ଆରମ୍ଭ କରିଥିଲେ ହେଁ ଯୋଜନାବଦ୍ଧଭାବେ ଦିଲ୍ଲୀ ବୋଲରମାନେ ବୋଲିଂ କରି ତାଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଆଶୀର୍ବାଦ ସର୍ବାଧିକ ୨୯ ଓ ବିପ୍ଳବ ୨୪ ରନକରି ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ ଜାମଳା ଭଞ୍ଜନ ମହାପାତ୍ର ୨୫ ରନର ଯୋଗଦାନ ଦେଇଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ପ୍ରଥମ ପଦାର୍ପଣକାରୀ ସୁମିତ ମାଥୁର ୨୬ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ପ୍ରଂଶୁ ବିଜୟରନ ଓ ହିମାଂଶୁ ଚୌହାନ ୨ଟି ଲେଖାଏ ଏବଂ ହିମ୍ମତ ସିଂ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୪୦। ଦିଲ୍ଲୀ ପ୍ରଥମ ଇନିଂସ: ୪୫୧। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୩୩/ଅଲ୍‌ଆଉଟ (ଆଶୀର୍ବାଦ ସ୍ୱାଇଁ-୨୯, ସୁମିତ ମାଥୁର-୫/୨୬, ପ୍ରଂଶୁ ବିଜୟରନ-୨/୩୯, ହିମାଂଶୁ ଚୌହାନ-୨/୨୨, ହିମ୍ମତ ସିଂ-୧/୩୩)। ଦିଲ୍ଲୀ ଦ୍ୱିତୀୟ ଇନିଂସ: ୧୨୩/୩ (ଆୟୁଷ ବଦୋନୀ-୪୦*, ହିମ୍ମତ ସିଂ-୩୨, ଜାମଳା ଭଞ୍ଜନ ମହାପାତ୍ର-୨/୪୫, ରାଜେଶ ମହାନ୍ତି-୧/୨୪)।

**୨୦୨୩-୨୪ ସିଜନରେ ଓଡ଼ିଶାର ପ୍ରଦର୍ଶନ**

| ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଫଳାଫଳ |
|---|---|---|
| ବରୋଦା | ଭଦୋଦରା | ୧୪୭ ରନରେ ପରାସ୍ତ |
| ମଧ୍ୟ ପ୍ରଦେଶ | ଇନ୍ଦୋର | ମ୍ୟାଚ ଡ୍ର (ଇନିଂସ ଅଗ୍ରଣୀ) |
| ଜମ୍ମୁ-କଶ୍ମୀର | ଡ୍ରିମ୍ସ | ୨ ଉଇକେଟରେ ପରାସ୍ତ |
| ହିମାଚଳ ପ୍ରଦେଶ | ଡ୍ରିମ୍ସ | ୨୩୮ ରନରେ ବିଜୟୀ |
| ପୁଡୁଚେରୀ | ବାରବାଟୀ | ମ୍ୟାଚ ଡ୍ର (ଇନିଂସ ଅଗ୍ରଣୀ) |
| ଉତ୍ତରାଖଣ୍ଡ | ଡ୍ରିମ୍ସ | ୧୬୨ ରନରେ ପରାସ୍ତ |
| ଦିଲ୍ଲୀ | ଦିଲ୍ଲୀ | ୭ ଉଇକେଟରେ ପରାସ୍ତ |

(ଓଡ଼ିଶା ୭ ମ୍ୟାଚରୁ ୧ ବିଜୟ, ୪ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଗ୍ରୁପ୍ 'ଡି'ରେ ସର୍ବନିମ୍ନ ୮ମ ସ୍ଥାନରେ ରହିଛି)।

**ରଣଜୀ ଟ୍ରଫି**


ଓଡ଼ିଶା ରଣଜୀ ଦଳ।

# ମହିଳା ଦଳର କ୍ରମାଗତ ଦ୍ୱିତୀୟ ବିଜୟ

**ବୁସାନ, ୧୯।୨ (ପି.ଟି.):** ଭାରତୀୟ ମହିଳା ଦଳ ସୋମବାର ଏଠାରେ ଚାଲିଥିବା ଓ୍ୱାର୍ଲ୍ଡ ଟେବୁଲ ଟେନିସ (ଟିଟି) ଟିମ୍ ଚାମ୍ପିୟନଶିପ୍‌ରେ ଉଜବେକିସ୍ତାନକୁ ୩-୦ରେ ହରାଇ ଦେଇଛି। ଅନ୍ୟପକ୍ଷରେ ପୁରୁଷ ଦଳ ଦକ୍ଷିଣ କୋରିଆଠାରୁ ହାରିଯାଇଛି। ଆହିକା ମୁଖାର୍ଜୀ ଓ ଶ୍ରୀଜା ଆକୁଲାଙ୍କୁ ବିଶ୍ରାମ ଦିଆଯାଇଥିବାରୁ ସେମାନଙ୍କ ସ୍ଥାନରେ ଅର୍ଚ୍ଚନା କାମାଥ ଓ ଦିୟା ଚିଟାଲେଙ୍କୁ ସୁଯୋଗ ମିଳିଥିଲା। ଉଭୟେ ସେମାନଙ୍କ ସିଙ୍ଗଲ୍ସରେ ବିଜୟ ହାସଲ କରିଥିଲେ। ସିନିୟର ଟିମ୍‌ମେଟ ମନିକା ବାତ୍ରା ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସହଜ ବିଜୟ ଲାଭ କରିଥିଲେ। ଅର୍ଚ୍ଚନା ୧୧-୭, ୧୧-୩, ୧୧-୬ରେ ରିମା ଗୁଫ୍ରାନୋଭଙ୍କୁ ହରାଇ ଦେଇଥିବା ବେଳେ ମାର୍ଖାବୋ ମାଗ୍‌ଡିଭାଙ୍କ ବିପକ୍ଷରେ ମନିକା ୧୧-୭, ୧୧-୪, ୧୧-୧ରେ ବିଜୟ ହାସଲ କରିଥିଲେ। ଦିୟା କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ମଧ୍ୟ ରୋଜାଲିନା ଖାଜିଭାଙ୍କୁ ପରାସ୍ତ କରିଥିଲେ। ଭାରତୀୟ ମହିଳା ଦଳ ଏହି ଚାମ୍ପିୟନଶିପ୍‌ରେ ଚାଇନାଠାରୁ ୨-୩ରେ ପରାଜୟ ସହ ଏହାର ଅଭିଯାନ ଆରମ୍ଭ କରିଥିଲା। ପରେ କ୍ରମାଗତ ଦୁଇ ବିଜୟ ଦ୍ୱାରା ଦଳ ଗ୍ରୁପ୍-୧ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

## ଫ୍ୟାଶନ୍

# କର୍ପୋରେଟ୍ ଲୁକ୍

**ପାଠପଢ଼ା ଶେଷ ହେବା ପରେ ଚାକିରି ପାଇଁ ଆପଣ ନିଶ୍ଚୟ ଇଣ୍ଟରଭ୍ୟୁ ଦେବାକୁ ଯାଉଥିବେ। ଯଦି ହଁ, ତେବେ ନିଜକୁ ଏପରି କର୍ପୋରେଟ୍ ଲୁକ୍ ଦିଅନ୍ତୁ, ଯାହାଦ୍ୱାରା ନିଜର ଇମ୍ପ୍ରେସନ୍ ଅନ୍ୟ ସାମ୍ନାରେ ଭଲ ହୋଇପାରିବ। ଠିକ୍ ଆଉଟ୍‌ଫିଟ୍ ନିଜ ଭିତରେ ଆତ୍ମବିଶ୍ୱାସ ବଢ଼ାଇଥାଏ। ଜାଣନ୍ତୁ ଏ ସମ୍ପର୍କରେ..**



**ଜିନ୍ସ ଓ ବ୍ଲେଜର:** ଏହି ପ୍ରଫେସନାଲ ଆଉଟ୍‌ଫିଟ୍ ବହୁତ କମନ୍ ଏବଂ ଭଲ କମ୍ବିନେଶନ୍ ବୋଲି ବେଶ୍ ଜଣାଶୁଣା। ଏହା ବିଜ୍‌ନେସ୍ ଲୁକ୍‌ରେ ଆଇଡିଆଲ ହୋଇଥାଏ। ଏହି ଆଉଟ୍‌ଫିଟ୍‌ରେ ଆପଣ ବ୍ଲାକ୍ ହ୍ୱାଇଟ୍ କିମ୍ବା ନ୍ୟୁଟ୍ରାଲ କଲରକୁ ଆରାମ୍‌ରେ କ୍ୟାରି କରିପାରିବେ। ଏହା ସହିତ ଆପଣ ହିଲ୍ସ ମଧ୍ୟ ପିନ୍ଧିପାରିବେ।

**ମିଡି ସ୍କର୍ଟ :** କର୍ପୋରେଟ୍ ୱାର୍ଲଡରେ ମିଡି ସ୍କର୍ଟ ଆପଣଙ୍କ ଲାଗି ଭଲ ଅପ୍‌ଶନ। ଋତୁ ଅନୁଯାୟୀ ନିଜ ସ୍କର୍ଟର ଫାବ୍ରିକ୍ ଚୟନ କରିପାରିବେ। ଆପଣ ସ୍କର୍ଟ ଯେପରି ଆଣ୍ଠୁ ତଳକୁ ରୁହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏହା ସହିତ ଆପଣ ଶାର୍ଟ ପେୟାର କରିବା ସହ ହିଲ୍ସ କିମ୍ବା ବେଲି କ୍ୟାରି କରିପାରିବେ।

**ଜମ୍ପସୁଟ୍ :** ଜମ୍ପସୁଟ୍ ଆପଣଙ୍କ ଲାଗି ଭଲ ଅପ୍‌ଶନ। ଜମ୍ପସୁଟ୍‌କୁ ଗୋଟିଏ ରଙ୍ଗରେ କ୍ୟାରି କରନ୍ତୁ। ଅଫିସ୍ ପାଇଁ ଯଦି ଜମ୍ପସୁଟ୍ ଚୟନ କରୁଛନ୍ତି ତେବେ କେଉଁ ରଙ୍ଗର ପିନ୍ଧିବେ ତାହା ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆପଣ ବ୍ଲାକ୍, ନେଭି ବ୍ଲୁ କିମ୍ବା ଲାଇନ ଡିଜାଇନ୍‌ର ଜମ୍ପସୁଟ୍ କ୍ୟାରି କରିପାରିବେ। ଏହା ସହିତ ଆପଣ ଲାଇଟ୍ ନେକ୍‌ଲେସ୍ କିମ୍ବା ସ୍ମଲ୍ ଇୟରରିଙ୍ଗ କ୍ୟାରି କରିପାରିବେ।

**ହାଇ ୱେଷ୍ଟେଡ୍ ଟ୍ରାଉଜର୍ସ:** ଏହା ମଧ୍ୟ ଆପଣଙ୍କ ଲାଗି ଭଲ ଅପ୍‌ଶନ। ମିନି ଟପ୍ ସହିତ ହାଇ ୱେଷ୍ଟେଡ୍ ଟ୍ରାଉଜର୍ସ କ୍ୟାରି କରିପାରିବେ। ଏହା ଆପଣଙ୍କ ଲୁକ୍‌କୁ ଆହୁରି ବଢ଼ାଇ ଦେଇଥାଏ।

**କ୍ରପ୍‌ଡ ଟ୍ରାଉଜର୍ସ :** କର୍ପୋରେଟ୍ କଲଚରରେ କ୍ରପ୍‌ଡ ଟ୍ରାଉଜର୍ସ ଏକ ଭଲ ଅପଶନ୍ ହୋଇପାରିବ। ଏଥିଲାଗି ଆପଣ ସଲିଡ୍ କଲର ସିଲେକ୍ଟ କରନ୍ତୁ। ଆପଣ ଏହା ସହିତ ପପ୍ ସ୍ୟାଣ୍ଡେଲ କିମ୍ବା ଲୋଫର୍ସ କ୍ୟାରି କରିପାରିବେ। ସବୁଠାରୁ ବଡ଼ କଥା ହେଲା ଏସବୁ ଡ୍ରେସ୍ ଆପଣଙ୍କୁ କେତେ ମ୍ୟାଚିଙ୍ଗ କରୁଛି ତାହା ଭଲ ଭାବରେ ଦେଖି ନିଅନ୍ତୁ।

## ଉଲ୍ ପୋଷାକର ଯତ୍ନ



ଏବେ ତ ଶୀତ ଦିନ ପ୍ରାୟ ଶେଷ ହୋଇଗଲାଣି। ତେଣୁ ସୁଇଟର, ଜ୍ୟାକେଟ୍ ଆଦି ଜିନିଷକୁ ସଫା କରି ରଖିଦିଅନ୍ତୁ। ଉଲ୍ ପୋଷାକକୁ ଠିକ୍ ଉପାୟରେ ପ୍ୟାକ୍ କରିବା ଜରୁରୀ। ଯାହାଦ୍ୱାରା ଆସନ୍ତା ବର୍ଷ ବ୍ୟବହାର କରିବା ସମୟରେ ତାହା ଯେପରି ଏକଦମ୍ ଫ୍ରେଶ ଲାଗିବ। ସାଧାରଣତଃ ଉଲ୍ ପୋଷାକ ଶୀତଦିନେ ତିନି ଚାରି ମାସ ବ୍ୟବହାର କରାଯାଇଥାଏ। ତା'ପରେ ଅବଶିଷ୍ଟ ମାସଗୁଡ଼ିକରେ ଏଗୁଡ଼ିକୁ ଭଲ ଭାବରେ ସାଇତି ରଖାଯାଏ। ଏଗୁଡ଼ିକୁ କିପରି ସାଇତି ରଖିବେ ସେ ସମ୍ପର୍କରେ କେତୋଟି ଟିପ୍ସ...

**ସଫା କରି ରଖନ୍ତୁ**

ଉଲେନ୍ କ୍ଲଥ୍‌କୁ କେବେ ବି ସଫା ନ କରି ରଖନ୍ତୁ ନାହିଁ। ପ୍ରଥମେ କପଡ଼ାକୁ ଭଲଭାବେ ଧୋଇ ସଫା କରି ଏହାକୁ ଖରାରେ ଭଲ ଭାବରେ ଶୁଖାନ୍ତୁ। ଯଦି ବି ଆପଣ ଡ୍ରାଏ କ୍ଲିନ୍ କରୁଛନ୍ତି ତେବେ ଏହା ନିଶ୍ଚିତ ରୂପରେ ଖରାରେ ଶୁଖାଇଲା ପରେ ତାକୁ ରଖନ୍ତୁ। ଏହି ଉଲେନ୍ କପଡ଼ା ରଖିବା ପୂର୍ବରୁ ଭଲଭାବେ ଚେକ୍ କରି ନିଅନ୍ତୁ ଯେ କପଡ଼ା ଓଦା ନାହିଁ ତ, କିମ୍ବା ସଫା ନ ହୋଇ ରହିଯାଇନି ତ– ଏସବୁ ଚେକ୍ କଲା ପରେ ହିଁ ଏହାକୁ ପ୍ୟାକ୍ କରି ରଖନ୍ତୁ।

**ପେପରରେ ପ୍ୟାକ୍ କରନ୍ତୁ**

କପଡ଼ାକୁ ସିଧା ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପ୍ୟାକ୍ କରିବାଠୁ ଦୂରେଇ ରୁହନ୍ତୁ। ଏହା ବଦଳରେ ଏସବୁକୁ ପ୍ରଥମେ ପେପରରେ ଗୁଧାଇଲା ପରେ ତାକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ରଖନ୍ତୁ। ଏକ ସାଥିରେ କେତେକ କପଡ଼ା ରଖିବା ସମୟରେ ମଝିରେ ମଝିରେ ପେପର ରଖିବା ପରେ ଅଲଗା ଅଲଗା ହୋଇ ରହିବ। ଏହାଦ୍ୱାରା ଫଙ୍ଗସ ପଡ଼ିବ ନାହିଁ।

**ନାପଥାଲିନ୍ ରଖନ୍ତୁ**

କପଡ଼ାକୁ ବର୍ଷକ ଯାକ ଫ୍ରେଶ ରଖିବାକୁ ହେଲେ ସେଥିରେ ନାପଥାଲିନ୍ ପକାଇ ରଖନ୍ତୁ। ଏହା ରଖିବା ଦ୍ୱାରା କପଡ଼ାରେ କେବେ ବି ବ୍ୟାକ୍ଟେରିଆ ଜନ୍ମ ହୋଇ ନ ଥାନ୍ତି। ଏହାକୁ ଧଳା ସଫା କପଡ଼ାରେ ଗୁଡ଼ାଇ କିମ୍ବା ପେପରରେ ରାପ୍ କରି ରଖିପାରିବେ।





# ଗହଣାର ଯତ୍ନ

**ନିଜକୁ ସଜେଇ ହେବାରେ ଗହଣାର ଭୂମିକା କେତେ ତାହା କହିବା ଅନାବଶ୍ୟକ। ସେଗୁଡ଼ିକ ମଧ୍ୟରେ ସୁନା, ରୁପା ସହ ହୀରା ଗହଣାର ଚାହିଦା ମଧ୍ୟ ରହିଛି । ତେବେ ସେ ସବୁକୁ ବ୍ୟବହାର କରିବା ସହ ତାହାର ଯତ୍ନ ନେବା ଦରକାର। କେବଳ ଗହଣା ଦୋକାନରେ ତାହାକୁ ସଫା କଲେ ହେବ ନାହିଁ, ଏପରି କେତୋଟି ଘରୋଇ ଉପାୟ ରହିଛି, ଯାହାକୁ ଆପଣେଇ ପାରନ୍ତି । ଜାଣନ୍ତୁ ଏ ସମ୍ପର୍କରେ...**

ଏହା ଠିକ୍ ଯେ କିଛି ଗହଣା ପୁରୁଣା ହୋଇଗଲେ ତାହା ପୁରୁଣା ପୁରୁଣା ଲାଗିଥାଏ। କାରଣ ଏସବୁ ଜିନିଷକୁ ପ୍ରତିଦିନ ପିନ୍ଧିବା ଦ୍ୱାରା ଧୂଳି, ମାଟି, ଝାଳ, ଗରମ, ଶୀତ, ବର୍ଷା ଆଦିର ପ୍ରଭାବ ମଧ୍ୟ ପଡ଼ିଥାଏ। ଯଦି ଏହା ଉପରେ ଧ୍ୟାନ ଦିଆ ନ ଯାଏ ତେବେ ଏହା ନିଜର ଚମକ ହଜାଇ ଦେଇଥାଏ। ଯଦି ସଜାଗର ସହିତ ନିଜ ଗହଣାକୁ ସଫାସୁତୁରା କରିବେ ତେବେ ଏହା ପୁଣି ଚମକିଯିବ।

**ରୁପା ଗହଣା**

ରୁପା ଧଳା ରଙ୍ଗର ହୋଇଥାଏ। ଏଥିପାଇଁ ଏହି ଜୁଏଲେରି ଉପରେ ଝାଳ, ଧୂଳି, ମାଟିର ପ୍ରଭାବ ବହୁତ ଜଲ୍‌ଦି ଦେଖାଯାଇଥାଏ। ରୁପା ଗହଣା ସୁନା ତୁଳନାରେ ଖୁବ୍ କମ୍ ସମୟରେ ଏହା ରଙ୍ଗ ହଜାଇ ଦେଇଥାଏ। ଫଳରେ ଏହା ପୁରୁଣା ଲାଗିଥାଏ। ଏମିତିରେ ରଙ୍ଗ ହଜାଇ ଦେଇଥିବା ଏହି ଗହଣାର ଚମକ ବଢ଼ାଇବାକୁ ହେଲେ କେତୋଟି ଟିପ୍ସ ଆପଣାନ୍ତୁ..

- ⏭ଦୁଇ ଚାମଚ ବେକିଂ ସୋଡ଼ା ଓ ଅଧା କପ ସିର୍କାକୁ ଅତି କମ୍‌ରେ ଦୁଇଘଣ୍ଟା ଲାଗି ସିଲ୍‌ଭର ଜୁଏଲେରିକୁ ବୁଡ଼ାଇ ରଖନ୍ତୁ। ଦୁଇ ଘଣ୍ଟା ପରେ ଏହାକୁ ଥଣ୍ଡା ପାଣିରେ ଭଲଭାବେ ଧୋଇ ଦିଅନ୍ତୁ। ଗହଣା ପୁଣି ଚମକି ଉଠିବ।
- ⏭ରୁପା ଗହଣାକୁ ଖଟା ଦହି ସାହାଯ୍ୟରେ ଚମକା ଯାଇପାରିବ। ଖଟା ଦହିରେ ରୁପା ଗହଣାକୁ କିଛି ସମୟ ଲାଗି ବୁଡ଼ାଇ ରଖିଦିଅନ୍ତୁ। ଦେଖିବେ ଏହି ଗହଣାରେ ଲାଗିଥିବା ମଳି ସବୁ ଛାଡ଼ି ସଫା ଦେଖାଯିବ।
- ⏭ରୁପା ଗହଣାକୁ ଆଳୁ ସିଝା ହୋଇଥିବା ପାଣିରେ ଯଦି କିଛି ସମୟ ରଖିବା ପରେ ତାହାକୁ ହାଲୁକା ବ୍ରଶ ସାହାଯ୍ୟରେ ସଫା କରନ୍ତୁ ଦେଖିବେ ସବୁ ଅପରିଷ୍କାର ବାହାରି ଯାଇ ଆପଣଙ୍କ ଗହଣା ସଫା ଦେଖାଯିବ।
- ⏭ଏହାକୁ ମଧ୍ୟ ଡିଟରଜେଣ୍ଟରେ ସଫା କରାଯାଇପାରିବ। ଏକ ପାତ୍ର ନିଅନ୍ତୁ, ସେଥିରେ କିଛି ଡିଟରଜେଣ୍ଟ ନେଇ ତା' ମଧ୍ୟରେ ଗରମ ପାଣି ପକାଇ ଏହାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଦେଖିବେ ଏହି ଗହଣା କିପରି ଚମକି ଉଠୁଛି।
- ⏭ଟୁଥ୍‌ପେଷ୍ଟ ସାହାଯ୍ୟରେ ମଧ୍ୟ ରୁପା ଗହଣାକୁ ସଫା କରାଯାଇପାରିବ। ଜୁଏଲେରିରେ ପେଷ୍ଟ ଲଗାଇ ଏହାକୁ ଗରମ ପାଣିରେ ଅଧଘଣ୍ଟା ରଖନ୍ତୁ। ପରେ ଏହାକୁ ବ୍ରଶ ସାହାଯ୍ୟରେ ସଫା କରନ୍ତୁ।
- ⏭ରିଠା ପାଣିରେ ଭିଜାଇ ରୁପା ବାସନକୁ ସଫା କଲେ ତାହା ମଧ୍ୟ ଚମକି ଉଠିଥାଏ।



### ସୁନା ଗହଣା

**ସୁନା ଗହଣାକୁ ସଫା କରିବାକୁ ହେଲେ ଆପଣ ନିମ୍ନୋକ୍ତ ସରଳ ଉପାୟ ଆପଣାଇପାରିବେ..**

- ଏକ ବଡ଼ ପାତ୍ରରେ ଅଧା କପ ସିର୍କା ପକାନ୍ତୁ, ସେଥିରେ ଦୁଇ ଚାମଚ ବେକିଂ ସୋଡ଼ା ମିଶାନ୍ତୁ ଏବଂ ଏହି ମିଶ୍ରଣରେ ଆପଣ ସୁନା ଗହଣାକୁ ଦୁଇ ତିନିଘଣ୍ଟା ଲାଗି ବୁଡ଼ାଇ ରଖନ୍ତୁ। ତିନିଘଣ୍ଟା ପରେ ଏହାକୁ କାଢ଼ି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପୁଣି ଶୁଖିଲା ମୁଲାୟମ୍ କପଡ଼ା ସାହାଯ୍ୟରେ ହାଲୁକା ହାତରେ ଏହାକୁ ଭଲଭାବେ ପୋଛି ସଫା କରନ୍ତୁ।
- ଏହାକୁ ମଧ୍ୟ ଗରମ ପାଣିରେ ରିଠା ପକାଇ ସଫା କରିପାରିବେ। ଯାହାଦ୍ୱାରା ଆପଣଙ୍କ ସୁନା ଗହଣା ଚମକିବ।
- ଗରମ ପାଣିରେ ଭଲ କ୍ୱାଲିଟିର ଡିଟରଜେଣ୍ଟ ଏବଂ ଏକ ଚାମଚ ଆମୋନିଆ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏଥିରେ ସୁନା ଗହଣାକୁ କିଛି ସମୟ ପକାଇ ରଖି ଦିଅନ୍ତୁ। ପୁଣି ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏଥିରୁ ହଜିଯାଇଥିବା ଚମକ ପୁଣି ଫେରି ଆସିବ।
- ସୁନାର ଚମକ ପାଇବାକୁ ହେଲେ ଅଳ୍ପ ପାଣିରେ ଏକ ଚାମଚ ହଳଦୀ ପକାଇ ଏହାକୁ ଫୁଟାଇ ଦିଅନ୍ତୁ। ପୁଣି ଏହି ଫୁଟିଥିବା ପାଣିରେ ଗହଣାକୁ ରାତିସାରା ରଖି ଦିଅନ୍ତୁ। ତା' ପରଦିନ ତାକୁ ସଫ୍ଟ ବ୍ରଶ୍ ସାହାଯ୍ୟରେ ରଗଡ଼ି ସଫା କରନ୍ତୁ। ଦେଖିବେ କିପରି ଗହଣା ଚମକି ଉଠୁଛି।

### ଏମାନେ କ'ଣ କରନ୍ତି



**ଗହଣାଗୁଡ଼ିକୁ ନିଜେ ସଫା କରେ : ଶିବାନୀ ବିଶୋଇ,** ସାଇ ବିହାର, ବମିଖାଲ, ଭୁବନେଶ୍ୱର

ମୁଁ ଯେଉଁ ଗହଣା ବ୍ୟବହାର କରେ ସେଗୁଡ଼ିକୁ ନିଜେ ସଫା କରେ। ସବୁଠାରୁ ବଡ଼ କଥା ହେଲା, ସେଗୁଡ଼ିକର ଯତ୍ନ ମଧ୍ୟ ଠିକ୍ ଭାବରେ ନେଇଥାଏ। ଏଗୁଡ଼ିକୁ ମୁଁ ବାହାରେ ସଫା କରିବାକୁ ଆଦୌ ଦିଏନା। ଗହଣା ସଫା କରିବାକୁ ହେଲେ ମୁଁ ହଳଦୀପାଣିରେ ସୁନାକୁ ଗୋଟିଏଦିନ ବୁଡ଼ାଇ ରଖେ ତା' ପରଦିନ ସଫ୍ଟ ବ୍ରଶ୍ ସାହାଯ୍ୟରେ ସଫା କରିଥାଏ।



**ଘରୋଇ ଉପାୟ ଅନୁସରଣ କରେ : ଅରୁପମା ସାହୁ,** ଗୋପାଳସାହି, ରାଣୀହାଟ, କଟକ

ଆମେ ଯେଉଁ ସୁନାଗହଣା ପିନ୍ଧୁ ତାହା ଦୀର୍ଘ ଦିନ ବ୍ୟବହାର ପରେ ମଳିନ ପଡ଼ିଯାଏ। ସେଗଡ଼ିକର ଠିକ୍ ଭାବରେ ଯତ୍ନ ନେବା ନିହାତି ଜରୁରୀ। ନ ହେଲେ ତାହାର ଗ୍ଲେଜ୍ କମିଯିବ ଏବଂ ପିନ୍ଧିଲେ ଆକର୍ଷଣୀୟ ଦେଖାଯିବନି। ତେଣୁ ସେଗୁଡ଼ିକୁ ନିର୍ଦ୍ଧିଷ୍ଟ ସମୟ ଅନ୍ତରାଳରେ ସଫା କରିଥାଏ। ମୁଁ ବ୍ୟବହାର କରୁଥିବା ଗହଣାଗୁଡ଼ିକ ମଳିନ ପଡ଼ିଗଲେ ତାହାକୁ ସାଙ୍ଗେ ସାଙ୍ଗେ ସଫା କରିଥାଏ। ମୋ ରୁପା ଗହଣାକୁ ତେନ୍ତୁଳି ରସରେ ସଫା କରିଥାଏ। ତେନ୍ତୁଳିକୁ କିଛି ସମୟ ପାଣିରେ ଭିଜାଇ ଦିଅନ୍ତୁ। ଏହି ତେନ୍ତୁଳି ଯେତେବେଳେ ଭିଜିଯିବ ତାକୁ ଚିପୁଡ଼ି ତା'ର ରସ ବାହାର କରି ଦିଅନ୍ତୁ। ଏହାପରେ ସେଥିରେ ରୁପା ଗହଣାଗୁଡ଼ିକୁ ପକାଇ ଦିଅନ୍ତୁ। କିଛି ସମୟ ରଖିବା ପରେ ତାକୁ ବ୍ରଶ ସାହାଯ୍ୟରେ ସଫା କରନ୍ତୁ ଦେଖିବେ ରୁପା ଗହଣା କିପରି ଚକ୍‌ଚକ୍ କରୁଛି।



**ନୂଆ ଭଳି ଦେଖାଯିବ ଗୋଲଡେନ୍ ଜୁଏଲେରି**

**ଡାଇମଣ୍ଡ–ପର୍ଲ ଗହଣା**

ଗରମ ପାଣିରେ ଅଳ୍ପ ଶାମ୍ପୁ ପକାଇ ଏକ ମୁଲାୟମ୍ ବ୍ରଶ୍ ସାହାଯ୍ୟରେ ଏହାକୁ ସଫା କରନ୍ତୁ। କିନ୍ତୁ ଏହି ଘୋଳରେ ବୁଡ଼ାଇ ରଖନ୍ତୁ ନାହିଁ। ସାଦା ପାଣିରେ ଧୁଅନ୍ତୁ। କେବଳ ପାଣିରେ ଧୋଇବା କାରଣରୁ ଏଥିରେ ଦାଗ ପଡ଼ିଯାଏ। ଏହି ଘୋଳରେ ବୁଡ଼ାଇ ରଖିବା ଦ୍ୱାରା ମଧ୍ୟ ଏହାର ଚମକ କମିଯାଏ। ଏହାକୁ ଧ୍ୟାନରେ ରଖି ସେତେବେଳେ ବହୁତ ମୁଲାୟମ୍ କପଡ଼ା ସାହାଯ୍ୟରେ ସଫା କରନ୍ତୁ।

## ସୌନ୍ଦର୍ଯ୍ୟ

# ସୁନ୍ଦର ଦେଖାଯିବା ଲାଗି..



**କେବଳ ମେକଅପ୍ ନେବା ଦ୍ୱାରା ଜଣେ ସୁନ୍ଦର ଦେଖାଯିବ– ଏଭଳି ଧାରଣା ଭୁଲ୍ । ଏଥିପାଇଁ ସ୍କିନ୍‌ର ବେସିକ୍ କେୟାର ନେବାକୁ ପଡ଼ିଥାଏ । ଯଦି ଆପଣ ସୁନ୍ଦର ଦେଖାଯିବାକୁ ଚାହୁଁଛନ୍ତି ତେବେ ବ୍ୟୁଟି ଡେଲି ପ୍ଲାନର ପ୍ରସ୍ତୁତ କରନ୍ତୁ । ଏମିତି କିଛି ଟିପ୍ସ ନିମ୍ନରେ ଦିଆଯାଉଛି, ଯାହାକୁ ନିଜେ ଆପଣାଇ ପାରିବେ...**

- ⏪ଆପଣ ସ୍କିନ୍‌କୁ ସବୁବେଳେ ନାଚୁରାଲ ଉପାୟରେ ଫେସିଆଲ୍ କରନ୍ତୁ।
- ⏪କିଛି ନୂଆ ପ୍ରଡକ୍ଟ ଆସିଲାମାତ୍ରେ ତାକୁ ଆପଣାଇ ଆଗରୁ ଲଗାଉଥିବା ସାମଗ୍ରୀକୁ ଛାଡ଼ି ଦିଅନ୍ତୁ ନାହିଁ। ଏପରି କରିବା ଦ୍ୱାରା ସ୍କିନ୍ ଖରାପ୍ ହେବାର ଆଶଙ୍କା ରହିଛି। ଆପଣଙ୍କର ଏହି ଅଭ୍ୟାସ ସ୍କିନ୍ ଉପରେ ଖରାପ୍ ପ୍ରଭାବ ପକାଇପାରେ। କୌଣସି ଏକ ପ୍ରଡକ୍ଟ ବ୍ୟବହାର କରିବା ପୂର୍ବରୁ ତାକୁ କିଛି ଦିନ ବ୍ୟବହାର କରିବା ପରେ ଏହା ଡିସାଇଡ୍ କରନ୍ତୁ ଯେ ଏହି କ୍ରିମକୁ ଲଗାଇବେ ନା ପୂର୍ବରୁ ଯେଉଁ ପ୍ରଡକ୍ଟ ବ୍ୟବହାର କରୁଥିଲେ ତାକୁ କରିବେ ତାହା ଜାଣିଲା ପରେ ତାକୁ ମୁହଁରେ ବ୍ୟବହାର କରନ୍ତୁ।
- ⏪ବାହାରକୁ ଯିବା ସମୟରେ ଏସ୍‌ପିଏଫ୍ ସନ୍‌ସ୍କ୍ରିନ୍ ଲୋଶନ୍ ବ୍ୟବହାର କରନ୍ତୁ। ଏହାକୁ ପ୍ରତିଦିନ ଲଗାଇବା ଆବଶ୍ୟକ। କାହିଁକି ନା ବାୟୁମଣ୍ଡଳରେ ଉପସ୍ଥିତ ଅଲଟ୍ରା ଭାଓଲେଟ୍ କିରଣ ତ୍ୱଚାକୁ ଖରାପ କରିଥାଏ। ଏଥିପାଇଁ ତ୍ୱଚାରେ ଅସମୟରେ ଝୁରିଆଁ, ଡ୍ରାଏନେସ୍ ଆଦି ଦେଖାଯାଇଥାଏ। ଏଥିପାଇଁ ଘରୁ ବାହାରକୁ ବାହାରିଲେ ସବୁବେଳେ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।
- ⏪ତ୍ୱଚାକୁ ସୁନ୍ଦର କରିବାକୁ ହେଲେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ହୋଇଥାଏ। ସୁନ୍ଦର ତ୍ୱଚା ପାଇବାକୁ ହେଲେ ଦିନକୁ ୮–୧୦ ଗ୍ଲାସ ପାଣି ପିଅନ୍ତୁ। ଏହାଦ୍ୱାରା ତ୍ୱଚାରେ ପ୍ରାକୃତିକ ଚମକ ବଢ଼ିଥାଏ।
- ⏪ଆମେ ଗୋଟିଏ ଦିନରେ ୧୦,୦୦୦ରୁ ଅଧିକ ପାଦ ଚାଲିଥାଉ। ଏହାର କ୍ଷତି ଆମ ପାଦକୁ ହୋଇଥାଏ। ବଜାରରେ ଏପରି କ୍ରିମ୍ ମିଳୁଛି ଯାହା ପ୍ରଭାବୀ କାମ କରିଥାଏ। ଏହା ଡ୍ରାଏସ୍କିନ୍ ଫଟା ଗୋଇଠିକୁ ସୁରକ୍ଷା ଦେଇଥାଏ। ଯଦି ସମ୍ଭବ ହୁଏ ମାସରେ ଥରେ ପେଡିକିୟୋର କରାଇ ଦିଅନ୍ତୁ।
- ⏪ସ୍କିନ୍‌ର ଟାଇଟ୍ ପଣ ବଜାୟ ରଖିବାକୁ ହେଲେ ତାକୁ ମଶ୍ଚରାଇଜ୍ ରଖିବା ବହୁତ ଜରୁରୀ। ଏଥିରୁ ନିଜକୁ ରକ୍ଷା କରିବାକୁ ହେଲେ ପ୍ରତିଦିନ ରାତିରେ ନାଇଟ୍‌କ୍ରିମ୍ ହାଲୁକା ହାତରେ ନେଇ ମୁହଁରେ ମସାଜ୍ କରନ୍ତୁ। ଆପଣ ଯେତେ ଥକି ପଡ଼ିଥାଆନ୍ତୁ ନା କାହିଁକି ଶୋଇବା ପୂର୍ବରୁ ମେକଅପ୍ କାଢ଼ି ଶୁଅନ୍ତୁ। ମେକଅପ୍ ବ୍ରଶ ଏବଂ ପାନିଆ ସବୁବେଳେ ସଫା ରଖନ୍ତୁ।

## ଖାଦ୍ୟରୁଚି

# ସୁଜି ଢୋକଲା



**ଆବଶ୍ୟକ ସାମଗ୍ରୀ:** ୪୦୦ଗ୍ରାମ୍ ସୁଜି, ୨୦୦ଗ୍ରାମ୍ ଦହି, ଲୁଣ ଅଧା ଚାମଚ, ଚିନି ଏକ ଚାମଚ, କଳାସୋରିଷ ଏବଂ ଧଳା ସୋରିଷ, ଶୁଖିଲାଲଙ୍କା, ଦୁଇ ଚାମଚ ତେଲ।

**ପ୍ରସ୍ତୁତି ପ୍ରଣାଳୀ**

ଏବେ ସୁଜି, ଦହି, ଲୁଣ, ଚିନି ଏବଂ ଆବଶ୍ୟକ ମୁତାବକ ତେଲ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣରେ ଇନୋ କିମ୍ବା ବେକିଂ ସୋଡା ପକାଇ ଭଲଭାବେ ମିକ୍ସ କରି ତାକୁ କିଛି ସମୟ ପାଇଁ ଘୋଡ଼ାଇ ରଖନ୍ତୁ। ଏବେ ପ୍ରେସରକୁକର ନେଇ ସେଥିରେ ତେଲ ପକାନ୍ତୁ। ଏହି ତେଲକୁ ଭଲଭାବେ ଚାରିଆଡ଼େ ଲଗାଇ ଦିଅନ୍ତୁ। ଏବେ ଏହି ତେଲ ଉପରେ ବେଟରକୁ ପକାନ୍ତୁ। ଏହାକୁ କିଛି ସମୟ ସିମ୍‌ରେ ବସାଇ ପ୍ରେସର ଢାଙ୍କୁଣିରୁ ସିଟି କାଢ଼ି ଦିଅନ୍ତୁ । ଏହା କିଛି ସମୟ ରହିଲା ପରେ ମଝିରେ ଛୁରି କିମ୍ବା ଚାମଚ୍ ସାହାଯ୍ୟରେ ପରୀକ୍ଷା କରନ୍ତୁ ଏହା ହେଲା କି ନାହିଁ। ଯଦି ଛୁରିରେ ବେଟର ନ ଲାଗିଲା ତେବେ ଆପଣ ଜାଣିବେ ଯେ ଏହା ହୋଇଯାଇଛି। ଢୋକଲା ଛୁଙ୍କ ଦେବାକୁ ହେଲେ ପ୍ରଥମେ ଏକ କଡ଼େଇ ବସାନ୍ତୁ। କଡ଼େଇ ତାତିଲା ପରେ ସେଥିରେ ତେଲ ପକାନ୍ତୁ, ଏବେ ଏହି ତେଲରେ ହେଙ୍ଗୁ ପକାଇଲା ପରେ ସେଥିରେ କଳା ସୋରିଷ ଏବଂ ପରେ ଧଳା ସୋରିଷ ପକାନ୍ତୁ। ପୁଣି ସେଥିରେ ଭୃସଙ୍ଗପତ୍ର ପକାନ୍ତୁ। ଏବେ ସେଥିରେ ଶୁଖିଲା ଲଙ୍କା ପକାନ୍ତୁ। ଏବେ ଆପଣଙ୍କ ଢୋକଲା ପ୍ରସ୍ତୁତ। ଏହାକୁ ଆପଣ ଗ୍ରିନ୍‌ଚଟଣୀ ସହ ଖାଇପାରିବେ।




# ରାଞ୍ଚି ଟେଷ୍ଟରେ ବୁମ୍‌ରାଙ୍କୁ ବିଶ୍ରାମ, ଫେରିବେ ରାହୁଲ

**ରାଜକୋଟ,୧୯।୨(ପି.ଟି.)**

ରାଞ୍ଚିରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବାକୁ ଥିବା ବେଳେ ଫିଟ୍ ହୋଇଥିବା ଲୋକେଶ ରାହୁଲ ପ୍ରତ୍ୟାବର୍ତ୍ତନ କରିବେ। ଫେବୃଆରୀ ୨୩ ତାରିଖରେ ଚତୁର୍ଥ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଚଳିତ ସିରିଜରେ ସର୍ବାଧିକ ଉଇକେଟ ହାସଲକାରୀ ରହିଥିବା ବୁମ୍‌ରାଙ୍କୁ ବିଶ୍ରାମ ଦେବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି। ୩ ଟେଷ୍ଟରେ ୧୭ ଉଇକେଟ ନେଇ ସାରିଥିବା ବୁମ୍‌ରା ଅଦ୍ୟାବଧି ୮୦.୫ ଓଭର ବୋଲିଂ କରିଛନ୍ତି। ୱାର୍କଲୋଡ୍ ମ୍ୟାନେଜମେଣ୍ଟକୁ ଦୃଷ୍ଟିରେ ରଖି ତାଙ୍କୁ ବିଶ୍ରାମ ଦେବାକୁ ସ୍ଥିର କରାଯାଇଛି। ପୂର୍ବରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ମହମ୍ମଦ ସିରାଜଙ୍କୁ ମଧ୍ୟ ବିଶ୍ରାମ ଦେଇଥିଲା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଅନ୍ୟପକ୍ଷରେ ଜଙ୍ଘରେ ଆଘାତ କାରଣରୁ ବାଦ ପଡିଥିବା ଲୋକେଶ ରାହୁଲ ୯୦ ପ୍ରତିଶତ ଫିଟ ହୋଇ ସାରିଲେଣି। ସେ ମ୍ୟାଚ୍ ଫିଟ୍ ହେବା ପରେ ତାଙ୍କୁ ଦଳରେ ସାମିଲ କରାଯିବ ବୋଲି ଜଣାପଡିଛି। ହାଇଦ୍ରାବାଦ ଟେଷ୍ଟରେ ଟପ୍ ସ୍କୋରର ରହିଥିବା ରାହୁଲ ପରବର୍ତ୍ତୀ ଦୁଇ ଟେଷ୍ଟରୁ ବାଦ ପଡିଥିଲେ।

**ଭାରତ ତୀର୍ଥ ସାଥୀ ପ୍ୟାକେଜ୍ ଟୁର୍**

ପରିଚାଳକ: ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ- ୯୪୩୭୭୫୩୫୮୮ / ୯୬୯୨୫୭୪୯୬୨

**୧ମ ଯାତ୍ରା** ତା୧୨।୦୪।୨୦୨୪ରୁ ୧୭।୦୪।୨୪ରିଖ ବାବା ବୈଦ୍ୟନାଥ ଧାମ, ଦେଓଘର, ନୌଲାଖା ମନ୍ଦିର, ତ୍ରିକୁଟ ପାହାଡ଼, ଏଠାରୁ କଲିକତା ହୋଇ ନଦୀୟା ନବଦ୍ୱୀପ ଧାମ ଦର୍ଶନ କରି ତା୧୭।୦୪।୨୪ରିଖ ପୁରୀ ପ୍ରତ୍ୟାବର୍ତ୍ତନ। ଟିକେଟ୍‌ର ମୂଲ୍ୟ ତ୍ରିତଳ ଶୟନଯାନ ରେଳଭଡ଼ା, ଦୁଇବେଳା ଖାଦ୍ୟ, ଧର୍ମଶାଳା ରହଣି, ଯାନବାହନ ଖର୍ଚ୍ଚ ସହ ଜଣ ପ୍ରତି ଟ.୭,୫୦୦/- ।

**୨ୟ ଯାତ୍ରା** ତା୧୫।୪।୨୦୨୪ରିଖ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ (ବିମାନ ଯାତ୍ରା) ୪ ରାତି ୫ ଦିନ ରହଣି, ଟିକେଟ୍‌ର ମୂଲ୍ୟ ବିମାନ ଭଡ଼ା, ଦର୍ଶନୀୟ ସ୍ଥାନ ପାଇଁ ପାଣି ଜାହାଜ ଯାତ୍ରା, ସକାଳ ଜଳଖିଆ ଚାହା, ଦୁଇବେଳା ଆମିଷ ନିରାମିଷ ଖାଦ୍ୟ, ହୋଟେଲ ରହଣି ସହ ଜଣ ପ୍ରତି ଟ.୪୦,୫୦୦/- ।

**୩ୟ ଯାତ୍ରା** ତା୦୭।୦୫।୨୦୨୪ରିଖ (ପୂର୍ବଭାରତ ଓ ନେପାଳ) – ଦାର୍ଜିଲିଂ, ଗ୍ୟାଙ୍ଗଟକ୍ (ସିକିମ୍), ବାବାଧାମ୍, ଚାଙ୍ଗୁଲେକ୍, ଚମରୀ ଗାଈ, କାଠମାଣ୍ଡୁ, ଜନକପୁର, ବାବା ପଶୁପତିନାଥ, ପୋଖରା, ଗୌହାଟୀ, କାମାକ୍ଷା, ସିଲଂ–ଚେରାପୁଞ୍ଜି ହୋଇ ତା୨୦।୦୫।୨୦୨୪ରିଖରେ ପୁରୀ ଫେରିବେ। ଟିକେଟର ମୂଲ୍ୟ ତ୍ରିତଳ ଶୟନ ଯାନ ରେଳଭଡ଼ା, ଦୁଇବେଳା ଖାଦ୍ୟ, ଲଜିଂ ରହଣି, ଦର୍ଶନୀୟ ସ୍ଥାନ, ଯାନବାହନ ଖର୍ଚ୍ଚ ସହ ଜଣ ପ୍ରତି ଟ.୨୫,୫୦୦/- ।

ଯୋଗାଯୋଗ: ଭୁବନେଶ୍ୱର - ୯୭୭୮୮୯୬୫୪୦, କଟକ - ୯୪୩୭୪୪୯୮୩୮, ଖୋର୍ଦ୍ଧା - ୯୯୩୭୨୭୫୨୫୮, ଚଉଦ୍ୱାର - ୬୩୭୦୨୫୨୮୧୧, ଢେଙ୍କାନାଳ - ୯୩୩୭୧୬୩୫୫୧, ବାଲେଶ୍ୱର - ୯୮୬୧୦୭୫୩୨୮, ସମ୍ବଲପୁର - ୯୭୭୭୪୭୨୪୪୧।

ବି.ଦ୍ର. - ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଉପରଲିଖିତ ପରିଚାଳକଙ୍କୁ ଫୋନ୍ କରନ୍ତୁ।




**BHUBANESWAR:** JYOTE MOTORS: 7064499354, 7064499352, NARAYANI MOTORS: 7381000406, 7381093625; SKY AUTOMOBILES: 9078080819; **PURI:** NARAYANI MOTORS: 7381000168; **PARADEEP:** NARAYANI MOTORS: 9583022097; **KEONJHAR/NAYAGARH/BALUGAON:** JYOTE MOTORS: 7064499354; **CUTTACK:** SKY AUTOMOBILES: 9078080819; TUSHI MOTORS PVT LTD: 9078073430; **JAJPUR:** SKY AUTOMOBILES: 9078080819.




Book your test ride now at the nearest Hero showroom.

EX-SHOWROOM PRICE ₹77196/-*

*1ST IN SCOOTER INDUSTRY | ^BASED ON UNIQUE COMBINATION OF FRONT & REAR TYRE DIMENSION COMPARED TO ALL SCOOTER MODELS IN 110cc SEGMENT | *FASTEST COMPARED TO ALL SCOOTER MODELS IN 110cc SEGMENT AS PER INTERNAL TESTING

ସର୍ବନିମ୍ନ ଡାଉନ ପେମେଣ୍ଟ ₹8999/-* ରୁ ଆରମ୍ଭ | ସୁଧ ଦର 6.99%* | WORLD'S NO.1 22 YEARS IN A ROW | INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. "Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22)". ^^Based on offers from empaneled dealers on Wheels of Trust platform. Available at select dealerships. *Finance scheme is at the sole discretion of financiers & subject to its respective terms & conditions. For more details please visit your nearest authorised Hero outlet. *Terms and Conditions apply.

Exchange Powered By Wheels of Trust^^ SCAN FOR BEST RESALE VALUE

TOLL FREE NO. 1800-266-0018

**Authorised Dealers: Bhubaneswar:** Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, **Cuttack:** JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, **Angul:** Parbati Hero, Ph: 9289922902, **Balasore:** Neelam Hero, Ph: 9289922519, **Baripada:** Aditya Hero, Ph: 7799766370, **Bhadrak:** Sanjib Hero, Ph: 9289922608, **Chandikhol:** S. K. Hero, Ph: 9289922900, **Jajpur Road:** Soumik Hero, Ph: 9289922611, **Jaleswar:** Sai Hero, Ph: 9289922844, **Jatni:** Vishal Hero, Ph: 9289922984, **Keonjhar:** Supreme Hero, Ph: 9289922182, **Nayagarh:** Bhagabati Hero, Ph: 9289922687, **Puri:** Sanjib Hero, Ph: 9289923107, **Behrampur:** Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, **Jeypore:** Supreme Hero, Ph: 9289922183, **Phulbani:** Narayani Hero, Ph: 9289922991, **Raygada:** Ajit Hero, Ph: 9289922819, **Bargarh:** Aakash Hero, Ph: 9289922181, **Bhawanipatna:** Arundhati Hero, Ph: 9289922837, **Bolagir:** Arundhati Hero, Ph: 9289923033, **Jharsuguda:** Vijaylaxmi Hero, Ph: 9289922595, **Rourkela:** Dua Hero, Ph: 9289922179, **Sambalpur:** Sri Shyam Hero, Ph: 9289922484, **Sonepur:** Jai Jawan Hero, Ph: 9289922800, **Sundergarh:** Robotech Hero, Ph: 9289923063, **Dhenkanal:** Som Hero, Ph: 9289922614, **Talcher:** Tarini Hero, Ph: 9289922736, **Authorised HeroSure Dealers: Bhubaneshwar:** Arundhati Motobikes, Ph: 7682841658, **Rourkela:** Dua Motors, Ph: 6372753989.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ